# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୨୫/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, January 25/ 2019 | ★★★★

୪୫ଶ ଭାଗ ୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



DSPL-370

ଓଡ଼ିଶା ସରକାର

# କାଳିଆ

## ଚାଷୀ ସଶକ୍ତିକରଣ ପାଇଁ ଓଡ଼ିଶାର ଅଗ୍ରଣୀ ଯୋଜନା



## କାଳିଆ ର ପରିବ୍ୟାପ୍ତି

**୫୦ ଲକ୍ଷରୁ** ଉର୍ଦ୍ଧ୍ୱ ଚାଷୀ, ଭାଗଚାଷୀ ଓ ଭୂମିହୀନ ପରିବାର ଏହି ଯୋଜନାରେ ଅନ୍ତର୍ଭୁକ୍ତ

## କାଳିଆ ର ପାରଦର୍ଶିତା

ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ **ସିଧାସଳଖ ସହାୟତା ପ୍ରେରଣ**

## କାଳିଆ ର ପ୍ରତିବଦ୍ଧତା

ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ପ୍ରତି **ରବି ଓ ଖରିଫ୍** ଫସଲ ପାଇଁ ଏକ ଦୀର୍ଘମିଆଦି ଯୋଜନା

**କାଳିଆ**

କୃଷି କଲେ ଉନ୍ନତ ସକଳ ଉନ୍ନତି

ଐତିହାସିକ **ପୁରୀ** ଚାଷୀ ମହାସମାବେଶ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ **ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ** ପ୍ରଥମ ପର୍ଯ୍ୟାୟର **୧୨ ଲକ୍ଷ** ଚାଷୀଙ୍କୁ ସିଧାସଳଖ ସହାୟତା ପ୍ରେରଣର ଶୁଭାରମ୍ଭ କରିବେ।

**ମାଳତୀପାଟପୁର, ପୁରୀ, ଜାନୁଆରୀ ୨୫**

www.kalia.co.in

କାଳିଆ ହେଲ୍‌ପ୍‌ଲାଇନ୍ ୨୪X୭ | ୧୮୦୦ ୫୭୨ ୧୧୨୨

39001/13/0012/1819

२०१९ ପାଇଁ ରାଷ୍ଟ୍ରପତି ପଦକ ଘୋଷଣା

# ଓଡ଼ିଶାରୁ ୯ ଜଣ ମନୋନୀତ

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**

୨୦୧୯ ପାଇଁ ଆସନ୍ତା ସାଧାରଣ ତନ୍ତ୍ର ଦିବସରେ ୮୬ ଜଣଙ୍କୁ ଅଗ୍ନିଶମ ସେବା ପଦକ ପ୍ରଦାନ କରିବା ନିମନ୍ତେ ଘୋଷଣା କରାଯାଇଛି। ସେମାନଙ୍କ ମଧ୍ୟରୁ ଓଡିଶାରୁ ୯ ଜଣଙ୍କୁ ଅଗ୍ନିଶମ, ହୋମଗାର୍ଡ, ବେସାମରିକ ପ୍ରତିରକ୍ଷା ପାଇଁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯିବ। ଓଡିଶାରୁ କୁମରବର ସାମଲ(ଫାୟାରମ୍ୟାନ)ଙ୍କୁ ସାହସିକତା ପାଇଁ ଅଗ୍ନିଶମ ସେବା ପଦକ ଓ ବିଜୟ କୁମାର ମୁଦୁଲି(ଫିଟର ଷ୍ଟେଶନ ଅଫିସର), ଜ୍ୟୋତି ପ୍ରକାଶ ରଥ(ଷ୍ଟେଶନ ଅଫିସର), ଅର୍ଜୁନ ବେହେରା(ଲିଡିଙ୍ଗ ଫାୟାରମ୍ୟାନ) ଏବଂ ସୌମେନ୍ଦ୍ର ନାଥ କାନୁନ୍‌ଗୋ(ଫାୟାରମ୍ୟାନ) ପ୍ରଶଂସନୀୟ କାର୍ଯ୍ୟ ପାଇଁ ଅଗ୍ନିଶମ ସେବା ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ଉଲ୍ଲେଖନୀୟ ସେବା ପାଇଁ ହୋମଗାର୍ଡ ଓ ସିଭିଲ ଡିଫେନ୍ସରେ ରାଷ୍ଟ୍ରପତି ପଦକ ପାଇବାକୁ ଅମୂଲ୍ୟ କୁମାର ସମର୍ଥା(ସିଡି, ଭଲ୍ୟୁଣ୍ଟର) ମନୋନୀତ ହୋଇଥିବା ବେଳେ ପ୍ରଶଂସନୀୟ ସେବା ପାଇଁ ହୋମଗାର୍ଡ ଓ ସିଭିଲ ଡିଫେନ୍ସ ପଦକ ପାଇବାକୁ ବିମଳ ପ୍ରସାଦ ପାଣି(ସିଡି, ଭଲ୍ୟୁଣ୍ଟର), ପ୍ରକାଶ କୁମାର ଜେନା(ସିଡି, ଭଲ୍ୟୁଣ୍ଟର) ଏବଂ ଅଭିନ୍ନ ମୋହନ ସାମନ୍ତରାୟ (ହୋମଗାର୍ଡ) ମନୋନୀତ ହୋଇଛନ୍ତି। ଏ ନେଇ ଗୁରୁବାର ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ପ୍ରେସ୍ ଇନଫରମେଶନ ବ୍ୟୁରୋ(ପିଆଇବି) ପକ୍ଷରୁ ଜଣାଇ ଦିଆଯାଇଛି।

ରାଷ୍ଟ୍ରପତି ପୁରସ୍କାର ପାଇବାକୁ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ୧୫ ଜଣଙ୍କୁ ସାହସିକତା ପାଇଁ ରାଷ୍ଟ୍ରପତି ଅଗ୍ନିସେବା ପଦକ, ୧୪ ଜଣଙ୍କୁ ସାହସିକତା ଅଗ୍ନିଶମ ସେବା ପଦକ, ଉଲ୍ଲେଖନୀୟ ସେବା ପାଇଁ ୭ ଜଣଙ୍କୁ ରାଷ୍ଟ୍ରପତି ଅଗ୍ନିଶମ ସେବା ପଦକ ଏବଂ ୫୦ ଜଣଙ୍କୁ ଅଗ୍ନିଶମ ସେବା ପଦକ ପ୍ରଦାନ କରାଯିବ।

କାଳିଆ ଯୋଜନା

# ଆଜିଠାରୁ ବଣ୍ଟାଯିବ ସହାୟତା ରାଶି

**ଭୁବନେଶ୍ୱର,(ବ୍ୟୁରୋ)/ପୁରୀ ଅଫିସ,୨୪।୧**

- ପୁରୀରେ ବିରାଟ ଚାଷୀ ସମାବେଶ
- ମୁଖ୍ୟମନ୍ତ୍ରୀ କରିବେ ଶୁଭାରମ୍ଭ
- ଲକ୍ଷେ ଚାଷୀଙ୍କ ହେବ ସମାଗମ
- ପ୍ରଥମ ପର୍ଯ୍ୟାୟରେ ୧୨.୪୫ ଲକ୍ଷଙ୍କୁ ମିଳିବ ଟଙ୍କା

ଚାଷ ଓ ଚାଷୀମାନଙ୍କର ବିକାଶ ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା କାଳିଆ ଯୋଜନାରେ ଶୁକ୍ରବାରଠାରୁ ସହାୟତା ରାଶି ବଣ୍ଟନ କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀଠାରେ ଏହାର ଶୁଭାରମ୍ଭ କରିବେ। ଏ ନେଇ ବୃହତ ଚାଷୀ ସମାବେଶର ଆୟୋଜନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ୪୫ ହଜାର ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ୨୬ ତାରିଖରୁ ଚୂଡାନ୍ତ ତାଲିକାରେ ଥିବା ଚାଷୀମାନଙ୍କ ଆକାଉଣ୍ଟକୁ ଟଙ୍କା ଯିବ। ଗଣମାଧ୍ୟମକୁ ସୂଚନା ଦେଇ ସମବାୟ ବିଭାଗ ସଚିବ କ୍ରିଷନ କୁମାର କହିଛନ୍ତି ଯେ ରାଜ୍ୟସ୍ତରରେ ସମସ୍ତ ଜିଲା ପାଇଁ ୧୨.୪୫ ଲକ୍ଷ ହିତାଧିକାରୀଙ୍କୁ ଚୟନ କରାଯାଇଛି। ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର(ଡିବିଟି) ମାଧ୍ୟମରେ କାଳିଆ ଯୋଜନାର ସହାୟତା ରାଶି ଚାଷୀଙ୍କ ଆକାଉଣ୍ଟକୁ ଯିବ। ଏହି ଯୋଜନାରେ ସହାୟତା ପାଇଁ ୬୫ ଲକ୍ଷ ଚାଷୀ ଆବେଦନ କରିଛନ୍ତି। ଆସନ୍ତା ୨୫ରୁ ଫେବୃୟାରୀ ୩ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଚିଠା ତାଲିକା ପ୍ରକାଶ କରାଯିବ। ପ୍ରଥମ ପର୍ଯ୍ୟାୟ ଟଙ୍କା ବଣ୍ଟନ ପାଇଁ ପୁରୀରେ ଆୟୋଜିତ ଚାଷୀ ସମାବେଶରେ ପ୍ରାୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ୧୬ଟି ବଡ଼ ଏଲଇଡି ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଛି।




# କାଳିଆ ଯୋଜନାକୁ ନେଇ ହାଇକୋର୍ଟରେ ମାମଲା

- ତିନି ସଚିବଙ୍କୁ ପକ୍ଷଭୁକ୍ତ, ସରକାରଙ୍କୁ ନୋଟିସ

**କଟକ ଅଫିସ, ୨୪।୧:** ହାଇକୋର୍ଟରେ ପହଞ୍ଚିଛି ସରକାରଙ୍କ 'କାଳିଆ ଯୋଜନା'। ଯୋଜନାର ସାମ୍ବିଧାନିକ ବୈଧତାକୁ ନେଇ ସାମାଜିକ କର୍ମୀ ସୁବାସ ମହାପାତ୍ର ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, କୃଷି ସଚିବ, ଅର୍ଥ ସଚିବ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ମାମଲାକୁ କୋର୍ଟ ଗ୍ରହଣ କରିବା ସହିତ ଏହାର ପ୍ରାଥମିକ ଶୁଣାଣି କରି ସରକାରଙ୍କୁ ଜବାବ ମାଗିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାପତି ଜଷ୍ଟିସ ବିଶ୍ୱଜିତ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ହେଉଛି। ଆଉ ଦୁଇଦିନ ପରେ ଅର୍ଥାତ ଆସନ୍ତା ୨୬ରେ ରାଜ୍ୟ ସରକାର କାଳିଆ ଯୋଜନାରେ ହିତାଧିକାରୀଙ୍କୁ ପ୍ରଥମ ଦଫାରେ ସହାୟତା ରାଶି ବଣ୍ଟନ କରିଥାନ୍ତେ। ମାତ୍ର ଏହା ପୂର୍ବରୁ ଯୋଜନାକୁ ନେଇ ମାମଲା ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।

ଆବେଦନକାରୀ ମହାପାତ୍ର ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ସରକାର ରାଜ୍ୟ ଜରୁରିକାଳୀନ ପାଣ୍ଠିରୁ ଏ ବାବଦରେ ଟଙ୍କା ଖର୍ଚ୍ଚ କରିବାକୁ ସ୍ଥିର କରିଛନ୍ତି, ଯାହା ସମ୍ପୂର୍ଣ୍ଣ ଅଣସାମ୍ବିଧାନିକ। ସମ୍ବିଧାନର ଅନୁଚ୍ଛେଦ ୨୭୬ ଏବଂ ଓଡ଼ିଶା କଣ୍ଟିଜେନ୍ସି ଫଣ୍ଡ୍ ଆଇନର ଏହା ବିରୁଦ୍ଧାଚରଣ କରୁଛି। ରାଜ୍ୟରେ ବିଭିନ୍ନ ସମୟରେ ବନ୍ୟା, ବାତ୍ୟା, ମରୁଡ଼ି ଭଳି ଆପତକାଳୀନ ପରିସ୍ଥିତି ସୃଷ୍ଟି ହେଉଛି। କିନ୍ତୁ ସରକାର ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଜରୁରିକାଳୀନ ପାଣ୍ଠିରେ ଏଭଳି ଯୋଜନା ପ୍ରସ୍ତୁତ କରିଛନ୍ତି। ତେଣୁ ଯୋଜନାକୁ ଅସିଦ୍ଧ ଘୋଷଣା କରିବା ପାଇଁ ଆବେଦନକାରୀ ତାଙ୍କ ପିଟିଶନରେ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି।

ସୂଚନାଥାଉ କି, ରାଜ୍ୟ ସରକାର କାଳିଆ ଯୋଜନା ପାଇଁ ୧୦,୧୮୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଗତ ମାସରେ ଅନୁଷ୍ଠିତ କ୍ୟାବିନେଟ ଏହାକୁ ମଞ୍ଜୁର କରିଛି। ଏହି ଯୋଜନାରେ କୃଷକମାନଙ୍କ ଜୀବନଧାରଣ ମାନ ବଢିବା ସହିତ ସେମାନଙ୍କ ଆର୍ଥିକ ଉନ୍ନତି ଘଟିବ ବୋଲି ସରକାର କହୁଛନ୍ତି। ତେବେ ଏହି ଯୋଜନାରେ ସରକାର ଜରୁରିକାଳୀନ ପାଣ୍ଠିରୁ ୭୩୪.୬୬ କୋଟି ଟଙ୍କା ଉଠାଇଥିବା ନେଇ ବିବାଦ ଉପୁଜିଛି।

- ଟ୍ରେନ୍‌ରୁ ମୁଣ୍ଡବିହୀନ ମୃତଦେହ ମିଳିବା ମାମଲା

# ୭ ମାସ ପରେ ଅଭିଯୁକ୍ତ ସ୍ୱାମୀ ମଙ୍ଗଳପୁରରୁ ଗିରଫ


ଅଭିଯୁକ୍ତ ବାମନ ଚରଣ ମଲ୍ଲିକ

- ମହାପ୍ରଭୁଙ୍କ ଦର୍ଶନ ବାହାନାରେ ପୁରୀ ଆଣି ହତ୍ୟା କରିଥିଲେ
- ଡେଲାଙ୍ଗ ଷ୍ଟେଶନ ନିକଟରୁ ମିଳିଥିଲା କଟାମୁଣ୍ଡ

**ପୁରୀ ଅଫିସ,୨୪।୧:** ବହୁଚର୍ଚ୍ଚିତ ପୁରୀ-ଗୁଣୁପୁର ପାସେଞ୍ଜର ଟ୍ରେନରୁ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ମାମଲାର ୭ମାସ ପରେ ଗୁରୁବାର ପରଦା ହଟାଇଛି ପୁରୀ ଜିଆରପି ଫାଣ୍ଡି ପୋଲିସ। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ମୃତାଙ୍କ ସ୍ୱାମୀ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଖଣ୍ଡିପାଳ ଗ୍ରାମର କପିଳା ଓରଫ ବାମନ ଚରଣ ମଲ୍ଲିକ(୩୫)ଙ୍କୁ ପୋଲିସ ଗିରଫ କରିଛି। ସେ ସ୍ତ୍ରୀ ଗୀତାଞ୍ଜଳିଙ୍କୁ ଗଳାକାଟି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି।

୨୦୧୮ ଜୁନ ୨୦ ସକାଳେ ପୁରୀ-ଗୁଣୁପୁର ପାସେଞ୍ଜର ଟ୍ରେନ ଶୌଚାଗାରରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଓ ଡେଲାଙ୍ଗ ଷ୍ଟେଶନ ନିକଟ ରେଳଧାରଣା କଡରୁ କଟାମୁଣ୍ଡ ଜିଆରପି ଜବତ କରିଥିଲା। ଏନେଇ ଜିଆରପି ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲା। ଚଳିତ ମାସ ୨୧ତାରିଖରେ ମଙ୍ଗଳପୁର ଥାନାରେ କପିଳାଙ୍କ ନାମରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଏ ସମ୍ପର୍କରେ ମଙ୍ଗଳପୁର ପୋଲିସ ପୁରୀ ଜିଆରପିକୁ ଖବର ଦେଇଥିଲା। ପୁରୀ ଜିଆରପି ଫାଣ୍ଡିର ଏକ ଟିମ୍ କପିଳାଙ୍କୁ ଜେରା କରିବା ବେଳେ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ପାଇଥିଲା ବୋଲି ଗୁରୁବାର ଜିଆରପି ଫାଣ୍ଡିରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଜିଆରପି ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ବାହିନୀପତି କହିଛନ୍ତି।

ସେ କହିଛନ୍ତି ଯେ, ୨୦୧୩ରେ କପିଳା ଉକ୍ତ ଅଞ୍ଚଳର ଗୀତାଞ୍ଜଳିଙ୍କୁ ବିବାହ କରିଥିଲେ। କପିଳା ପୁଣେରେ ଏକ କମ୍ପାନୀରେ କମ୍ପ୍ୟୁଟର ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ବିବାହର କିଛି ଦିନ ପରେ ସେ ପୁଣେ ଚାଲି ଯାଇଥିଲେ। ସେଠାରେ ଅନ୍ୟ ଏକ ଝିଅ ସହିତ ତାଙ୍କର ସମ୍ପର୍କ ଥିବା ଖବରପାଇ ଗୀତାଞ୍ଜଳିଙ୍କ ପରିବାର ଲୋକେ ତାଙ୍କୁ ପୁଣେ ନେବାକୁ ବାଧ୍ୟ କରିଥିଲେ। ସେ ଗୀତାଞ୍ଜଳିଙ୍କୁ ପୁଣେ ନେବାକୁ ରାଜି ହୋଇଥିଲେ। ମାତ୍ର ତାଙ୍କୁ ମାରିଦେବାକୁ ଯୋଜନା କରିଥିଲେ। ପୁଣେ ଯିବା ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଲାଗି ସ୍ଥିର କରିଥିଲେ। ଘଟଣା ପୂର୍ବ ଦିନ ଅର୍ଥାତ୍ ୨୦୧୮ ଜୁନ ୧୯ରେ ମହାପ୍ରଭୁଙ୍କ ଦର୍ଶନ ସାରି ଖୋର୍ଦ୍ଧାରୋଡ-ପୁରୀ ପାସେଞ୍ଜରରେ ରାତି ୧୧ଟାରେ ଚଢିଥିଲେ। ଉକ୍ତ ବଗିରେ ଅନ୍ୟ କୌଣସି ଲୋକ ନ ଥିଲେ। ଗୀତାଞ୍ଜଳି ଶୌଚାଗାରକୁ ଯିବା ସମୟରେ କପିଳା ତାଙ୍କ ବେକକୁ ଏକ ଧାରୁଆ ଛୁରିରେ କାଟିଦେଇଥିଲେ। ସେ ଏକ କଳା ପଲିଥିନରେ କଟାମୁଣ୍ଡ ଏବଂ ଛୁରିକୁ ଡେଲାଙ୍ଗ ଷ୍ଟେଶନ ନିକଟରେ ଫୋପାଡି ଦେଇଥିଲେ। ମାତ୍ର ଟ୍ରେନ ଶୌଚାଗାରରେ ମୁଣ୍ଡବିହୀନ ମୃତଦେହ ପଡ଼ି ରହିଥିଲା। ସେ ଅନ୍ୟ ଟ୍ରେନରେ ଭୁବନେଶ୍ୱର ଚାଲିଯାଇଥିଲେ। ଏହା ପରଠାରୁ ଗୀତାଞ୍ଜଳିଙ୍କ ପରିବାର ସହ କୌଣସି ଯୋଗାଯୋଗ କରି ନ ଥିଲେ। ଏହାକୁ ନେଇ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡିଥିଲେ। ଗତ ଜାନୁୟାରୀ ୨୦ରେ କପିଳା ଗ୍ରାମକୁ ଆସିଥିବା ଖବରପାଇ ଗୀତାଞ୍ଜଳିଙ୍କ ଭାଇ ସୁରଥ ମଲ୍ଲିକ ଭଉଣୀ ସମ୍ପର୍କରେ ପଚାରିଥିଲେ। ଏଥିରେ ବ୍ୟତିବ୍ୟସ୍ତ ହୋଇ ପଡିଥିଲେ କପିଳା। ବେଶି ପଚରାଉଚୁରା କଲେ, ତୁମ ଝିଅକୁ ମାରିବା ଭଳି ତୁମକୁ ମଧ୍ୟ ହତ୍ୟା କରିବି ବୋଲି ସେ ଧମକ ଦେଇଥିଲେ। ଏନେଇ ମୃତାଙ୍କ ବାପା ମଙ୍ଗଳପୁର ଥାନାରେ କପିଳାଙ୍କ ନାମରେ ହତ୍ୟା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଦଫା ୪୯୮(ଏ), ୨୯୪/୫୦୬/୩୦୨/୩୪ ଆଇପିସି/ଆର/ଡବ୍ଲ୍ୟୁ, ୪ଡିପି ଆକ୍ଟ କେସ ନଂ. ୧୭/୧୯ରେ ଏକ ମାମଲା ରୁଜୁ କରିଥିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୨୫ /୨୦୧୯ | Bhubaneswar, Friday, January 25/2019 | ପୃଷ୍ଠା-୧




**କିଛି ନୂଆ ପ୍ରଦର୍ଶନ କରିବାକୁ ଚାହେଁ: ଅଙ୍କିତା**

'ମଣିକର୍ଣ୍ଣିକା-ଦି କୁଇନ୍ ଅଫ୍ ଝାନ୍ସୀ' କିଛି ନୂଆ ପ୍ରଦର୍ଶନର ସୁଯୋଗ ସୃଷ୍ଟି କରିଛି ବୋଲି ଅଭିନେତ୍ରୀ ଅଙ୍କିତା ଲୋଖାଣ୍ଡେ ପ୍ରକାଶ କରିଛନ୍ତି।

୧୩

୧୭

**ସ୍ମୃତି ମନ୍ଧାନାଙ୍କ ସଫଳତା**

ଇଂଲଣ୍ଡର କ୍ଲାରି ଟେଲରଙ୍କ ପରେ ବିଶ୍ୱର ୨ୟ ମହିଳା କ୍ରିକେଟର ଭାବେ ସ୍ମୃତି ମନ୍ଧାନା ଏସ୍ଇଏନ୍ଏ ଦେଶ ବିପକ୍ଷରେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି।



# ଜଳ ନୁହେଁ, ଟଙ୍କା ନିଅ

**କୁହାଯାଏ ଜଳ ବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟିନାଶ। ଓଡ଼ିଶାରେ ମୁଖ୍ୟତଃ ଦୁଇ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ଦେଖିବାକୁ ମିଳିଥାଏ। ବର୍ଷାଋତୁରେ ବଢ଼ି, ବଳକା ସମୟରେ ମରୁଡ଼ି। ଏହି ଦୁଇଟି ଯାକ ବିପର୍ଯ୍ୟୟ ରାଜ୍ୟର ଚାଷୀକୁଳର ଅଣ୍ଟା ଭାଙ୍ଗି ଦେଇଛି। ଏବେକାର ପରିସ୍ଥିତିରେ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ବର୍ଷବ୍ୟାପୀ ମହାନଦୀ ଶୁଖିଗଲାଣି। ଉଚିତ ସମୟରେ ଓଡ଼ିଶା ସରକାରଙ୍କ ପ୍ରତିକ୍ରିୟା ପ୍ରକାଶ ନ ପାଇଥିବା ହେତୁ, ଗୋଟିଏ ପରେ ଗୋଟିଏ ବନ୍ଧ ସୃଷ୍ଟି କରିବାରେ ଛତିଶଗଡ ସରକାର ସଫଳ ହୋଇସାରିଛି। ସେହିଭଳି ଅଣଦେଖା କରିଥିବା ହେତୁ ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ଓଡ଼ିଶା କ୍ଷତିଗ୍ରସ୍ତ ହେଉଛି। ଏଭଳି ପ୍ରଚ୍ଛଦପଟରେ ଯେତିକି ଜଳସମ୍ପଦ ରାଜ୍ୟରେ ରହିଛି, ତାହାର ମଧ୍ୟ ଠିକ୍ ପରିଚାଳନା କରିବା ପାଇଁ ରାଜ୍ୟ ସରକାରଙ୍କର କୌଣସି ତତ୍ପରତା ଦେଖାଯାଇନାହିଁ। ଚାଷୀଙ୍କୁ ସର୍ବନିମ୍ନ ଜଳ ଯୋଗାଇ ଦେଇ ପାରିଲେ, ସେ ନିଜେ ସବଳ ହୋଇ ଉଠନ୍ତେ। ତାଙ୍କୁ ଭିକାରିଭାବେ ଦେଖି ଅର୍ଥ ପ୍ରଦାନ କରିବା ପାଇଁ ପଡନ୍ତା ନାହିଁ।**





ଶିଳ୍ପ ଓ ବାଣିଜ୍ୟ

ଆମର ସଫଳତା

୧୧

ବିଜେଡି ଇସ୍ତାହାର-୨୦୦୯ର ଅବିକଳ ନକଲ।

ଚିଦାନନ୍ଦ ଜେନା
ଭୁବନେଶ୍ୱର,୨୪।୧

ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡରେ କୃଷକ ଅସନ୍ତୋଷର ପ୍ରତିଫଳନ ନିର୍ବାଚନ ଫଳାଫଳରେ ଦେଖିବାକୁ ମିଳିଛି। ଉକ୍ତ ଫଳାଫଳ ଅନ୍ୟ କେତେକ ରାଜ୍ୟ ସରକାରଙ୍କ ପାଇଁ ସତର୍କ ଘଣ୍ଟି ସଦୃଶ। ଏହାକୁ ଦୃଷ୍ଟିରେ ରଖି ଚାଷୀକୁଳକୁ ହାତରେ ରଖିବା ପାଇଁ ସରକାର ନୂଆ ଯୋଜନାମାନ ମଧ୍ୟ ଘୋଷଣା କରି ଚାଲିଛନ୍ତି। ହେଲେ ଓଡ଼ିଶାରେ ଜଳସେଚନ ଯେ ପ୍ରମୁଖ ଆବଶ୍ୟକତା, ଏହାକୁ ଆଜିକାର ସରକାର ଭୁଲି ଯାଉଛନ୍ତି।

୨୦୦୯ ନିର୍ବାଚନରେ ଶାସକ ଦଳ ବିଜେଡି ଦ୍ୱାରା ପ୍ରକାଶ ପାଇଥିବା ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଭାବେ କୁହାଯାଇଥିଲା ଯେ, ପ୍ରତ୍ୟେକ ବ୍ଲକରେ ସର୍ବନିମ୍ନ ୩୫ ପ୍ରତିଶତ ଚାଷଜମିକୁ ଜଳସେଚିତ କରାଯିବ। ମାତ୍ର ତାହା ୨୦୧୪ ସୁଦ୍ଧା ପୂରଣ ହୋଇ ନ ଥିଲା। ତେଣୁ ଏହି ଉକ୍ତିକୁ ଉକ୍ତବର୍ଷ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦିଆଯାଇ ନ ଥିଲା। ପ୍ରତିବ୍ଲକକୁ ୩୫ ପ୍ରତିଶତ ଜଳସେଚନ ପରିବର୍ତ୍ତେ ଅଧିକ ୧୦ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚିତ କରିବାକୁ ଘୋଷଣା କରାଯାଇଥିଲା। ଜଳସେଚନ ଅଭାବ ଥିବା ରାଜ୍ୟର ୧୯୫ଟି ବ୍ଲକ ମଧ୍ୟରୁ ୮୧ଟିରେ ମୌଳିକ ଜଳସେଚନ ସୁବିଧାର ଅଭାବ ରହିଛି। ୨୦୦୫ ଜୁନ୍ ସୁଦ୍ଧା ରାଜ୍ୟର ୧୯୫ ବ୍ଲକରେ ୩୫ ପ୍ରତିଶତରୁ କମ୍ ଜଳସେଚନ ସୁବିଧା ଥିବା ଜଣାପଡିଥିଲା। ଏହାର ଠିକ୍ ୪ ବର୍ଷ ପରେ ପ୍ରତି ବ୍ଲକରେ ୩୫ ପ୍ରତିଶତ ଜଳସେଚନ ସୁବିଧା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ଜଳସମ୍ପଦ ବିଭାଗ ପକ୍ଷରୁ ୨୦୧୮ ମାର୍ଚ୍ଚ ସୁଦ୍ଧା ଯୋଗାଇ ଦିଆଯାଉଥିବା ତଥ୍ୟ ଅନୁଯାୟୀ ୮ଟି ଜିଲାରେ ହାରାହାରି ଜଳସେଚନ ସୁବିଧା ନାହିଁ। ଉକ୍ତ ଜିଲାଗୁଡିକ ହେଉଛି- ପୁରୀ (୧୧.୨୪%), ମାଲକାନଗିରି (୧୯.୧୩%), ଜଗତସିଂହପୁର (୨୬.୭୨%), କନ୍ଧମାଳ (୨୯.୩୩%), କେନ୍ଦୁଝର (୨୯.୯୨%), କୋରାପୁଟ (୩୧.୪୦%), ସୁନ୍ଦରଗଡ (୩୩.୫୩%) ଏବଂ ନବରଙ୍ଗପୁର (୩୪.୮୬%)। ଏହି ସମସ୍ତ ଜିଲାରେ ୩୫ ପ୍ରତିଶତରୁ କମ୍ ଜମି ଜଳସେଚିତ ହୋଇଛି। ରାଜ୍ୟର କେବଳ ୪ଟି ବ୍ଲକରେ ଶତପ୍ରତିଶତ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି ବୋଲି କୁହାଯାଇଛି। ଏଗୁଡିକ ହେଉଛି- ବୌଦ୍ଧର କଣ୍ଟାମାଳ, ଢେଙ୍କାନାଳର କାମାକ୍ଷାନଗର, କେନ୍ଦ୍ରାପଡାର ଆଳି ଏବଂ ମୟୂରଭଞ୍ଜର ବାରିପଦା। ତେବେ ବାସ୍ତବଚିତ୍ର ସରକାରୀ ଦାବିଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଉଦାହରଣ ସ୍ୱରୂପ କାମାକ୍ଷାନଗର, ଆଳି ଏବଂ ବାରିପଦା ବ୍ଲକରେ ଏବେ ମଧ୍ୟ ଅନେକ ଶହ ହେକ୍ଟର ଜମି ଜଳସେଚନରୁ ବଞ୍ଚିତ ହୋଇରହିଛି। ଏହିସବୁ ସ୍ଥାନରେ ବର୍ଷାଦିନିଆ ଧାନ ବ୍ୟତୀତ ଅନ୍ୟ କୌଣସି 'କ୍ୟାଶ୍ କ୍ରପ' ଉତ୍ପାଦନ କରାଯାଇପାରୁନାହିଁ।

ବ୍ଲକୱାରି ଜଳସେଚନକୁ ବାଦ୍ ଦେଲେ ରାଜ୍ୟ ସରକାର କୌଣସି ଗୋଟିଏ ବୃହତ୍ ଜଳସେଚନ ପ୍ରକଳ୍ପକୁ ଏଯାବତ୍ ପୂର୍ଣ୍ଣାଙ୍ଗ କରିନାହାନ୍ତି। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ରହିଛି- ଲୋୟର ଇନ୍ଦ୍ର, ଲୋୟର ସୁକ୍ତେଲ, କାନୁପୁର, ରେଙ୍ଗାଲି ଆରବିସି, ସୁବର୍ଣ୍ଣରେଖା, ଆନନ୍ଦପୁର ବ୍ୟାରେଜ, ରେଙ୍ଗାଲି ଏଲ୍‌ବିସି-୨ ଏବଂ ମହାନଦୀ ଚିତ୍ରୋତ୍ପଳା ଜଳସେଚନ ପ୍ରକଳ୍ପ। ୧୯୯୯-୨୦୦୦ରୁ ୨୦୧୫-୧୬ ମଧ୍ୟରେ ଏହି ପ୍ରକଳ୍ପଗୁଡିକର କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରାଥମିକ ଭାବେ ଏହି ୮ଟି ବୃହତ୍ ଜଳସେଚନ ପ୍ରକଳ୍ପ ପାଇଁ ମୋଟ ୪୮୬୫.୯୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ହେଲେ ଓଡ଼ିଶା ☞ପୃଷ୍ଠା-୧୩

ପୌର ନିର୍ବାଚନ

## ରିଭ୍ୟୁ ପିଟିଶନ ଖାରଜ କଲେ ସୁପ୍ରିମକୋର୍ଟ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ପୌର ନିର୍ବାଚନକୁ ନେଇ ରାଜ୍ୟ ସରକାରଙ୍କୁ ପୁଣି ଏକ ଝଟକା ଲାଗିଛି। ପୌର ସଂସ୍ଥାଗୁଡ଼ିକରେ ସ୍ଥାନ ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ କାଏମ ରଖିବା ସହ ଅଧିକ ସ୍ଥାନ ସଂରକ୍ଷଣ ବେଆଇନ ବୋଲି ଦର୍ଶାଇଥିଲେ। ତେବେ ରାୟର ପୁନଃବିଚାର କରିବାକୁ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଏକ ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ଗୁରୁବାର ରାଜ୍ୟ ସରକାର ଦାୟର କରିଥିବା ରିଭ୍ୟୁ ପିଟିଶନକୁ ସୁପ୍ରିମ କୋର୍ଟ ଖାରଜ କରି ଦେଇଛନ୍ତି। ଜଷ୍ଟିସ ଉଦୟ ଉମେଶ ଲଳିତ ଏବଂ ସଞ୍ଜୟ କିଷନ କାଉଲଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ରିଭ୍ୟୁ ପିଟିଶନକୁ ଖାରଜ କରି ଦେଇଛନ୍ତି। ଏହାକୁ ଖାରଜ କରିବା ପରେ ରାଜ୍ୟ ସରକାର ପୁଣି ଏକ କ୍ୟୁରେଟିଭ ପିଟିଶନ ସୁପ୍ରିମକୋର୍ଟରେ ଦାଖଲ କରିବେ ବୋଲି ସୂଚନା ମିଳିଛି। ଏହା ହେଉଛି ରାଜ୍ୟ ସରକାରଙ୍କ ପାଇଁ ଶେଷ ଅସ୍ତ୍ର। ଏହା ଯଦି ବିଫଳ ହେବ ତେବେ ରାଜ୍ୟ ସରକାର ପୁଣି ଥରେ ପୌର ଆଇନ ସଂଶୋଧନ କରି ପୌରସଂସ୍ଥାଗୁଡିକରେ ସ୍ଥାନ ସଂରକ୍ଷଣ କରିବାକୁ ବାଧ୍ୟ ହେବେ। ଏଭଳି ପରିସ୍ଥିତିରେ କାର୍ଯ୍ୟକାଳ ଶେଷ ହୋଇଥିବା ୬୫ରୁ ଊର୍ଦ୍ଧ୍ୱ ପୌର ସଂସ୍ଥା ଓ ୨ଟି ମହାନଗର ନିଗମର ନିର୍ବାଚନ ଅନିଶ୍ଚିତତା ଭିତରକୁ ଚାଲିଯାଇଛି।

ନେତାଜୀ ଜୟନ୍ତୀ ପାଳନକୁ ବିରୋଧ ଘଟଣା

## ସୁଧୁରିନି ପରିସ୍ଥିତି, କର୍ଫ୍ୟୁ ଲାଗୁ

କେନ୍ଦ୍ରାପଡ଼ା ଅଫିସ୍, ୨୪।୧

**ଏସ୍‌ପି ଅଫିସରେ ବସିଲା ଶାନ୍ତି କମିଟି ବୈଠକ**

ନେତାଜୀ ଓ ବୀର ସୁରେନ୍ଦ୍ରସାଏଙ୍କ ଜୟନ୍ତୀ ପାଳନକୁ ନେଇ ଦୁଇ ସମ୍ପ୍ରଦାୟ ମଧ୍ୟରେ ବୁଧବାର ଆରମ୍ଭ ହୋଇଥିବା ବିବାଦ ଗୁରୁବାର ଉଗ୍ର ରୂପ ନେଇଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ବୁଧବାର ସନ୍ଧ୍ୟା ୬ଟାରୁ ସହରରେ ୧୪୪ ଧାରା ଲାଗୁ କରାଯାଇଥିବା ବେଳେ ଗୁରୁବାର ଅପରାହ୍ନରୁ ଶୁକ୍ରବାର ସକାଳ ୮ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଥିଲା। ଅପରପକ୍ଷେ ଉଭୟ ପକ୍ଷଙ୍କ ସହମତିରେ ସନ୍ଧ୍ୟାରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ଦାଶରଥି ☞ପୃଷ୍ଠା-୨

# ଅଭାବୀ ବିକ୍ରି: ମାନୁନି ପ୍ରଶାସନ

ହେମନ୍ତ ନାୟକ
ପୁରୀ ଅଫିସ,୨୪।୧

**ପୁରୀ ଜିଲା**

ଉପକୂଳବର୍ତ୍ତୀ ପୁରୀ ଜିଲାରେ ନା ଅଛି ଶିଳ୍ପ ନା କୌଣସି ବଡ଼ କାରଖାନା। ଏଠାକାର ଚାଷୀଙ୍କ ଜୀବନ ଜୀବିକାର ମୁଖ୍ୟ ଉତ୍ସ ହେଉଛି ଧାନଚାଷ। ପ୍ରତିବର୍ଷ କିଛି ନା କିଛି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାନ୍ତି ଏହି ଜିଲାର ଚାଷୀ। ଯାହାକି ଚାଷୀକୁଳର ଆର୍ଥିକ ଅବସ୍ଥାକୁ ଦୋହଲାଇ ଦେଉଛି। ଧାର, କରଜ କରି ଚାଷ କରିଥିବା ଚାଷୀ କ୍ଷତିପୂରଣ ପାଇଁ ବାରମ୍ବାର ସରକାରୀ ଦପ୍ତର ଦୌଡୁଥିଲେ ମଧ୍ୟ ଅନେକ ସମୟରେ ନିରାଶ ହୋଇ ଫେରୁଛି। ପ୍ରକୃତିର ଦାଉ ସାଙ୍ଗକୁ ପ୍ରଶାସନିକ ଅବ୍ୟବସ୍ଥା ଚାଷୀଙ୍କୁ ହତାଶ କରୁଛି। ଏଠାରେ ବର୍ଷବର୍ଷ ଧରି ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ମଣ୍ଡି ଠିକ୍ ସମୟରେ ଖୋଲୁ ନ ଥିବାରୁ ମଧ୍ୟସ୍ଥଙ୍କ ମାଧ୍ୟମରେ କମ୍ ମୂଲ୍ୟରେ ଧାନ ବିକ୍ରି କରିବାକୁ ଚାଷୀ ବାଧ୍ୟ ହେଉଛି। ଠିକ୍ ଚାଷ ଆରମ୍ଭରେ ବେପାରୀମାନେ ଗାଁ ଗାଁ ବୁଲି ଚାଷୀଙ୍କୁ ଟଙ୍କା ଦେଇ ଅମଳ ସମୟରେ କମ୍ ମୂଲ୍ୟରେ(କୁଇଣ୍ଟାଲ ୧୦୦୦ରୁ ୧୨୦୦ ମଧ୍ୟରେ) ଧାନ କିଣିବାକୁ ଚୁକ୍ତି କରୁଛନ୍ତି। ଏହାର କାରଣ ହେଉଛି ସରକାରୀ ଅବହେଳା ଓ ଧାନ ମଣ୍ଡି ଖୋଲିବାରେ ବିଳମ୍ବ। ଏସବୁ ସତ୍ତ୍ୱେ ସରକାର କିମ୍ବା ଜିଲା ପ୍ରଶାସନ କାହାର ଏଥିପ୍ରତି ନିଘା ରହୁନାହିଁ।




ଜିଲାରେ ମୋଟ ଚାଷ ଜମି ୧ଲକ୍ଷ ୮୮ ହଜାର ୭୪୫ ହେକ୍ଟର। ଏଥିମଧ୍ୟରୁ ୧ଲକ୍ଷ ୩୯ହଜାର ୧୫୨ହେକ୍ଟର ଜମିରେ ଧାନଚାଷ କରାଯାଏ। ଖରିଫ ଋତୁରେ ୧ଲକ୍ଷ ୧୭,୨୮୫ ହେକ୍ଟର ଏବଂ ରବି ଋତୁରେ ୮୦,୯୧୯ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ରହିଥିବା ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଗତ ୪ ବର୍ଷର ଧାନ ସଂଗ୍ରହ ରିପୋର୍ଟକୁ ନଜର ଦେଲେ ସରକାରୀ ଭାବେ ଧାନର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେଉ ନ ଥିବା ଜଳଜଳ ଦିଶୁଛି। ଏହି ସମୟରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ୪ଲକ୍ଷ ୮ହଜାର ୫୩୭ କୁଇଣ୍ଟାଲ କମ୍ ଧାନ ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

**ଅମ୍ବାନିଙ୍କୁ ଫାଇଦା**

**ଆଜିର ମନ୍ତବ୍ୟ**

"ବିରୋଧୀ ଦଳଗୁଡ଼ିକର ମହାମେଣ୍ଟ ଲାଗି ସାମୂହିକ ନେତୃତ୍ୱ ହେଉଛି ସମୟର ଆହ୍ୱାନ।
- ଏନ୍. ଚନ୍ଦ୍ରବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

୨୦୧୮ ବର୍ଷର ଜୁନ-ନଭେମ୍ବର ସମୟରେ ଚାଇନାକୁ ଭାରତର ରପ୍ତାନି ୩୨% ଏବଂ ଆମେରିକାକୁ ୧୨% ବୃଦ୍ଧି ଘଟିଛି।
- ଏଫ୍ଆଇଇଓ


SUDHAKAR
WIRES AND CABLES
THE POWER HIGHWAY
WANTED DEALERS
CONTACT US
93374 27021
sales.cables@sudhakarind.com



NECC NATIONAL EGG CO-ORDINATION COMMITTEE
24.01.2019
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 78 | 129 | 139 |
| BLS | 78 | 129 | 139 |
| ANG | 77 | 128 | 138 |

*Conditions Apply

Eggs Retail Price- 53/-Dozen
Issued in the Interest of Consumers


## ଆଜି ଆସୁଛନ୍ତି ରାହୁଲ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଦୀର୍ଘ ସାଢ଼େ ୩ବର୍ଷ ପରେ ରାହୁଲ ଆସି ଓଡ଼ିଶାରେ ଦଳୀୟ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେବେ। ଏହାକୁ ନେଇ ଦଳୀୟ ମହଲରେ ଉତ୍ସାହ ଭରିଯାଇଛି। ଏପରି କି କଂଗ୍ରେସ ଭବନକୁ ମଧ୍ୟ ସୁନ୍ଦରଭାବେ ସଜାଇବାରେ ରାଜ୍ୟ ନେତୃବୃନ୍ଦ ଲାଗିପଡିଛନ୍ତି। ତେବେ ୨୦୧୪ ସାଧାରଣ ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଲଗାତର ଭାବେ ଓଡ଼ିଶା ଆସିଚାଲିଛନ୍ତି। ଏପରି କି ରାଜ୍ୟରେ ଭାଜପାକୁ ଶକ୍ତିଶାଳୀ କରିବା ପାଇଁ ଏକାଧିକ ରଣନୀତି ମଧ୍ୟ କରିଛନ୍ତି। ଏହା ମଧ୍ୟରେ କଂଗ୍ରେସର ବହୁ ବରିଷ୍ଠ ନେତା, ବିଧାୟକ ଦଳ ଛାଡି ବିଜେଡି ଓ ଭାଜପାକୁ ଚାଲିଯାଇଛନ୍ତି। ଖୁବ୍‌ଶୀଘ୍ର ଆଉ କେତେକ ବିଧାୟକ ଦଳ ଛାଡିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେଣୁ ଏପରିସ୍ଥିତିରେ ରାହୁଲ ଓଡ଼ିଶା ଆସି କେତେ ମାତ୍ରାରେ ଦଳର ସଙ୍ଗଠନକୁ ସଜାଡିପାରିବେ ତା'ଉପରେ ସଭିଙ୍କ ନଜର ରହିଛି। ଦିନିକିଆ ଗସ୍ତରେ ☞ପୃଷ୍ଠା-୨







# ପିସିସି ସଭାପତିଙ୍କୁ ଦିଲ୍ଲୀ ଇଓଡବ୍ଲ୍ୟୁର ସମନ

## ଭାବାସି ଟେଲିଜେନ୍ସ ଠକେଇ ମାମଲା

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ଅଡୁଆରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ତାଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ। ଏକ ଠକେଇ ମାମଲାରେ ଦିଲ୍ଲୀ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ଉଭୟଙ୍କୁ ସମନ ଜାରି କରାଯାଇଛି। ଶୁକ୍ରବାର ସେମାନଙ୍କୁ ଦିଲ୍ଲୀ ମନ୍ଦିର ମାର୍ଗସ୍ଥିତ ଇଓଡବ୍ଲ୍ୟୁ କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ଶୁକ୍ରବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡିଶା ଗସ୍ତରେ ଆସୁଥିବା ବେଳେ ନିରଞ୍ଜନଙ୍କୁ ସମନ ଜାରି ହେବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

ଦିଲ୍ଲୀ ପୋଲିସ ସିଆରପିସି ୯୧ ଅନୁଯାୟୀ ଏହି ନୋଟିସ୍ କରିଥିବା ଜଣାପଡିଛି। ସୂଚନା ମୁତାବକ, ଭାବାସି ଟେଲିଜେନ୍ସ ପ୍ରାଇଭେଟ ଲିମିଟେଡ୍ ନାମକ ଏକ ଟେଲିକମ କମ୍ପାନୀର ଏମ୍‌ଡି ଥିଲେ ନବଜ୍ୟୋତି। ନିରଞ୍ଜନ ତାହାର ନିର୍ଦ୍ଦେଶକ ଥିଲେ। ଉକ୍ତ କମ୍ପାନୀ କୋଟି କୋଟି ଟଙ୍କାର ଠକେଇ କରିଥିବା ନେଇ କମଲଜିତ୍ ସିଂ ଆହଲୁୱାଲିଆ ଏବଂ ଅନ୍ୟ କେତେଜଣ


ନିରଞ୍ଜନ ପଟ୍ଟନାୟକ

ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ନିରଞ୍ଜନଙ୍କ କଥା ଅନୁସାରେ କମଲଜିତ କମ୍ପାନୀରେ ୩୨ କୋଟି ଟଙ୍କା ନିବେଶ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ମୂଳଅର୍ଥ କିମ୍ବା ଲାଭାଂଶ ଟଙ୍କା ଫେରସ୍ତ କରି ନ ଥିଲେ। କମଲଜିତ ଟଙ୍କା ମାଗିବାରୁ କମ୍ପାନୀ ପକ୍ଷରୁ ତାଙ୍କୁ ୧୩୦ କୋଟି ଟଙ୍କାର ଚେକ୍ ଦିଆଯାଇଥିଲା। କିନ୍ତୁ ତାହା ବାଉନ୍ସ ହୋଇଯାଇଥିଲା। ପରେ ଉକ୍ତ କମ୍ପାନୀ ବନ୍ଦ ହୋଇଯାଇଥିଲା। ଫଳରେ କମଲଜିତ ଏ ନେଇ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ପକ୍ଷରୁ ଦଫା ୪୨୦, ୪୦୯ରେ ଏକ ମାମଲା(୧୬/୧୭) ରୁଜୁ କରାଯାଇଥିଲା। ଏହି ମାମଲାରେ ପଚରାଉଚରା ଲାଗି ଇଓଡବ୍ଲ୍ୟୁ ନିରଞ୍ଜନ ଏବଂ ତାଙ୍କ ପୁଅ ନବଜ୍ୟୋତିଙ୍କୁ ସମନ କରିଛନ୍ତି। ଏପରି କି ଇଓଡବ୍ଲ୍ୟୁ ସମନରେ କେତୋଟି ପ୍ରଶ୍ନ ପଚାରିଛି। ଏସବୁ ପ୍ରଶ୍ନର ଉତ୍ତର ଦେବା ପାଇଁ ଇଓଡବ୍ଲ୍ୟୁ ସେମାନଙ୍କୁ ଡାକିବା ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆଣିବାକୁ କହିଛି।

ଏ ସମ୍ପର୍କରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ସମନ ବିଷୟରେ ମୁଁ କିଛି ଜାଣିନାହିଁ। ମୋ ନିକଟକୁ କୌଣସି ସମନ ଆସିନାହିଁ। ବହୁବର୍ଷ ପୂର୍ବେ ମୁଁ ଭାବାସି ଟେଲିଜେନ୍ସ କମ୍ପାନୀର ନିର୍ଦ୍ଦେଶକ ଥିଲି। କିନ୍ତୁ ଅନେକ ବର୍ଷ ହେବ ସେହି ପଦବୀରୁ ଇସ୍ତଫା ଦେଇସାରିଛି। ପୋଲିସ ଯଦି କିଛି ଜାଣିବାକୁ ଚାହେଁ ତେବେ ମୁଁ ତଦନ୍ତରେ ସହଯୋଗ କରିବି। ସମନ୍ ନୋଟିସ ହସ୍ତଗତ ହେବା ପରେ ମୁଁ କାର୍ଯ୍ୟାଳୟରେ ହାଜର ହେବି ବୋଲି ନିରଞ୍ଜନ ସଫେଇ ଦେଇଛନ୍ତି।




## ମହାପ୍ରଭୁଙ୍କୁ ଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

### କାଳିଆ ସମାବେଶରେ ରହିବେ ୪୫ ମିନିଟ୍

ପୁରୀ ଅଫିସ,୨୪।୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପୁରୀ ଗସ୍ତରେ ଆସୁଛନ୍ତି। ରାହାଙ୍ଗିରିଆଠାରେ ଅନୁଷ୍ଠିତ କାଳିଆ ସମାବେଶରେ ଯୋଗଦେବେ। ଏହିଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସୂଚୀ ଅନୁଯାୟୀ, ପୂର୍ବାହ୍ନ ୧୦ଟା ୪୫ରେ ହେଲିକପ୍ଟରରେ ଆସି ଜିଲା ସ୍କୁଲ ପରିସର ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ କାରରେ ଯାଇ ୧୦ଟା ୫୫ରେ ଶ୍ରୀମନ୍ଦିରରେ ପହଞ୍ଚିବେ। ଅଧଘଣ୍ଟା ଶ୍ରୀମନ୍ଦିରରେ ରହି ୧୧ଟା ୩୦ରେ ଜିଲା ସ୍କୁଲ ହେଲିପ୍ୟାଡ୍‌ରୁ ରାହାଙ୍ଗିରିଆ ଅଭିମୁଖେ ଗସ୍ତ କରିବେ। ୧୧ଟା ୫୦ରେ ରାହାଙ୍ଗିରିଆ ହେଲିପ୍ୟାଡ୍‌ରୁ ସମାବେଶ ସ୍ଥଳକୁ ଯିବେ। ପୂର୍ବାହ୍ନ ୧୧ଟା ୫୫ରୁ ମଧ୍ୟାହ୍ନ ୧୨ଟା ୪୦ ପର୍ଯ୍ୟନ୍ତ ସମାବେଶରେ ରହି ୧୨ଟା ୫୦ରେ ଭୁବନେଶ୍ୱର ଫେରିଯିବା ଲାଗି ସ୍ଥିର ହୋଇଛି।




▪ ପୁଣି ଚର୍ଚ୍ଚାରେ ପୁଞ୍ଜିଲାଲ ମେହେର

# ୬କଏଦୀଙ୍କ ସହ ଜେଲରୁ ଖସି ପଳାଇବା ଉଦ୍ୟମ

## ଧରିଲେ ଜେଲ ସୁରକ୍ଷା କର୍ମୀ

ବଲାଙ୍ଗୀର ଅଫିସ/ପାଟଣାଗଡ, ୨୪।୧(ଡି.ଏନ୍.ଏ.)

ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମାଷ୍ଟରମାଇଣ୍ଡ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଓ ଅନ୍ୟ ଆପରାଧିକ ମାମଲାରେ ପାଟଣାଗଡ ଉପକାରାଗାରରେ ବନ୍ଦୀ ଥିବା ୬ଜଣ ଜେଲରୁ ଖସି ପଳାଇବାକୁ କରୁଥିବା ଉଦ୍ୟମ ବିଫଳ ହୋଇଛି। ପାଟଣାଗଡ ଜେଲ କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ମୁତାବକ ଗୁରୁବାର ସକାଳ ପ୍ରାୟ ୭ଟାରେ ୬ ଅଭିଯୁକ୍ତଙ୍କ ସହ ପୁଞ୍ଜିଲାଲ ଜେଲ କାରାଗାର ଭିତରୁ ବାହାରି ମୁଖ୍ୟଗେଟ୍ ପାଖକୁ ଚାଲିଆସିଥିଲେ । ଏହି ବିଚାରାଧୀନ କଏଦୀମାନେ ମୁଖ୍ୟଗେଟ୍ ପାଖକୁ ଚାଲି ଆସିଥିବା ଦେଖି ୱାର୍ଡେନ ଜେଲ ସାଇରନ୍ ବଜାଇଥିଲେ । ଏହାପରେ ଜେଲରେ ମୁତୟନ ସୁରକ୍ଷା ବାହିନୀ ସେଠାକୁ ଆସି ସମସ୍ତଙ୍କୁ କାବୁ କରି ପୁଣି ଜେଲ ଭିତରକୁ ନେଇଯାଇଥିଲେ । ଏହି ସମୟରେ ସେଠାରେ ଏହି କଏଦୀମାନଙ୍କ ସହ ସୁରକ୍ଷା କର୍ମୀଙ୍କର ଧସ୍ତାଧସ୍ତି ହୋଇଥିଲା। ଘଟଣା ସମ୍ପର୍କରେ ପାଟଣାଗଡ ଥାନାକୁ ଜଣାଯାଇ ତୁରନ୍ତ ସୁରକ୍ଷା ଯୋଗାଇ ଦେବାକୁ ସୂଚନା ଦିଆଯାଇଥିଲା । ଏନେଇ ପାଟଣାଗଡ ଉପକାରାଗାର ଜେଲର ପ୍ରଦୀପ କୁମାର ମହାଲିକ୍‌ଙ୍କୁ ପଚାରିବାରୁ ସବୁଦିନ ଭଳି ଗୁରୁବାର ମଧ୍ୟ ଜେଲ ଅନ୍ତେବାସୀଙ୍କୁ ସକାଳ ନିତ୍ୟକର୍ମ କରିବା ପାଇଁ ଛଡା ଯାଇଥିଲା । ତେବେ କୌଶଳକ୍ରମେ ୬ କଏଦୀ ଓ ପାର୍ସଲ ବୋମା ବିସ୍ଫୋରଣର ଅଭିଯୁକ୍ତ ପୁଞ୍ଜିଲାଲ ମେହେର କାରାଗାର ଭିତରୁ ମୁଖ୍ୟଗେଟ୍ ପାଖକୁ ଚାଲିଆସିଥିବା ଦେଖାଯାଇଥିଲା। ସେମାନେ ଜେଲରୁ ଖସି ପଳାଇବାକୁ ଉଦ୍ୟମ କରିଥିବା ସନ୍ଦେହ କରାଯାଇଛି। ତେବେ ଠିକଣା ସମୟରେ ସୁରକ୍ଷା କର୍ମୀ ସଜାଗ ଥିବାରୁ ସେମାନଙ୍କ ଉଦ୍ୟମ ବିଫଳ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ଘଟଣାକୁ ଆଖିଆଗରେ ରଖି ପାଟଣାଗଡ ଜେଲରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ପାର୍ସଲ ବୋମା ବିସ୍ଫୋରଣ ମାମଲାର ଅଭିଯୁକ୍ତ ପୁଞ୍ଜିଲାଲ ଜେଲରୁ ଖସି ପଳାଇବାକୁ ନୂଆ ଷଡଯନ୍ତ୍ର କରିଥିବା ଚର୍ଚ୍ଚାର ବିଷୟ ହୋଇଛି ।






ମଧ୍ୟଯୁଗରେ ସନ୍ନ୍ୟାସୀମାନେ ନାରୀଙ୍କୁ ଘୃଣାର ପାତ୍ରୀ ବୋଲି ଭାବୁ ଥିଲେ । ସେମାନେ ଭାବୁଥିଲେ- ଭଗବାନ ସନ୍ନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି । ଭଗବାନଙ୍କ ସମ୍ବନ୍ଧେ ଓ ନାରୀ ସମ୍ବନ୍ଧେ ଆଉ ଟିକିଏ ଉଚ୍ଚ ଧରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ ।

-ଶ୍ରୀଅରବିନ୍ଦ

# ଅମ୍ବାନୀଙ୍କୁ ଫାଇଦା

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁଖ୍ୟ ତଥା ଭାରତର ସବୁଠାରୁ ଧନୀ ମୁକେଶ ଅମ୍ବାନୀ ଗତ ସପ୍ତାହରେ ସର୍ବସାଧାରଣରେ ଘୋଷଣା କରିଛନ୍ତି ଯେ, ସେ ଭାରତରେ ଏକ ନୂଆ ଇ-କମର୍ସ ଉଦ୍ୟୋଗ ଆରମ୍ଭ କରିବେ । ତାଙ୍କର ଏହି ନିଷ୍ପତ୍ତି ଅପ୍ରତ୍ୟାଶିତ ବୋଲି ଭାବିବା ଉଚିତ ନୁହେଁ । କାରଣ ଦୀର୍ଘଦିନ ହେଲା ତାଙ୍କର ଏଭଳି ଯୋଜନା ଅନୁଯାୟୀ କାର୍ଯ୍ୟ ଚାଲିଛି । ଅମ୍ବାନୀ ଜିଓ ସେବା ଲାଗି ଯେଉଁ ୨.୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିଛନ୍ତି, ତାହା ବିନା କାରଣରେ କରିନାହାନ୍ତି । ତେବେ ପ୍ରତି ଗ୍ରାହକ ପିଛା ସେ ଏବେ ମାସିକ ହାରାହାରି ମାତ୍ର ୧୪୦ ଟଙ୍କା ପାଉଛନ୍ତି । ଲାଭ ଅର୍ଜନ ଦୂରେ ଥାଉ, ଅତ୍ୟନ୍ତ ପ୍ରତିଯୋଗିତାମୂଳକ ଭାରତୀୟ ଟେଲିକମ୍ ବଜାରରେ ଅମ୍ବାନୀ ଏତେ ବିପୁଳ ପରିମାଣର ପୁଞ୍ଜିନିବେଶ କରି କିପରି ତା'ର ମୂଳ ଆଦାୟ କରିବେ ? ସେ ଆଗତୁରା ଜିଓରେ ଯେଉଁ ବିଶାଳ ପୁଞ୍ଜିନିବେଶ କରିଛନ୍ତି, ତା'ର ମୂଳରେ ଥିଲା ଏଇ ନେଟ୍‌ୱର୍କକୁ ଭିତ୍ତିକରି ତାଙ୍କର ଭବିଷ୍ୟତର ଇ-କମର୍ସ ଉଦ୍ୟୋଗକୁ ସଫଳ କରିବା । ଜିଓର ସର୍ବବ୍ୟାପକତା ଏବଂ ଦେଶରେ ଡାଟା ମୂଲ୍ୟ ହ୍ରାସ କରି ଏହା ଆରମ୍ଭ କରିଥିବା ଆନ୍ଦୋଳନ ରିଲାଏନ୍ସର ଇ-ବାଣିଜ୍ୟରେ ସହାୟକ ହେବ । ତା'ଛଡ଼ା କେନ୍ଦ୍ର ସରକାର ଯେଉଁ ଚିଠା ଇ-କମର୍ସ ନୀତି ପ୍ରଣୟନ କରିଛନ୍ତି, ତାହା ଉଦ୍ଦେଶ୍ୟମୂଳକ ଭାବେ ଇ-କମର୍ସ କ୍ଷେତ୍ରରେ ବିଦେଶୀ କମ୍ପାନୀଙ୍କ ପ୍ରାଦୁର୍ଭାବରୁ ଭାରତୀୟ କମ୍ପାନୀଗୁଡ଼ିକୁ ସୁରକ୍ଷା ଦେବା ପାଇଁ କରାଯାଇଛି । ଏହା ମଧ୍ୟ ଅମ୍ବାନୀଙ୍କ ଉଦ୍ଦେଶ୍ୟ ସାଧନରେ ସହାୟକ ହେବ । ଯେମିତି ରିଲାଏନ୍ସ ଏ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରସ୍ତୁତ ହୋଇଛି, କେନ୍ଦ୍ର ସରକାର ଇ-କମର୍ସ ନୀତିରେ ପରିବର୍ତ୍ତନ କରି ଆମାଜନ ଓ ୱାଲମାର୍ଟ-ଫ୍ଲିପ୍‌କାର୍ଟ ପରି ବିଦେଶୀ କମ୍ପାନୀଙ୍କ ପାଇଁ ସ୍ଥିତି ଅଧିକ ଦୁର୍ବହ କରିଦେଲେ । ଉକ୍ତ ନୂଆ ନୀତି ଆସନ୍ତା ଫେବୃୟାରୀ ପହିଲାରୁ କାର୍ଯ୍ୟକାରୀ ହେବ । ନୂଆ ମାନଦଣ୍ଡରେ ଦୁଇଟି ମୌଳିକ ପରିବର୍ତ୍ତନ କରାଯାଇଛି । ସେହି ଅନୁଯାୟୀ ଏଫ୍‌ଡିଆଇ ପାଣ୍ଠିରେ ଚାଲୁଥିବା ମାର୍କେଟ୍‌ପ୍ଲେସ୍‌ଗୁଡ଼ିକ କେବଳ ଟେକ୍ନୋଲୋଜି ପ୍ଲାଟ୍‌ଫର୍ମ ରୂପେ କାର୍ଯ୍ୟ କରିବ, ଯେଉଁଥିରେ ସ୍ୱାଧୀନ କ୍ରେତା ଓ ବିକ୍ରେତାମାନେ କିଣାବିକା କରିପାରିବେ । ସେମାନେ ସବୁପ୍ରକାର ଜିନିଷ ରଖିପାରିବେ ନାହିଁ, କିଣାବିକା କରିପାରିବେ ନାହିଁ କି ତାକୁ ନିୟନ୍ତ୍ରଣ କରିପାରିବେ ନାହିଁ । ଦ୍ୱିତୀୟରେ ବିଦେଶୀ ଇ-କମର୍ସ କମ୍ପାନୀଗୁଡ଼ିକ ଏକଚାଟିଆ ପଣ୍ୟଦ୍ରବ୍ୟ କାରବାର କରିପାରିବେ ନାହିଁ । ଏହି ନୂଆ ନିୟମ କାର୍ଯ୍ୟକାରୀ ହେଲେ ଜେଫ୍ ବେଜୋଙ୍କ ଆମାଜନ, ୱାଲ୍‌ଟନଙ୍କ ୱାଲ୍‌ମାର୍ଟ ଇଙ୍କ୍ ଏବଂ ଆଲିବାବା ଗ୍ରୁପ୍ ହୋଲ୍‌ଡିଂ ଲିମିଟେଡ୍‌ର ପେଟିଏମ୍ ମଲ୍‌କୁ ମୂଲ୍ୟ ଦେବାକୁ ପଡ଼ିବ ।

## ଆଜିର ଅର୍ଥନୀତି

ଗତବର୍ଷ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବିଦେଶୀ ଫିନ୍‌ଟେକ୍ (ଆର୍ଥିକ ଓ ପ୍ରଯୁକ୍ତି-ଭିତ୍ତିକ) କମ୍ପାନୀଗୁଡ଼ିକ ପାଇଁ ଡାଟା ଲୋକାଲାଇଜେଶନ ନିୟମ ପ୍ରବର୍ତ୍ତନ କରିଥିଲା । ଫଳରେ ସେମାନଙ୍କ ପାଇଁ ଭାରତୀୟ ଡାଟା ଭାରତରେ ହିଁ ସାଇତି ରଖିବା ବାଧ୍ୟତାମୂଳକ ହୋଇଥିଲା । ସ୍ପଷ୍ଟ, ନିର୍ଦ୍ଦିଷ୍ଟ ଓ ନ୍ୟାୟସଙ୍ଗତ ଉଦ୍ଦେଶ୍ୟ ପାଇଁ ବ୍ୟକ୍ତିଗତ ତଥ୍ୟ ବ୍ୟବହାରକୁ କିପରି ସୀମିତ କରାଯାଇପାରିବ, ସେ ନେଇ ଏକ ବିଶେଷଜ୍ଞ ଦଳର ପରାମର୍ଶ ମଗାଯାଇଥିଲା । ଡାଟା ସଂରକ୍ଷଣର ସ୍ଥାନୀୟକରଣର ଏହି ନିୟମ ପ୍ରଣୟନ ଲାଗି ଆର୍‌ବିଆଇକୁ ନିଶ୍ଚୟ କେନ୍ଦ୍ର ସରକାର ସମ୍ମତି ଦେଇଥିବେ, ଯାହା କେନ୍ଦ୍ର ସରକାରଙ୍କ ସମ୍ଭାବ୍ୟ ଇ-କମର୍ସ ନୀତି ଲାଗି ଅନୁକୂଳ ହୋଇପାରିବ । ଏହି ଦୁଇଟା ନୀତି ଯେତେବେଳେ ପୂର୍ଣ୍ଣରୂପେ କାର୍ଯ୍ୟକାରୀ ହେବ, ସେତେବେଳେ ତାହା ବିଦେଶୀ ଇ-କମର୍ସ କମ୍ପାନୀଗୁଡ଼ିକୁ ଏ ଦେଶରୁ ବିତାଡ଼ିତ କରିବାର ପଥ ସୁଗମ କରିବ । ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ଗୁଜରାଟରେ ୧.୨ ନିୟୁତ ରିଟେଲ ଦୋକାନ ଓ ଷ୍ଟୋରରେ ଏହାର ଇ-ବାଣିଜ୍ୟ ପ୍ଲାଟ୍‌ଫର୍ମ ସମ୍ପ୍ରସାରିତ କରିବାର ଲକ୍ଷ୍ୟ ରଖିଛି, ଯାହା ସାରା ଭାରତରେ ଏହାର ଇ-ବାଣିଜ୍ୟ ପ୍ରସାର ଯୋଜନାର ଅଂଶବିଶେଷ । ଏହା ନିଶ୍ଚୟ ଅନ୍ୟମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିବ ।

ବଡ଼ ବଡ଼ ବିଦେଶୀ କମ୍ପାନୀଙ୍କଠାରୁ ଦେଶୀ କମ୍ପାନୀଗୁଡ଼ିକୁ ସୁରକ୍ଷା ଦେବା ପାଇଁ ସରକାର ଯେଉଁ ଯୋଜନା କରୁଛନ୍ତି, ତାହା ସ୍ୱାଗତଯୋଗ୍ୟ । କିନ୍ତୁ ଭାରତୀୟ ବଜାରରେ କୌଣସି ନିର୍ଦ୍ଦିଷ୍ଟ କମ୍ପାନୀଙ୍କ ଏକଚାଟିଆ କାରବାରକୁ କେବେହେଲେ ପ୍ରୋତ୍ସାହନ ଦେବା ଉଚିତ ନୁହେଁ । ବଜାରକୁ ସର୍ବଦା ପ୍ରତିଯୋଗିତା ପାଇଁ ଉନ୍ମୁକ୍ତ ରଖିଲେ ତାହାଦ୍ୱାରା ଗ୍ରାହକମାନେ ଉପକୃତ ହେବେ । ଗ୍ରାହକମାନେ କେଉଁ ଜିନିଷ କାହାଠାରୁ କିଣିବାକୁ ଚାହୁଁଛନ୍ତି ସେ ବିଷୟରେ ନିଷ୍ପତ୍ତି ନେବା ଲାଗି ସେମାନଙ୍କୁ ସୁଯୋଗ ଦିଆଯିବା ଉଚିତ । ବାଧ୍ୟତାମୂଳକ ତଥ୍ୟ ସ୍ଥାନୀୟକରଣ ଓ ଖାଉଟି ଦ୍ରବ୍ୟସୂଚୀରେ କଡ଼ା ନିୟନ୍ତ୍ରଣ ଗ୍ରାହକମାନଙ୍କୁ ଏହି ସୁଯୋଗରୁ ବଞ୍ଚିତ କରିବ । ସରକାରଙ୍କ ଏହି ନୀତି ଦ୍ୱାରା କେବଳ ବିଦେଶୀ ଇ-କମର୍ସ କମ୍ପାନୀଗୁଡ଼ିକ ଆମ ଦେଶରୁ ବିଦା ହୋଇ ଯିବେ ନାହିଁ, ଏହାଦ୍ୱାରା ବଜାରରେ ପ୍ରତିଯୋଗିତାର ବାଟ ବି ବନ୍ଦ ହୋଇଯିବ । ଏହା କାର୍ଯ୍ୟକାରୀ ହେବା ପରେ ଅମ୍ବାନୀଙ୍କୁ ପ୍ରାଇଭେଟ୍-ଲେବୁଲ ଫେଶନର ବିକାଶ କରିବା ଲାଗି ସୁଯୋଗ ମିଳିଯିବ, ଯାହା ଏବେ 'ଏଜିଓ' ବ୍ରାଣ୍ଡ ନାମରେ ଚାଲିଛି । ସବୁଠାରୁ ଚିନ୍ତାଜନକ ହେଉଛି, କେନ୍ଦ୍ର ସ୍ତରରେ ନୀତି ନିର୍ଦ୍ଧାରଣକୁ ପ୍ରଭାବିତ କରିବା ଲାଗି ଅମ୍ବାନୀଙ୍କର ଥିବା କ୍ଷମତା । ବର୍ତ୍ତମାନ ପର୍ଯ୍ୟନ୍ତ ବିଦେଶୀ କମ୍ପାନୀଗୁଡ଼ିକ ଭାରତରେ ସେମାନଙ୍କ ଜିନିଷ ବିକ୍ରି କରୁଛନ୍ତି, କିନ୍ତୁ ଭାରତରେ ସେମାନଙ୍କ ଜିନିଷ ଗଚ୍ଛିତ ରଖିବା ଲାଗି ଏକ ଶୁଦ୍ଧ ମାର୍କେଟପ୍ଲେସ୍ ପାଇନାହାନ୍ତି କିମ୍ବା ରିହାତି ଅଫର ଦେଇପାରୁନାହାନ୍ତି । ବର୍ତ୍ତମାନ ସରକାର ଯେଉଁ ତଥ୍ୟ ସ୍ଥାନୀୟକରଣ ଲାଗି ନିୟମ ପ୍ରଣୟନ କରିଛନ୍ତି, ତାହାଦ୍ୱାରା ସେମାନଙ୍କୁ ଅମ୍ବାନୀଙ୍କ ସହ ପ୍ରତିଯୋଗିତା କରିବା ସହଜ ହେବନାହିଁ । ଭାରତ ସରକାର ଆମାଜନ ବା ୱାଲ୍‌ମାର୍ଟ-ଫ୍ଲିପ୍‌କାର୍ଟର ହାତ ବାନ୍ଧିଦେଇ ରିଲାଏନ୍ସ ଇ-କମର୍ସ ସହ ପ୍ରତିଯୋଗିତା କରିବାକୁ ବାଧ୍ୟକରିବା ଉଚିତ ନୁହେଁ । ଏହାଦ୍ୱାରା ଇ-ବାଣିଜ୍ୟ କ୍ଷେତ୍ରରେ ଏକ ବିପଜ୍ଜନକ ଧାରା ଆରମ୍ଭ ହେବ । ଏହାଦ୍ୱାରା ସେମାନେ ନିଜ ଦେଶରେ ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଅନୁରୂପ କଟକଣା ଲାଗୁ କରିବାକୁ ତାଙ୍କ ଦେଶର ସରକାରଙ୍କୁ ବାଧ୍ୟ କରିପାରନ୍ତି ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 8 | | | | | E | | C | | 5 | | |
| | | 4 | | | | 7 | | B | | | | 6 | | |
| | | | | | | | 9 | | 1 | | 7 | B | | E |
| | B | | | E | A | 3 | D | 1 | | 0 | 6 | 8 | | 7 |
| | | | | 3 | | | | | | | D | | | 9 |
| | | | | 5 | 0 | | 7 | | D | | | | | A |
| | | | A | | 9 | | | | | | | 7 | | |
| 2 | 0 | | | | C | | | 9 | | A | | 1 | 8 | |
| | A | | E | B | | 0 | | C | | | 8 | | 6 | |
| | | B | | 8 | | | 6 | | 5 | 7 | | | | |
| | | | | | 1 | | 0 | | 2 | | 3 | 4 | | |
| | | 3 | | | | 4 | 2 | | | 9 | | D | 5 | |
| | 8 | 9 | | | | | E | | A | | | | 3 | |
| | | | | | | D | | 7 | | 6 | E | | 0 | |
| | | | 7 | | | | 1 | 6 | | 5 | C | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 8 | 9 | 1 | E | 5 | 2 | 7 | B | D | 4 | 0 | C | 3 | A |
| D | 5 | 3 | 0 | 6 | 8 | 4 | A | 9 | 1 | E | C | 2 | 7 | B |
| E | 4 | C | 9 | 3 | 2 | 1 | 5 | 0 | A | 7 | B | D | 6 | 8 |
| A | 7 | B | D | C | 4 | 6 | 8 | E | 5 | 2 | 3 | 0 | 9 | 1 |
| 0 | 1 | 2 | B | A | 7 | 3 | D | C | 9 | 6 | 8 | E | 5 | 4 |
| 8 | C | 0 | E | 9 | 1 | A | 3 | 2 | 4 | 5 | 6 | B | D | 7 |
| 7 | 3 | E | 6 | D | C | 5 | B | 4 | 8 | 9 | 1 | A | 2 | 0 |
| 9 | 2 | 4 | 5 | B | 0 | 8 | E | D | 3 | A | 7 | 6 | 1 | C |
| 1 | B | D | 7 | 8 | A | C | 9 | 6 | 2 | 0 | E | 3 | 4 | 5 |
| 5 | 6 | A | 2 | 4 | 3 | 0 | 1 | 7 | C | B | D | 9 | 8 | E |
| 4 | 0 | 5 | A | 7 | E | B | 2 | 3 | 6 | 8 | 9 | 1 | C | D |
| C | A | 1 | 4 | 5 | 9 | D | 0 | 8 | E | 3 | 2 | 7 | B | 6 |
| 2 | E | 6 | 8 | 1 | B | 9 | C | A | 7 | D | 4 | 5 | 0 | 3 |
| B | D | 7 | 3 | 2 | 6 | E | 4 | 1 | 0 | C | 5 | 8 | A | 9 |
| 3 | 9 | 8 | C | 0 | D | 7 | 6 | 5 | B | 1 | A | 4 | E | 2 |

ଗତକାଲିର ଉତ୍ତର

# ସାବରିମାଳାର ଅବାଞ୍ଛିତ ବିଶୃଙ୍ଖଳା



ଡ. ନିଖିଳାନନ୍ଦ ପାଣିଗ୍ରାହୀ

କେରଳର ଆଲାପୁଝା ଜିଲା ଅନ୍ତର୍ଗତ ନିରଣ୍ଣପୁରମ୍‌ଠାରେ ଚାକୁଲାଥୁକାରୁ ନାମକ ପ୍ରସିଦ୍ଧ ଦୁର୍ଗାମନ୍ଦିର ଅଛି । ପମ୍ପା ନଦୀକୂଳରେ ଅବସ୍ଥିତ ଏହି ଦେବୀ ମନ୍ଦିରରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏଠାରେ ସମବେତ ହୋଇ ପବିତ୍ର ପୋଙ୍ଗଲ ପର୍ବ ପାଳନ କରିଥାନ୍ତି । ଏଠାରେ ଧାଡ଼ିବାନ୍ଧି ଭକ୍ତମାନେ ରୁଣ୍ଡ ହେବା ବେଳେ ଏହା ପ୍ରାୟ ୨୦ କିଲୋମିଟର ଯାଏ ଲମ୍ବିଥାଏ । ପୋଙ୍ଗଲ ବ୍ୟତୀତ ମାଲୟଲମ ମାସର ପ୍ରଥମ ଦିନରେ ପାଞ୍ଚାଣ୍ଡୁ ନୋୟାମ୍ପୁ ନାମକ ଅନ୍ୟ ଏକ ଜନପ୍ରିୟ ଉତ୍ସବ ଆରମ୍ଭ ହୋଇ ବାରଦିନ ପର୍ଯ୍ୟନ୍ତ ଚାଲେ ।

ଏହି ରାଜ୍ୟର ଅନ୍ୟତମ ବିଖ୍ୟାତ ମନ୍ଦିର ଥିରୁଭାନନ୍ତପୁରମଠାରୁ ଦୁଇ କିମି ଦୂର ଆଟ୍ଟୁକଲଠାରେ ନିର୍ମିତ । ସେଠାରେ ପ୍ରତ୍ୟକ୍ଷ ଦେବୀ ଭଗବତୀ ପୂଜିତ ହେଉଛନ୍ତି । ବହୁସଂଖ୍ୟକ ଶ୍ରଦ୍ଧାଳୁ ଏହାକୁ ମହିଳାମାନଙ୍କ ସାବରିମାଲା ଭାବେ ବିବେଚନା କରି ଆସୁଛନ୍ତି । ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ପୋଙ୍ଗଲ ହେଉଛି ସେଠାକାର ସର୍ବଶ୍ରେଷ୍ଠ ଉତ୍ସବ । ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ ଅନୁସାରେ ବିଶ୍ୱର ସର୍ବାଧିକ ମହିଳା ଏହି ଉତ୍ସବ ବେଳେ ସମ୍ମିଳିତ ହୋଇଥାନ୍ତି । ପୋଙ୍ଗଲ ବେଳେ ଦେବୀଙ୍କ ପୂଜା ଉପାସନା ଉଦ୍ଦେଶ୍ୟରେ ଆସିଥିବା ମହିଳା-ଭକ୍ତମାନେ ଥିରୁଭାନନ୍ତପୁରମର ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ମାଟିହାଣ୍ଡିରେ ଭାତ ରାନ୍ଧି ଦେବୀଙ୍କୁ ଅର୍ପଣ କରନ୍ତି ।

ଦୁଇଟି ତୀର୍ଥସ୍ଥଳର ବିଶେଷତ୍ୱ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ପୁରୁଷମାନଙ୍କୁ ଏହି ଉତ୍ସବରେ ଯୋଗଦାନ ପାଇଁ ବାରଣ କରାଯାଇଛି । କେବଳ ମହିଳାମାନେ ଏହା ପାଳନ କରିପାରିବେ । ତେବେ କେହି ମଧ୍ୟ ପୁରୁଷମାନଙ୍କ ବିପକ୍ଷରେ ଏହା ବିଭେଦମୂଳକ ବ୍ୟବସ୍ଥା ବୋଲି ଅଭିଯୋଗ କରୁନାହାନ୍ତି । ପୁରୁଷମାନଙ୍କ ସମାନ ଅଧିକାର ପାଇଁ କୌଣସି ଅଭିଯାନ ଆରମ୍ଭ ହୁଏ ନାହିଁ । ସେହି ଅନୁସାରେ ସାବରିମାଲାର ସ୍ୱାମୀ ଆୟାପ୍ପାଙ୍କ ମନ୍ଦିରରେ ଲିଙ୍ଗଭେଦ ଚାଲିଛି ବୋଲି ଆପତ୍ତି ନ ହେବା ଉଚିତ । ଆମ ଜୀବନରେ ଆସ୍ଥା ହେଉଛି ନିୟମ-ସଙ୍ଗତ । ଯାହାର ବିଶ୍ୱାସ ନାହିଁ, ସେ ଆସ୍ଥାବାନ ବ୍ୟକ୍ତିଙ୍କ ପାଇଁ ପ୍ରତିବନ୍ଧକ ସୃଷ୍ଟି କରିବା ଅନୁଚିତ । ଏହି ଆଚରଣ ମୁକ୍ତ ସମାଜ ଗଠନ କରେ ।

ଆୟାପ୍ପା ମନ୍ଦିରରେ ମହିଳାଙ୍କ ପ୍ରବେଶ, ସ୍ଥଳ ବିଶେଷରେ ଜବରଦସ୍ତ ଯୋଗୁ ସେଠାରେ ଏବେ ବିଶୃଙ୍ଖଳା କ୍ରମଶଃ ତୀବ୍ର ହେବାରେ ଲାଗିଛି । ଏହାର ଐତିହାସିକ ଘଟଣାକ୍ରମ ପ୍ରତି ଦୃଷ୍ଟି ପକାଇଲେ ସମସ୍ୟା ଉପରେ ସମ୍ୟକ୍ ଧାରଣା ଜନ୍ମିବ । ୧୯୯୧ ମସିହାରେ କେରଳର ଉଚ୍ଚ ନ୍ୟାୟାଳୟ ଗୋଟିଏ ରୁଲିଂ ଦେଇଥିଲେ । ସେଥିରେ ଆୟାପ୍ପା ମନ୍ଦିରରେ ମହିଳାଙ୍କ ପ୍ରବେଶ ନିଷିଦ୍ଧ ଥିବା ପରମ୍ପରାକୁ ସମ୍ମାନ ଦିଆଯାଇଥିଲା । ରାୟରେ ଆସ୍ଥା ଓ ପରମ୍ପରାକୁ ଗୁରୁତ୍ୱ ଦିଆଯାଇଥିଲା । ଭଗବାନ ଆୟାପ୍ପା ଜଣେ ଆଜୀବନ ବ୍ରହ୍ମଚାରୀ ଥିଲେ ଓ ତାଙ୍କୁ ଦର୍ଶନ କରିବା ପାଇଁ ୪୧ ଦିନ ନିଷ୍ଠାପର ଭାବେ ବ୍ରତ ପାଳନ କରିବା ଅତ୍ୟାବଶ୍ୟକ । ତେବେ ଦଶରୁ ପଚାଶ ବର୍ଷ ମଧ୍ୟରେ ମହିଳାମାନେ ପ୍ରଜନନକ୍ଷମ ହୋଇଥିବାରୁ ଉକ୍ତ ଦୀର୍ଘ ଏକଚାଳିଶ ଦିନିଆ କଠୋର ନୀତିନିୟମ ମାନିପାରିବେ ନାହିଁ । ଏହାର ଅବମାନନା ଆୟାପ୍ପାଙ୍କ ପ୍ରତି ଅପମାନ ।

ଏହି ମାମଲା ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଲା । ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠକୁ ନେଇ ଗଠିତ ବେଞ୍ଚ ସେପ୍ଟେମ୍ବର ୨୦୧୮ରେ ହାଇକୋର୍ଟର ରୁଲିଂକୁ ଅଗ୍ରାହ୍ୟ କରିଦେଲେ । ସେମାନେ ମହିଳାଙ୍କ ପ୍ରବେଶ ପାଇଁ କୌଣସି କଟକଣା ନ ରଖିବା ସପକ୍ଷରେ ବିଚାର ଶୁଣାଇଲେ । ତେବେ ଏହି ବେଞ୍ଚରେ ଥିବା ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ଇନ୍ଦୁ ମାଲହୋତ୍ରାଙ୍କ ବିଚାର ବିପରୀତ ଥିଲା । ସେ ଘୋଷଣା କରିଥିଲେ ଯେ, ଯେଉଁ ମାମଲାରେ ପ୍ରଗାଢ଼ ଧାର୍ମିକ ବିଶ୍ୱାସ ଜଡ଼ିତ, ସେଥିରେ ଅଦାଲତ ହସ୍ତକ୍ଷେପ ନ କରିବା ଉଚିତ । କୌଣସି ଧାର୍ମିକ ପ୍ରଥାର ପ୍ରଚଳନ ସମ୍ପର୍କରେ ସେହି ଧାର୍ମିକ ସମାଜ ନିଷ୍ପତ୍ତି କରୁ । ଏଥିରୁ କୋର୍ଟ କ୍ଷାନ୍ତ ରହୁ । ଜଷ୍ଟିସ ମାଲହୋତ୍ରାଙ୍କ ଏହି ଭିନ୍ନ ବିଚାର ଉଚ୍ଚତମ ଅଦାଲତରେ ପୁନର୍ବିଚାର ପାଇଁ ସୁଯୋଗ ସୃଷ୍ଟି କଲା । ବର୍ତ୍ତମାନ ଯାଏ ଏହା ବିଚାରାଧୀନ । ଏହି ମାମଲାରେ ସମ୍ବିଧାନ ପ୍ରଦତ୍ତ ନାଗରିକଙ୍କ ମୌଳିକ ଅଧିକାରାନୁସାରେ ନାରୀ-ଅଧିକାର ଓ ସମାନତାକୁ ଚ୍ୟାଲେଞ୍ଜ କରାଯାଇଛି ଏବଂ ଆୟାପ୍ପାଙ୍କ କ୍ଷେତ୍ରରେ ବ୍ୟତିକ୍ରମ ମଞ୍ଜୁର କରିବା ପାଇଁ ପ୍ରାର୍ଥନା କରାଯାଇଛି ।

ମାନବ ଜୀବନରେ ଆସ୍ଥାର ଏକ ସ୍ୱତନ୍ତ୍ର ଭୂମିକା ରହିଛି । ଏହି ମର୍ମରେ ଖଲିଲ ଜିବ୍ରାନ (୧୮୮୩-୧୯୧୩)ଙ୍କ ସୁଚିନ୍ତିତ ମତ ପ୍ରଣିଧାନଯୋଗ୍ୟ । ରାଶି ରାଶି ଚିନ୍ତା ଆମ ମନ ଭିତରେ ଜାତ ହୋଇଥାଏ । କିନ୍ତୁ ଏହା ଆମ ହୃଦୟ ମଧ୍ୟରେ ପ୍ରବେଶ କରିପାରିବ ନାହିଁ । କେବଳ ଆସ୍ଥା ହିଁ ଆମ ହୃଦୟକୁ ଛୁଇଁପାରିବ, ଯାହାକି ମରୁଯାତ୍ରୀଙ୍କ ପାଇଁ ମରୁଦ୍ୟାନ ସଦୃଶ ।

ଏଠାରେ ସିଙ୍ଗ୍‌ନାପୁର ଶନି ମନ୍ଦିରର ମାମଲା ଅବତାରଣା କରାଯାଇପାରେ । ମହାରାଷ୍ଟ୍ରର ସିଗ୍‌ନାପୁର ଜିଲାରେ ଶନି ଗ୍ରହ ପୂଜିତ ହେଉଛନ୍ତି । ଲୋକଙ୍କ ବିଶ୍ୱାସ ଯେ ଏହା ଏକ ଜାଗ୍ରତ ଦେବସ୍ଥାନ, ଯେଉଁଠାରେ ଦେବତା ସ୍ୱଦେହେ ବର୍ତ୍ତମାନ ମଧ୍ୟ ବିରାଜମାନ । ପରମ୍ପରାନୁସାରେ ଦୀର୍ଘ ୪୦୦ ବର୍ଷ ଧରି ମନ୍ଦିରର ଅନ୍ତର୍ବର୍ତ୍ତୀ ପବିତ୍ର ସ୍ଥାନକୁ ମହିଳାଙ୍କ ପ୍ରବେଶ ନିଷିଦ୍ଧ । ଜାନୁୟାରୀ ୨୦୧୬ରେ ପାଞ୍ଚଶହ ମହିଳା ତୃପ୍ତି ଦେଶାଇଙ୍କ ନେତୃତ୍ୱରେ ଯେତେବେଳେ ଏହାକୁ ଉଲ୍ଲଂଘନ କରିବା ପାଇଁ ଆଗଭର ହେଲେଏଥିରୁ ବିବାଦ ଉପୁଜିଲା । ମାମଲା ବମ୍ବେ ଉଚ୍ଚନ୍ୟାୟାଳୟରେ ପହଞ୍ଚିଲା । ଅଦାଲତ ମହିଳାଙ୍କ ସପକ୍ଷରେ ରାୟ ଶୁଣାଇଲେ । ଶନି ସିଙ୍ଗ୍‌ନାପୁର ଟ୍ରଷ୍ଟ ଅଦାଲତ ଆଦେଶକୁ ଅବଜ୍ଞା କରି ନ ଥିଲେ । ପରିଶେଷରେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହେଲା । ବିଭିନ୍ନ ନାରୀବାଦୀ ସଂଗଠନ ଏହାକୁ ସେମାନଙ୍କ ବିଜୟ ବୋଲି ଆତ୍ମଗର୍ବରେ ଉଲ୍ଲସିତ ହେଲେ । ଏହା ବାମାବାଦୀଙ୍କୁ ଭବିଷ୍ୟତ କାର୍ଯ୍ୟପନ୍ଥା ପାଇଁ ଉତ୍ସାହିତ କଲା ।

ସେ ଯାହାହେଉ ଆୟାପ୍ପା ମନ୍ଦିରରେ ଏମିତି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ପରିସମାପ୍ତି ଦେଖିବାକୁ ମିଳୁନାହିଁ ; ଯଦିଚ ସେଇ ରାଜ୍ୟର କେତେକ ପ୍ରସିଦ୍ଧ ମନ୍ଦିରରେ କେବଳ ମହିଳା ଏବଂ ଅନ୍ୟ କେତେକ ପୂଜାସ୍ଥଳରେ କେବଳ ପୁରୁଷ ପୂଜା କରିବା ପ୍ରଥା ପ୍ରଚଳିତ ।

କେରଳରେ ବର୍ତ୍ତମାନ ପିନାରାୟୀ ବିଜୟନଙ୍କ ମୁଖ୍ୟମନ୍ତ୍ରିତ୍ୱରେ ବାମସାମ୍ମୁଖ୍ୟ ସରକାର ଶାସନ କରୁଛି । ଦୁଇଟି ଦିଗରୁ ବିଜୟନଙ୍କ ଭୂମିକା ବିଚାର୍ଯ୍ୟ । ପ୍ରଥମତଃ ଦଳୀୟ ଓ ଦ୍ୱିତୀୟରେ ଶାସନିକ । ସେ ସିପିଏମ୍‌ର ସଦସ୍ୟ । ନୀତିଗତ ଭାବେ ଧର୍ମ ପ୍ରତି ସେ ଅନୁକୂଳ ମନୋଭାବ ପୋଷଣ କରନ୍ତି ନାହିଁ । ତେଣୁ ଧାର୍ମିକ ପରମ୍ପରା ପ୍ରତି ସେ ସ୍ୱଭାବତଃ ବିମୁଖ । ତାଙ୍କର ଏହି ମାନସିକତା ଚଳିତ ସମସ୍ୟାକୁ ଅଧିକ ଗୁରୁତର କରିବା ସମ୍ଭବ ।

ପୁଣି ତାଙ୍କର ମନୋବୃତ୍ତିକୁ ଯଥେଷ୍ଟ ଖୋରାକ ଯୋଗାଇଛି ସୁପ୍ରିମକୋର୍ଟଙ୍କ ରାୟ । ସେ ଯୁକ୍ତି ବାଢ଼ିଲେ ଯେ, ରାଜ୍ୟ ମୁଖ୍ୟ ଭାବେ ସେ ଅଦାଲତର ରାୟ ମାନିବାକୁ ବାଧ୍ୟ । ନିଜକୁ ଜଣେ ଦୃଢ଼ ଶାସକ ବୋଲି ପ୍ରମାଣ କରିବାକୁ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ସେ ହୃଦୟଙ୍ଗମ କରିବା ଉଚିତ ଯେ, ସେ କେବଳ ବାମ ଦଳର ନୁହେଁ, ସମଗ୍ର ରାଜ୍ୟର ମୁଖ୍ୟମନ୍ତ୍ରୀ । କିନ୍ତୁ ତାଙ୍କ ଶାସନିକ ପରିଚାଳନା ପକ୍ଷପାତପୂର୍ଣ୍ଣ ଥିଲା । ସେ ଅଦାଲତର ଦ୍ୱାହିଦେଇ ଯେତେ ସ୍ପଷ୍ଟୀକରଣ ଦେଲେ ମଧ୍ୟ ତାହା ଯେ ନିରପେକ୍ଷ, ଏହା କହିହେବ ନାହିଁ । ଦୃଷ୍ଟାନ୍ତ ଭାବେ ନିକଟ ଅତୀତରେ ଗୋଟିଏ ଚର୍ଚ୍ଚରେ ଉପାସନା-ଅଧିକାର ପାଇଁ ଦୁଇ ଖ୍ରୀଷ୍ଟିଆନ୍ ଦଳ ମଧ୍ୟରେ ବିବାଦ ଦେଖାଦେଲା । କୋର୍ଟ ପରିଶେଷରେ ଯେଉଁ ଦଳକୁ ଅଧିକାରରୁ ବଞ୍ଚିତ କଲା ସେଇ ଦଳ ଜୋରଜବରଦସ୍ତ ଗୀର୍ଜାରେ ପ୍ରବେଶ କଲା । ସେତେବେଳେ ରାଜ୍ୟ ସରକାର ଅଦାଲତ ରାୟକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ନୀରବ ରହିଲେ । ବିଜୟନ ଶାସନ ଗାଦିରେ ବସିଥିବାବେଳେ ଏପରି ବେନିୟମ କ୍ରିୟାହୀନତା ତାଙ୍କ ପକ୍ଷପାତିତା ପ୍ରମାଣ କରେ । ତାଙ୍କ ମନପସନ୍ଦ ଅନୁସାରେ ସେ କୋର୍ଟଙ୍କୁ ମାନନ୍ତି, ନଚେତ୍ ଉପେକ୍ଷା କରନ୍ତି । କିନ୍ତୁ ସାବରିମାଲା ରାୟ ସୁପ୍ରିମ୍‌କୋର୍ଟରେ ପୁନର୍ବିଚାର ପାଇଁ ଗୃହୀତ ହୋଇଥିବାବେଳେ ବିଜୟନ ଏତେ ତରବରରେ କଠୋର ହେବା ଠିକ୍ ନୁହେଁ ।

ପୁଣି ଏହି ବିବାଦ ରାଜନୀତିର ମତଲବୀ ଫାନ୍ଦ ଭିତରେ ଫସିଯାଇଛି । ଭାଜପା ପରମ୍ପରାକୁ ସମ୍ମାନ ଦେବା ପାଇଁ ଆନ୍ଦୋଳନରତ ଥିବାବେଳେ ବାମଦଳ ପ୍ରଚଣ୍ଡ ଭାବେ ଏହାର ବିରୋଧୀ । ଦୀର୍ଘତମ ମହିଳା ଧାଡ଼ିର ପ୍ରଯୋଜନା ଏହାର ଦୃଷ୍ଟାନ୍ତ । କଂଗ୍ରେସ ଦଳ ଦୋଦୋପାଞ୍ଚ ହୋଇ ତ୍ରିଶଙ୍କୁ ସ୍ୱର୍ଗରେ ଝୁଲି ରହିଛି । ଏଠାରେ ସ୍ୱାମୀ ବିବେକାନନ୍ଦଙ୍କ ବାକ୍ୟ ସ୍ମରଣୀୟ, ''ଭାରତ ଯଦି ଈଶ୍ୱରଙ୍କ ସନ୍ଧାନରେ ଲାଗିରହେ, ସେ ଅମର ହେବ । କିନ୍ତୁ ସେ ଯଦି ରାଜନୀତି ଓ ସାମାଜିକ ବିବାଦରେ ଛନ୍ଦି ହେବ, ତାହାର ମୃତ୍ୟୁ ଘଟିବ ।'' ଏହା ଆମ ପାଇଁ ଏକ ସତର୍କବାଣୀ । ପରିଶେଷରେ ଆସ୍ଥାକୁ ହେତୁବାଦ ଦ୍ୱାରା ଭସ୍ମୀଭୂତ କରିବା ଏକ ଦୁରୂହ ବ୍ୟାପାର । ମହିଳାଙ୍କ ମାସିକ ଋତୁସ୍ରାବ ଏକ ସ୍ୱାଭାବିକ ଜୈବିକ ପ୍ରକ୍ରିୟା ଏବଂ ଅପବିତ୍ର ନୁହେଁ ବୋଲି ଯେତେ ଯୁକ୍ତି ବାଢ଼ିଲେ ମଧ୍ୟ ଏହା ଏହି କ୍ଷେତ୍ରରେ ଧାର୍ମିକ ବିଶ୍ୱାସକୁ ଅଦ୍ୟାବଧି ହଟାଇବାରେ ସମର୍ଥ ହୋଇନାହିଁ । ତେଣୁ ସରକାର ହୁଅନ୍ତୁ ବା ସାମାଜିକ କର୍ମୀ ସେମାନେ ଜିଦ୍‌ଧରି ନିଜ ମନୋବାଞ୍ଛା ପୂରଣ ପାଇଁ ଦୃଢ଼ପ୍ରତିଜ୍ଞ ହେବା ଯଥାର୍ଥ ନୁହେଁ । ଏହା ହିଂସାକୁ ପ୍ରଶ୍ରୟ ଦେବ ।

ମୋ: ୯୪୩୭୦୨୬୬୫୧

# ଦଳ ଚିନ୍ତାରେ ବୁଡ଼େ ବେଳ



ଅରୁଣ ଦାସ

ଯୁଆଡ଼େ ଯିବେ ଦଳ । ଦଳ କବ୍‌ଜାରୁ ଏଠି କେହି ମୁକ୍ତ ନୁହନ୍ତି । କିଏ କହୁଛି ଆମର ଶାସକ ଦଳ ତ ପୁଣି କିଏ କହୁଛି ଆମର ବିରୋଧୀ ଦଳ । ହାଟରେ, ମଠରେ, ଛକରେ, ଚା ଦୋକାନରେ, ବସ୍‌ରେ, ରେଳରେ, ବିମାନରେ ଏମିତିକି ଫସଲ କିଆରିରେ ମଧ୍ୟ ଦଳ ଆଲୋଚନା ହେବାଟା ଥୟ । ଦଳ ପାଇଁ ହେଉଛି ହଟ୍ଟଗୋଳ । ଦଳ ପାଇଁ ଭାଇ ଭାଇର ସମ୍ପର୍କରେ ଫାଟ । ଦଳ ପାଇଁ ଗାଁ ଦାଣ୍ଡରେ ବାପ ପୁଅର ନାଟ । ତେବେ କୁଆଡୁ ଆସିଲା ଏ ଦଳ ? କିଏ ଏହାର ଜନ୍ମଦାତା ? ଯାହା ଜଣାପଡ଼େ ଆଣ୍ଡ୍ରୁ ଜାକସନ୍ ନାମକ ଜଣେ ମହାଭାଗ ସର୍ବପ୍ରଥମେ ମତଦାନ ପ୍ରକ୍ରିୟାକୁ ଆଧାର କରି ୧୮୨୮ ମସିହାରେ ଆମେରିକାର ଡେମୋକ୍ରାଟିକ ପାର୍ଟି ବା ଦଳର ପ୍ରତିଷ୍ଠା କରିଥିଲେ । ତା' ପରେ ଧୀରେ ଧୀରେ ଛତୁ ଫୁଟିଲା ପରି ସବୁ ଦେଶରେ ଦଳ ସବୁ ଜନ୍ମ ନେଲା । କିଏ ଧର୍ମ ପାଇଁ କାନ୍ଦିଲା ବେଳକୁ ଆଉ କିଏ ଜାତି ପାଇଁ କାନ୍ଦିଲା । କିଏ ଶ୍ରେଣୀ ସଂଘର୍ଷ ଓ ଖଟିଖିଆମାନଙ୍କ ପାଇଁ କାନ୍ଦିଲା ବେଳକୁ କିଏ ମାନବବାଦ ଓ ପ୍ରେମର କାନ୍ଦଣା କାନ୍ଦିଲା । ଯାହା ବି ହେଉ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ଓ ପ୍ରକ୍ରିୟା ସହ ଯାଆଁଳା ଭାଇଟିଏ ପରି ଜନ୍ମ ନେଇଥିଲା ଏଇ ଦଳ ।

କିନ୍ତୁ ସମୟ ଓ ପରିସ୍ଥିତି ଭିନ୍ନରେ ସବୁ ଦଳୀୟ ଆଦର୍ଶ କ୍ରମେ ଚୁଲିକୁ ଗଲା । ହୀନ ରାଜନୀତିର ମଦିରା ପିଇ ଭୋଟ୍ ହାତେଇବା ଲାଳସାରେ ଦଳ ଦଳ ଭିତରେ କାଦୁଅ ଫିଙ୍ଗାଫିଙ୍ଗି ଚାଲିଲା । ସ୍ୱାଧୀନଚେତା, ଅହିଂସା, ରାମରାଜ୍ୟ ଓ ଦେଶ ଗଠନ ପ୍ରଭୃତି ଆଦର୍ଶରେ ଅନୁପ୍ରାଣିତ ହେଉଥିବା ସ୍ୱାଧୀନତା ପୂର୍ବର କଂଗ୍ରେସ ଦଳ ଓ ବିଗତ କିଛିବର୍ଷର କଂଗ୍ରେସ ଦଳ ମଧ୍ୟରେ ସତେଯେମିତି ଆକାଶଛୁଆଁ ଫରକ । ହିନ୍ଦୁତ୍ୱ ମୂଲ୍ୟବୋଧକୁ ନେଇ ଗଢ଼ି ଉଠିଥିବା ଭାରତୀୟ ଜନତା ପାର୍ଟିର କିଛି କର୍ମକର୍ତ୍ତା କିନ୍ତୁ ବେଳେ ବେଳେ ସୃଷ୍ଟି କରି ବସନ୍ତି ସାମ୍ପ୍ରଦାୟିକତାର ଦଙ୍ଗା । ନେତାମାନେ ଭୋଟ୍‌ବାକ୍ସରେ ନିଜ ସପକ୍ଷରେ ମତ ବୃଦ୍ଧି କରାଇବା ପାଇଁ ସାଧାରଣ ଜନତାଙ୍କ ମୁଣ୍ଡରେ ଶସ୍ତା ଦଳୀୟ ଭାବନା ଓ ଆବେଗର ବିଷମଞ୍ଜି ବୁଣନ୍ତି । ନିରୀହ ଜନତା ଯେତେବେଳେ ଦଳୀୟ ଅଫିମ ନିଶାରେ ଚୂରହୋଇ ନିଜ ଭିତରେ ପିଟାପିଟି ହୋଇ ମରନ୍ତି ସେତେବେଳେ ନିଜ ବଙ୍ଗଳାରେ ସ୍ୱାଚ୍ଛନ୍ଦ୍ୟ ଜୀବନ ଜିଉଁଥିବା ନେତାମାନେ କିପରି ଏ କଥାରୁ ରାଜନୀତିକ ଫାଇଦା ନେବେ ସେଥିପାଇଁ ଉତ୍ସୁକ ହୋଇଉଠନ୍ତି । ଏବେ ବହୁ ଯୁବକ ଛାତ୍ର ଜୀବନରୁ ଦଳ ମାୟାରେ ବାୟାହୋଇ ସମୟ ନଷ୍ଟ କରୁଛନ୍ତି । ଉଦ୍‌ଭ୍ରାନ୍ତ ହୋଇ ପ୍ରରୋଚନାରେ ପଡ଼ି ଅଣ୍ଡା, ପଥର ମାଡ଼ କରୁଛନ୍ତି ।

ନେତାମାନଙ୍କଠାରୁ କିଛି କିଛି ଟଙ୍କା ଆଣି ଯୁବକମାନେ ନିଶା ସେବନ କରୁଛନ୍ତି । ହେଲେ କିଛି ବର୍ଷ ବିତିଗଲେ, ନେତାଙ୍କ ସ୍ୱାର୍ଥ ସାଧନ ହୋଇଗଲେ ଏମାନେ ଅଣଦେଖା ହୋଇ ହା ହତାଶାର ଜୀବନ ଜିଉଛନ୍ତି । ସେହିପରି ଗାଁଗହଳିରେ ଲୋକଙ୍କ ମୁଣ୍ଡରେ ଏମିତି ଦଳର ଭୂତ ସବାର ହେଇଛି ଯେ ସେମାନେ ସର୍ବଦା ଖାଲି ଦଳ ଚିନ୍ତାରେ ମଗ୍ନ । ଦସ୍ୟୁ ରତ୍ନାକର ସିନା ମରା ମରା ଜପ କରି ବାଲ୍ମୀକି ପାଲଟିଗଲେ, ଏମାନେ କିନ୍ତୁ ଯେଉଁ ନିଜ ଦଳ ନାଁ ଜପିବାରେ ଲାଗିଛନ୍ତି ଏଥିରେ ସର୍ବନାଶ ହେବା ଛଡା ଅନ୍ୟ ଗତି ନାହିଁ । ଉଜ୍ଜ୍ୱଳ ଆଲୋକ ଶିଖାଟିଏ ସମସ୍ତଙ୍କୁ ଆଲୋକିତ କରୁଥାଏ । କିନ୍ତୁ କୀଟଟିଏ ଉଲ୍ଲସିତ ହୋଇ ତା' ଦେହକୁ ଡେଇଁପଡିଲେ ତା'ର ପ୍ରାଣ ବିସର୍ଜନ ହୋଇଯାଏ । ସେହିପରି ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜନୈତିକ ଦଳ ଏକ ମହତ ଉପାଦାନ । କିନ୍ତୁ ଏହାର ଅର୍ଥ ନୁହେଁ ନିଜର ମୁଖ୍ୟ ଉଦ୍ଦେଶ୍ୟ ଓ କର୍ମକୁ ଭୁଲି ଆମେ ଦଳ ପଛରେ ପାଗଳ ହୋଇ ନିଜର ମୂଲ୍ୟବାନ ସମୟକୁ ନଷ୍ଟକରିବା ।

ଏହାଛଡ଼ା ଆଉ ଗୋଟିଏ ଦଳ ଜନିତ ନୂଆ ରୋଗ ସମସ୍ତଙ୍କୁ ଆକ୍ରାନ୍ତ କରିଛି । ତାହା ହେଲା ସୋସିଆଲ ମିଡ଼ିଆ ବା ଅର୍ଥ ସାମାଜିକ ଗଣମାଧ୍ୟମ । ଏଥିରେ ଉପଲବ୍ଧ ହେଉଥିବା ଫେସ୍‌ବୁକ, ହ୍ୱାଟ୍ସଆପ୍ ଓ ଟୁଇଟର ଇତ୍ୟାଦିରେ ଦଳୀୟ ଆରୋପ ଓ ଦୋଷାରୋପ ନେଇ ଚାଲିଛି ଅଯଥା ଅସଂଯତ ପ୍ରସଙ୍ଗର ପୋଷ୍ଟିଂ । ଏଥିରେ ଯୁବଗୋଷ୍ଠୀ ନିଜର ମୂଲ୍ୟବାନ ସମୟ ନଷ୍ଟ କରି ସକାଳୁ ସଞ୍ଜଯାଏ ମୋବାଇଲ କେଞ୍ଚିବାରେ ନିଜର ବ୍ୟସ୍ତତା ଜାହିର କରୁଛନ୍ତି । ଦଳରେ ଦଳରେ ଏମାନଙ୍କର ବୁଡୁଛି ବେଳ । ମନେ ମନେ ସମସ୍ତେ ବିଚାରୁଛନ୍ତି ଯେ ମୋର ଏଥର ବିଧାୟକ କିମ୍ବା ସାଂସଦଟିଏ ହେବା ଥୟ । ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ । କିନ୍ତୁ ସେଇ ସ୍ତରର କାର୍ଯ୍ୟ ନ କରି କେବଳ ମୋବାଇଲ ପୋଷ୍ଟିଂରେ ନିଜକୁ ବଡ଼ ସମାଜସେବୀ ହିରୋ ଓ ଦଳଭକ୍ତ ଦେଖେଇଲେ କିଏ କ'ଣ ନେତା କିମ୍ବା ମହାନ୍ ବ୍ୟକ୍ତିର ପରିଚୟ ପାଏ ! ଆମେ କ'ଣ ପାଞ୍ଚଜଣ ଏ କଥା କହିବେ । କିନ୍ତୁ ନିଜେ ପିମ୍ପୁଡ଼ି ମାରି ଆମେ ଯଦି ଫେସ୍‌ବୁକ ଇତ୍ୟାଦିରେ ବାଘ ସହ ଲଢ଼େଇ କରି ତାକୁ ମାରିଛୁ ବୋଲି ପୋଷ୍ଟିଂ କରିଦେଉ ତେବେ ଏ କଥାର କାଣିଚାଏ ବି ମୂଲ୍ୟ ରହିବ ନାହିଁ । ବାସ୍ତବରେ ହୀନ ଦଳୀୟ ଭାବନାରେ ପଡି ଆଜି ବହୁ ମଣିଷଙ୍କ ଜୀବନ ବିପର୍ଯ୍ୟସ୍ତ ହୋଇପଡୁଛି । ଅଯଥା ସମୟ ନଷ୍ଟ, ମର୍ଯ୍ୟାଦା ନଷ୍ଟ ଓ ଅନ୍ୟର କୁତ୍ସାରଟନା ଭିତରେ ଗୋଟିଏ ଗୋଟିଏ ଜୀବନ ବଳି ପଡିବା ଛଡା ଏ ଅତ୍ୟଧିକ ଦଳ ପ୍ରେମ ଯେ ଆଉ କିଛି ସୁଫଳ ଦେଉନାହିଁ, ଏ କଥା କହିବା ପୂରାପୂରି ଠିକ୍ ହେବ । କଥାରେ ଅଛି ଅତିରୁ ଇତି । ତେଣୁ ଦଳ ଦଳ ହେଇ ନିଜ ଜୀବନର ଇତି କରିବା ପୂର୍ବରୁ ବିଳମ୍ବରେ ହେଲେ ବି ଥରୁଟିଏ ସୁଧୁରିଯିବା ଶ୍ରେୟସ୍କର ।

ମୋ-୭୮୭୩୭୧୯୦୫୬

## ଏଇ ଭାରତରେ

ଦିଲ୍ଲୀ ଆର୍ଥ ଷ୍ଟେଶନ୍ ନିକଟରେ ରହିଛି ମଲ୍‌ଚା ମହଲ । ଅନେକ ସମୟରେ ଏଠାରେ ଲୋକେ ଆତ୍ମହତ୍ୟା କରୁଥିବାର ମଧ୍ୟ ଶୁଣାଯାଏ । ତେଣୁ ଏହି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି । ରାତିରେ ଏହି ମହଲରୁ ମହିଳାଙ୍କ କାନ୍ଦିବା ଶୁଣାଯାଏ । ଐତିହାସିକ ତଥ୍ୟରୁ ଜଣାଯାଏ ଚତୁର୍ଦ୍ଦଶ ଶତାବ୍ଦୀରେ ଫିରୋଜ ଶାହ ତୋଗଲକ ଏହି ମହଲଟିକୁ ନିର୍ମାଣ କରିଥିଲେ । ବେଗମ୍ ୱିଲାୟାତ୍ ମହଲ ଔଧା ନବାବଙ୍କ ନାତୁଣୀ ଥିଲେ । ନିଜ ପୈତୃକ ସମ୍ପତ୍ତି ଫେରିପାଇବା ପାଇଁ ସେ ଇଂରେଜ ସରକାରଙ୍କ ନାମରେ କେସ୍ କରିଥିଲେ । ଇଂରେଜ ସରକାର ତାଙ୍କୁ ଓ ତାଙ୍କ ପିଲାଙ୍କୁ ମଲ୍‌ଚା ମହଲରେ ରହିବା ପାଇଁ ଅନୁମତି ଦେଇଥିଲେ । ସେତେବେଳେ ରକ୍ଷଣାବେକ୍ଷଣ ଅଭାବରୁ ମଲ୍‌ଚା ମହଲ ଭାଙ୍ଗିରୁଜି ଯାଇଥିଲା । ତେଣୁ ସେଠାରେ ରହିବାକୁ ବେଗମ୍ ୱିଲାୟାତ ନାପସନ୍ଦ କରିଥିଲେ । ଇଂରେଜଙ୍କ ଅପମାନ ସହି ନ ପାରି ବେଗମ୍ ହୀରାଗୁଣ୍ଡ ପିଇ ଆତ୍ମହତ୍ୟା କରିଥିଲେ । ସେ ପଢୁଥିବା ଟେବୁଲ ଉପରେ ମୃତଦେହ ୧୦ ଦିନ ଧରି ପଡିରହିଥିଲା । ମା'ଙ୍କ ବିରହ ବେଦନା ସହି ନ ପାରି ତାଙ୍କ ପୁଅ ରିୟାଜ ଓ ଝିଅ ଶକିନାଙ୍କ ମୃତ୍ୟୁ ଘଟିଥିଲା । ସେମାନଙ୍କ ଅତୃପ୍ତ ଆତ୍ମା ଏବେ ବି ମହଲରେ ଘୂରିବୁଲୁଥିବା ଲୋକମୁଖରୁ ଶୁଣାଯାଏ ।

## ଚିରନ୍ତନୀ

ଚାଲିଥାଏ ସାଥୀମେଳେ ଜୀବନର ତଡ଼ିତ ପ୍ରବାହ,
ଯାଏ ନିଭି କାହିଁ ପୁଣି ମଧ୍ୟାହ୍ନର ତୀବ୍ର ବହ୍ନିଦାହ ।
(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଜାନୁୟାରୀ ୧୯୯୪

- ଆନାପାରବ ତାପଜ ବିଦ୍ୟୁତ୍ କେନ୍ଦ୍ର ତଥା ବକ୍ରେଶ୍ୱର ତାପଜ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ କ୍ଷେତ୍ରରେ ବିନିଯୋଗ ପାଇଁ ଜାପାନର ଭାରତକୁ ୧.୧ ବିଲିୟନ ଡଲାର ଅର୍ଥ ସହାୟତା ।
- ଭାରତ ଏବଂ ସିଙ୍ଗାପୁର ମଧ୍ୟରେ ଦ୍ୱୈତ ଟିକସ ବ୍ୟବସ୍ଥା ପରିହାର ସମ୍ପର୍କରେ ଚୁକ୍ତି ସ୍ୱାକ୍ଷରିତ ।

## ପାଠକ ଶ୍ରେଷ୍ଠ ବିଚାରକ

### ବିପଦରେ ଗଜରାଜ

ମହାଶୟ,

ଜଙ୍ଗଲ ଧ୍ୱଂସ ଫଳରେ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡ଼କୁ ଚାଲି ଆସୁଛନ୍ତି । ମାତ୍ର ଖାଦ୍ୟ ବଦଳରେ ସେମାନେ ଆଘାତପ୍ରାପ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । କେତେକ ଶିକାରୀ ଦାନ୍ତ ଲୋଭରେ ଦନ୍ତାହାତୀ ଶିକାର କରୁଛନ୍ତି । ଏହା ବ୍ୟତୀତ ହାତୀମାନେ ଖାଦ୍ୟ ଖୋଜି ଚାଷଜମିକୁ ଚାଲି ଆସିବା ଫଳରେ ଚାଷଜମିରେ ଥିବା କୂଅ ଓ ବାମ୍ଫିରେ ପଡି ପ୍ରାଣ ହରାଉଛନ୍ତି । ଟ୍ରେନ୍ ଧକ୍କାରେ ଓ ବିଦ୍ୟୁତ୍ ଆଘାତରେ ବି ବହୁ ହାତୀ ପ୍ରାଣ ହରାଉଛନ୍ତି । କିଛି ହାତୀ ଜଙ୍ଗଲ ମଧ୍ୟରେ ରୋଗାକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ ମରୁଛନ୍ତି । ଏପରି ଅବସ୍ଥା ଜାରି ରହିଲେ କିଛିବର୍ଷ ପରେ ହାତୀ ବଂଶ ଲୋପ ପାଇଯିବ । ତେଣୁ ସରକାର ହାତୀବଂଶ ରକ୍ଷା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବା ଉଚିତ ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଶିକ୍ଷାରେ ସଂସ୍କାର ଅଣାଯାଉ

ପିଲାଏ ପରୀକ୍ଷା ଦିଅନ୍ତୁ ବା ନ ଦିଅନ୍ତୁ, ଫେଲ୍ ନାହିଁ । ତା'ହେଲେ ପିଲା କାହିଁକି ପଢ଼ିବେ ? ସ୍କୁଲଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି । ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିବାକୁ ନିଃଶୁଳ୍କ ଫୋନ୍ ନମ୍ବର ଅଛି । ଆଗରୁ ଶିକ୍ଷକ ପିଲାଙ୍କୁ ଶାସନ କରି ମଣିଷ କରୁଥିଲେ । ନେତା, ମନ୍ତ୍ରୀ, ଅଫିସରମାନେ ନିଜ ପିଲାଙ୍କୁ ଇଂଲିଶ ମିଡିୟମ୍ ସ୍କୁଲରେ ପଢ଼ାଉଛନ୍ତି । ସମସ୍ତ ମନ୍ତ୍ରୀ, ନେତା, ଅଫିସର ଏବଂ କର୍ମଚାରୀଙ୍କୁ ଯଦି ବାଧ୍ୟ କରାଯାନ୍ତା ସେମାନେ ନିଜ ନିଜର ପିଲାମାନଙ୍କୁ ସରକାରୀ ବିଦ୍ୟାଳୟରେ ପଢ଼ାନ୍ତେ । ଫଳରେ ସ୍କୁଲର ଭାଗ୍ୟ ବଦଳିଯାନ୍ତା । ଶିକ୍ଷକମାନେ ପ୍ରସ୍ତୁତ ହୋଇ ସ୍କୁଲକୁ ଆସନ୍ତେ । ସ୍କୁଲର ପରିବେଶ ଏବଂ ପରିସ୍ଥିତି ଚଳଚଞ୍ଚଳ ହୋଇଉଠନ୍ତା । ଏହାକୁ କାର୍ଯ୍ୟକାରୀ କରିବାରେ ଝାଡ଼ଖଣ୍ଡର ଦୁଇଜଣ କଲେକ୍ଟର (ସ୍ୱାମୀ ଓ ସ୍ତ୍ରୀ) ନିତିନ ଭାଦୁରିଆ ଏବଂ ସ୍ୱାତୀ ଶ୍ରୀବାସ୍ତବ ନିଜର ଏକମାତ୍ର ଶିଶୁପୁତ୍ରକୁ ଅଙ୍ଗନୱାଡ଼ି ସ୍କୁଲରେ ନାମ ଲେଖାଇ ଆଦର୍ଶ ସୃଷ୍ଟି କରିଛନ୍ତି । ତାଙ୍କର ଏହି ଆଦର୍ଶକୁ କେତେଜଣ ସରକାରୀ ଅଫିସର ଓ ରାଜନେତା ଅନୁସରଣ କରୁଛନ୍ତି, ତାହା କେବଳ ସମୟ କହିବ ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପୋଲିସ ରାସ୍ତାରେ ଚାଲିବେ ଛାତ୍ରୀଛାତ୍ର। ପୋଲିସର କର୍ତ୍ତବ୍ୟ, ଦାୟିତ୍ୱ, ଆଇନକାନୁନ, ଆପରାଧିକ କାର୍ଯ୍ୟର ଦଣ୍ଡବିଧାନ ଏବଂ ପୋଲିସ ପାଇଁ ଥିବା ଚ୍ୟାଲେଞ୍ଜ ବିଷୟରେ ଛାତ୍ରୀଛାତ୍ରମାନେ ଜାଣିବେ ଏବଂ ସଚେତନ ହେବେ। ଷ୍ଟୁଡେଣ୍ଟ ପୋଲିସ କ୍ୟାଡର ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଲାଗି ଏଭଳି ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ପରିସରରେ ଗୁରୁବାର ଷ୍ଟୁଡେଣ୍ଟ ପୋଲିସ କ୍ୟାଡର ବ୍ୟବସ୍ଥାର ଶୁଭାରମ୍ଭ ଅବସରରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଗୃହ ବିଭାଗ) ଅସିତ ତ୍ରିପାଠୀ ଏହା କହିଛନ୍ତି।

## ସଂକ୍ଷେପରେ

### ପୋଲସରା ବିଧାୟକଙ୍କ ମିଥ୍ୟା ସତ୍ୟପାଠ ମାମଲା

### ତଦନ୍ତ କରି ନିଷ୍ପତ୍ତି ନେବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ

**କଟକ ଅଫିସ, ୨୪।୧:** ମିଥ୍ୟା ସତ୍ୟପାଠ ମାମଲାକୁ ନେଇ ଅଡୁଆରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ। ବିଧାୟକ ସାହୁ ନିର୍ବାଚନୀ ସତ୍ୟପାଠରେ ତାଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ମିଥ୍ୟା ତଥ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ନିର୍ବାଚନ କମିଶନରଙ୍କୁ ୩ ମାସ ମଧ୍ୟରେ ତଦନ୍ତ କରି ଆବଶ୍ୟକ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀ ପ୍ରଶାନ୍ତ ନାୟକ ପିଟିଶନରେ ଉଲ୍ଲେଖ କରିଥିଲେ ଯେ, ବିଧାୟକ ସାହୁଙ୍କ ଶିକ୍ଷାଗତ ଯୋଗ୍ୟତା ନବମ ଶ୍ରେଣୀ ହୋଇଥିବାବେଳେ ସତ୍ୟପାଠରେ ସେ ଦଶମ ପାସ୍ କରିଥିବା ଦର୍ଶାଇଛନ୍ତି। ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ଯଦି ନିର୍ବାଚିତ ପ୍ରତିନିଧି ମିଥ୍ୟା ସତ୍ୟପାଠ ଦାଖଲ କରନ୍ତି ତେବେ ସେମାନଙ୍କ ପଦବୀକୁ ଅଯୋଗ୍ୟ ଘୋଷିତ କରାଯିବ। ତେଣୁ ବିଧାୟକ ସାହୁଙ୍କ ପଦବୀକୁ ଅଯୋଗ୍ୟ ଘୋଷଣା କରିବାକୁ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

# କେନ୍ଦ୍ର ସରକାରଙ୍କୁ ନବୀନଙ୍କ ଟାର୍ଗେଟ

## ■ ପୁଅ ବିଶାଳଙ୍କ ସହ ନବ ଦାସ ବିଜେଡିରେ ସାମିଲ

**ଝାରସୁଗୁଡ଼ା ଅଫିସ,୨୪।୧**



ବିଜେଡି ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳରେ ସାମିଲ ହୋଇଥିବା ବିଧାୟକ ନବ ଦାସ ଓ ଅନ୍ୟମାନେ।

ଗୁରୁବାର ଝାରସୁଗୁଡ଼ା ଅମଲିପାଲି ପଡ଼ିଆରେ ଆୟୋଜିତ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନକୁ ନେଇ କରାଯାଉଥିବା ପୂର୍ବାନୁମାନ ସତ ହୋଇଛି। ଯେଉଁ ଅମଲିପାଲି ପଡ଼ିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ, ସେଇଠି ସମାବେଶ କରି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ ଉଠାଇ କଡ଼ା ଜବାବ ଦେଇଛନ୍ତି। କେନ୍ଦ୍ରୀୟ ଅବହେଳାକୁ ଆଉ ବରଦାସ୍ତ କରାଯିବ ନାହିଁ। କିଛିଦିନ ପୂର୍ବରୁ ଝାରସୁଗୁଡ଼ାରେ ନୂଆ ବିମାନବନ୍ଦର ଉଦ୍‌ଘାଟନ ହେଲା। କେନ୍ଦ୍ର ସରକାରଙ୍କ ବହୁ ପ୍ରଚାର କରାଗଲା। ହେଲେ ବିମାନ ଉଡ଼ିପାରିଲା ନାହିଁ। ଓଡ଼ିଶା ସରକାର ପାଣ୍ଠି ଦେବେ, କେନ୍ଦ୍ର ସରକାର ବିମାନ ସେବା ପ୍ରଦାନ କରନ୍ତୁ ବୋଲି ମଧ୍ୟ କୁହାଯାଇଥିଲା। କିନ୍ତୁ କିଛି ହେଲା ନାହିଁ। ବିମାନ ସେବା ନ ହେଲା ନାହିଁ, ଲୋକଙ୍କ ସୁବିଧା ପାଇଁ ଭୁବନେଶ୍ୱର-ଝାରସୁଗୁଡ଼ା ମଧ୍ୟରେ ଏକ ଶତାବ୍ଦୀ ଏକ୍ସପ୍ରେସ ଚଳାଚଳ କରିବାକୁ ଦାବି କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅଞ୍ଚଳରେ ବହୁତ କୋଇଲା ଖଣି ଅଛି। ସେଥିରୁ କେନ୍ଦ୍ର ସରକାର ବହୁ ରାଜସ୍ୱ ଆଦାୟ କରୁଛନ୍ତି। କୋଇଲା କ୍ଷେତ୍ରରେ ରାଜ୍ୟ ଅଂଶର ରୟାଲଟି ହାରକୁ ରିଭାଇଜ୍ କରିବା ପାଇଁ ବହୁବାର ଦାବି କରାଯାଇଛି। ଏହି ଦାବି ସମାଧାନ ୫ ମିନିଟ୍‌ରେ ହୋଇପାରିବ, କିନ୍ତୁ ୨୦୧୫ରୁ ଦାବି ହେଉଥିଲେ ମଧ୍ୟ ଏହି ରିଭାଇଜ୍ କରାଯାଉନାହିଁ, ଯେଉଁଥିପାଇଁ ରାଜ୍ୟ ବହୁ ରାଜସ୍ୱ ହରାଉଛି। ଆମେ କେବଳ ପ୍ରଦୂଷଣ ପାଉଛି। ଏହାକୁ ଆଉ ବରଦାସ୍ତ କରାଯିବନି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ପୂର୍ବତନ କଂଗ୍ରେସ ବିଧାୟକ ତଥା ପିସିସି କାର୍ଯ୍ୟକାରୀ ସଭାପତି ନବ କିଶୋର ଦାସ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି। ବିଧାୟକଙ୍କ ସହ ତାଙ୍କ ପୁଅ ବିଶାଲ ଦାସ, ୮ ଜିଲା ପରିଷଦ, ୫ ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ବହୁ ସଂଖ୍ୟକ କଂଗ୍ରେସ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ବିଜେଡିରେ ମିଶିଛନ୍ତି। ବିଜେଡି ସଭାପତି ପଟ୍ଟନାୟକ ନବଙ୍କୁ ଦଳୀୟ ଉତ୍ତରୀୟ ଏବଂ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ନବଙ୍କୁ ଭଲ ସଙ୍ଗଠକ ବୋଲି ଅଭିହିତ କରିବା ସହ ତାଙ୍କ ଯୋଗଦାନ ଝାରସୁଗୁଡ଼ା ବିଜେଡିକୁ ଆହୁରି ମଜଭୁତ୍ କରିବ ବୋଲି କହିଥିଲେ। ଦଳ ବଦଳ ବେଳେ ନବଙ୍କ ସ୍ୱର ବଦଳିଯାଇଛି। ଝାରସୁଗୁଡ଼ାବାସୀଙ୍କ ଅନୁରୋଧ ରକ୍ଷାକରି ବିଜେଡିରେ ମିଶୁଛନ୍ତି ବୋଲି କହିଛନ୍ତି। ଏହି ଅବସରରେ ସେ କହିଥିଲେ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ରହିଛି। ସ୍ୱାସ୍ଥ୍ୟ, କୃଷିକ୍ଷେତ୍ର ଏବଂ ଅନ୍ୟାନ୍ୟ ବିକାଶ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ବିଚାରକରି ମୁଁ ବିଜେଡିରେ ମିଶିଛି। ଦୀର୍ଘଦିନ ଧରି ଲୋକଙ୍କ ଅନୁରୋଧ କହି ଭୋଟରଙ୍କୁ ଭକୁଆ ବନାଉଥିବା ବିଧାୟକ ଅମଲିପାଲି ସଭାରେ ସତକଥା କହିଥିଲେ। ଆଗାମୀ ଦିନରେ ନବୀନଙ୍କ ନେତୃତ୍ୱରେ ଝାରସୁଗୁଡ଼ାର ବିକାଶ ତ୍ୱରାନ୍ୱିତ ହେବ ବୋଲି ବିଧାୟକ ଦାସ କହିଥିଲେ।

ଏହି ଦଳୀୟ କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ଡା. ପ୍ରଭାସ ସିଂ, ବିଜେଡି ଜିଲା ସଭାପତି କିଶୋର କୁମାର ମହାନ୍ତି, କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ରେଙ୍ଗାଲି ବିଧାୟକ ରମେଶ ପଟୁଆ, ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଶାନ, ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ଅନୁପ ସାଏ, ବିଜେଡି ନେତା ରବି ପାଣି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୬୧୮ କୋଟି ୬୬ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ କରିଥିଲେ। ଝାରସୁଗୁଡ଼ାରେ ହେବାକୁ ଥିବା ୧୪୫ କୋଟି ଟଙ୍କାର କ୍ୟାନସର କେୟାର ହସ୍‌ପିଟାଲର ଶିଳାନ୍ୟାସ ହୋଇଥିଲା।

## ■ ରୋଗୀଙ୍କୁ ଦେଲେନି

# ଏକ୍ସପାଏରି ହୋଇଗଲା ୯୦ ହଜାର ଇଞ୍ଜେକ୍ସନ

**କଟକ ଅଫିସ, ୨୪।୧ (ନିର୍ମଳ ପଣ୍ଡା)**

■ ଚିକିତ୍ସା ପାଇଁ ମହଜୁଦ ନାହିଁ କେ-୧ ଇଞ୍ଜେକ୍ସନ

■ ନବଜାତ ଶିଶୁଙ୍କ ଚିକିତ୍ସା ସେବାକୁ ନେଇ ଉଠିଲା ପ୍ରଶ୍ନ





ହଜାରରୁ ଊର୍ଦ୍ଧ୍ୱ ଭିଟାମିନ କେ-୧ ଇଞ୍ଜେକ୍ସନ ଏକ୍ସପାଏରି ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ କଲେଜଗୁଡ଼ିକରେ ଏହି ଇଞ୍ଜେକ୍ସନ ବ୍ୟବହାର କରା ନ ଯିବା ଫଳରେ ଏହାର ଅବଧି ଶେଷ ହୋଇଯାଇଥିବା ଜଣାପଡ଼ିଛି। ଏ ନେଇ ରାଜ୍ୟ ପରିବାର ମଙ୍ଗଳ ନିର୍ଦ୍ଦେଶାଳୟ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡାକ୍ତର କେ.କେ. ଦାସ ଏସ୍‌ସିବି ମେଡିକାଲ ସମେତ ରାଜ୍ୟର ସମସ୍ତ ମେଡିକାଲ କଲେଜ, କ୍ୟାପିଟାଲ ହସ୍ପିଟାଲ, ଶିଶୁ ଭବନ ଓ ସମସ୍ତ ସିଡିଏମ୍‌ଓଙ୍କଠାରୁ ରିପୋର୍ଟ ମାଗିଛନ୍ତି।

ଅତିରିକ୍ତ ନିର୍ଦ୍ଦେଶକ ଦାସ ଡିସେମ୍ବର ୨୯ରେ ଚିଠି କରିଥିଲେ ଯେ, ୨୦୧୮ ଅକ୍ଟୋବରରେ ୫୭ ହଜାର ୭୧୨ ଭିଟାମିନ କେ-୧ ଇଞ୍ଜେକ୍ସନ ଏକ୍ସପାଏରି ହୋଇଛି। ଡିସେମ୍ବର ୩୧ ସୁଦ୍ଧା ଆଉ ୩୨ ହଜାର ୩୫୦ ଇଞ୍ଜେକ୍ସନର ଏକ୍ସପାଏରି ହେବାକୁ ଯାଉଛି। ତେଣୁ ୨୦୧୯ ଜାନୁୟାରୀ ୫ ସୁଦ୍ଧା ଏ ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ଚିଠିରେ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଅଦ୍ୟାବଧି ଏସ୍‌ସିବି ମେଡିକାଲ ପକ୍ଷରୁ ରିପୋର୍ଟ ପଠାଯାଇ ନାହିଁ। କେବଳ ଏସ୍‌ସିବିରେ ୨୫୦୦ ଭିଟାମିନ କେ-୧ ଇଞ୍ଜେକ୍ସନ ଏକ୍ସପାଏରି ହୋଇଥିବା ଜଣାପଡିଛି। ଏତେ ପରିମାଣର ଇଞ୍ଜେକ୍ସନ ଏକ୍ସପାଏରି ହୋଇଯାଇଥିବାରୁ ଔଷଧ ନିଗମ ପକ୍ଷରୁ ମଧ୍ୟ ଏହାର ଯୋଗାଣ ବନ୍ଦ କରାଯାଇଛି। ଫଳରେ ଏବେ ଏସ୍‌ସିବି ଏସ୍‌ଏନ୍‌ସିୟୁ (ସିକ୍ ନିଓନାଟାଲ କେୟାର ୟୁନିଟ୍) ସମେତ ବିଭିନ୍ନ ମେଡିକାଲରେ ଏହି ଇଞ୍ଜେକ୍ସନର ଘୋର ଅଭାବ ଦେଖାଦେଇଛି। ଭିଟାମିନ କେ-୧ ଇଞ୍ଜେକ୍ସନ ଶିଶୁ ଜନ୍ମ ପରେ ନିତ୍ୟାନ୍ତ ଆବଶ୍ୟକ ହୋଇଥାଏ। ଅଧିକାଂଶ ସମୟରେ ଶିଶୁଙ୍କ ନାହି କାଟିବା ପରେ ରକ୍ତସ୍ରାବ ବନ୍ଦ ହୋଇ ନ ଥାଏ। ଏହାବାଦ ଶରୀରର ଆଭ୍ୟନ୍ତରୀଣ ଅଙ୍ଗରୁ ମଧ୍ୟ ଜନ୍ମ ପରେ ରକ୍ତସ୍ରାବ ହୋଇଥାଏ। କେ-୧ ଇଞ୍ଜେକ୍ସନ ଦ୍ୱାରା ଏହି ରକ୍ତସ୍ରାବ ବନ୍ଦ ହୋଇଯାଏ। ଏପରିସ୍ଥଳେ ଏଭଳି ଗୁରୁତ୍ୱପୂର୍ଣ୍ଣ ଇଞ୍ଜେକ୍ସନ ଚିକିତ୍ସାରେ ନ ଲାଗି ଏକ୍ସପାଏରି ହୋଇଯିବା ବିଭାଗୀୟ ଅପାରଗତା ଓ ଚିକିତ୍ସା କ୍ଷେତ୍ରର ପରିଚାଳନାଗତ ତ୍ରୁଟିକୁ ପଦାରେ ପକାଇଛି।

ଏସ୍‌ସିବି ମେଡିକାଲରୁ ମିଳିଥିବା ତଥ୍ୟ ମୁତାବକ, ପ୍ରତିଦିନ ଏଠାରେ ୫୦ରୁ ୬୦ ମହିଳା ପ୍ରସବ କରିଥାନ୍ତି। ଅଧିକାଂଶ ନବଜାତ ଶିଶୁଙ୍କୁ ଏସ୍‌ଏନ୍‌ସିୟୁକୁ ନିଆଯାଇ ଭିଟାମିନ କେ-୧ ଇଞ୍ଜେକ୍ସନ ଦିଆଯାଇଥାଏ। ଗତ ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ଏସ୍‌ଏନ୍‌ସିୟୁରେ ୭୦୭ ଶିଶୁ ଆଡ୍‌ମିଶନ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୭ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଭିଟାମିନ କେ-୧ ଅଭାବରୁ ଏହି ଶିଶୁଙ୍କର ମୃତ୍ୟୁ ଘଟିଛି କି ନାହିଁ ତାହାର ସମୀକ୍ଷା କରାଯାଇ ନାହିଁ। ମେଡିକାଲର ଷ୍ଟୋର୍ ଦାୟିତ୍ୱରେ ଥିବା ଜନୈକ ଅଧିକାରୀଙ୍କ କହିବାନୁଯାୟୀ ଭିଟାମିନ କେ-୧ ଇଞ୍ଜେକ୍ସନ ଡାକ୍ତରମାନେ ମାଗି ନ ଥିଲେ। ତେଣୁ ଏହା ପଡ଼ି ପଡ଼ି ନଷ୍ଟ ହୋଇଗଲା। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କୁହନ୍ତି, କ'ଣ ପାଇଁ ଏପରି ହେଲା ତାହାର ତର୍ଜମା କରାଯିବ। ମେଡିକାଲ ୱେୟାର ହାଉସ ଓ ଷ୍ଟୋର ସହିତ ଆଲୋଚନା କରାଯାଇ ସମୀକ୍ଷା ହେବ ବୋଲି ବେହେରା କହିଛନ୍ତି। ଶିଶୁଭବନ ଅଧୀକ୍ଷକ ପ୍ରଫେସର ସରୋଜ ଶତପଥୀଙ୍କୁ ପଚାରିବାରୁ ସେ ଭିଟାମିନ କେ-୧ର ଷ୍ଟାଟସ୍ କ'ଣ ଅଛି ତାହା ବୁଝିବା ପରେ କହିବି ବୋଲି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ୨୦୧୪ରେ ଏକ୍ସପାଏରି ମେଡିସିନକୁ ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ସିଏଜି ରିପୋର୍ଟ ଅନୁଯାୟୀ, ୨୦୦୭ରୁ ୨୦୧୩ ମଧ୍ୟରେ ୩୧ ପ୍ରକାରର ଏକ୍ସପାଏରି ମେଡିସିନ ରୋଗୀଙ୍କୁ ଦିଆଯାଇଥିଲା। ଏବେ ଏକ୍ସପାଏରି ହୋଇଯାଇଥିବା ଭିଟାମିନ କେ-୧ ଇଞ୍ଜେକ୍ସନକୁ ଶିଶୁମାନଙ୍କୁ ଦିଆଯାଉନି ତ ବୋଲି ପ୍ରଶ୍ନ ଉଠୁଛି।

# ପୋଲିସ ନିଷ୍କ୍ରିୟ, ଅଭିଯୁକ୍ତ ଦେଉଛନ୍ତି ଧମକ

**କଟକ ଅଫିସ, ୨୪।୧**

ନୟାଗଡ ଜିଲା ଖଣ୍ଡପଡା ଅଞ୍ଚଳର ଜଣେ ବଳାତ୍କାର ପୀଡ଼ିତା ନାବାଳିକା ଗୁରୁବାର ପୋଲିସ ଡିଜିଙ୍କୁ ଭେଟି ନ୍ୟାୟ ଓ ସୁରକ୍ଷା ମାଗିଛନ୍ତି। ଏଥିସହ ଖଣ୍ଡପଡ଼ା ପୋଲିସ ବିରୋଧରେ ଅଭିଯୋଗ ଆଣିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଘଟଣା ସମ୍ପର୍କରେ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସ୍ଥାନୀୟ ସିଂହପଡା ଅଞ୍ଚଳର ଶ୍ରୀଧର ନାୟକଙ୍କ ନାଁରେ ଏକ ମାମଲା (କେସ ନମ୍ବର ୧୫/୧୯) ରୁଜୁ କରିଥିଲା। ମାତ୍ର ମାମଲାର ୭ ଦିନ ପରେ ବି ପୋଲିସ ଅଭିଯୁକ୍ତଙ୍କ ବିରୋଧରେ

**ଡିଜିପିଙ୍କୁ ଭେଟିଲେ ବଳାତ୍କାର ପୀଡ଼ିତା**

କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ପୋଲିସର ନିଷ୍କ୍ରିୟତା ଯୋଗୁ ଅଭିଯୁକ୍ତଙ୍କ ପରିବାର ପକ୍ଷରୁ କେସ୍ ଉଠାଇଦେବା ପାଇଁ ତାଙ୍କ ଘର ଲୋକଙ୍କ ଉପରେ ଚାପ ପକାଯାଉଛି। ଏପରିକି କେସ୍ ଉଠାଇବା ପାଇଁ ୫ ଲକ୍ଷ ଟଙ୍କା ନିଅ, ନଚେତ ବଳାତ୍କାର ସମୟର ଭିଡିଓକୁ ଭାଇରାଲ କରିବାକୁ ଧମକ ଦିଆଯାଉଛି। ଏଭଳି ଧମକ ପରେ ପୀଡ଼ିତା ଓ ତାଙ୍କ ପରିବାର ଲୋକେ ଘର ଛାଡ଼ି ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

ଗୁରୁବାର ଭାରତୀୟ ଜନତା ଯୁବ ମୋର୍ଚ୍ଚା ବାଇମୁଣ୍ଡି ମଣ୍ଡଳର ଏକ ପ୍ରତିନିଧି ଦଳ ପୀଡିତାଙ୍କୁ ସାଙ୍ଗରେ ଧରି ଡିଜିପିଙ୍କ ସହ ସାକ୍ଷାତ କରାଇବା ସହ ତାଙ୍କୁ ନ୍ୟାୟ ଓ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଡିଜିପିଙ୍କ ନିକଟରେ ଦାବି କରିଛନ୍ତି। ପ୍ରଶାନ୍ତ ଦାସଙ୍କ ନେତୃତ୍ୱରେ ଦେବାଶିଷ ଘୋଷ, ସାର୍ଥକ ରାୟ, ଅୟେସକାନ୍ତ କାନୁନ୍‌ଗୋ ଓ ଶ୍ରୀନିବାସ ମହାନ୍ତି ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ। ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲେ ଅଗାମୀ ଦିନରେ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।





## ■ ସମୁଦ୍ରରେ ଦୁଇ ଜାହାଜ ଜଳିଯିବା ଘଟଣା

# ସମ୍ବଲପୁର ଯୁବକ ଏବେ ବି ନିଖୋଜ

**ସମ୍ବଲପୁର,୨୪।୧(ବ୍ୟୁରୋ)**



ସିଦ୍ଧାର୍ଥ ମେହେର

■ ୩୨ରୁ ୧୪ ଜଣଙ୍କ ମୃତ୍ୟୁ ସୂଚନା

■ ୧୨ ଜଣଙ୍କୁ ଉଦ୍ଧାର କରାଯାଇଛି

■ ଭାରତୀୟଙ୍କ ଭିତରେ ୨ ଓଡ଼ିଆ

କ୍ରିମିଆ ଉପଦ୍ୱୀପ ଓ ରୁଷିଆ ମଧ୍ୟରେ କୃଷ୍ଣ ସାଗର ଓ ଆଜୋଭ ସାଗରକୁ ସଂଯୋଗ କରୁଥିବା କର୍ଚ ପ୍ରଣାଳୀ ନିକଟରେ ସୋମବାର ୨ ଜାହାଜ ମଧ୍ୟରେ ଦୁର୍ଘଟଣା ଘଟି ଜଳି ଯାଇଛି। ଇନ୍ଧନ ଅଦଳ ବଦଳ କରୁଥିବାବେଳେ ତାଞ୍ଜାନିଆର କାଣ୍ଡି ଓ ମାଇଷ୍ଟ୍ରୋ ନାମକ ଦୁଇଟି ଜାହାଜ ଏପରି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଥିରେ ୩୨ ଜଣ ନାବିକ ଥିଲେ। ସେଥିରୁ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ୧୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟମାନଙ୍କ ଖୋଜ ଖବର ମିଳିପାରିନାହିଁ। ଅନ୍ୟପକ୍ଷେ ଏଥିରେ କେତେକ ଭାରତୀୟ ଥିଲେ। ସେମାନଙ୍କ ମଧ୍ୟରୁ ଜାହାଜରେ ୨ ଜଣ ଓଡ଼ିଆ କାମ କରୁଥିଲେ। ସେମାନେ ହେଲେ ସିଦ୍ଧାର୍ଥ ମେହେର (୨୫) ଓ ଦେବରାଜ ପାଣିଗ୍ରାହୀ (ରାଜା)। ଦେବରାଜଙ୍କ ସମ୍ପୂର୍ଣ୍ଣ ଠିକଣା ତଥା ପରିଚୟ ମିଳିନି। ସିଦ୍ଧାର୍ଥଙ୍କ ଘର ବରଗଡ ଜିଲା କାଦୋବାହାଲରେ। ନାରାୟଣ ମେହେର ଓ ଗୀତାଞ୍ଜଳି ମେହେରଙ୍କ ସେ ଏକ ମାତ୍ର ପୁଅ। ନାରାୟଣ ପିପିଏଲ ଆଞ୍ଚଳିକ ପ୍ରବନ୍ଧକ ଭାବେ କାମ କରନ୍ତି। ସମ୍ବଲପୁର ସହରରେ ଏକ ଫ୍ଲାଟ ନେଇ ସେ ସ୍ତ୍ରୀଙ୍କ ସହ ରହୁଛନ୍ତି। ଜାହାଜ ଦୁର୍ଘଟଣା ସମ୍ପର୍କରେ ଖବର ପାଇଥିଲେ ବି ୩ ଦିନ ହେଲା ପୁଅର ଖବର ପାଇ ନାହାନ୍ତି। ଏଣୁ ଆଶା ଆଶଙ୍କାରେ ମେହେର ଦମ୍ପତି ଓ ତାଙ୍କ ସମ୍ପର୍କୀୟମାନେ ରହିଛନ୍ତି। ନାରାୟଣ କହିଛନ୍ତି, ପୁଅ ଯେଉଁ କମ୍ପାନୀରେ କାମ କରନ୍ତି ସେ ଉକ୍ତ କମ୍ପାନୀ ସହିତ ଯୋଗାଯୋଗରେ ରହିଛନ୍ତି। ହେଲେ ଉଦ୍ଧାର କାର୍ଯ୍ୟ ଚାଲିଥିବା କମ୍ପାନୀ କର୍ତ୍ତୃପକ୍ଷ କହୁଛନ୍ତି। ସୂଚନାଯୋଗ୍ୟ, ଚେନ୍ନାଇରେ ପାଠ ପଢା ସାରି ସିଦ୍ଧାର୍ଥ ଗତ ବର୍ଷ ଏପ୍ରିଲ ମାସରେ ଉକ୍ତ କମ୍ପାନୀରେ ଯୋଗ ଦେଇଥିଲେ। ବର୍ଷେ କାମ କରିବାକୁ ଚୁକ୍ତି କରିଥିଲେ। ୧୦ ମାସ କାମ କରିଥିଲେ।



## ସଂକ୍ଷେପରେ

### ଆୟକର ଦାଖଲରେ ପାରାଦୀପ ପଛୁଆ



**ପାରାଦୀପ,୨୪।୧(ସ୍ୱ.ପ୍ର.):** ପାରାଦୀପ ଶିଳ୍ପାଞ୍ଚଳକୁ ଦେଶର ଅର୍ଥନୈତିକ ମୁଖଶାଳା ବୋଲି କେନ୍ଦ୍ର ସରକାର ବହୁବାର ଘୋଷଣା କଲେଣି। କିନ୍ତୁ ଆୟକର ଆଦାୟ କ୍ଷେତ୍ରରେ ପାରାଦୀପ ରାଜ୍ୟର ସବୁଠାରୁ ପଛୁଆ ବୋଲି ଖୋଦ୍ ଆୟକର ଆୟୁକ୍ତ କଟକ ଡିଭିଜନର ଦେବେନ୍ଦ୍ର ନାରାୟଣ କର ପ୍ରକାଶ କରିଛନ୍ତି। ଏପରି ନକରାତ୍ମକ ଆୟକର ରିଟର୍ନ ଫାଇଲକୁ ନେଇ ଗୁରୁବାର ପାରାଦୀପ ଆୟକର କାର୍ଯ୍ୟାଳୟରେ ଏକ ସଚେତନତା କର୍ମଶାଳା ହୋଇଥିଲା। ଏଥିରେ ଆୟୁକ୍ତ କର ଯୋଗଦେଇ ଉପରୋକ୍ତ ସୂଚନା ଦେଇଛି। ଏଥିପାଇଁ ସେ ପାରାଦୀପର ସମସ୍ତ ଶିଳ୍ପ ସଂସ୍ଥାର ପ୍ରତିନିଧି, ବ୍ୟବସାୟୀ, ଟ୍ୟାକ୍ସ ହୋଲ୍ଡର, ଟ୍ୟାକ୍ସ କଲେକ୍ସନ କରୁଥିବା ଆଇନଜୀବୀଙ୍କୁ ନେଇ ଏହି କର୍ମଶାଳା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ଆୟକର ଆୟୁକ୍ତ ଜିତେନ୍ଦ୍ର କୁମାର ଲେଙ୍କା, ଆୟକର ଅଧିକାରୀ ଭାଗିରଥୀ ବେହେରା, ବସନ୍ତ କୁମାର ବେହେରା, ଆଇନଜୀବୀ ହେମନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆୟୁକ୍ତ କର ଦର୍ଶାଇଥିଲେ ଯେ ଶିଳ୍ପ ସଂସ୍ଥା ଓ ସେଠାରେ କାମ କରୁଥିବା ବ୍ୟବସାୟୀ ସେମାନଙ୍କ ଧାର୍ଯ୍ୟ ବ୍ୟବସାୟଠାରୁ କମ୍ ଦର୍ଶାଇ ଆୟକର ରିଟର୍ନ କରୁଛନ୍ତି। ଏଥିସହ ବେତନଭୋଗୀ କର୍ମଚାରୀ, ମାଛଧରା ଟ୍ରଲର ମାଲିକ, ଟ୍ରକ୍ ମାଲିକ ଓ ଅନ୍ୟ ବ୍ୟବସାୟୀମାନେ ଆୟକର ଦେଉନାହାନ୍ତି। ଯେଉଁମାନେ ଦେଉଛନ୍ତି ସେମାନେ ମୂଳ ଅର୍ଥଠାରୁ କମ୍ ଦର୍ଶାଇ ଫାଙ୍କୁଛନ୍ତି। ଆୟକର ଅଧିକାରୀ ଏହାର ନିୟମିତ ଯାଞ୍ଚ କରିବେ। ଯେଉଁଠାରେ ତ୍ରୁଟି ଧରାପଡିବ ସେଠାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଧନୁଯାତ୍ରାରେ ରାଜଶ୍ରୀ ହେଲେ ରୋହିଣୀ

**ତିର୍ତ୍ତୋଲ,୨୪।୧(ଡି.ଏନ.ଏ.):** ତିର୍ତ୍ତୋଲର ସାଂସ୍କୃତିକ ଓ ସାହିତ୍ୟ ସଂଗଠନ ରତ୍ନପର୍ଣ୍ଣା କଳା ସାହିତ୍ୟ ସଂସଦର ସମ୍ପାଦିକା ତଥା କୋଲର ପଞ୍ଚାୟତ ଦଶମାଣକୂଳସ୍ଥିତ ଶ୍ରୀମା ମହିଳା ବିଦ୍ୟାଳୟର ଅଧାପିକା ରାଜଶ୍ରୀ ସ୍ୱାଇଁ ବରଗଡ ଧନୁଯାତ୍ରାରେ ଅଭିନୟ କରି ଫେରିଛନ୍ତି। ବରଗଡର ଐତିହାସିକ ଧନୁଯାତ୍ରାର ମୁକ୍ତ ଆକାଶ ରଙ୍ଗ ମଞ୍ଚରେ ସେ ରାଣୀ ରୋହିଣୀ ଭୂମିକାରେ ଅଭିନୟ କରିଥିଲେ। ନିଜ ଅଭିନୟ ପ୍ରଦର୍ଶନରେ ସେ ଦର୍ଶକମାନଙ୍କ ପ୍ରଂଶସାର ପାତ୍ରୀ ହେବା ସହ ତିର୍ତ୍ତୋଲ ତଥା ଜଗତ୍‌ସିଂହପୁର ଜିଲାର ଗୌରବ ବୃଦ୍ଧି କରିଛନ୍ତି। ଏଥିପାଇଁ ତିର୍ତ୍ତୋଲ ଝଙ୍କଡ଼ ସାହିତ୍ୟ ସଂସଦ ସଭାପତି ଝଙ୍କଡ଼ଶ୍ରୀ କାଳୀପ୍ରସନ୍ନ ପରିଜା, ସାଧାରଣ ସମ୍ପାଦକ ଗୋଲୋକ ବିହାରୀ ପଲାଇ, ସଙ୍ଗଠନ ସମ୍ପାଦକ ବାସବ କୁମାର ନନ୍ଦ, କୋଷାଧକ୍ଷ ପବିତ୍ର କର, ସବିତା ନାୟକ, ପରମାନନ୍ଦ ମିଶ୍ର, ବିଭୂଷିତା ଦାସ, ଝୁଲରାମ ଦାସ, ଦିଗମ୍ବର ରାଉତ, ଚୌ.ରାଧାମୋହନ ପରିଜା, ସମୀର ପଟ୍ଟନାୟକ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

■ ତାରପୁର ସମବାୟ ସମିତି କାର୍ଯ୍ୟାଳୟ ନିଜସ୍ୱ ଜମିକୁ ସ୍ଥାନାନ୍ତର ଦାବି

# ଆର୍‌ଏମ୍‌ସି ପରିସରରେ ଧାନ କ୍ରୟ ବ୍ୟବସ୍ଥା

**ରଘୁନାଥପୁର,୨୪।୧(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ତାରପୁର ସେବା ସମବାୟ ସମିତି ସ୍ଥାନୀୟ ଚିକିଣିଆ ପଞ୍ଚାୟତରେ କାର୍ଯ୍ୟ କରୁଛି। ତେବେ ତାରପୁରର ପୁରୁଣା ବଜାର ରାସ୍ତାରେ ସମିତିର ନିଜସ୍ୱ ରେକର୍ଡଭୁକ୍ତ ଜମି ଥିବାରୁ ଉକ୍ତ ଜମିକୁ ସମିତି କାର୍ଯ୍ୟାଳୟ ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ବାଇପାସସ୍ଥିତ ଆରଏମସି ପରିସରରେ ତାରପୁର ଚାଷୀଙ୍କ ପାଇଁ ଉଭୟ ଧାନକ୍ରୟ କମିଟି ଓ ବୋର୍ଡ ନିର୍ଦ୍ଦେଶକଙ୍କ ସହମତିରେ ରିଜୋଲେଶନ କରାଯାଇ ଧାନକ୍ରୟ ପାଇଁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଏଥିରେ ବିଳମ୍ବ ଘଟିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ରାଜ୍ୟ ବିଜୁ କୃଷକ ମୋର୍ଚ୍ଚା ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତଙ୍କ ନେତୃତ୍ୱରେ ସରପଞ୍ଚ ସରୋଜ କୁମାର ଦାସ, ସମିତି ସଭାପତି ଦେବେନ୍ଦ୍ର ସ୍ୱାଇଁ, ଚାଷୀ ଦିବାକର ବେହେରା ଓ ବିନୋଦ ବିହାରୀ ମହାନ୍ତିଙ୍କ ସମେତ ଶତାଧିକ ଚାଷୀ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରଘୁନାଥପୁର ଅତିରିକ୍ତ ତହସିଲଦାର ମାନସ କୁମାର ତ୍ରିପାଠୀ, ଏସିଏସ୍‌ଓ ସଲାଉଦ୍ଦିନ ଖାଁ, ଏସ୍‌ଏଆର୍‌ସିଏସ୍ ଶିବପ୍ରସାଦ ମହାନ୍ତି ଓ ବିଜୟ କୁମାର ସାସମଲ, ଏମ୍‌ଆଇ ମୋଚିରାମ ଦାସ ପ୍ରମୁଖ ତାରପୁରର ଆର୍‌ଏମ୍‌ସି ପରିସରରେ ପହଞ୍ଚି ଚାଷୀଙ୍କ ସହ କଥା ହୋଇଥିଲେ। କୃଷକ ମୋର୍ଚ୍ଚାର ସମ୍ପାଦକ ରାଉତ ଗତ ୧୩ ତାରିଖରେ ମଣ୍ଡିପୂଜା ଏବଂ ୨୩ତାରିଖରେ ଚିକିଣିଆସ୍ଥିତ ସୋସାଇଟି ପକ୍ଷରୁ ଧାନକ୍ରୟ କରାଯାଇଥିବାବେଳେ ଏବେ ସୁଦ୍ଧା ତାରପୁରରେ ଧାନକ୍ରୟ କରାଯାଇ ନ ଥିବା ଅଭିଯୋଗ କରିଥିଲେ। ଏହାବ୍ୟତୀତ ଚିକିଣିଆ ସୋସାଇଟି ସମ୍ମୁଖରେ ଥିବା ସ୍ଥାନଟି ବିବାଦୀୟ ଥିବା ଏବଂ ସେଠାରେ ହେଉଥିବା ଏକ ଧାନଖଳା କାର୍ଯ୍ୟକୁ କୋର୍ଟ ପକ୍ଷରୁ ୧୪୪ଧାରା ଜାରି କରାଯାଇଥିବାରୁ ଚାଷୀ ଧାନ ରଖିବାରେ ଅସୁବିଧା ହେଉଥିବା କହିଥିଲେ। ତେଣୁ ଉପସ୍ଥିତ ଅଧିକାରୀ ଚାଷୀଙ୍କ ଅଭିଯୋଗ ଏବଂ ସୋସାଇଟି ରିଜୋଲେଶନକୁ ଆଧାର କରି ଚାଷୀମାନେ ଆରଏମ୍‌ସି ପରିସରରେ ଧାନ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିସହ ଉଭୟ ସ୍ଥାନରେ କାର୍ଯ୍ୟ କରିବା ପାଇଁ ସମିତି ସମ୍ପାଦକ ଭଗବାନ ପ୍ରସାଦ ସ୍ୱାଇଁଙ୍କଠାରୁ ମତାମତ ନିଆଯିବାସହ ଖୁବଶୀଘ୍ର ସମିତିର ନିଜସ୍ୱ ୨୦ଡିସିମିଲ ଜମିକୁ ସୀମାଙ୍କନ କରାଯିବାର ବ୍ୟବସ୍ଥା କରାଯାଇଥିଲା। ବସନ୍ତ ପାଳି, ଜଗବନ୍ଧୁ ଦାସ, ସୁରେଶ ବାରିକ, ସମରଜିତ ଜେନା, ଉମା ପରିଡାଙ୍କ ସମେତ ଶତାଧିକ ଚାଷୀ ଆଲୋଚନାରେ ଯୋଗଦେଇଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଖିରେ ପକେଇ ଦେଉଛି ଧୂଳି**
**ମାଡ଼ ମାରି ପୁଣି କରୁଛି କଳି।**

ସିଆଣିଆ ପ୍ରକୃତିର ବ୍ୟକ୍ତି ଅନ୍ୟକୁ ଠକିବାରେ ସିଦ୍ଧହସ୍ତ ହୋଇଥାନ୍ତି। ନିଜେ ଦୋଷ କରି ସେ ଦୋଷ କରିନାହିଁ ଓ ଦୋଷ ତା'ର ନୁହେଁ ବୋଲି ସଫେଇ ଦେଇ ଅଯଥାରେ କଳିକଜିଆ ସୃଷ୍ଟି କରିଥାନ୍ତି। ମାଡ଼ ଦେଇ ଓଲଟ ଫେରାଦ ହେବା ସେମାନଙ୍କ ଅଭ୍ୟାସଗତ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଲୋ ମାଇଁ,**
**ଯାହା ପେଟକୁ ଯିଏ ଧାଇଁ।**

ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ସଦା ଚେଷ୍ଟିତ। ନିଜ ପେଟପାଟଣା ପାଇଁ ଅହରହ ବ୍ୟସ୍ତବିବ୍ରତ। କାହାରି ସୁଖ ଦୁଃଖରେ ସାମିଲ ହେବା, ଭଲମନ୍ଦ କଥା ପଚାରି ବୁଝିବାରେ କାହାକୁ ସମୟ ମିଳି ନ ଥାଏ କି ଆଗ୍ରହ ରହି ନ ଥାଏ। ନିଜ ପାଇଁ ନିଜେ ବଞ୍ଚିବା ତଥା ସୁଖ ସୁବିଧା ପାଇଁ ନିତି ଧାଁଧପଡ଼ କରୁଥିବା ବ୍ୟକ୍ତିର ଏତାଦୃଶ ମନୋଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ଅନିଲ ମେମୋରିଆଲ ଗୋଲ୍‌ଡେନ୍ କପ୍

# ଫାଇନାଲରେ ବିଶ୍ୱଭାରତୀ



ଅତିଥି ବିଜୟୀ ଦଳର ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

**ଜଗତ୍‌ସିଂହପୁର ଅଫିସ,୨୪।୧**

ପୁନଙ୍ଗସ୍ଥିତ ଜୟଦୁର୍ଗା ଯୁବ ଓ କ୍ରୀଡା ସଂଘ ଆନୁକୂଲ୍ୟରେ ଆୟୋଜିତ ଅନିଲ ମେମୋରିଆଲ ଗୋଲଡେନ୍ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ୨ୟ ତଥା ଅନ୍ତିମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଜଗତ୍‌ସିଂହପୁରର ହିନ୍ଦୁସ୍ଥାନ ସ୍ପୋର୍ଟିଂକୁ ହରାଇ କଟକର ବିଶ୍ୱଭାରତୀ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୨୬ ତାରିଖରେ ଫାଇନାଲ ମ୍ୟାଚ ବିଶ୍ୱଭାରତୀ ଓ କଟକ ମା ମଙ୍ଗଳା କ୍ରିକେଟ୍ କ୍ଲବ ମଧ୍ୟରେ ହେବ। ପ୍ରଥମେ ବିଶ୍ୱଭାରତୀ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ହିନ୍ଦୁସ୍ଥାନ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ପବିତ୍ର ବିଶୋଇଙ୍କ ୩୨ ଓ ଏସ୍. କେ. ନାସିରଙ୍କ ୨୫ ରନ୍ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରୁ ୧୮.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୬ ରନ୍ କରିଥିଲା। ବିଶ୍ୱ ଭାରତୀର ଶିବାଶିଷ ସାହୁ ୨, ରମେଶ ବେହେରା ଓ ପ୍ରଶାନ୍ତ ସାହୁ ଉଭୟ ୩ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ବିଶ୍ୱ ଭାରତୀ କାମେଶ୍ୱର ବାରିକଙ୍କ ୬୬ ଓ ସଞ୍ଜୀବ ସାହୁଙ୍କ ୨୧ ରନ୍ ସହାୟତାରେ ୨୯ ରନ୍ କରି ଚାମ୍ପିୟନ ହୋଇଥିଲା। କାମେଶ୍ୱର ବାରିକ ମ୍ୟାନ ଅଫ ଦ ମ୍ୟାଚ୍ ହୋଇଥିଲେ। ଯାତ୍ରା ଜଗତର ଖଳନାୟକ ହରେନ୍ଦ୍ର ଜେନା, ତ୍ରିଲୋଚନ ବେହେରା ଓ ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମ୍ୟାନ ଅଫ ଦ ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ରମାକାନ୍ତ ଚୌଧୁରୀ, ବିଶ୍ୱଜିତ ପାଇକରାୟ ପରିଚାଳନା କରିଥିଲେ।

## ବାବା ଅରକ୍ଷିତ ଦାସ ମହାରାଜଙ୍କୁ ଆଧ୍ୟାତ୍ମିକ ଗୁରୁ ସମ୍ମାନ

**ବିରିଡ଼ି,୨୪।୧(ଡି.ଏନ.ଏ.)**

ବିରିଡ଼ି ବ୍ଲକ ହାଜିପୁରସ୍ଥିତ ମହାପୁରୁଷ ପଞ୍ଚସଖାଙ୍କ ସାଧନାର କ୍ଷେତ୍ର ଧ୍ୟାନପୀଠର ପୀଠାଧିଶ ପ୍ରେମ ସାଗର ବାବା ଅରକ୍ଷିତ ଦାସଜୀ ମହାରାଜାଙ୍କୁ ତିର୍ତ୍ତୋଲ ଜନାର୍ଦ୍ଦନପୁରୁ ଗ୍ରାମବାସୀଙ୍କ ପକ୍ଷରୁ ବୁଧବାର ନେତାଜୀ ଜୟନ୍ତୀ ଉତ୍ସବରେ ଆଧ୍ୟାତ୍ମିକ ଗୁରୁ ସମ୍ମାନରେ ସମ୍ମାନିତ କରାଯାଇଛି। ବାବା ଦାସ ସନାତନ ଧର୍ମ, ଜଗନ୍ନାଥ ସଂସ୍କୃତି ଓ ପଞ୍ଚସଖାଙ୍କ ଆଧ୍ୟାତ୍ମିକ ଦର୍ଶନ ଏବଂ ମାଳିକା ତତ୍ତ୍ୱ ଉପରେ ସାଧନା ଓ ପ୍ରଚାର ପ୍ରସାର କରୁଛନ୍ତି। ପୂର୍ବରୁ ସେ ଯଶୋବନ୍ତ ପ୍ରତିଭା ସମ୍ମାନ, ଅଚ୍ୟୁତ ସମ୍ମାନ, ଶିଶୁ ଅନନ୍ତ ସମ୍ମାନ ଓ ପଞ୍ଚସଖା ସମ୍ମାନ ପାଇଛନ୍ତି।

## ଜିଲାସ୍ତରୀୟ ନେତାଜୀ ଜୟନ୍ତୀ

**ତିର୍ତ୍ତୋଲ, ୨୪।୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଗୋପାଳପୁର(ଶ) ପଞ୍ଚାୟତର ଜନାର୍ଦ୍ଦନପୁର ଗ୍ରାମ ସନ୍ତୋଷୀ ମା ମନ୍ଦିର ପ୍ରାଙ୍ଗଣରେ ଜିଲାସ୍ତରୀୟ ନେତାଜୀ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବକୁ ହାଜିପୁର ଧ୍ୟାନକୁଦ ପୀଠାଧିଶ ପ୍ରେମସାଗର ଅରକ୍ଷିତ ଦାସ ମହାରାଜ ଉଦ୍ ଘାଟନ କରିଥିଲେ। ଏହି ଉପଲକ୍ଷେ ସନ୍ଧ୍ୟାରେ ଆୟୋଜିତ ସଭାରେ ଆଇନଜୀବୀ ଭଜହରି କର ସଭାପତିତ୍ୱ କରିଥିଲେ। ବିଜ୍ଞାନୀ ଗୁରୁ ଶ୍ରୀସନ୍ଥ ମହାରାଜ ମୁଖ୍ୟଅତିଥି, ଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବା ଦିବାକର ଦାସ ମହାରାଜ ମୁଖ୍ୟବକ୍ତା, ପଣ୍ଡିତ ହୃଷିକେଶ ରଥ, ପୂର୍ବତନ ବିଧାୟକ ରବିନ୍ଦ୍ରନାଥ ଭୋଇ, ଜ୍ୟୋତିର୍ବିଦ ପଣ୍ଡିତ ଅରୁଣ କୁମାର ପାଣି, ଅଧ୍ୟାପକ କ୍ଷୀରୋଦ ପ୍ରସାଦ ନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ତପନ କୁମାର ବେହେରା, କନିମୂଳ ସରପଞ୍ଚ ବେଦଦ୍ୟୁତି ପୃଷ୍ଟି, ଆଇନଜୀବୀ ଗତିକୃଷ୍ଣ ଶତପଥୀ, ଜ୍ୟୋତିଷ ବିଶାରଦ ଶାରଦା ପାଢୀ, ଦାଁଇଲୋ ସରପଞ୍ଚ ଧନଞ୍ଜୟ ସୂତାର, ଶିକ୍ଷାବିତ ନିଶାକର ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦେଶପ୍ରେମ ସମ୍ପର୍କରେ କହିଥିଲେ। ପୂର୍ବତନ ସରପଞ୍ଚ ନୀଳଚରଣ ଜେନା, ହନୁମାନ କୃପା ପରିଷଦର ସଭାପତି ରଞ୍ଜନ ବେହେରା, ବିଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିକୁଦାରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ବାଲିକୁଦା,୨୪।୧(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ବାହାରଣା ପଞ୍ଚାୟତର ରତିସିଂଗାସ୍ଥିତ ଚନ୍ଦାହୁରା ପଡ଼ିଆରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଅନୁଷ୍ଠିତ ହୋଇଛି। କାଳିଓରର ବାବା ବୃକ୍ଷରାଜ ଗ୍ରାମୀଣ ବିତରକ, ନହରଣାର ଚୈତନ୍ୟ ଭାରତ ଗ୍ୟାସ୍, ତେନ୍ତୁଳିବେଲାରୀର ସାଇ କଳ୍ପନା ଏଚ୍‌ପି ଗ୍ୟାସ, ତେଣ୍ଡୋଇର ମା' ବାରଦେଇ ଇଣ୍ଡିଆନ ଗ୍ୟାସ ଗ୍ରାମୀଣ ବିତରକର ମିଳିତ ସହଯୋଗରେ ଏହି ଉତ୍ସବ ହୋଇଥିଲା। ବାବା ବୃକ୍ଷରାଜ ଗ୍ରାମୀଣ ବିତରକର ସ୍ୱତ୍ତ୍ୱାଧିକାରୀ ଅକ୍ଷୟ ଖୁଣ୍ଟିଆ ସଂଯୋଜନା କରିଥିଲେ। ପାରାଦୀପ ଆଇଓସିଏଲ ଏଲପିଜିର ଜେନେରାଲ ମ୍ୟାନେଜର ପଙ୍କଜ କୁମାର ମୁଖ୍ୟଅତିଥି, ଜିଲା ନୋଡାଲ ଅଫିସର ଅଙ୍କୁର ଅଭିନବ ମୁଖ୍ୟବକ୍ତା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଘୁନନ୍ଦନ ଦାସ, ଜିଲା ସାଧାରଣ ସମ୍ପାଦକ ମୋହିତ ମହାନ୍ତ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଅମିତା ଦାସ, ଡିଇଓ ସବିତା ଭୂୟାଁ, ସାଇ କଳ୍ପନା ଏଚ୍‌ପି ଗ୍ୟାସ ସ୍ୱତ୍ତ୍ୱାଧିକାରୀ ଶଶାଙ୍କ ଶେଖର ସାହାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୌତମ ସାହୁ ଅତିଥି ପରିଚୟ ପ୍ରଦାନ ଓ ଅଶୋକ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉଜ୍ଜ୍ୱଳା ରଥର ଏଲଇଡି ସ୍କ୍ରିନରେ ଲୋକଙ୍କୁ ଭିଡିଓ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଏହି ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମେନକା ସଞ୍ଜୟ ଗାନ୍ଧୀ ପ୍ରମୁଖ ଭିଡିଓ କନ୍‌ଫରେସିଂ ମାଧ୍ୟମରେ ଉପଭୋକ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ସତ୍ୟାନନ୍ଦଙ୍କ ସ୍ମୃତିରେ ଛାତ୍ରବୃତ୍ତି ପ୍ରଦାନ

**ପାରାଦୀପ,୨୪।୧(ସ୍ୱ.ପ୍ର.)**




ଜଣେ ଛାତ୍ରୀଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରାଯାଉଛି।

କୁଜଙ୍ଗ-ପାରାଦୀପ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍, ପ୍ରାବନ୍ଧିକ ଡ. ସତ୍ୟାନନ୍ଦ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ଗୁରୁବାର ଝିମାଣୀଠାରେ ପାଳିତ ହୋଇଛି। ଏହି ଅବସରରେ ପଣ୍ଡା ପ୍ରତିଷ୍ଠା କରିଥିବା ସ୍କୁଲ-କଲେଜର ୫ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସତ୍ୟାନନ୍ଦ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା। ନାରାୟଣ ବୀରବର ସାମନ୍ତରାୟ ମହାବିଦ୍ୟାଳୟର ପିତାମ୍ବର ଲେଙ୍କା ଓ ବିଶ୍ୱଜିତ ବିଶ୍ୱାଳ, ଜନତା ହାଇସ୍କୁଲର ରୋଜିନା ସ୍ୱାଇଁ, ସମ୍ପିତ ସ୍ୱାଇଁ ଓ ମାଟ୍ରିକ ଟପ୍ପର ସନ୍ତୋଷ ପୁହାଣଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା। ଆୟୋଜିତ ଉତ୍ସବରେ କଲେଜ ଅଧ୍ୟାପିକା ଡ. ବନପ୍ରଭା ପରିଡ଼ା, ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସୂତାର, ମାୟାଧର ଦାସ ଓ ରାଧାରାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା



ନାରାୟଣଙ୍କୁ ଶାରଳା ପରିବାର ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

**କୁଜଙ୍ଗ,୨୪।୧(ସ୍ୱ.ପ୍ର.)**

ରାଉରକେଲାର ସ୍ୱେଚ୍ଛାସେବୀ ସଙ୍ଗଠନ ସାରଳା ପରିବାର ପକ୍ଷରୁ କୁଜଙ୍ଗ ବଜାରର ଜନୈକ କର୍କଟ ଆକ୍ରାନ୍ତ ବ୍ୟକ୍ତି ନାରାୟଣ ସେଠୀଙ୍କୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କୁଜଙ୍ଗ ଓକିଲ ସଙ୍ଘ ସଭାପତି ତଥା ବ୍ଲକ କଂଗ୍ରେସ ଆବାହକ ଏ.ଏନ.ଡି. ଯାଦବଙ୍କ ସହ ସାରଳା ପରିବାରର ରମେଶ ଚନ୍ଦ୍ର ସେଠୀ ନାରାୟଣଙ୍କୁ ଭେଟି ସହାୟତା ରାଶି ପ୍ରଦାନ କରିଥିଲେ। ଓକିଲ ସଙ୍ଘ ଉପସଭାପତି ଦାମୋଦର ସ୍ୱାଇଁ, ସାରଳା ପରିବାର ଉପଦେଷ୍ଟା ଶ୍ରୀଚରଣ ରାଉତ ଉପସ୍ଥିତ ଥିଲେ। ପ୍ରକାଶ ଯେ, ୨୦୦୦ ମସିହାରେ ଜଗତ୍‌ସିଂହପୁର ଅଞ୍ଚଳର ଲୋକଙ୍କୁ ନେଇ ମହାବାତ୍ୟା ପରେ ରାଉରକେଲାରେ ଏହି ସାରଳା ପରିବାର ଗଠିତ ହୋଇଥିଲା। ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ଦୁଃରାରୋଗରେ ପୀଡିତ ବ୍ୟକ୍ତି, ଦିବ୍ୟାଙ୍ଗମାନଙ୍କୁ ସହାୟତା ପ୍ରଦାନ କରାଯାଉଛି। ନାରାୟଣ ଗତ ୧ ବର୍ଷ ଧରି କର୍କଟ ରୋଗରେ ପିଡ଼ୀତ ହୋଇ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ତ୍ରୀ ବେଲରାଣୀ ମଧ୍ୟ ଆଣ୍ଠୁଗଣ୍ଠି ରୋଗରେ ପୀଡିତ। ନାରାୟଣଙ୍କ ପୁତ୍ର ବାବୁଲି ଯକୃତ ଏବଂ ଖାଦ୍ୟନଳୀ ସଂକ୍ରମଣରେ ପୀଡିତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି। ବୋହୂ ମମତାରାଣୀ ଉଚ୍ଚ ରକ୍ତଚାପ ଓ ମଧୁମେହରେ ପୀଡିତ ହୋଇଛନ୍ତି। ଏକମାତ୍ର ନାତି ଦାଦନ ଖଟିବାକୁ ଯାଇଥିବାବେଳେ ଗତ ଦେଢବର୍ଷ ତଳେ ରେଳ ଦୁର୍ଘଟଣାରେ ପ୍ରାଣହରାଇଥିଲେ। ଅର୍ଥାଭାବ ଓ ରୋଗ ଯନ୍ତ୍ରଣାରେ ସନ୍ତୁଳି ହେଉଥିବା ଏହି ପରିବାରକୁ ସାରଳା ପରିବାର ସହାୟତା ଦେଇଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି।


CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 (Telangana)
7787907927
7787922501
9319932148
Email id- pmjansamridhi@gmail.com

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City


| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| MORE SPACE • SAME PRICE | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

ଋଣ - ଋଣ - ଋଣ
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସତ୍ୟମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ - ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

## ସଂକ୍ଷେପରେ

### ପୋଡ଼ିହୋଇ ଦିବ୍ୟାଙ୍ଗ ଯୁବତୀ ଗୁରୁତର ଚିକିତ୍ସାରେ ଅର୍ଥ ବାଧକ

**ବାଲିଆ,୨୪।୧:** ବିରିଡ଼ି ବ୍ଲକ ବତୀମିରା ଆଦିବାସୀ ବସ୍ତିରେ ଗତ ରବିବାର ବିଳମ୍ବିତ ରାତିରେ ନିଆଁରେ ପୋଡ଼ିହୋଇ ଜଣେ ଦିବ୍ୟାଙ୍ଗ ଯୁବତୀ ଗୁରୁତର ହୋଇଥିଲେ। ସେ ହେଲେ କୁନି ସିଂଙ୍କ ଝିଅ ବିନି(୨୧)। ରାତିରେ ଘରେ ଶୋଇଥିବାବେଳେ କୌଣସି କାରଣରୁ ତାଙ୍କ ଘରେ ନିଆଁ ଲାଗିଯାଇଥିଲା। ଏଥିରେ ବିନିଙ୍କ ମୁହଁ ପୋଡ଼ିହୋଇ ସେ ଗୁରୁତର ହୋଇଥିଲେ। ବସ୍ତି ବାସିନ୍ଦା ଏକତ୍ରିତ ହୋଇ ନିଆଁ ଆୟତ କରିଥିଲେ। ଖବରପାଇ ରାଜସ୍ୱ ନିରୀକ୍ଷକ ଆସି ତଦନ୍ତ କରିଥିଲେ। ମାତ୍ର ଆଜକୁ ୬ ଦିନ ବିତିଥିଲେ ମଧ ସରକାରଙ୍କ ପକ୍ଷରୁ ବିପନ୍ନ ପରିବାରକୁ ସହାୟତା ମିଳିନାହିଁ। ବିନିଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ୫ ଦିନ ରହି ଚିକିତ୍ସା ହେବା ପରେ ଅର୍ଥ ଅଭାବରୁ ଝିଅକୁ ଘରକୁ ନେଇ ପଳାଇଆସିଲେ ବୋଲି କୁନି କହିଛନ୍ତି। ଅଧିକ ଦିନ ଚିକିତ୍ସା ଲାଗିବ ବୋଲି ଡାକ୍ତର କହିଥିଲେ ମଧ ଅର୍ଥ ବାଧକ ସାଜିବାରୁ ଝିଅର ଚିକିତ୍ସା କରିପାରୁ ନ ଥିବା ସେ କ୍ଷୋଭର ସହ କହିଛନ୍ତି। ଘର ପୋଡ଼ିଯାଇଥିଲେ ମଧ ତହସିଲ ପକ୍ଷରୁ ତାଙ୍କୁ ପାଲ ଖଣ୍ଡେ ମିଳିନାହିଁ। ଝିଅର ଚିକିତ୍ସା ପାଇଁ ଜିଲା ପ୍ରଶାସନ ସହାୟତାର ହାତ ବଢ଼ାଇବାକୁ ସେ ନିବେଦନ କରିଛନ୍ତି।

# ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଜଗତ୍‌ସିଂହପୁର ଅଫିସ, ୨୪।୧**


କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଛାତ୍ରୀଛାତ୍ର।

ଛାତ୍ରୀଛାତ୍ରଙ୍କୁ ଟ୍ରାଫିକ ଓ ଆଇନ ଶୃଙ୍ଖଳା ଆଦି ଜ୍ଞାନ ଦେଇ ସାମାଜିକ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ପୋଲିସ ପକ୍ଷରୁ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗୁରୁବାର ପୁନର୍ଙ୍ଗସ୍ଥିତ ନରେନ୍ଦ୍ର ନାଥ ବିଦ୍ୟାପୀଠ ପରିସରରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏଥିରେ ୪୪ ଛାତ୍ରୀଛାତ୍ର (୨୨ ଛାତ୍ରୀ, ୨୨ ଛାତ୍ର)ଙ୍କୁ ତାଲିମ ଦେବାକୁ ସ୍ଥିର ହୋଇଛି। ସେମାନେ ସମସ୍ତେ ୮ମ ଶ୍ରେଣୀର। ୨ ବର୍ଷିଆ ତାଲିମ ପରେ ଏହି କ୍ୟାଡେଟ୍‌ମାନଙ୍କୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ବିନିଯୋଗ କରାଯିବ। ଏହି ଅବସରରେ କ୍ୟାଡେଟ୍‌ମାନଙ୍କୁ ପୋଷାକ, ଜୋତା ଓ କ୍ୟାପ ପ୍ରଦାନ କରାଯାଇଥିଲା। ଆର୍‌ଆଇ (ରିଜର୍ଭ ଇନ୍ସପେକ୍ଟର) ସେମାନଙ୍କୁ ତାଲିମ ଦେବେ। କାର୍ଯ୍ୟକ୍ରମରେ ଏଚ୍‌ଆର୍‌ପିସି ଡିଏସ୍‌ପି ବାମଦେବ ସିଂ ଅଧକ୍ଷତା କରିଥିଲେ। ଏମ୍‌ପି କୁଳମଣୀ ସାମଲ, ଏସ୍‌ପି ପ୍ରକାଶ ଆର୍, ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲ୍, ନରେନ୍ଦ୍ର ନାଥ ବିଦ୍ୟାପୀଠ ପ୍ରଧାନଶିକ୍ଷୟିତ୍ରୀ ମମତା ମଞ୍ଜରୀ ମହାନ୍ତି, ପୂର୍ବତନ ଶିକ୍ଷକ ଭବାନୀ ଶଙ୍କର ଗୋସ୍ୱାମୀ ଓ ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।




# ପଞ୍ଚଲିଙ୍ଗେଶ୍ୱର କ୍ରିକେଟ: ନୂଆଗାଁ ଚାମ୍ପିୟନ

**ବିରିଡ଼ି,୨୪।୧(ଡି.ଏନ.ଏ.)**

ବିରିଡ଼ି ବ୍ଲକ ଅଲାଣ୍ଡୋ ଉତ୍ତରାସାହିରେ ପଞ୍ଚଲିଙ୍ଗେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ବୁଧବାର ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ନୂଆଗାଁ ଏମବିସିସି ଗୋଲଡେନ ୱାରିୟର ଅଲାଣ୍ଡୋକୁ ହରାଇ ଚାମ୍ପିୟନ ହୋଇଛି। ନୂଆଗାଁ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ଓଭରରେ ୨୯ ରନ କରିଥିଲା। ଜବାବରେ ଅଲାଣ୍ଡୋ ସମସ୍ତ ଉଇକେଟ ହରାଇ ୨୫ ରନ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ସଭାରେ ସୁରେଶ ଚନ୍ଦ୍ର ଜେନା ମୁଖ୍ୟଅତିଥି, ଯୁବ ବାହିନୀ ସଭାପତି ଦୁର୍ଗାପ୍ରସାଦ ବେହେରା, ରଶ୍ମୀରଞ୍ଜନ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଶୁଭ୍ରଜିତ ରାଉତରାୟ, ବିଶ୍ୱରଞ୍ଜନ ରାଉତରାୟ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ।

# ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

**କୁଜଙ୍ଗ,୨୪।୧(ସ୍ୱ.ପ୍ର.)**

କୁଜଙ୍ଗ ଅଞ୍ଚଳର ବିଶିଷ୍ଟ ଶିକ୍ଷକନେତା ତଥା ମହାନ ସାମ୍ୟବାଦୀ ସ୍ୱର୍ଗତ ବିଭୂତି ଭୂଷଣ ପଟ୍ଟନାୟକଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସ୍ୱର୍ଗତା ପଟ୍ଟନାୟକ ନିଜ ପରିବାର ତଥା ପଡୋଶୀଙ୍କ ଉନ୍ନତି ପାଇଁ ଯେଉଁ ତ୍ୟାଗ ସ୍ୱୀକାର କରିଛନ୍ତି ତାହାର ପଟାନ୍ତର ନାହିଁ ବୋଲି ଏଥିରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ୱାମୀ ଦିବଂଗତ ବିଭୂତି ପଟ୍ଟନାୟକଙ୍କୁ ବହୁ ଆନ୍ଦୋଳନରେ ସେ ପ୍ରେରଣା ଯୋଗାଇବା ସହ ଯୌଥ ପରିବାରର ଗୁରୁ ଦାୟିତ୍ୱ ସଫଳତାର ସହ ବହନ କରିଥିଲେ। ଶିକ୍ଷାବିତ୍ ନିଶାକର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଚରଣ ଦାସ, ଜିଲା ଯୋଜନା ବୋର୍ଡ ଅଧକ୍ଷ ପ୍ରଶାନ୍ତ ମୁଦୁଲି, କଟକ ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ, ବିଜୁ ଶ୍ରମିକ ସାମୁଖ୍ୟ ନେତା ସୁବାସ ସିଂହ, ଗଙ୍ଗାଧର ଜେନା, ନୀହାର ରଞ୍ଜନ ରାୟ, ଆଇନଜୀବୀ ରାଜକିଶୋର ଖଟୁଆ, ଖବରଦାତା ଚିତ୍ତ ସ୍ୱାଇଁ, ପୂର୍ବତନ ପୌରାଧକ୍ଷ ଗୋବିନ୍ଦ ତରାଇ, ରାହାମା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶରତ କୁମାର ସାହୁ, ବାବୁରାମ ଚୌଧୁରୀ, ପଣ୍ଡିତ ପ୍ରଭାକର ଭଞ୍ଜ, ରବି ସାମଲ, ବିଷ୍ଣୁ ଚରଣ ମୁଦୁଲି, ଶିକ୍ଷକ ଦୀନବନ୍ଧୁ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜ୍ୟୋଷ୍ଠପୁତ୍ର ତଥା ପରଦାର ସମ୍ପାଦକ ସରୋଜ କୁମାର ପଟ୍ଟନାୟକଙ୍କ ସହ ପୁତ୍ର ଶ୍ରମିକନେତା ସନ୍ତୋଷ କୁମାର ପଟ୍ଟନାୟକ, ସୁବୋଧ କୁମାର ପଟ୍ଟନାୟକ, ଆଇନଜୀବୀ ସୁଶାନ୍ତ କୁମାର ପଟ୍ଟନାୟକ, ସଂଗ୍ରାମ ପଟ୍ଟନାୟକ, କନିଷ୍ଠ ପୁତ୍ର ସଞ୍ଜୀବ ପଟ୍ଟନାୟକଙ୍କ ସହ ବୋହୂ, ନାତି ନାତୁଣୀ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। କୁଜଙ୍ଗ ଓକିଲ ସଂଘ ସଭାପତି ଏଏନ୍‌ଡି ଯାଦବ, ରମେଶ ଦାସ, ପ୍ରଶାନ୍ତ ପଟ୍ଟନାୟକ, ଭାରତ ଭୂଷଣ ଦାସ, ମାନତା ସାହଜୀ, ଦାମୋଦର ସ୍ୱାଇଁ, ଶ୍ରମିକ ନେତା ମନୀନ୍ଦ୍ର ଗୁରୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


# CLASSIFIED DISPLAY













**MORE SPACE • SAME PRICE**

**CLASSIFIED DISPLAY**

(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**

Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable





# ନବନିର୍ମାଣ କୃଷକ ସଙ୍ଗଠନ ବୈଠକ
## କୃଷକଙ୍କୁ ଭତ୍ତା ଦାବିରେ ୬ରୁ ଆନ୍ଦୋଳନ

**ଏରସମା,୨୪।୧(ସ୍ୱ.ପ୍ର.)**

ଏରସମା ବ୍ଲକ ଗାନ୍ଧୀ ଛକଠାରେ ଥିବା ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠ ପରିସରରେ ଗୁରୁବାର ନବନିର୍ମାଣ କୃଷକ ସଙ୍ଗଠନର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ସଙ୍ଗଠନର ରାଜ୍ୟ କମିଟି ସଦସ୍ୟ ପ୍ରସନ୍ନ କୁମାର କୁଅଁର ଏଥିରେ ସଭାପତିତ୍ୱ କରି କୃଷକଙ୍କ ପାଇଁ ମାସିକ ଭତ୍ତା ୫୦୦୦ ଓ ଧାନ କୁଇଣ୍ଟାଲ ୫୦୦୦ ଟଙ୍କା କରିବାକୁ ଦାବି ଉପସ୍ଥାପନ କରିଥିଲେ। ଏହାକୁ ଯଦି ସରକାର ଗ୍ରହଣ ନ କରନ୍ତି ତେବେ ଆସନ୍ତା ୬ ତାରିଖରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ସଙ୍ଗଠନର ଜିଲା ସଂଯୋଜକ ଦୁର୍ଗା ଚରଣ ସ୍ୱାଇଁ, ଏରସମା ବ୍ଲକ ସଂଯୋଜକ ଅମୂଲ୍ୟ ମହାନ୍ତି, ସହସଂଯୋଜକ ଅମ୍ବିକା ପ୍ରସାଦ ମହାନ୍ତି, ବ୍ଲକ ଉପଦେଷ୍ଟା କରୁଣାକର ମଲ୍ଲ, ନିବାରଣ ନାୟକ, ରବି ଦାସ ପ୍ରମୁଖ ଯୋଗ ଦେଇ କୃଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ସଂଯୋଜକ କୈଳାସ ଜୟସିଂହ, ବିଚିତ୍ର ସ୍ୱାଇଁ, ପ୍ରଦୀପ୍ତ ସ୍ୱାଇଁ, ସୁରେଶ ଭୋଳ, ଗଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚଳନ୍ତା ବସ୍‌ରୁ ପଡ଼ି ଯାତ୍ରୀ ଗୁରୁତର

**ବିରିଡ଼ି,୨୪।୧(ଡି.ଏନ.ଏ)**

ବିରିଡ଼ି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନଂ.୫୫ର ବାଲିଆଷ୍ଟୋର ଛକଠାରେ ଗୁରୁବାର ସକାଳେ ବସ୍‌ରୁ ପଡି ଜଣେ ଯାତ୍ରୀ ଗୁରୁତର ହୋଇଛନ୍ତି। ସେ ହେଲେ ବାରଡିଆ ଗ୍ରାମର ଲକ୍ଷ୍ମୀଧର ମଲ୍ଲିକ(୫୩)। ସେ କଟକ ଅଭିମୁଖେ ଯିବା ପାଇଁ ସୁଭଦ୍ରା ନାମକ ବସ୍‌ରେ ଚଢୁଥିବାବେଳେ ହଠାତ ବସଟି ଛାଡି ଦେଇଥିଲା। ଫଳରେ ମଲ୍ଲିକ ତଳେ ପଡିଯାଇଥିଲେ। ତାଙ୍କ ଡାହଣ ଜଙ୍ଘ ହାଡ଼ ଭାଙ୍ଗିଯାଇଛି। ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ ଜଗତ୍‌ସିଂହପୁର ଡାକ୍ତରଖାନା ଓ ପରେ କଟକର ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରାଯାଇଛି।






ଅନ୍ୟକୁ ଦୁଃଖ ନ ଦେଇ ଯେଉଁ ସୁଖ ହାସଲ କରାଯାଇପାରେ ନାହିଁ ସେଭଳି ସୁଖ ମୋର ଆଦୌ ଲୋଡ଼ାନାହିଁ।
- ବୁଦ୍ଧଦେବ



## ସଂକ୍ଷେପରେ

### ଧର୍ମଶାଳା ସୁପରକପ୍ କ୍ରିକେଟ ଟି-୨୦ ଟୁର୍ନାମେଣ୍ଟ
### ଫାଇନାଲରେ ଛତିଆ, ଢେଙ୍କାନାଳ

**ଧର୍ମଶାଳା,୨୪।୧(ଡି.ଏନ୍.ଏ.):** ଧର୍ମଶାଳା ସ୍ପୋର୍ଟ୍ସ କାଉନ୍‌ସିଲ ଅନୁକୂଲ୍ୟରେ ଜାରକାସ୍ଥିତ ଷ୍ଟାଡିୟମରେ ଆୟୋଜିତ ଧର୍ମଶାଳା ସୁପରକପ ଟି-୨୦ କ୍ରିକେଟ ମ୍ୟାଚ୍‌ର ଗୁରୁବାର ସେମିଫାଇନାଲ ମ୍ୟାଚ୍ ଶେଷ ହୋଇଛି। ଏହି ଅବସରରେ ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ପିସିସି ଛତିଆ ଦଳ କେଉଁଝର ଏସ୍‌ଆରସିଟିକୁ ୬ ଉଇକେଟରେ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ବିଏସ୍‌ସି ବଡ଼ଚଣାକୁ ୮ ରନ୍‌ରେ ପରାସ୍ତ କରି ବିସିସି ଢେଙ୍କାନାଳ ଫାଇନାଲ୍‌ରେ ପ୍ରବେଶ କରିଛି। ପ୍ରଥମେ କେନ୍ଦୁଝର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର୍‌ର ଶେଷ ବଲ୍‌ରେ ସମସ୍ତ ଉଇକେଟ ହରାଇ ୯୪ ରନ୍ କରିଥିଲା। ଜବାବରେ ପିସିସି ଛତିଆ ଦଳ ବ୍ୟାଟିଂ କରି ୧୪.୨ ଓଭର୍‌ରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ବିସିସି ଢେଙ୍କାନାଳ ନିର୍ଦ୍ଧାରିତ ଓଭର୍‌ରେ ୮ ଉଇକେଟ ହରାଇ ୧୭୦ ରନ୍ କରିଥିଲା। ଜବାବରେ ବିଏସ୍‌ସି ବଡ଼ଚଣା ଦଳ ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୨ରନ୍ କରି ପରାସ୍ତ ହୋଇଥିଲା। ଅମରେଶ ପରିଡା, ନରଞ୍ଜ ବେହେରା, ଉତ୍ତମ ସାମଲ ଓ ଇନ୍ତେକାବ ଆଲମ ପରିଚାଳନା କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କ୍ରୀଡାବିତ ଅକ୍ଷୟ୍ କୁମାର ନାୟକ ଯୋଗଦେଇ ଛତିଆ ଦଳର ମହେନ୍ଦ୍ର ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ବଡ଼ଚଣା ଦଳର ଡି ମହାପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ଆସନ୍ତା ୨୬ ତାରିଖ ଶନିବାର ଫାଇନାଲ ମ୍ୟାଚ୍ ପିସିସି ଛତିଆ ଓ ବିସିସି ଢେଙ୍କାନାଳ ମଧରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଦିଲକ ଜେନା ସୂଚନା ଦେଇଛନ୍ତି।

### ପ୍ରେମୀ ଯୁଗଳଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ଘଟଣା
### ଚିକିତ୍ସାଧୀନ ଅବସ୍ଥାରେ ଡ୍ରାଇଭରଙ୍କ ମୃତ୍ୟୁ

**କୋରେଇ,୨୪।୧(ସ୍ୱ.ପ୍ର.):** କୋରେଇ ଥାନା ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତ ରଣେଶ୍ୱରପୁରଠାରେ ପ୍ରେମୀ ଯୁଗଳଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ଘଟଣାରେ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଯାଜପୁର ଥାନା ଅନ୍ତର୍ଗତ ମରହଟା ଗ୍ରାମର ଅଭୟ୍ ସାମଲ (୨୮)। ପ୍ରକାଶ ଯେ, ଗତ ୧୫ ତାରିଖ ରାତିରେ ସାଦକପୁର ଓ ଫାଜଲପୁର ପଞ୍ଚାୟତର ୨ଜଣ ଯୁବକ ଯାଜପୁର ଟାଉନ୍ ଅଞ୍ଚଳର ଜଣେ ସହଯୋଗୀଙ୍କ କାର୍‌ରେ ହଳଦୀଗଡ଼ିଆ ପଞ୍ଚାୟତର ଜଣେ ଯୁବତୀଙ୍କୁ ନେଇ ଫେରାର୍ ହେଉଥିବା ବେଳେ ରଣେଶ୍ୱରପୁରଠାରେ କାର୍ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ପ୍ରେମିକ ଓ ସାଙ୍ଗରେ ଥିବା ତାଙ୍କ ଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରେମିକା ଓ ଗାଡ଼ି ଚାଳକ ଗୁରୁତର ହୋଇଥିଲେ। ଏ ନେଇ କୋରେଇ ପୋଲିସ ତଦନ୍ତ କରୁଥିଲେ। ଗିରଫ ଭୟରେ ଡ୍ରାଇଭର ଘରେ ଲୁଚି ରହିଥିବା ବେଳେ ଗୁରୁବାର ଛାତିରେ ଯନ୍ତ୍ରଣା ଅନୁଭବ କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି।

# ବେଆଇନ ସ୍କୁଲ ଉପରେ ଏନ୍‌ସିପିଆର୍‌ସିଙ୍କ ହସ୍ତକ୍ଷେପ

**ଯାଜପୁର ଅଫିସ,୨୪।୧**

■ସପ୍ତାହକ ମଧରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ
■ବିନା ଭିତ୍ତିଭୂମିରେ ଚାଲିଛି ଶତାଧିକ ଘରୋଇ ସ୍କୁଲ

ଆଇନଗତ ଅଧିକାର ନ ଥିବା ଇଂଲିଶି ମିଡିୟମ ସ୍କୁଲ ଉପରେ ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନ(ଏନ୍‌ସିପିଆରସି) ହସ୍ତକ୍ଷେପ କରିଛି। ତେଣୁ ଏଭଳି ଶିକ୍ଷାନୁଷ୍ଠାନଗୁଡ଼ିକରେ ବୁଝି ବିଚାରି ତାଙ୍କ ପିଲାଙ୍କ ନାମ ନ ଲେଖାଇବାକୁ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ୬।୧୨।୨୦୧୮ରେ ଏକ ନୋଟିସ ମାଧ୍ୟମରେ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ କମିଶନଙ୍କ ନିର୍ଦ୍ଦେଶ ମୁତାବକ ବିଭାଗୀୟ ନିର୍ଦ୍ଦେଶକ ୪୧୧୫୩/୨୨।୧୨।୨୦୧୮ରେ ଇଂଲିଶି ମିଡିୟମ ସ୍କୁଲ୍‌ଗୁଡ଼ିକର ସବିଶେଷ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏଯାଏ ଜିଲା ଶିକ୍ଷାବିଭାଗ ତଥ୍ୟ ଦେଇ ନ ଥିବାରୁ ନିର୍ଦ୍ଦେଶକ ଉଦ୍‌ବେଗ ପ୍ରକାଶ କରିବା ସହିତ ଏନ୍‌ସିପିଆରସି ନିକଟରେ ତଥ୍ୟ ଦାଖଲ କରିବାକୁ ଆସନ୍ତା ସପ୍ତାହକ ମଧରେ ଏନଓସି(ଆପତ୍ତି ବିହୀନ ପ୍ରମାଣପତ୍ର) ଓ ଏନ୍‌ଓସି ନ ଥିବା ସ୍କୁଲ ସମ୍ପର୍କରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

ପୂର୍ବରୁ ଓ ବର୍ତ୍ତମାନ ସ୍ୱୀକୃତି ପାଉଥିବା ରାଜ୍ୟର ସମସ୍ତ ବେସରକାରୀ କଲେଜ ଓ ସ୍କୁଲଗୁଡ଼ିକର ଯାଞ୍ଚ କରାଯିବାକୁ ବିଭିନ୍ନ ସମୟରେ ମନିଟରିଂ ଟିମ୍ ଗଠନ କରାଯାଉଛି। କିନ୍ତୁ ଠିକ୍ ଭାବେ ଏହାର ଯାଞ୍ଚ ହେଉ ନ ଥିବା ଅଭିଯୋଗ ହେଉଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୨୦୧୨ଜୁଲାଇ ୧୯ତାରିଖରେ ସମସ୍ତ ସ୍କୁଲ ଓ କଲେଜର ଯାଞ୍ଚ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ୧୦ଟି ମନିଟରିଂ ଟିମ୍ ଗଠନ କରାଯାଇଥିଲା। ପ୍ରତ୍ୟେକ ଟିମ୍‌ରେ ୪ ଜଣ ଲେଖାଏ ସଦସ୍ୟଙ୍କୁ ନିଯୁକ୍ତି ହୋଇଥିଲା। ଉକ୍ତ ଟିମ୍‌ର ସଦସ୍ୟମାନେ ୩୦ଟି ଜିଲାକୁ ଯାଇ ସ୍ୱୀକୃତି ଯାଞ୍ଚ କରି ବିଭାଗକୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ସ୍ୱୀକୃତି ପାଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ଆବଶ୍ୟକ ଜମି ଏବଂ କଲେଜ ଗୃହ ଅଛି କି ନାହିଁ, ଉପଯୁକ୍ତ ଫୋରମରେ ପରିଚାଳନା କମିଟି ଗଠନ ହୋଇଛି ନା ନାହିଁ, କମିଟି ରେଜିଷ୍ଟ୍ରିଭୁକ୍ତ କି ନୁହେଁ ପ୍ରଭୃତି ଦିଗଗୁଡ଼ିକର ମନୋନୀତ ଉକ୍ତ ଟିମ୍ ଯାଞ୍ଚ କରିବେ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଛାତ୍ରୀଛାତ୍ରଙ୍କଠାରୁ ଅଧିକ ଅର୍ଥ ଆଦାୟ କରି ସରକାରୀ ଅଧିକାରୀମାନେ ଲାଞ୍ଚ ନେଇ କୌଣସି ଯାଞ୍ଚ ନ କରି ସ୍ୱୀକୃତି ପ୍ରଦାନ କରୁଥିବା ଅଭିଯୋଗ ହେଉଛି। ଏପରି କି କେତେକ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତିମାନେ ଆବଶ୍ୟକ ଭିତ୍ତିଭୂମି ନ ଥାଇ ସୁଦ୍ଧା ସ୍କୁଲ ଖୋଲି ବ୍ୟବସାୟରେ ମାତିଛନ୍ତି। ଶିକ୍ଷା ବିଭାଗର ଗାଇଡଲାଇନ ଅନୁସାରେ ଗ୍ରାମାଞ୍ଚଳରେ ଅନ୍ୟୁନ ୨ଏକର ଜମି, ପୌରାଞ୍ଚଳରେ ଦେଢ ଏକର ଏବଂ ମହାନଗର ଅଞ୍ଚଳରେ ଅନ୍ୟୁନ ୧ଏକର ଜମି ରହିଥିବା ଆବଶ୍ୟକ। ଯଦି ଜମିର କାଗଜପତ୍ର ନ ଥିବ ତେବେ ସରକାର ସ୍କୁଲ ପାଇଁ ଆଦୌ ଅନୁମତି ଦେଇ ପାରିବେ ନାହିଁ। ଏପରି କି ଛାତ୍ରୀଛାତ୍ରଙ୍କ ଖେଳକୁଦ ପାଇଁ ସ୍କୁଲ ପରିସରରେ ଯଥେଷ୍ଟ ସ୍ଥାନ/ଜାଗା ରହିବା ବିଧେୟ। ପ୍ରାଥମିକ ସ୍କୁଲ ପାଇଁ ୫ଟି ଶ୍ରେଣୀଗୃହ, ଉଚ୍ଚ ପ୍ରାଥମିକ ପାଇଁ ୮ ଓ ହାଇସ୍କୁଲ ପାଇଁ ୯ଟି ଶ୍ରେଣୀଗୃହ ରହିବା କଥା। ସମସ୍ତ ଶ୍ରେଣୀଗୃହ ୧୮/୨୦ ଫୁଟ ଆକାରର ବୋଲି ଗାଇଡଲାଇନ୍‌ରେ ଉଲ୍ଲେଖ ରହିଛି। ଏହାବାଦ ପାନୀୟ ଜଳ ସହ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍ୟୁନ୍ୟ ୮ଟି ଶୌଚାଳୟ ନିର୍ମାଣ ହୋଇଥିବ। ୨୦୧୪ ନଭେମ୍ବର ୧୧ତାରିଖରେ ଶିକ୍ଷା ବିଭାଗର ଅଧସ୍ଥନ ସଚିବ ଆର. ସୋମ୍‌ଶେଖର ଏହି ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ନିର୍ଦ୍ଦେଶନାମା ଅନୁସାରେ ପ୍ରାଥମିକ ସ୍କୁଲ ପାଇଁ ୧ଲକ୍ଷ ଟଙ୍କା, ଉଚ୍ଚ ପ୍ରାଥମିକ ପାଇଁ ୨ ଲକ୍ଷ ଟଙ୍କା, ଇଂଲିଶି ପ୍ରାଥମିକ ସ୍କୁଲ ପାଇଁ ୫ଲକ୍ଷ ଟଙ୍କା, ଇଂଲିଶି ମିଡିୟମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୦ଲକ୍ଷ ଟଙ୍କା ଅମାନତ ରାଶି ଜମା କରିବାକୁ କୁହାଯାଇଥିଲା। ଏହି ଜମାରାଶି ସରକାର ଓ ସ୍କୁଲ ମ୍ୟାନେଜମେଣ୍ଟର ଯୁଗ୍ମ ଆକାଉଣ୍ଟରେ ରହିବ। କିନ୍ତୁ ଜିଲାର ଅଧିକାଂଶ ଘରୋଇ ସ୍କୁଲ କଲେଜ ଏହି ଆଇନକୁ ମାନୁନାହାନ୍ତି। ଏସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଆବଶ୍ୟକ ଭିତ୍ତିଭୂମି ଥିବା ସ୍କୁଲଗୁଡ଼ିକୁ ଅନୁମତି ଦିଆଯାଉଛି। ପୂର୍ବରୁ ଖୋଲାଯାଇଥିବା ସ୍କୁଲ ଓ କଲେଜଗୁଡ଼ିକର ଭିତ୍ତିଭୂମି ଉପରେ ଆବଶ୍ୟକ ଯାଞ୍ଚ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ନାୟକ କହିଛନ୍ତି।

## ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**ବିଞ୍ଝାରପୁର,୨୪।୧(ଡି.ଏନ୍.ଏ.)**

ବିଞ୍ଝାରପୁର ଥାନା ବାଛୋଳ ପଞ୍ଚାୟତ ବାମଦେବପୁର ଗ୍ରାମର ଚିତ୍ତରଞ୍ଜନ ପଣ୍ଡାଙ୍କ ଝିଅ ମିତାଞ୍ଜଳି(୨୩) ଗୁରୁବାର ଅପରାହ୍ନରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (୪/୧୯) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ମିତାଞ୍ଜଳି ଅପରାହ୍ନରେ କୌଣସି କାରଣ ବଶତଃ ଘରେ ରଶି ଲଗାଇ ଦେଇଥିଲେ। ଏ ନେଇ ଘର ଲୋକ ଜାଣିବା ପରେ ମିତାଞ୍ଜଳିଙ୍କୁ ବିଞ୍ଝାରପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ।

■ ସାହାଯ୍ୟ ଆଳରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା କରିଥିଲେ ଲୁଟ୍

# ୩ ଏଟିଏମ୍ ଲୁଟେରା ଗିରଫ

**ବିରଜାକ୍ଷେତ୍ର,୨୪।୧(ଡି.ଏନ୍.ଏ)**



ଗିରଫ ଅଭିଯୁକ୍ତଙ୍କ ସହ ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୋଲିସ ଅଧିକାରୀ।

ଯାଜପୁର ପୋଲିସକୁ ଗୁରୁବାର ବଡ଼ ସଫଳତା ମିଳିଛି। କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଥିବା ୩ ଏଟିଏମ୍ ଲୁଟେରାଙ୍କୁ ଯାଜପୁର ପୋଲିସ ଗିରଫ କରିଥିବା ନେଇ ଯାଜପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଯାଜପୁର ସହର ଓ ଆଖପାଖ ଅଞ୍ଚଳରେ ଏଟିଏମ୍‌ରୁ ଟଙ୍କା ଲୁଟ୍ ହେଉଥିବା ଘଟଣା ଘଟୁଥିବାରୁ ଯାଜପୁର ପୋଲିସ ପକ୍ଷରୁ ଏଟିଏମ୍ ସିସି ଟିଭି ଫୁଟେଜ୍ ଅନୁଯାୟୀ କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କ ଫଟୋ ବିଭିନ୍ନ ଏଟିଏମ୍ ଶାଖା ଅଞ୍ଚଳରେ ଜାରି କରାଯାଇଥିଲା। ସେହି ଅନୁଯାୟୀ ଯାଜପୁର ସଦର ଥାନା ସୁଜନପୁରରେ ଥିବା ଏଟିଏମ୍‌ରେ ଫଟୋ ଜାରି କରାଯାଇଥିବା କେତେଜଣ ବ୍ୟକ୍ତି ଗତ ୧୮ ତାରିଖରେ ସୁଜନପୁର ଏଟିଏମ୍‌କୁ ଆସିଥିଲେ। ସ୍ଥାନୀୟ ଲୋକେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନିପାରି ଯାଜପୁର ଏସ୍‌ଡିପିଓ ମଲ୍ଲଙ୍କୁ ଜଣାଇଥିଲେ। ତତ୍‌କ୍ଷଣାତ୍ ଏସ୍‌ଡିପିଓ ମଲ୍ଲଙ୍କ ସହ ଯାଜପୁର ଥାନାର ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ର, ହାବିଲଦାର ଉମାକାନ୍ତ ରାଉତ ଓ ସୋମନାଥ ନାୟକ ଘଟଣାସ୍ଥଳରେ ପହଞ୍ଚିବାରୁ ସନ୍ଦିଗ୍ଧ ବ୍ୟକ୍ତି ଖସି ପଳାଇଥିଲେ। ସେମାନଙ୍କ ପିଛାକରି ସିମିଳିଆ ପଞ୍ଚାୟତର ଉଆସାହି ନିକଟରୁ ପୋଲିସ ଅଭିଯୁକ୍ତ ବଳରାମ ସାହୁ(୨୮)ଙ୍କୁ ଗିରଫ କରିଥିଲା। ବଳରାମଙ୍କୁ ଗିରଫ କରିବା ପରେ ତାଙ୍କଠାରୁ ତଥ୍ୟ ସଂଗ୍ରହ କରି ତାଙ୍କ ସାଥୀ କେନ୍ଦ୍ରାପଡ଼ା ଜିଲା ଝନରା ଗ୍ରାମର ସର୍ବେଶ୍ୱର ବଳ(୩୩) ଓ କଟକ ଜିଲା ନିଶ୍ଚିତକୋଇଲି ଗ୍ରାମର ସଞ୍ଜୀବ କୁମାର ମଣ୍ଡଳ(୨୯)ଙ୍କୁ ପୋଲିସ ଗିରଫ କରିଥିଲା। ଏସ୍‌ଡିପିଓ ମଲ୍ଲଙ୍କ ନେତୃତ୍ୱରେ ଯାଜପୁର ବିଞ୍ଝାରପୁର, ବରୀ, ମଙ୍ଗଳପୁର, ଯାଜପୁର ସଦର ଥାନାକୁ ନେଇ ଏକ ଟିମ୍ ଗଠନ କରି ଏହି ଲୁଟେରାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଏହି ୩ ଜଣଙ୍କଠାରୁ ୫ ମୋବାଇଲ, ୬ ଏଟିଏମ୍ କାର୍ଡ ଓ ଗୋଟିଏ ଦାମୀ କାର୍ ସହ ବାଇକ୍‌କୁ ଜବତ କରାଯାଇଛି। ସେମାନେ ଲୋକଙ୍କୁ ଏଟିଏମ୍ କାଉଣ୍ଟରରେ ସାହାଯ୍ୟ କରିବା ଆଳରେ ଟଙ୍କା ଲୁଟ୍ କରୁଥିଲେ। ଏମାନଙ୍କ ନାମରେ କଟକ ଜିଲାର ବାଙ୍କୀ, ଆଠଗଡ଼, ଓଲଟପୁର, ବାଲେଶ୍ୱର ଜିଲାର ଖଣ୍ଡପଡ଼ା, ନୟାଗଡ଼ର ଓଡ଼ଗାଁ, ମୟୂରଭଞ୍ଜର ବାରିପଦା, ସୁନ୍ଦରଗଡ଼ର ଲାଠିକଟା, ଯାଜପୁରର ଯାଜପୁର ସଦର, କୁଆଖିଆ, ଧର୍ମଶାଳା, ବାଲିଚନ୍ଦ୍ରପୁର, ବରୀ, ରାମଚନ୍ଦ୍ରପୁର ପ୍ରଭୃତି ଥାନାରେ ୩୦ଟି ମାମଲା ରହିଛି। ଏହା ବ୍ୟତୀତ ଆନ୍ଧ୍ରପ୍ରଦେଶର ବିଭିନ୍ନ ଥାନାରେ ଏମାନଙ୍କ ନାମରେ ମାମଲା ରହିଛି ବୋଲି ପୋଲିସ ସୂଚନା ଦେଇଛି। ଓଡ଼ିଶାର ବିଭିନ୍ନ ଜିଲା ପୋଲିସ ଏହି ୩ ଲୁଟେରାଙ୍କ ସନ୍ଧାନରେ ଥିଲେ। ଯାଜପୁର ଥାନା ପୋଲିସ ଗୁରୁବାର ଏହି ୩ଜଣଙ୍କୁ କୋର୍ଟଚାଲାଣ କରିଥିବାବେଳେ ସେମାନଙ୍କ ସହିତ ସମ୍ପୃକ୍ତ ଥିବା ଅନ୍ୟ ଅପରାଧୀଙ୍କୁ ଧରିବା ପାଇଁ ଯାଜପୁର ପୋଲିସ ପ୍ରୟାସ ଜାରି ରଖିଛି। ଖବରଦାତା ସମ୍ମିଳନୀରେ ଯାଜପୁର ସଦର ଥାନାଧିକାରୀ ଦୁଷ୍ମନ୍ତ ନାୟକ, ହାବିଲଦାର ହୃଦାନନ୍ଦ ସାହୁ ଓ ରାଜେଶ କୁମାର ଆଇନ ଉପସ୍ଥିତ ଥିଲେ।

### ୧୪ବର୍ଷରୁ କମ୍ ଜାତୀୟ କବାଡ଼ି ପ୍ରତିଯୋଗିତା
## ସିଭାସିଂ ଶୁଭଲକ୍ଷ୍ମୀ ମନୋନୀତ

**କଳିଙ୍ଗନଗର,୨୪।୧(ଡି.ଏନ୍.ଏ.)**

ଯାଜପୁର ଜିଲା ଦାନଗଦୀ ବ୍ଲକ କୁମାର ଗଡ଼ିଆ ନୋଡାଲ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ସିଭାସିଂ ଶୁଭଲକ୍ଷ୍ମୀ ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଜାତୀୟ ବିଦ୍ୟାଳୟ ସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ସ୍ଥାନ ପାଇଛନ୍ତି। ସେ ଜିଲାର ଏକମାତ୍ର ପ୍ରତିଯୋଗୀ ଭାବେ ଚଳିତ ମାସ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକର ଧରୱାଡଠାରେ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରିବେ। ତାଙ୍କର ଏହି ସଫଳତା ପଛରେ ସିଭାସିଂର କୋଚ ତଥା ସରକାରୀ ଉଚ୍ଚ ବିଦ୍ୟାଳୟ ଗୋବର ଘାଟିର କ୍ରୀଡ଼ାଶିକ୍ଷକ ସୁଶାନ୍ତ କୁମାର ଦ୍ୱିବେଦୀ ଓ ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ଶମ୍ଭୁନାଥ ଦାଶଙ୍କ ଉଦ୍ୟମ ରହିଛି। ସେ କୁମ୍ଭିରଗାଡିଆ ଗ୍ରାମର ଦେବାନ୍ଦ ବିଶ୍ୱାଳଙ୍କ ଝିଅ। ତେବେ ଆସନ୍ତା ୧ ତାରିଖରେ ଶୁଭଲକ୍ଷ୍ମୀଙ୍କୁ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଦିଆଯିବ ବୋଲି ବିଦ୍ୟାଳୟର ଶିକ୍ଷକ ନାରାୟଣ ଚନ୍ଦ୍ର ପରିଡା, ଗୟାଧର ପାତ୍ର ଏବଂ ପୀତାମ୍ବର ପରିଡା ସୂଚନା ଦେଇଛନ୍ତି।

### ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ପାଇଁ ପ୍ରଶାସନିକ ତତ୍ପରତା
## ମଧୁବନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିରୋଧ

**ରସୁଲପୁର,୨୪।୧(ଡିଏନଏ)**

ରସୁଲପୁର ବ୍ଲକ ଅଧୀନ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହାକୁ ଭଣ୍ଡୁର କରିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ପ୍ରୟାସ କରାଯାଉଛି। ମଧୁବନ କ୍ରିୟାନୁଷ୍ଠାନ ନାଁରେ ଏକ ସଂଗଠନ ଏହି ଡାକ୍ତରଖାନା ସ୍ଥାନାନ୍ତରକୁ ଖୋଲାଖୋଲି ବିରୋଧ କରୁଛନ୍ତି। ଏ ନେଇ କମିଟି ପକ୍ଷରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଧମକ ଦିଆଯାଇ ଡାକ୍ତରଖାନା ଫାଟକରେ ଏକ ବ୍ୟାନର ଟଙ୍ଗା ଯାଇଛି। ପ୍ରକାଶ ଯେ, ଡିସେମ୍ବର ୧୭ରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ପୁରୁଣା ଓ ନୂତନ ଡାକ୍ତରଖାନା ପରିଦର୍ଶନ କରିଥିଲେ। ନୂତନ କୋଠା ଥାଇ ବି ଏଭଳି ଭଙ୍ଗା ଘରେ କାହିଁକି ଡାକ୍ତରଖାନା ଚାଲୁଛି ସେ ସମ୍ପର୍କରେ ଜିଲାପାଳ ଦାସ ଓ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ କରଙ୍କ ସହ ଆଲୋଚନା ହୋଇଥିଲା। ଅନ୍ୟୁନ ୫ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ଡାକ୍ତରଖାନାର ନୂତନ କୋଠା ନିର୍ମାଣ ସରିଛି। ୨୦୧୪ରେ ଉକ୍ତ କୋଠାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ହୋଇଛି। ମାତ୍ର କୋଠାରେ ବିଜୁଳି ଓ ପାଣି ସଂଯୋଗ କାର୍ଯ୍ୟ ଏ ପର୍ଯ୍ୟନ୍ତ ସରିନାହିଁ। ଆଞ୍ଚଳିକ ବିବାଦ ଓ କୋର୍ଟରେ ମାମଲା ଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡିଥିଲା। ନୂତନ କୋଠାକୁ ତୁରନ୍ତ ଡାକ୍ତରଖାନା ଉଠାଇବା ପ୍ରକ୍ରିୟା ଆରମ୍ଭ କରିବାକୁ ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହି ମୁତାବକ ପ୍ରଶାସନିକ ସ୍ତରରେ ଡାକ୍ତରଖାନା ସ୍ଥାନାନ୍ତରଣକୁ ନେଇ ବ୍ୟସ୍ତତା ବଢି ଯାଇଛି। ଏ ନେଇ ଜିଲାପାଳଙ୍କ ବାରମ୍ବାର ତାଗିଦ୍ ପରେ ଚଳିତ ମାସ ୨୫ ସୁଧା ଡାକ୍ତରଖାନା ସ୍ଥାନାନ୍ତରଣ କରିବା ପାଇଁ ପ୍ରସ୍ତୁତି ଚାଲିଛି। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ପ୍ରଶାସନିକ ପଦକ୍ଷେପକୁ ବିରୋଧ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଏ ଦିଗରେ ଭାରପ୍ରାପ୍ତ ଅଧିକାରୀ କରଙ୍କୁ ପଚାରବାରୁ, ଡାକ୍ତରଖାନାର ନୂତନ କୋଠାରେ ବାକି ଥିବା କାମ ସରିବା ପରେ ଡାକ୍ତରଖାନା ସ୍ଥାନାନ୍ତରଣ କାର୍ଯ୍ୟ ଆରମ୍ଭ ହେବ। ଏ ନେଇ ଜିଲାସ୍ତରୀୟ ଅଧିକାରୀଙ୍କ ଭିତରେ ବିଚାରବିମର୍ଶ ଚାଲିଛି ବୋଲି କହିଥିଲେ।

# ଜେସିବି ଧକ୍କାରେ ୩ ଗୁରୁତର

**ଧର୍ମଶାଳା,୨୪।୧(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଜାରକା ବସ୍‌ଷ୍ଟାଣ୍ଡ ନିକଟରେ ଗୁରୁବାର ସନ୍ଧ୍ୟାରେ ଜେସିବି ଧକ୍କାରେ ୩ଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ବାରବାଟି ପଞ୍ଚାୟତ ଦୁର୍ଗାପୁର ଗ୍ରାମର କାହ୍ନୁଚରଣ ପାଣିଗ୍ରାହୀ(୨୫), ଆଶିଷ କୁମାର ନାୟକ(୨୩) ଓ ଢେଙ୍କାନାଳ ଜିଲା ଦୁର୍ଗାପ୍ରସାଦ ଗ୍ରାମର ସଞ୍ଜୟ କୁମାର ବେହେରା(୨୪)। ସ୍ଥାନୀୟ ଲୋକେ ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଧର୍ମଶାଳା ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ଜାରକା ବିଟ ହାଉସ ଅଧିକାରୀ ଉପେନ୍ଦ୍ର ନାଥ ଦାସ ଘଟଣାସ୍ଥଳରେ ପହଞ୍ଚି ଜେସିବିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, କାହ୍ନୁଚରଣ, ଆଶଷ ଓ ଦୁର୍ଗାପ୍ରଶାଦ ଜାରକା ଆସୁଥିବା ବେଳେ ବିପରିତ ରାସ୍ତାରେ ବାରବାଟି ପଟକୁ ଯାଉଥିବା ଏକ ଜେସିବି ସହ ସେମାନଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା।

# କୃଷକ ସମାବେଶରେ ଯୋଗଦେବେ ୨୦୦ ଚାଷୀ

**ରସୁଲପୁର,୨୪।୧(ଡିଏନଏ)**

**ରସୁଲପୁର ବ୍ଲକ**

ରାଜ୍ୟ ସରକାର କୃଷକଙ୍କ ପାଇଁ ଉଦ୍ଦିଷ୍ଟ କାଳିଆ ଯୋଜନାର ଶୁଭାରମ୍ଭ କରିବା ପାଇଁ ଏକ ଚାଷୀ ସମାବେଶର ଆୟୋଜନ କରାଯାଉଛି। ପୁରୀ ଜିଲା ମାଳତିପାଟପୁରସ୍ଥିତ ରାଇଗିଣିଆ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ଏହି ସମାବେଶରେ ଏହି ବ୍ଲକରୁ ୨୦୦ ଚାଷୀ ଯୋଗଦେବେ ବୋଲି ଜଣାପଡ଼ିଛି। ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଛି। ବ୍ଲକ ଅଧୀନ ୧୧ଟି ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ)ରୁ ଚାଷୀ ତାଲିକା ବ୍ଲକକୁ ଆସିଛି। ଏ ସବୁ ଚାଷୀଙ୍କୁ ସମାବେଶ ସ୍ଥଳରେ ପହଞ୍ଚାଇବା ପାଇଁ ଜଣେ ଲେଖାଏ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶୁକ୍ରବାର ସକାଳ ସାଢେ ୫ରୁ ଚାଷୀମାନେ ବସ୍ ଯୋଗେ ପୁରୀ ଅଭିମୁଖେ ଯାତ୍ରା କରିବେ। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ୫ଟି ବସ୍‌ର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବସ୍‌ରେ ୪୦ଜଣ ଲେଖାଏ ଚାଷୀଙ୍କୁ ପରିବହନ କରାଯିବା ନେଇ ତାଲିକା ପ୍ରସ୍ତୁତ ସରିଛି। ସମାବେଶ ସ୍ଥଳରେ ଚାଷୀଙ୍କ ପାଇଁ ଖାଦ୍ୟ ପାନୀୟର ବନ୍ଦୋବସ୍ତ କରାଯାଇଛି। ଏହାସତ୍ତ୍ୱେ ଦୂରଦୂରାନ୍ତ ଜିଲାରୁ ଆସୁଥିବା ଚାଷୀମାନେ ସମାବେଶ ସ୍ଥଳରେ ପହଞ୍ଚିବାରେ ଯେପରି ଅସୁବିଧା ନ ଉପୁଜିବ, ସେଥିପ୍ରତି ସରକାର ଯଥେଷ୍ଟ ସଚେତନ ଅଛନ୍ତି। ଏଥି ସକାଶେ ପ୍ରତ୍ୟେକ ଚାଷୀଙ୍କୁ ଖାଦ୍ୟ ପାନୀୟ ପାଇଁ ୪ଶହ ଟଙ୍କା ପ୍ରଦାନ କରାଯିବ। ଅପରାହ୍ନ ୫ଟାରେ ବସ୍ ପୁଣି ଚାଷୀଙ୍କୁ ଧରି ବ୍ଲକକୁ ଫେରିବ। ଚାଷୀମାନେ ବ୍ଲକରୁ ଯିବେ ଓ ଆସିବେ ବୋଲି ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମାବେଶ ଜରିଆରେ ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ୧୨ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ।

■ ନିମ୍ନମାନର କେନାଲ କାମକୁ ନେଇ ଉତ୍ତେଜନା
# କାମ ବନ୍ଦ କଲେ ଚାଷୀ

**ଢୁବୁରୀ,୨୪।୧(ଡି.ଏନ୍.ଏ.)**

ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତର ବାଲିଆପାଳରେ ଯାଜପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ବାଲିଆପାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଛି। ଠିକାଦାର ନୀତିନିୟମକୁ ବେଖାତିର କରି ଅବଧିର ୨ ବର୍ଷ ପରେ କାମ ଆରମ୍ଭ କରିଥିବାବେଳେ ଅତ୍ୟନ୍ତ ନିମ୍ନମାନର କାମ କରିଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗୁରୁବାର ଉତ୍ତ୍ୟକ୍ତ ଚାଷୀ ଓ ଗ୍ରାମର ଯୁବକ ସଂଘ ଘଟଣାସ୍ଥଳରେ ପହଞ୍ଚି ନିମ୍ନମାନର କାମକୁ ବିରୋଧ କରିବା ସହ କାମ ବନ୍ଦ କରିଦେଇଥିବା ଜଣାପଡିଛି। ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ମୌଜାର ବାଘୁଆପାଳ, ବାଲିଆପାଳ, ରଗଡ଼ା ଆଦି ବିଭିନ୍ନ ଅଞ୍ଚଳର ଜଳସେଚନର ସୁବିଧା ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ବାଲିଆପାଳରେ ଏକ ଜଳସେଚନ ପ୍ରକଳ୍ପ କାମ କରାଯାଉଛି। ୨୦୧୬ରେ ପ୍ରକଳ୍ପ ପାଇଁ ୪୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୦ଟି ଭଟିକାଲ ଫଲ ସହ ୭ ଶହ ମିଟର କେନାଲ କାମ କରିବାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହାର କାର୍ଯ୍ୟାଦେଶ ଯାଜପୁରରୋଡ ଅଞ୍ଚଳର ଜଣେ ଠିକାଦାରଙ୍କୁ ଦିଆଯାଇଥିବା ଜଣାପଡିଛି। ସମ୍ପୃକ୍ତ ଠିକାଦାର ୨୦୧୭ରେ ପ୍ରକଳ୍ପ କାମ ଆରମ୍ଭ କରିଥିବାବେଳେ ପ୍ରଥମରୁ ନିମ୍ନମାନର କାମ କରିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ଶାଳିଜଙ୍ଗା ସରପଞ୍ଚ ଓ ଗ୍ରାମବାସୀ ବିରୋଧ କରି କାମ ବନ୍ଦ କରିଦେଇଥିଲେ। ହେଲେ କିଛିଦିନ ପରେ ଠିକାଦାର ପୁଣି କାମ ଆରମ୍ଭ କରି ନିମ୍ନମାନର କାମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ମାସକ ତଳେ ହୋଇଥିବା ଡ୍ରେନ୍‌ର କିଛି ଅଂଶ ଭାଙ୍ଗିପଡିଥିବା ଗୁଲେନ ଗାଗରାଇ, ଲାଦୁରା କେରେଇ, ମଙ୍ଗଳ ସିଂ ପୂର୍ତ୍ତି, ବିଶ୍ୱଜିତ କେରେଇ, କୁଶୁନ କେରେଇ ପ୍ରମୁଖ କାମ ବନ୍ଦ କରିବା ସହ କିଛି ଖୁଣ୍ଟିଲା କଂକ୍ରିଟ ନମୁନା ବିଭାଗୀୟ ଅଧିକାରୀଙ୍କୁ ଦେଖାଇବେ ବୋଲି କହିଛନ୍ତି। ଏଥିସହ ଏହି ନମୁନା ଲାବୋରେଟେରିରେ ପରୀକ୍ଷା ପାଇଁ ପଠାଇବାକୁ ମଧ ସାଇତି ରଖାଯାଇଥିବା କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସ୍ୱପ୍ନାରାଣୀ ବିଶ୍ୱାଳଙ୍କୁ ଅବଗତ କରିବାରୁ ଖରାପ କାମକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି। ବିଭାଗୀୟ ଏସ୍‌ଡିଓ ଜଗନ୍ନାଥ ମଲ୍ଲିକଙ୍କୁ ପଚାରିବାରୁ ଘଟଣାର ସରଜମିନ ତଦନ୍ତ କରାଯାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

■ ଯାଜପୁର ଜିଲାରେ ସଡ଼କ ଦୁର୍ଘଟଣା ଅଣାୟତ୍ତ
# ୨ବର୍ଷରେ ଗଲାଣି ୪୫୦ ଜୀବନ

**ଯାଜପୁର ଅଫିସ,୨୪।୧**

■ବିପର୍ଯ୍ୟସ୍ତ ଏନ୍‌ଏଚ୍ ନିର୍ମାଣ ଦୁର୍ଘଟଣାର ପ୍ରମୁଖ କାରଣ
■ଫେବୃୟାରୀ ୪ରୁ ୩୦ତମ ରାଷ୍ଟ୍ରୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ



ବୈଠକରେ ଉପସ୍ଥିତ ଅଧିକାରୀ।

ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ ଜିଲାରେ ନାମକୁ ମାତ୍ର ହୋଇଛି। ସଚେତନତା ଓ ବିଭିନ୍ନ କାର୍ଯ୍ୟକ୍ରମ ସୁଚାରୁରୂପେ ହୋଇପାରୁ ନ ଥିବାରୁ ବେଆଇନ ଗାଡ଼ି ଚାଳନା ବୃଦ୍ଧି ପାଉଛି। ବିଶେଷକରି ଯାଜପୁର ଜିଲା ଦେଇ ଯାଇଥିବା ୧୬ ଓ ୫୩ ନମ୍ବର ଜାତୀୟ ରାଜପଥରେ ଖାଲଖମା ଭର୍ତ୍ତି ଦୁର୍ଘଟଣାର ଏକ ପ୍ରମୁଖ କାରଣ ହୋଇଛି। ସଡ଼କ ଦୁର୍ଘଟଣାରେ ଗତ ୨ବର୍ଷରେ ୪୫୦ଜଣଙ୍କ ଜୀବନ ଯିବା ଘଟଣା ପ୍ରଶାସନର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ନାବାଳକଙ୍କ ବେପରୁଆ ବାଇକ ଓ ମୋପେଡ ଚାଳନା ଜିଲାର ଟ୍ରାଫିକ ସମସ୍ୟାକୁ ବିପଦାପନ୍ନ କରିଛି। ଅଣଓସାରିଆ ସଡ଼କପଥ, ଜବରଦଖଲ, ବେପରୁଆ ଗାଡ଼ି ଚାଳନା, ଟ୍ରାଫିକ ଆଇନର ଉଲ୍ଲଂଘନ, ମାଲବାହୀ ଗାଡ଼ି ଓ ଭାରିଯାନ ଚଳାଚଳରେ କଟକଣାର ଅଭାବ, ବିପର୍ଯ୍ୟସ୍ତ ରାସ୍ତା ପ୍ରଭୃତି କାରଣରୁ ଜିଲାରେ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ୨୦୧୭ ବର୍ଷରେ ଯାଜପୁର ଜିଲାରେ ରାସ୍ତା ଦୁର୍ଘଟଣାରେ ୨୦୯ଜଣଙ୍କ ମୃତ୍ୟୁ ହୋଇଥିଲା। ଏହାବାଦ ୪୧୧ଜଣ ଆହତ ହୋଇଥିଲେ। ସେହିପରି ୨୦୧୮ବର୍ଷରେ ୨୪୧ ଜଣଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ଜନତି ମୃତ୍ୟୁ ସଂଖ୍ୟା ହ୍ରାସ ନ ପାଇବା ହିଁ ପ୍ରମାଣ କରୁଛି ସଡ଼କ ସୁରକ୍ଷା ନେଇ କରାଯାଉ ଥିବା କାର୍ଯ୍ୟକ୍ରମ ଓ ପ୍ରଶାସନିକ ତତ୍ପରତାର ସଫଳତା। ୩୦ତମ ରାଷ୍ଟ୍ରୀୟ ସଡ଼କ ସୁରକ୍ଷା ସପ୍ତାହ ଆସନ୍ତା ଫେବୃଆରୀ ୪ରୁ ୧୦ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏଥିନେଇ ଗୁରୁବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଯାଜପୁର ଏସ୍‌ପି ଚରଣ ସିଂ ମୀନା କହିଥିଲେ ଯେ, ଯାଜପୁର ଜିଲାରେ ପୋଲିସ ଓ ପ୍ରଶାସନର ସଡ଼କ ସୁରକ୍ଷା କ୍ଷେତ୍ରରେ ସମସ୍ତ ପ୍ରକାର ତତ୍ପରତା ସତ୍ତ୍ୱେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ନ ହେବା ଅତ୍ୟନ୍ତ ଦୁଃଖଦାୟକ। ଜାତୀୟ ରାଜପଥରେ ନିରାପଦ ଜୀବନ ଯାତ୍ରା ପାଇଁ ଭଲ ସଡ଼କ ଆବଶ୍ୟକ। ହେଲେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦେଉଥିବା ପ୍ରତିଶ୍ରୁତି ମୁତାବକ ରାସ୍ତାକୁ ନିରାପଦ ଭାବେ ନିର୍ମାଣ କରିପାରୁ ନାହାନ୍ତି। ଏହି କାରଣରୁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବା ସହ ବ୍ୟାପକ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏଥିପାଇଁ ଉପସ୍ଥିତ ଜାତୀୟ ରାଜପଥ ଅଧିକାରୀଙ୍କ ଉପରେ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। କମିଟିର ବରିଷ୍ଠ ସଭ୍ୟ ସତୀଶ ବିଶ୍ୱାଳଙ୍କ ପ୍ରସ୍ତାବକ୍ରମେ ଚଳିତବର୍ଷ ସଡ଼କ ସୁରକ୍ଷା ସପ୍ତାହର ଉଦ୍‌ଘାଟନ ଉତ୍ସବ ଯାଜପୁରରୋଡରେ କରାଯିବାକୁ ସ୍ଥିର ହୋଇଛି। ସପ୍ତାହବ୍ୟାପୀ ଆୟୋଜିତ ହେବାକୁ ଥିବା ସଡକ ସୁରକ୍ଷା ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା ସହ ଗଣଦୌଡ଼, ରାଲି, ପ୍ରଚାରପତ୍ର, ବ୍ୟାନର ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯିବ। ଏହି ଅବସରରେ ଚଣ୍ଡିଖୋଲ ଆର୍‌ଟିଓ ଲାଲମୋହନ ସେଠୀ, ଯାଜପୁର ଅତିରିକ୍ତ ଆରଟିଓ ଏସ.ଏନ. ପଣ୍ଡା, ଯାଜପୁର ଏମଭିଆଇ ଦୀପକ କୁମାର ସେଠୀ,ଏସଡିପିଓ ପ୍ରଶାନ୍ତ କୁମାର ମଲିକ୍, କମିଟି ସଭ୍ୟ ବିଜୟ କୁମାର ମହାନ୍ତି, ପଦ୍ମନାଭ ଜେନା, ପି.ଏନ. ନାୟକ, ରଜତ କୁମାର ପ୍ରହରାଜ, ଯାଜପୁର ମୁନିସପାଲଟି ନିର୍ବାହୀ ଅଧିକାରୀ ସରୋଜ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ନିରନ୍ତର ଭାବେ ବିନା ହେଲମେଟ୍, ମଦ୍ୟପାନ କରି ଗାଡ଼ି ଚାଳନା, ଦ୍ରୁତ ଗାଡ଼ି ଚାଳନା, ସିଟ୍ ବେଲ୍ଟ ନ ଲଗାଇ ଗାଡ଼ି ଚାଳନା, ମୋବାଇଲ ବ୍ୟବହାର କରିବା, ବେପରୁଆ ଗାଡ଼ି ଚାଳନାକୁ ରୋକିବାକୁ କଡାକଡ଼ି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା।



ମୁଁ ମନୁଷ୍ୟ ପ୍ରକୃତିକୁ ସନ୍ଦେହ କରିବି ନାହିଁ। ଜଣକ ପ୍ରତି ସୁ ବ୍ୟବହାର କଲେ ଓ ବନ୍ଧୁ ଭାବାପନ୍ନ ହେଲେ ସେ ଅବଶ୍ୟ ତା'ର ଯଥାର୍ଥ ପ୍ରତିଦାନ ଦେବ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଶିକ୍ଷୟିତ୍ରୀ ନିଖୋଜ, ଥାନାରେ ଅଭିଯୋଗ

କୋରେଇ,୨୪।୧(ସ୍ୱ.ପ୍ର.)- କୋରେଇ ଥାନା ଅନ୍ତର୍ଗତ ରଣପୁର ପଞ୍ଚାୟତର ଜଣେ ଶିକ୍ଷୟିତ୍ରୀ ସବୁଦିନ ପରି ଗୁରୁବାର ସକାଳେ ସ୍କୁଲ ଯାଉଥିଲେ। ହେଲେ ଘରକୁ ନ ଫେରିବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସେ ସ୍ଥାନୀୟ ଏକ ଶିଶୁ ମନ୍ଦିରରେ ଶିକ୍ଷୟିତ୍ରୀ ଥିଲେ। ପ୍ରକାଶ ଯେ, ଫେବୃୟାରୀ ୧୩ରେ ତାଙ୍କର ବାହାଘର ହୋଇଥାନ୍ତା। ବିବାହ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା।

### ନିଆଁରେ ପୋଡ଼ି ହେବା ଘଟଣା, ମହିଳା ମୃତ

କୋରେଇ,୨୪।୧(ସ୍ୱ.ପ୍ର.)- କୋରେଇ ଥାନା ଅନ୍ତର୍ଗତ ମହୁଲିଆ ଗ୍ରାମରେ ଚୁଲି ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଥିବା ହେମଲତା ମିଶ୍ର(୫୪)ଙ୍କର ଗୁରୁବାର ମୃତ୍ୟୁ ହୋଇଛି। ପ୍ରକାଶ ଯେ, ଗତ ୧୯ ତାରିଖ ରାତିରେ ପ୍ରବଳ ଥଣ୍ଡା ହେବାରୁ ହେମଲତା ଚୁଲି ନିଆଁରେ ସେକି ହେଉଥିଲେ। ହଠାତ୍ ତାଙ୍କ ସ୍ୱେଟରରେ ନିଆଁ ଲାଗିଯିବାରୁ ସେ ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

### ଚଣ୍ଡିଖୋଲରେ ଖୋଲିବ ନୂତନ ସବ୍‌ଜଜ୍ କୋର୍ଟ

ଚଣ୍ଡିଖୋଲ,୨୪।୧(ଡି.ଏନ.ଏ.)- ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି ସିଭିଲ୍ ଜଜ୍ (ଜୁନିୟର ଡିଭିଜନ) କୋର୍ଟ ପରିସରରେ ନୂତନ ସବ୍ ଜଜ କୋର୍ଟ ଖୋଲିବା ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ଜୀବନାନନ୍ଦ ପାଢୀଙ୍କୁ ଓଡ଼ିଶା ହାଇକୋର୍ଟ ନୂତନ ଜଜ ଭାବେ ନିଯୁକ୍ତି ଦେଇଥିବା ସୂଚନା ମିଳିଛି। ଦୀର୍ଘ ଦିନର ଦାବି ଓ ଓକିଲ ସଂଘର ଆନ୍ଦୋଳନ ପରେ ସିଭିଲ୍ ଜଜ (ସିନିୟର ଡିଭିଜନ) କୋର୍ଟ ଖୋଲିବା ନିଷ୍ପତ୍ତି ହୋଇଥିବାରୁ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ ତରଫରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଯାଇଛି। ଏହି କୋର୍ଟ ଖୋଲିବା ପରେ ବଡ଼ଚଣା, ଧର୍ମଶାଳା, ବାଲିଚନ୍ଦ୍ରପୁର, ବୈରୀ, ଜେନାପୁର ଓ କୁଆଖିଆ ଥାନା ଅଞ୍ଚଳର ଜନସାଧାରଣଙ୍କୁ ଜମିଜମା ମାମଲା ପାଇଁ ଆଉ ଯାଜପୁର ଯିବାକୁ ପଡ଼ିବ ନାହିଁ। ଜମିଜମା ସଂକ୍ରାନ୍ତୀୟ ସମସ୍ତ ମାମଲା ଏହି କୋର୍ଟରେ ବିଚାର କରାଯିବ ବୋଲି ବାର ଆସୋସିଏଶନ ତରଫରୁ ସୂଚନା ଦିଆଯାଇଛି। ବିଜ୍ଞପ୍ତି ପ୍ରକାଶ ପାଇବା ନେଇ ଚଣ୍ଡିଖୋଲ ବାର ଆସୋସିଏଶନ ସଭାପତି ଶରତ କୁମାର ଷଡ଼ଙ୍ଗୀ, ସମ୍ପାଦକ ଜନ୍ ବେହେରାଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟ ଆଇନମନ୍ତ୍ରୀ, ବିରୋଧୀ ଦଳ ନେତା, ବଡ଼ଚଣା ଓ ଧର୍ମଶାଳା ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଧର୍ମଶାଳା ଅଞ୍ଚଳରେ କାଉ ମଡ଼କ

ଧର୍ମଶାଳା,୨୪।୧(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ତରଞ୍ଜିଆ ଗ୍ରାମରେ କାଉ ମଡ଼କ ଦେଖାଦେଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବାର୍ଡଫ୍ଲୁ ଲାଗିରହିଥିବା ବେଳେ ଅଞ୍ଚଳରେ କାଉ ମରିବା ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ପ୍ରକାଶ ଯେ, ଗୁରୁବାର ସକାଳେ ଗ୍ରାମର ଏକ ବରଗଛ ମୂଳେ ୩ଟି କାଉ ମରି ପଡ଼ିଥିବା ଲୋକେ ଦେଖିଥିଲେ। ତେବେ ବାର୍ଡଫ୍ଲୁ ଯୋଗୁ କାଉ ଏଭଳି ଭାବେ ମରିଥିବା ସନ୍ଦେହ କରାଯାଉଛି। ପ୍ରାଣୀଧନ ବିଭାଗ ପକ୍ଷରୁ ଏହାର ପ୍ରତିକାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ■ଭାଗବତ ଟୁଙ୍ଗି ପାଇଁ ବଢୁଛି ବିମୁଖତା

# ପୁନରୁଦ୍ଧାର ପାଇଁ ମିଳୁନି ଅନୁଦାନ

ଯାଜପୁରରୋଡ,୨୪।୧(ନି.ପ୍ର.)

ଓଡ଼ିଶାର ଗ୍ରାମ ସଂସ୍କୃତିରେ ଭାଗବତ ଟୁଙ୍ଗିର ମହନୀୟତା ଅତୁଳନୀୟ। ଗାଁ ଗଣ୍ଡାରେ ଲୋକେ ଦିନତମାମ ପରିଶ୍ରମ କରି ସନ୍ଧ୍ୟାରେ ଶ୍ରୀଜଗନ୍ନାଥଙ୍କ ଚରଣରେ ଶରଣ ପଶିଥାନ୍ତି ଓ କୃଷ୍ଣ ନାମ ଶୁଣିବା ପାଇଁ ଭାଗବତ ଟୁଙ୍ଗୀରେ ଉପସ୍ଥିତ ରହି ଭାଗବତ ଶୁଣନ୍ତି। ଭାଗବତ ଶୁଣିବା ଦ୍ୱାରା ମନରେ ଥିବା ଅହଂଭାବ ଦୂରେଇ ଯାଇ ଧାର୍ମିକ ଓ ଅଧ୍ୟାତ୍ମିକ ଚେତନା ଜାଗ୍ରତ ହୋଇଥାଏ। ଟୁଙ୍ଗୀରେ ଗାଁ ସଂସ୍କୃତି ବିଷୟରେ ଶିକ୍ଷାଲାଭ କରିବା ସହ ଭଜନ ଶୁଣିଥାନ୍ତି। ଝାଞ୍ଜ ବଜାଇ ରାଧା କୃଷ୍ଣ ନାମ ଗାଇ ଆଧ୍ୟାତ୍ମିକ ଦୁନିଆରେ ମଜ୍ଜିଯାଆନ୍ତି। ଭାଗବତ ଟୁଙ୍ଗି ଗାଁରେ ଭାଇଚାରା ବଜାୟ ରଖେ। ଗାଁର ଗଣ୍ଡଗୋଳ ଥାନାକୁ ନ ଯାଇ ଟୁଙ୍ଗୀରେ ମିମାଂଶ ହୋଇଥାଏ। ହେଲେ ଯୁବପିଢ଼ି ଭାଗବତ ଟୁଙ୍ଗିରୁ ବିମୁଖ ହେବା ଯୋଗୁ ଗାଁର ଅଶାନ୍ତି ଓ ରାଜନୈତିକ ବାତାବରଣ ସୃଷ୍ଟି ହୋଇଛି। ରାଜ୍ୟ ସରକାର ଭାଗବତ ଟୁଙ୍ଗି ପୁନରୁଦ୍ଧାର ପାଇଁ ଯୋଜନା କରିଛନ୍ତି। ଏନେଇ ୨୫,୦୦୦ ଟଙ୍କା ଅନୁଦାନ ଯୋଗାଇଦେବାକୁ ନିୟମ କରାଯାଇଛି। କିନ୍ତୁ ଯାଜପୁର ଜିଲାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ପ୍ରତିବର୍ଷ ଭାଗବତ ଟୁଙ୍ଗୀ ପାଇଁ ଗାଁ କମିଟି ପକ୍ଷରୁ ଦରଖାସ୍ତ ଦିଆଯାଉଛି। କିନ୍ତୁ ଅନୁଦାନ ମିଳୁନାହିଁ। ବିଡିଓଙ୍କ ଜରିଆରେ ଭାଗବତ ଟୁଙ୍ଗି ପୁନରୁଦ୍ଧାର ପାଇଁ ଜିଲା ସଂସ୍କୃତି ବିଭାଗକୁ ଦରଖାସ୍ତ କରାଯାଇଥିଲା। ବିଡିଓ ଏହାର ତଦନ୍ତ କରି ୬ ମାସ ହେବ ସଂସ୍କୃତି ବିଭାଗକୁ ପଠାଇ ଦେଇଥିଲେ ମଧ୍ୟ ଏହା ବିଭାଗ ଫାଇଲ୍ ତଳେ ପଡ଼ିରହିଛି। ଏହାକୁ ଗୁରୁତ୍ୱ ଦିଆଯାଉନାହିଁ। ଏ ସମ୍ପର୍କରେ ସଂସ୍କୃତି ବିଭାଗ ଦାୟିତ୍ୱରେ ଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କୁ ପଚାରିବାରେ, ଦରଖାସ୍ତ ଆସି ପହଞ୍ଚିଛି। ଜିଲାପାଳଙ୍କ ଅନୁମୋଦନ ପାଇଁ ପଠାଯିବ ବୋଲି କହିଥିଲେ।



■ଆଧ୍ୟାତ୍ମିକ ଚେତନା ଜାଗ୍ରତ କରାଏ ଟୁଙ୍ଗି
■ଗାଁରେ ଭାଇଚାରା ବଜାୟ ରଖେ
■ଭାଗବତ ଟୁଙ୍ଗିରୁ ବିମୁଖ ଯୁବପିଢ଼ି

## ଭୁବନେଶ୍ୱର ପଞ୍ଚାୟତ କଂଗ୍ରେସ କର୍ମୀ ବୈଠକ

ବିରଜାକ୍ଷେତ୍ର,୨୪।୧(ଡି.ଏନ୍.ଏ)

ଯାଜପୁର ବ୍ଲକସ୍ଥିତ ଭୁବନେଶ୍ୱର ଗ୍ରାମପଞ୍ଚାୟତର ଅନନ୍ତ ବାସୁଦେବ ମନ୍ଦିର ପ୍ରାଙ୍ଗଣରେ ନବନିଯୁକ୍ତ ସଭାପତି ଅଶ୍ୱିନୀ କୁମାର ରାୟଙ୍କ ଅଧ୍ୟକ୍ଷତାରେ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ ଯୋଗଦେଇ ବିଜେଡି ସରକାରଙ୍କ କାଳିଆ ଯୋଜନା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପ୍ରକୃତ ହିତାଧିକାରୀ ଉପକୃତ ହେଉନାହାନ୍ତି ବୋଲି କହିବା ସହ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସରକାରୀ ଖର୍ଚ୍ଚରେ ସଚେତନ କାର୍ଯ୍ୟକ୍ରମକୁ ପିଠା ଯୋଜନା କହି ଜନସାଧାରଣଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି କହିଥିଲେ। ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି କହିଥିଲେ ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାକୁ ଟକ୍କର ଦେଇ ବିଜୁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ଛଡ଼ା ଅନ୍ୟ କିଛି ମିଳୁନାହିଁ ବୋଲି ଅଭିଯୋଗ କରିଥିଲେ। ଏଆଇସିସି ସଭ୍ୟା ଦୀପ୍ତିରେଖା ମିଶ୍ର ସାଧାରଣ ଲୋକଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ଓ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଶାସନକାଳ ମଧ୍ୟରେ ବଳାତ୍କାର, ମହିଳାଙ୍କ ପ୍ରତି ଅତ୍ୟାଚାର, ହତ୍ୟା, ଲୁଣ୍ଠନ, ଚୋରି, ଡକାୟତି ଆଦି ବୃଦ୍ଧି ପାଇଛି ବୋଲି କହିଥିଲେ। ୨୯ ନମ୍ବର ଜୋନର ସଭାପତି ଶ୍ରମିକ ନେତା ରଘୁନାଥ ମାଝୀ, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଦାସ, ପଞ୍ଚାୟତ କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ସାହୁ, କଂଗ୍ରେସ ନେତା କୀର୍ତ୍ତନ ଜେନା, ହରିଜନ ସେଲର ଦଇତାରୀ ଜେନା, ଅର୍ଜୁନ ଜେନା, ବିଦ୍ୟାଧର ସେନାପତି, ଶରତ ବିଶ୍ୱାଳ, ଲକ୍ଷ୍ମୀଧର ମହାନ୍ତି, ଶରତ ବିହାରୀ ପ୍ରମୁଖ ଯୋଗଦେଇ ଭୁବନେଶ୍ୱରରେ ଶୁକ୍ରବାର ହେବାକୁ ଥିବା ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସଭାରେ ବହୁ ସଂଖ୍ୟାରେ ଯୋଗ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜୋନ ସାଧାରଣ ସମ୍ପାଦକ ରବିନାରାୟଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ■ବରୀ ଚାଷୀ ଆତ୍ମହତ୍ୟା ଘଟଣା

# ୩ଦିନ ପରେ ବି ପହଞ୍ଚିଲାନି ପ୍ରଶାସନ

**ମୃତକଙ୍କ ପରିବାରକୁ ଭେଟିଲା ଭାଜପା ଟିମ୍**

ବିଞ୍ଝାରପୁର, ୨୪।୧ (ଡି.ଏନ.ଏ)

ଯାଜପୁର ଜିଲା ବରୀ ବ୍ଲକ ଅଙ୍ଗାଲୋ ପଞ୍ଚାୟତ ଅରିଲୋ ଗ୍ରାମରେ ଗତ ମଙ୍ଗଳବାର ଜଣେ ଗରିବ ଭୂମିହୀନ ଭାଗଚାଷୀ ଋଣଭାର ସହି ନ ପାରି ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ୩ଦିନ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରଶାସନ ମୃତକଙ୍କ ପରିବାର ନିକଟରେ ପହଞ୍ଚିପାରି ନାହିଁ। ପ୍ରଶାସନର ଏହି ଅଣଦେଖାକୁ ନେଇ ସାଧାରଣରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଘଟଣାସ୍ଥଳରେ ରାଜ୍ୟ ଭାଜପା ଟିମ ଓ ନବ ନିର୍ମାଣ କୃଷକ ସଂଘର ରାଜ୍ୟସ୍ତରୀୟ ନେତାମାନେ ପହଞ୍ଚି ଅସହାୟ ପରିବାରକୁ ଆଶ୍ୱସନା ଦେବା ସହିତ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସୂଚନା ଥାଉକି, ବରୀ ବ୍ଲକ ତଥା ବିଞ୍ଝାରପୁର ଥାନା ଅନ୍ତର୍ଗତ ଅଙ୍ଗାଲୋ ପଞ୍ଚାୟତ ଅରିଲୋ ଗ୍ରାମର କରୁଣାକର ସାମଲଙ୍କ ସାନ ପୁଅ ବାନାମ୍ବର(୪୨) ମଙ୍ଗଳବାର ଭୋର ସମୟରେ ବିଲକୁ ଯାଇଥିଲେ। ହେଲେ ସକାଳ ୭ଟାରେ ବାନାମ୍ବରଙ୍କୁ କାଣିନଦୀ କୂଳରେ ଥିବା କାଟଣ୍ଡା ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏହି ଅସହାୟ ପରିବାରକୁ ସାମାଜିକ ନିରାପତ୍ତା ଯୋଗାଇ ଦେବାକୁ ଗ୍ରାମବାସୀ ଅଣ୍ଟା ଭିଡିଥିଲାବେଳେ ଶୁକ୍ରବାର ପ୍ରଶାସନ ନିକଟରେ ଦାବି ଜଣାଇବ ବୋଲି ବିଶ୍ୱସ୍ତସୂତ୍ରରୁ ଖବର ମିଳିଛି।

## ■ଆଜି କଳିଙ୍ଗ ଯୁବ ମହୋତ୍ସବ

# ଯୁବ ପ୍ରତିଭାଙ୍କୁ ବିକଶିତ କରିବା ମୂଳ ଲକ୍ଷ୍ୟ

ଯାଜପୁରରୋଡ,୨୪।୧(ନି.ପ୍ର.)

ତୃତୀୟ ରାଜ୍ୟସ୍ତରୀୟ କଳିଙ୍ଗ ଯୁବ ମହୋତ୍ସବ ଶୁକ୍ରବାର ଶଙ୍ଖଚିଲା ମା' ହିଙ୍ଗୁଳା ପୀଠରେ ୩ ଦିନ ଧରି ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ରାଜ୍ୟର ବହୁ ଯୁବ ଚେହେରା ଓ ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗ୍ରାମୀଣ ଯୁବତୀ ଯୁବକଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରି ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ସେମାନଙ୍କୁ ପ୍ରତିପାଦନ କରାଯାଇ ଓଡ଼ିଶାର ଗୌରବମୟ ସଂସ୍କୃତି ଓ ଗୌରବକୁ ପ୍ରସାରିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମହୋତ୍ସବର ଅଧ୍ୟକ୍ଷ ତଥା ଯୁବନେତା ମନୋଜ କୁମାର ଜେନା ସୂଚନା ଦେଇଛନ୍ତି। ଯୁବୀ ଯୁବକଙ୍କ ପାଇଁ ବକ୍ତୃତା, ଚିତ୍ରାଙ୍କନ, ପ୍ରଶ୍ନୋତ୍ତର, ସଂଗୀତ, ନୃତ୍ୟ, ନାଟକ, ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। କଳିଙ୍ଗ ବୀର ଗାଥାକୁ ଯୁବପିଢିଙ୍କ ମଧ୍ୟରେ ସଞ୍ଚାରିତ କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରାଯିବ। କଳିଙ୍ଗ ଯୁବ ମହୋତ୍ସବ କମିଟି ଆବାହକ ମଦନ ମୋହନ ବେହେରା, ସମ୍ପାଦକ ଲକ୍ଷ୍ମୀଧର ରଥ, ଯୁଗ୍ମ ସମ୍ପାଦକ ଗୁଣନିଧି ଗୁରୁ, ସଦସ୍ୟ ପ୍ରସନ୍ନ ସ୍ୱାଇଁ, ପ୍ରଦୀପ ଜେନା, ଅଶ୍ୱିନୀ ନାୟକ, ରାଘବଚନ୍ଦ୍ର ସାହୁ, ଅକ୍ଷୟ ଜେନା, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ବହୁ ବ୍ୟକ୍ତି ମହୋତ୍ସବରେ ଯୋଗଦେବେ।

## ଆରଟିଓ ଅଫିସରେ ଗଣ୍ଡଗୋଳ ଘଟଣା: ୨ କୋର୍ଟ ଚାଲାଣ

ଚଣ୍ଡିଖୋଲ,୨୪।୧(ଡି.ଏନ.ଏ.)

ଚଣ୍ଡିଖୋଲସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ନାରାୟଣ ପ୍ରସାଦ ବେହେରା ଗୁରୁବାର ୨ ଜଣଙ୍କୁ ଗିରଫ କରିଥିଲେ। ଏସ୍‌ଡିପିଓ କେଦାରନାଥ ସାହୁଙ୍କ ନିର୍ଦ୍ଦେଶରେ କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ହେଲେ ଚଣ୍ଡିଖୋଲ ଅଞ୍ଚଳର ବଳିଆ ବ୍ରହ୍ମ ଓ ନାରାୟଣ ପ୍ରସାଦ ବେହେରା। ପ୍ରକାଶ ଯେ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ଗତ ଡିସେମ୍ବର ୧୨ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ସମୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଖୋଲା ରହିଥିଲା। କଂଗ୍ରେସ କର୍ମୀ କାର୍ଯ୍ୟାଳୟ ବନ୍ଦ କରିବାକୁ ଯାଇଥିବା ବେଳେ ଚଣ୍ଡିଖୋଲ ଆରଟିଓ ଲାଲମୋହନ ସେଠୀଙ୍କ ସହ ଝଗଡ଼ା ହୋଇଥିଲା। ଏନେଇ ଆରଟିଓ ସେଠୀ ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୨୦୪/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ଜଗନ୍ନାଥ ଚେତନା ମହାଧିବେଶନ ପାଇଁ ପ୍ରସ୍ତୁତି ଜୋରଦାର

ବିରଜାକ୍ଷେତ୍ର,୨୪।୧(ଡି.ଏନ୍.ଏ)



ମହାଧିବେଶନ ପାଇଁ ବାଳାଶ୍ରମ ପଡିଆରେ ପ୍ରସ୍ତୁତି ଚାଲିଛି ।

ଉତ୍କଳୀୟ ପରମ୍ପରା, ଐତିହ୍ୟ ଓ ସଂସ୍କୃତି ବିଷୟରେ ଜାଣିବା ଓ ଜଗନ୍ନାଥ ସଂସ୍କୃତି ଧୀରେଧୀରେ ଅବକ୍ଷୟ ହେଉଥିବାରୁ ଜଗନ୍ନାଥ ସଂସ୍କୃତି ବିଷୟରେ ଘରେ ଘରେ ଜଗନ୍ନାଥ ସଂସ୍କୃତି ପହଞ୍ଚିବା ଲକ୍ଷ୍ୟ ନେଇ ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ପ୍ରଥମ ଥର ପାଇଁ ଜଗନ୍ନାଥଙ୍କ ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଫେବୃୟାରୀ ୧ରୁ ୧୦ତାରିଖ ପର୍ଯ୍ୟନ୍ତ ୩୭ତମ ଜଗନ୍ନାଥ ଚେତନା ମହାଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି। ପୁରୀର ବିଶ୍ୱ ଜଗନ୍ନାଥ ଚେତନା ସଂସଦର ଉଦ୍ୟମ କ୍ରମେ ଯାଜପୁରର ବିରଜା ସଂସ୍କୃତି ପ୍ରଚାର ସମିତି, ଶ୍ରୀବିରଜା ସେବା ସମିତି ସହଯୋଗରେ ଏହି ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ମହାଧିବେଶନ ପାଇଁ ୧୭ ତାରିଖରେ ବାଳାଶ୍ରମ ପଡ଼ିଆରେ ଭୂମିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଆସନ୍ତା ୨୭ରେ ସହରର ସମସ୍ତ ପୂଜା କମିଟି, ବୁଦ୍ଧିଜୀବୀ, ସାଧାରଣ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନକୁ ନେଇ ଏକ ରୂପରେଖ ପ୍ରସ୍ତୁତ କରାଯିବ। ଫେବୃୟାରୀ ୧ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରୁ ଏକ ବିରାଟ ପାଟପଟୁଆରରେ ଆଜ୍ଞାମାଳ ଆସି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ନିକଟରେ ସମର୍ପଣ ହେବାପରେ ମା' ବିରଜାଙ୍କ ଆଜ୍ଞାମାଳ ପାଟପଟୁଆରରେ ବାଳାଶ୍ରମ ପଡ଼ିଆରେ ପହଞ୍ଚିବା ପରେ ମହାଚେତନା ଅଧିବେଶନ ଆରମ୍ଭ ହେବ। ଏହି ୩୭ତମ ଜଗନ୍ନାଥ ଚେତନା ମହାଧିବେଶନ ପାଇଁ ବାଳାଶ୍ରମ ପଡ଼ିଆରେ ଜୋରଦାର ପ୍ରସ୍ତୁତି ଚାଲିଛି। କାର୍ଯ୍ୟକ୍ରମ ପାଇଁ ବ୍ୟାପକ ଆୟୋଜନ ଥିବାରୁ ରାତିରେ ଜଗନ୍ନାଥଙ୍କ ନିମନ୍ତେ ଅସ୍ଥାୟୀ ମନ୍ଦିର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଯାଜପୁର ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ହୋର୍ଡ଼ିଂ, ପୋଷ୍ଟର, ଲିଫ୍‌ଲେଟ୍ ଓ ଗାଡ଼ିରେ ପ୍ରଚାରପତ୍ର ଲଗାଯାଇଛି। ମହାଧିବେଶନରେ ସାଧାରଣ ଲୋକେ ଜଗନ୍ନାଥ ମହାପ୍ରଭୁଙ୍କ ସମ୍ମୁଖରେ ବହୁ ଅଜଣା କଥା ଜାଣିବାକୁ ପାଇବେ। ପାଇଁ ବାଳାଶ୍ରମ ପଡ଼ିଆରେ ପୁରୀ ମନ୍ଦିରର ଏକ ନକଲ ସ୍ଥାନୀତ କରାଯିବା ପାଇଁ ପ୍ରସ୍ତୁତି ଚାଲିଛି । ଏଥିସହ ମେଘନାଦ ପାଚେରି, ୨୨ ପାହାଚ, ୧୮ ହାତ ଦୁର୍ଗାମୂର୍ତ୍ତୀ ପ୍ରଦର୍ଶନ କରାଯିବ। ୩୦ ଫୁଟ୍ ଚଉଡ଼ା ଓ ୩୦ଫୁଟ୍ ଉଚ୍ଚତା ବିଶିଷ୍ଟ ଅସ୍ଥାୟୀ ଜଗନ୍ନାଥ ମନ୍ଦିର ନିର୍ମାଣ ହେବା ସହ ୨୨ଫୁଟ୍ ଉଚ୍ଚତାରେ ୫ଫୁଟ୍ ଉଚ୍ଚତାର ଜଗନ୍ନାଥ ମୂର୍ତ୍ତୀ ପୂଜା ପାଇବେ ବୋଲି ଜଗନ୍ନାଥଧାମ ମୁଖ୍ୟ ଆଚାର୍ଯ୍ୟ ସୂର୍ଯ୍ୟନାରାୟଣ ନାଥଶର୍ମା ସୂଚନା ଦେଇଛନ୍ତି।

### ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ

ସିଂହପୁର,୨୪।୧(ଡି.ଏନ୍.ଏ.)

ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ୪୩ତମ ସାଂସ୍କୃତିକ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅଧ୍ୟକ୍ଷ କ୍ଷୀରୋଦ କୁମାର ବେହେରା ସଭାପତିତ୍ୱ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ସୁଶାନ୍ତ ନାୟକ ମୁଖ୍ୟଅତିଥି, ପ୍ରାଧ୍ୟାପକ ହରିଶ୍ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ ପରିଷଦର ଉପସଭାପତି ଅଧାପକ ଶ୍ରୀକାନ୍ତ ନାୟକ ବିବରଣୀ ପ୍ରଦାନ କରିଥିଲେ। ସହଯୋଗୀ ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାମଲ, ଗଗନ ବିହାରୀ ବେହେରା, ଅଧାପିକା ରୋଜାଲିନ କୁଅଁର, ସୁଚିସ୍ମିତା ନାୟକ, ସଭା ପରିଚାଳନାରେ ସହାୟତା କରିଥିଲେ।

## ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ବିରଜାକ୍ଷେତ୍ର,୨୪।୧(ଡି.ଏନ୍.ଏ)

ଯାଜପୁର ସହରର ସରକାରୀ ବାଳିକା ବିଦ୍ୟାଳୟରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ସମାଜରେ କନ୍ୟାଙ୍କ ପ୍ରତି ଅସୌଜନ୍ୟ ବ୍ୟବହାର, ଏକାଧିକ ମହିଳାଙ୍କୁ ବିବାହ ଓ ଯୌତୁକ ପ୍ରଥା ଭଳି ଘୃଣ୍ୟ କାର୍ଯ୍ୟ ସମାଜରେ ବୃଦ୍ଧି ପାଇଛି ବୋଲି ମୁଖ୍ୟ ଅତିଥିଭାବେ ଜିଲା ଲୋକସମ୍ପର୍କ ଅଧିକାରୀ କହିଥିଲେ। ଯାଜପୁର ବ୍ଲକ ଶିକ୍ଷାଧିକାରୀ ସ୍ମୃତିରେଖା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଦିବସରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ରୀତା ବେହେରା, ସଦସ୍ୟ ହୃଷିକେଶ ପଣ୍ଡା, ରୁଦ୍ରନାରାୟଣ ପୃଷ୍ଟି, ଶୁଭ୍ରାଂଶୁ ରାୟ ପ୍ରମୁଖ ଯୋଗଦେଇ କନ୍ୟା ସନ୍ତାନ, ଅମୂଲ୍ୟ ରତ୍ନ ବୋଲି କହିବା ସହ ସରକାରଙ୍କ ଦ୍ୱାରା ନିଆଯାଇଥିବା ଆଇନଗତ କାର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଦିବସ ଉପଲକ୍ଷେ ବିଭିନ୍ନ ସ୍କୁଲରେ ହୋଇଥିବା ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସରକାରୀ ବାଳିକା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଷମା ମଞ୍ଜରୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଜାତୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ ସକାଳୁ ବାଳାଶ୍ରମ ପଡ଼ିଆରେ ଏକ ସଚେତନତା ରଥକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବାଳାଶ୍ରମ ପଡ଼ିଆରୁ ଏକ ସଚେତନତା ଶୋଭାଯାତ୍ରାରେ ୪ଶହ ଛାତ୍ରୀ ବାହାରି ଯାଜପୁର ସହର ପରିକ୍ରମା କରି କନ୍ୟା ସନ୍ତାନ ଅଲୋଡ଼ା ନୁହେଁ ବାର୍ତ୍ତାକୁ ସମାଜରେ ପହଞ୍ଚାଇବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। ଯାଜପୁର ଜିଲା ସ୍କୁଲ, ହରିସାମନ୍ତ ହାଇସ୍କୁଲ, ବି.ଡି ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, ସନପବ୍ଲିକ୍ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଯାଜପୁର ନଗର ପ୍ରମୁଖ ଛାତ୍ରୀମାନେ ଯୋଗ ଦେଇଥିଲେ।

## ■ନେତାଜୀ ଯୁବକ ସଂଘ ବାର୍ଷିକୋତ୍ସବର ପ୍ରଥମ ସନ୍ଧ୍ୟା

# 'ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ'

କୋରେଇ,୨୪।୧(ସ୍ୱ.ପ୍ର.)



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ ।

ପଥରପଦାସ୍ଥିତ ନେତାଜୀ କ୍ଲବ ଆନୁକୂଲ୍ୟରେ ତ୍ରିଦିବସୀୟ ୨୩ତମ ନେତାଜୀ ଜୟନ୍ତୀ ଓ ୨୩ତମ ବାର୍ଷିକୋତ୍ସବର ପ୍ରଥମ ସନ୍ଧ୍ୟା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୋରେଇ ବିଧାୟକ ଆକାଶ ଦାସନାୟକ ଉତ୍ସବ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ଅଶୋକ କୁମାର ବେହେରା ସଭାପତିତ୍ୱ କରିଥିଲେ। ବିଧାୟକ ଦାସନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦେଶ ଓ ରାଜ୍ୟ ପାଇଁ ଅବଦାନ ରଖିଥିବା ମହାପୁରୁଷଙ୍କ ପ୍ରତିଭା ପୂଜନ ହୋଇପାରିଲେ ଦେଶ ଓ ଜାତି ଆଗକୁ ଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଁ ସୁଭାଷ କହୁଛି ବହି ପଢିବା ପରେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ବର୍ତ୍ତମାନ ଯୁବସମାଜ ଓଡ଼ିଶାର ଗର୍ବ ଓ ବିଶ୍ୱରେ ଦକ୍ଷ ନେତା ଦେଇପାରିଥିବା ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅଧାପିକା ସରିତା ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମ୍ପାଦକ ମାନସ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ପ୍ରଦୀପ କୁମାର ବିଶ୍ୱାଳ ମୁଖ୍ୟବକ୍ତା, ଜିଲା ଉପ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସ, ଖବରଦାତା ସୁପ୍ରିୟା ଦାଶ, ଶୁଭଶ୍ରୀ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ନିଶା ନିବାରଣ ଓ ମହିଳା ହିଂସା ରୋକିବାରେ କ୍ଲବର ସଦସ୍ୟମାନେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ବେହେରା, ମଧୁସୂଦନ ସାହୁ ମଞ୍ଚାସୀନ ଥିବାବେଳେ ଅନୁଷ୍ଠାନ ପକ୍ଷରୁ ମୁଖ୍ୟବକ୍ତା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଥରପଦା ସରପଞ୍ଚ ପ୍ରକାଶ ଚନ୍ଦ୍ର ମଲ୍ଲିକ, ଯୁବନେତା ସ୍ୱପ୍ନାନନ୍ଦ ଦାସ, ସେକ ଜହର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୟ କୁମାର ବେହେରା, ଚନ୍ଦ୍ରକାନ୍ତ ବିଶ୍ୱାଳ, ପ୍ରଶାନ୍ତ ଦାସ, ପର୍ଶୁରାମ ବେହେରା, ସୌମ୍ୟରଞ୍ଜନ ସାହୁ, ପ୍ୟାରିମୋହନ ବାରିକ, ଉମେଶ ବାରିକ, ବିନୟ ସାସ, ସୋମନାଥ ପୃଷ୍ଟିଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାମାଜିକ କର୍ମୀ ସୁବାସ ଧଳ ଧନ୍ୟବାଦ ଦେଇଥିଲେ।

## ■କାଳିକାହୁଡା ପ୍ରାଥମିକ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା

# ପିଲାଙ୍କ ପରିଚ୍ଛନ୍ନତା ପ୍ରତି ଦିଆଯାଉନି ଗୁରୁତ୍ୱ

ରସୁଲପୁର,୨୪।୧(ଡିଏନଏ)



■ବିଦ୍ୟାର୍ଥୀଙ୍କୁ ମିଳୁନି ମଧ୍ୟାହ୍ନ ଭୋଜନ
■ବିନା ୟୁନିଫର୍ମ ଓ ଜୋତାରେ ବିଦ୍ୟାଳୟକୁ ଆସୁଛନ୍ତି ପିଲା

ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତର କାଳିକାହୁଡା ପ୍ରାଥମିକ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଶିକ୍ଷିକାଶିକ୍ଷକଙ୍କର ଖାମଖିଆଲି ମନୋଭାବ ଯୋଗୁ ବିଦ୍ୟାଳୟର ଛାତ୍ରୀଛାତ୍ର ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି । ବିଦ୍ୟାର୍ଥୀଙ୍କୁ ଶନିବାର ମଧ୍ୟାହ୍ନଭୋଜନ ଓ ଅଣ୍ଡା ମିଳୁନାହିଁ। ଅଧିକାଂଶ ପିଲା ବିନା ୟୁନିଫର୍ମ ଓ ଜୋତାରେ ବିଦ୍ୟାଳୟକୁ ଆସୁଛନ୍ତି । ପିଲାଙ୍କ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ଜଣାପଡ଼ିଛି। ଗୁରୁବାର ପୂର୍ବାହ୍ନ ୯ଟାରେ ବିଦ୍ୟାଳୟରେ ପ୍ରବେଶ କଲାବେଳକୁ ପିଲାମାନେ ଶ୍ରେଣୀ ପ୍ରକୋଷ୍ଠ ବାହାରେ ଏଣେତେଣେ ଦୌଡାଦୌଡି ହେଉଥିଲେ। ସେମାନଙ୍କୁ ମଧ୍ୟାହ୍ନଭୋଜନ ସମ୍ପର୍କରେ ପଚାରିବାରୁ ଶନିବାର ମଧ୍ୟାହ୍ନଭୋଜନ ମିଳେ ନାହିଁ ବୋଲି କହିଥିଲେ। ବିଦ୍ୟାଳୟ ହତାରେ ଖେଳୁଥିବା ବିଦ୍ୟାର୍ଥୀଙ୍କର ବେଶଭୂଷାରେ ସମାନତା ନ ଥିଲା। କିଏ ଛିଣ୍ଡା ପ୍ୟାଣ୍ଟ ପିନ୍ଧିଥିଲା ତ ଆଉ କିଏ ଘର ପିନ୍ଧା ପୋଷାକ ପିନ୍ଧି ବିଦ୍ୟାଳୟକୁ ଆସିଥିଲା। ସବୁ ପିଲାଙ୍କ ପୋଷାକ ମଇଳା ହୋଇଯାଇଥିଲା। ଅଧିକାଂଶ ପିଲାଙ୍କ ନଖ ବଢି ତାହା ମଇଳା ଭର୍ତ୍ତି ଥିଲା। ବିଦ୍ୟାର୍ଥୀଙ୍କର ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ପ୍ରାର୍ଥନା ଶ୍ରେଣୀରେ ଯାଞ୍ଚ ହେଉ ନ ଥିବାରୁ ଏଭଳି ପରିସ୍ଥିତି ଦେଖାଦେଇଛି। ପିଲାଙ୍କ ମଧ୍ୟରେ ରହୁଥିବା ଅସମାନତାକୁ ନେଇ ଶିକ୍ଷିକାଶିକ୍ଷକମାନେ ନୀରବତା ଅବଲମ୍ବନ କରୁଛନ୍ତି । ଏ ଦିଗରେ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦୁଇଜଣଙ୍କର କୌଣସି ପ୍ରତିକ୍ରିୟା ନ ଥିଲା। ପ୍ରଧାନ ଶିକ୍ଷକ ଦିନବନ୍ଧୁ ତ୍ରିପାଠୀଙ୍କୁ ପଚାରିବାରୁ, ବିଦ୍ୟାଳୟରେ ୧ରୁ ୫ମ ପର୍ଯ୍ୟନ୍ତ ଶ୍ରେଣୀ ରହିଛି । ଏ ସମସ୍ତ ଶ୍ରେଣୀରେ ୩୫ଜଣ ବିଦ୍ୟାର୍ଥୀ ଅଧ୍ୟୟନରତ ଅଛନ୍ତି । ଏଥିପାଇଁ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ମଧ୍ୟାହ୍ନ ଭୋଜନ ସମ୍ପର୍କରେ ପଚାରିବାରୁ ଶନିବାର ଅଣ୍ଡା ଦେଇ ଦେବେ ବୋଲି କହିଥିଲେ। ମଧ୍ୟାହ୍ନଭୋଜନ ପରିବେଷଣ ନ କରି ୱେବ ପୋର୍ଟାଲରେ ୩୨ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଛି ବୋଲି ମିଥ୍ୟା ରିପୋର୍ଟ ପ୍ରଦାନ କରିଥିଲେ। ଏହାଛଡା ପିଲାଙ୍କ ପରିଚ୍ଛନ୍ନତା ସମ୍ପର୍କରେ ପଚାରିବାରୁ ସହକାରୀ ଶିକ୍ଷୟତ୍ରୀ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଇଥିଲେ। ଏଥିପାଇଁ ଅଭିଭାବକଙ୍କୁ ଦାୟୀ କରିଥିଲେ।

## ସଂକ୍ଷେପରେ

### ଅଙ୍ଗନୱାଡି କର୍ମୀଙ୍କୁ ମାଡ଼ ଅଭିଯୋଗ

**ରାଜକନିକା, ୨୪।୧(ଡି.ଏନ୍.ଏ):** ରାଜକନିକା ବ୍ଲକର ଅନ୍ତର୍ଗତ ଡାଏଣିଗିରିର ଅଙ୍ଗନୱଡି କର୍ମୀ ବୈଶାଖୀ ବେହେରାଙ୍କୁ ମାଡ଼ ମରାଯାଇଥିବା ନେଇ ସେ ଗୁରୁବାର ରାଜକନିକା ଥାନାରେ ଅଭିଯୋଗ କରିଛନ୍ତି। ଗାଁ କଲ୍ୟାଣ ସମିତି ଅର୍ଥକୁ ନେଇ ୱାର୍ଡମେମ୍ବର ଓ ତାଙ୍କ ସହଯୋଗୀମାନଙ୍କ ସହିତ ଅଙ୍ଗନୱାଡି କର୍ମୀ ବୈଶାଖିଙ୍କର କଥା କଟାକଟି ହୋଇଥିଲା। ଏହାକୁ ନେଇ ଗ୍ରାମର କେତେଜଣ ମହିଳାପୁରୁଷ ମିଶି ତାଙ୍କୁ ଆକ୍ରମଣ କରିଥିଲେ। ଏପରିକି ଗାଁ ଦାଣ୍ଡରେ ତାଙ୍କୁ ଉଲଗ୍ନ କରି ନିସ୍ତୁକ ମାଡ଼ ମାରିଥିଲେ। ତେବେ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଦାବିରେ ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ତରଫରୁ ରାଜକନିକା ଶିଶୁ ବିକାଶ ଅଧିକାରିଣୀ, ରାଜକନିକା ବିଡିଓ ଓ ଥାନା ଅଧିକାରୀ ନିକଟରେ ଦାବି ହୋଇଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରା ନଗଲେ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସଂଘ ସଭାନେତ୍ରୀ ସାବିତ୍ରୀ ରାଉତ, ମାଳତୀଲତା ନାୟକ, ପ୍ରିୟଦର୍ଶନୀ ନାୟକ, ବସୁମତୀ ନାୟକ, ଶୁଭଶ୍ରୀ ବିଶ୍ୱାଳ, ଗୀତାଞ୍ଜଳି ବଳ, ସବିତା ମଲିକଙ୍କ ସମେତ ଶତାଧିକ ଅଙ୍ଗନୱାଡ଼ି କର୍ମୀମାନେ ଥାନାରେ ପହଞ୍ଚି ଏହି ଦାବି କରିଥିଲେ।

### ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

**ରାଜନଗର, ୨୪।୧(ଡିଏନଏ):** ରାଜନଗର ବ୍ଲକର ଓସ୍ତିଆ ବନ୍ଧପାଟନା ନୋଡାଲ ଉଚ୍ଚ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ନାରାୟଣ ଦାସଙ୍କ ସଭାପତିତ୍ୱରେ ଜୟନ୍ତୀ ଉତ୍ସବ ହୋଇଥିଲା। ଉତ୍ସବରେ ଶିକ୍ଷକ ପ୍ରମୋଦ କୁମାର ସେଠୀ, ସୁବାଷ ଚନ୍ଦ୍ର ସାମଲ, ନିରାକାର ସେଠୀ, ସତ୍ୟ ନାରାୟଣ ମହାନ୍ତି, ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ, କଳ୍ପନା ଦାସ ପ୍ରମୁଖ ଦୁଇ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅପର୍ଣ୍ଣା ନାୟକ, ସ୍ମିତିପ୍ରଜ୍ଞା ବେହେରା, ପ୍ରିୟରଞ୍ଜନ ସେଠୀ, ରୋହନ ପାତ୍ର, ସୋନାଲି ସାମଲ ଦୁଇ ମହାପୁରୁଷଙ୍କ ଜୀବନୀ ଉପରେ ଅଭିଭାଷଣ ରଖିଥିଲେ।

### ୫ ସ୍ଥାନରେ ବିଧାୟକଙ୍କ ଶିଳାନ୍ୟାସ

**ରାଜନଗର, ୨୪।୧(ଡିଏନଏ):** ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ବୁଧବାର ରାଜନଗର ବ୍ଲକର ୫ଟି ସ୍ଥାନରେ ଶିଳାନ୍ୟାସ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ଜୁନୁସନଗରଠାରୁ ପୁରୁଷୋତ୍ତମପୁର ଲୁଣାଘେରି ବନ୍ଧ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ, ପଞ୍ଚୁପଲ୍ଲୀ ଠାରୁ ଶିଳପୋଖରୀ ତଥା ବଳଭଦ୍ରପୁର ଠାରୁ ରାଜବିଜୟନଗର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ, ଜୁନୁସନଗର ଠାରୁ ଅଜଗରପାଟିଆ ରାସ୍ତାର ଉନ୍ନତିକରଣ, ତଟବନ୍ଧ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ବଳରାମପୁର ଲୁଣାଘେରି ବନ୍ଧର ଉନ୍ନତିକରଣ, ସତ୍ପଡାଠାରେ ବ୍ରାହ୍ମଣୀନଦୀ ଦକ୍ଷିଣପାର୍ଶ୍ୱ ତଟର ସୁରକ୍ଷାର ଶିଳାନ୍ୟାସ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଧାୟକ ମହାନ୍ତିଙ୍କ ସହିତ ବ୍ଲକ କଂଗ୍ରେସ ସଭାପତି ଚୌଧୁରୀ ରବିନ୍ଦ୍ର କୁମାର ରାଉତରାୟ, କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି , ଜୋନ ସଭାପତି ଦେବେନ୍ଦ୍ର କୁମାର ଜେନା, ଅଶୋକ କୁମାର ବଳ, କଂଗ୍ରେସ ନେତା ବାବାଜୀ ଚରଣ ପାତ୍ର, ରବିନ୍ଦ୍ର ନାଥ ପାତ୍ର, ରଞ୍ଜନ ରାଉତ, ଅକ୍ଷୟ ରାଉତ, ରାଜେନ୍ଦ୍ର ବିଶ୍ୱାଳ, ଭରତ ଚନ୍ଦ୍ର ରାଉତ, ବନ୍ଧପଡା ପଞ୍ଚାୟତର ସରପଞ୍ଚ କିରଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ରାଜନଗର, ୨୪।୧(ଡିଏନଏ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତାକୁ ମହାବିଦ୍ୟାଳୟ ଅଧକ୍ଷ ନୃସିଂହ ଚରଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ବାଳକ, ବାଳିକା ବିଭାଗରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୦୦ମିଟର ଦୌଡ, ୨୦୦ମିଟର ଦୌଡ, ମ୍ୟୁଜିକ ଚେୟାର, ଡିସ୍‌କସ ଥ୍ରୋ, ଜାଭଲିନ ଥ୍ରୋ, ସଟ୍‌ଫୁଟ ଥ୍ରୋ, ହାଇଜମ୍ପ ଓ ଲଙ୍ଗଜମ୍ପ ଆଦି ବିଭାଗରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।



ଗୁରୁବାର କେନ୍ଦ୍ରାପଡ଼ା ବନ୍ଦ ପାଳନ ବେଳେ ସହର ମଧ୍ୟରେ ବିକ୍ଷୋଭ।


ବିକ୍ଷୋଭ ବେଳେ ଆହତ ଯବାନ।


ଯବାନମାନେ ଏକ ଦୋକାନରେ ଲାଗିଥିବା ନିଆଁ ଲିଭାଉଛନ୍ତି।


ସହର ମଧ୍ୟରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

# କେନ୍ଦ୍ରାପଡ଼ା ଜିଲା ବନ୍ଦ ସଫଳ

**କେନ୍ଦ୍ରାପଡ଼ା ଅଫିସ୍, ୨୪।୧**

କେନ୍ଦ୍ରାପଡ଼ା ଟାଉନ ହାଇସ୍କୁଲ ପଡ଼ିଆଠାରେ ବୁଧବାର ଓଡ଼ିଶାର ଦୁଇ ବରପୁତ୍ରଙ୍କ ଜୟନ୍ତୀ ପାଳନକୁ ବିରୋଧ କରାଯିବା ଘଟଣାରେ ପୋଲିସର କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ରାଷ୍ଟ୍ରୀୟ ସୁରକ୍ଷା ସମିତି ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ କେନ୍ଦ୍ରାପଡ଼ା ବନ୍ଦ ଡାକରା ଦିଆଯାଇଥିଲା। ଜିଲା ସାରା ଏହାର ପ୍ରଭାବ ଦେଖିବାକୁ ମିଳିଥିବା ବେଳେ ବିଭିନ୍ନ ସ୍ଥାନରେ ଲୋକମାନେ ରାସ୍ତାରୋକୋ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସହରସ୍ଥ ସମସ୍ତ ସରକାରୀ ଅଫିସ୍ ଓ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା। ଗାଡ଼ି ମୋଟର ଚଳାଚଳ ବନ୍ଦ ଯୋଗୁ ଜିଲା ସମେତ ଜିଲା ବାହାରର ଯାତ୍ରୀମାନେ ବିଶେଷ ଭାବେ ପ୍ରଭାବିତ ହୋଇଥିଲେ। ତେବେ ବୁଧବାର ସନ୍ଧ୍ୟାରେ ଉପୁଜିଥିବା ଉତ୍ତେଜନା ମୂଳକ ପରିସ୍ଥିତିକୁ ଆୟତ୍ତ କରିବାକୁ ସହରରେ ୧୪୪ ଧାରା ଲାଗୁ କରାଯାଇଥିବା ବେଳେ ସମସ୍ତ ସରକାରୀ ଅଫିସ୍ ଓ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। କେନ୍ଦ୍ରାପଡ଼ା ସହର ସମେତ ଡେରାବିଶ ବ୍ଲକର ଛତା, ଚାନ୍ଦୋଳ କଲେଜ ଛକ, ମାର୍ଶାଘାଇ ବ୍ଲକର ଶିଳିପୁର ଗଡ଼ା, ଜମ୍ବୁ-ମାର୍ଶାଘାଇ ରାସ୍ତାର ବାଲଣା ଗଡା, ରାଜନଗର ବଜାର, ହଂସୁଆ ସେତୁ, ପଟ୍ଟାମୁଣ୍ଡାଇ ବଜାର, ମହାକାଳପଡ଼ାର ଜମ୍ବୁ-ମାର୍ଶାଘାଇ କେନାଲ ରାସ୍ତା, ଆଳି ବ୍ଲକର କଟକ-ଚାନ୍ଦବାଲି ରାସ୍ତାର ପତ୍ରପୁର ପୋଲ ଓ ଭୂଇଁପୁର ଛକର ବିଭିନ୍ନ ସ୍ଥାନରେ ଲୋକମାନେ ରାସ୍ତା ଅବରୋଧ କରିଥିଲେ। କେତେକ ସ୍ଥାନରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ବିଭିନ୍ନ ଗୋଷ୍ଠୀ ପକ୍ଷରୁ ଏହି ବନ୍ଦକୁ ସମର୍ଥନ ଜଣାଯାଇଥିଲା।

## ସହର ମଧ୍ୟରେ ଫ୍ଲାଗ୍ ମାର୍ଚ୍ଚ

ନେତାଜୀ ଜୟନ୍ତୀ ପାଳନକୁ ବିରୋଧ କରାଯିବାକୁ ନେଇ ଗୁରୁବାର ୧୨ ଘଣ୍ଟିଆ କେନ୍ଦ୍ରାପଡ଼ା ବନ୍ଦ ଡାକରା ଦିଆଯାଇଥିଲା। ଏହି ସମୟରେ ସହର ନିକଟ ଗରାପୁରଠାରେ ଦୁଇଟି ଗଣ୍ଡଗୋଳ ହୋଇଯିବା ପରେ ସହର ମଧ୍ୟରେ ଏସ୍‌ପି ନୀତିଶେଖରଙ୍କ ନେତୃତ୍ୱରେ ଫ୍ଲାଗ୍ ମାର୍ଚ୍ଚ ହୋଇଥିଲା। ଏଥିସହିତ ଜିଲା ଓ ଜିଲା ବାହାରୁ ଆସିଥିବା ପୋଲିସ, ଆଇଆର୍‌ବି ଓ ଓଏସ୍‌ଏଫ୍ ଯବାନଙ୍କୁ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥଳରେ ମୁତୟନ କରାଯାଇଥିଲା। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଜିଲା ଏଏସ୍‌ପି ଅରୁଣ କୁମାର ଜେନା, କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେଓଙ୍କ ସମେତ ପୂର୍ବରୁ ଏଠାରେ କାର୍ଯ୍ୟକରି ଏବେ ବାହାର ଜିଲାରେ କାର୍ଯ୍ୟରତ ଥିବା ଏଏସ୍‌ପି ବିକାଶ ଦାଶ, ଏସ୍‌ଡିପିଓ କେଦାରନାଥ ସାହୁ ପ୍ରମୁଖ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିଲେ।

## ଜିଲା ପୋଲିସର ଅବହେଳା ଯୋଗୁ ସୃଷ୍ଟି ହେଲା ବିବାଦ

ନେତାଜୀ ଜୟନ୍ତୀ ପାଳନକୁ ବିରୋଧ କରାଯିବାକୁ ନେଇ ଉପୁଜିଥିବା ପରିସ୍ଥିତି ପାଇଁ ଜିଲା ପୋଲିସର ଅବହେଳାକୁ ଦାୟୀ କରିଛନ୍ତି ଅଞ୍ଚଳବାସୀ। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ ଟାଉନ୍ ହାଇସ୍କୁଲ ପଡ଼ିଆଠାରେ ନେତାଜୀ ଜୟନ୍ତୀ ପାଳନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ମୌଖିକ ସମ୍ମତି ପ୍ରଦାନ କରାଯାଇଥିଲେ ହେଁ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ଦିଆଯାଇ ନଥିଲା। ସଭା ମଞ୍ଚ ନିକଟରେ ଆବଶ୍ୟକ ପୋଲିସ କର୍ମଚାରୀ ନ ଥିଲେ। ସେହିପରି ଉଭୟ ସମ୍ପ୍ରଦାୟ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସମୟରେ ପୋଲିସ ପ୍ରଶାସନ ପକ୍ଷରୁ ପ୍ରାୟ ୩ଘଣ୍ଟା ଧରି କୌଣସି କାର୍ଯ୍ୟାନୁଷ୍ଠାନ ନ ଯିବାରୁ ଉଭୟ ପକ୍ଷ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ସେହିପରି ସହର ନିକଟ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଦୁହୁରିଆଠାରୁ ଗରାପୁର, ଗରାପୁରଠାରୁ ସହର ପର୍ଯ୍ୟନ୍ତ ଭିଆଇପି ରୋଡ୍‌ରେ ୧୪୪ ଧାରା ଜାରି କରାଯାଇ ନଥିବାରୁ ଏହି ସ୍ଥାନ ଗୁଡ଼ିକରେ ଉତ୍ତେଜନା ପ୍ରକାଶ ପାଇବା ସହ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିଭଳି ବୁଧବାର ସନ୍ଧ୍ୟା ୬ଟାରୁ ସହରରେ ୧୪୪ଧାରା ଜାରି କରାଯିବା ପରେ ରାଷ୍ଟ୍ରୀୟ ସୁରକ୍ଷା ସମିତି ପକ୍ଷରୁ ଏକ ବାଇକ ରାଲି ସହର ମଧ୍ୟରେ ଅତିକ୍ରମ କରିଥିଲା। ଏହି ରାଲିକୁ ପୋଲିସ ପ୍ରଶାସନ ନ ଅଟକାଇ ପାରିବାରୁ ସହରର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଭିନ୍ନ ସମ୍ପ୍ରଦାୟର ୨ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏକାଠି ହୋଇ ବିକ୍ଷୋଭ କରିଥିଲେ।

## ଏସ୍‌ପିଙ୍କ ବଦଳି ଦାବି

କେନ୍ଦ୍ରାପଡ଼ା ସହରରେ ଉପୁଜିଥିବା ଉତ୍ତେଜନାମୂଳକ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ଜିଲା ପୋଲିସ ଅସମର୍ଥ ହୋଇଥିବାରୁ କେନ୍ଦ୍ରାପଡ଼ା ଏସ୍‌ପି ନୀତିଶେଖରଙ୍କ ବଦଳି ଦାବି କରିଛନ୍ତି ବରିଷ୍ଠ ଭାଜପା ନେତା ଭୁବନ ମୋହନ ଜେନା। ଏଥିସହ ଆସନ୍ତା ୨୬ ତାରିଖରେ ପ୍ରତି ପଞ୍ଚାୟତରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ବୀର ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ ବୋଲି ବରିଷ୍ଠ ନେତା ଜେନା କହିଛନ୍ତି।

## ଉଦାସ ରାଜନେତା

ବୁଧବାରଠାରୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦକୁ ନିୟନ୍ତ୍ରଣ କରିବାକୁ ସହର ମଧ୍ୟରେ ୧୪୪ ଧାରା ଜାରି କରାଯାଇଥିଲେ ହେଁ ବିବାଦ ସମାଧାନ ପାଇଁ କୌଣସି ରାଜନେତାଙ୍କ ଦେଖା ମିଳି ନଥିଲା। ଜିଲାର ୩ ବିଜେଡି ବିଧାୟକ, ୨ କଂଗ୍ରେସ ବିଧାୟକ, ଜଣେ ରାଜ୍ୟ ସଭା ସଦସ୍ୟ ମଧ୍ୟ ଘଟଣାସ୍ଥଳକୁ ଆସି ନଥିଲେ। ଗୁରୁବାର ସକାଳୁ ରାଜନେତାମାନେ ଚାହିଁଥିଲେ ବିବାଦର ସମାଧାନ କରିପାରି ଥାନ୍ତେ ବୋଲି ସାଧରଣରେ ଆଲୋଚନା ହେଉଛି। ସେପଟେ ସହରରର ଟାଉନ ହଲଠାରେ ବୁଧବାର ନେତାଜୀ ଜୟନ୍ତୀ ଉପଲକ୍ଷେ ଆୟୋଜିତ ସଭାରେ କିଶୋର ତରାଇ ଉପସ୍ଥିତ ଥିବା ବେଳେ ସହରରେ ୧୪୪ ଧାରା ଜାରି କରାଯାଇଥିବା ଜାଣି ସଭା ଛାଡି ପଳାଇଥିଲେ।

## ଯାତ୍ରୀ ହନ୍ତସନ୍ତ

ସହର ମଧ୍ୟରେ ୧୪୪ ଧାରା ଜାରି କରାଯାଇଥିବା ବେଳେ ୧୨ ଘଣ୍ଟିଆ ବନ୍ଦ ଯୋଗୁ ଜିଲାବାସୀ ପ୍ରଭାବିତ ହୋଇଥିବା ବେଳେ ଜିଲା ଓ ଜିଲା ବାହାରର ଯାତ୍ରୀମାନେ ବିଶେଷ ଭାବେ ପ୍ରଭାବିତ ହୋଇଥିଲେ। ସହର ମଧ୍ୟରେ ଗାଡ଼ିମୋଟର ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ଚାନ୍ଦୋଳଠାରୁ ଗରାପୁର ପର୍ଯ୍ୟନ୍ତ ଚାଲିଚାଲି ଆସିଥିଲେ। ସେହିପରି ଗୁରୁବାର ଅପରାହ୍ନରୁ କର୍ଫ୍ୟୁ ଜାରି ହେବା ଯୋଗୁ ମେଡିକାଲରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ବିଶେଷ ଭାବେ ପ୍ରଭାବିତ ହୋଇଥିବା ଦେଖାଯାଇଥିଲା। ଏପରିକି ମେଡିସିନ ଖାଇବା ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଗରମ ପାଣି ପାଇଁ ଲୋକେ ବହୁ ଅସୁବିଧା ଭୋଗିଥିଲେ। ଅପରପକ୍ଷେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ପୋଲିସ କର୍ମଚାରୀ ଓ ଯବାନମାନଙ୍କୁ ସକାଳ ଓ ମଧ୍ୟାହ୍ନଭୋଜନ ମଧ୍ୟ ମିଳି ନଥିଲା।

## ବନ୍ଦକୁ ବିଭିନ୍ନ ସଙ୍ଗଠନର ସମର୍ଥନ

**ଆଳି, ୨୪।୧ (ଡି.ଏନ.ଏ.)**

କେନ୍ଦ୍ରାପଡା ଟାଉନ ହାଇସ୍କୁଲ ପଡିଆଠାରେ ଆର୍‌ଏସ୍‌ଏସ୍ ପକ୍ଷରୁ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯିବା ବେଳେ ଭିନ୍ନ ସମ୍ପ୍ରଦାୟର ଲୋକେ ଏହାକୁ ବିରୋଧ କରିଥିଲେ। ଏ ନେଇ ରାଷ୍ଟ୍ରୀୟ ସୁରକ୍ଷା ସମିତି ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ବନ୍ଦ ପାଳନ ଡାକରା ଦିଆଯାଇଥିଲା। ତେବେ ଆଳି ବ୍ଲକରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବଜରଙ୍ଗୀ ଦଳ, ଧର୍ମ ଜାଗରଣ ସମନ୍ୱୟ, ବିଶ୍ୱ ହିନ୍ଦୁ ପରିଷଦ ଓ ଭାଜପା ପକ୍ଷରୁ ପକ୍ଷରୁ ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। କଟକ-ଚାନ୍ଦବାଲି ରାସ୍ତାର ପତ୍ରପୁର ପୋଲ ଓ ଭୁଇଁପୁର ଛକଠାରେ ଶତାଧିକ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ୧୨ ଘଣ୍ଟା ପାଇଁ ବନ୍ଦ ଡାକରା ଦିଆଯାଇଥିବା ବେଳେ ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ସକାଳ ୬ ଟାରୁ ଦିନ ୨ ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଥିଲା। ବନ୍ଦ ପାଳନରେ ବିଶ୍ୱମ୍ଭର ପାଣି, ପ୍ରଶାନ୍ତ ବେହେରା, ବିରଞ୍ଚି ମହାପାତ୍ର, ଆଲୋକ ପଣ୍ଡା, ଶଙ୍କର୍ଷଣ ମଲିକ, ବିଶ୍ୱରଞ୍ଜନ ମହାରଣା, ରଶ୍ମିରଞ୍ଜନ ବେହୁରା, ବ୍ରଜ ସୁନ୍ଦର ଭୂୟାଁ, ପ୍ରିୟଦର୍ଶନୀ ନନ୍ଦ, ବାଦଲ ନନ୍ଦ, ଶରତ ଜଗଦେବ, କରୁଣାକର ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।


କଟକ-ଚାନ୍ଦବାଲି ରାସ୍ତାର ପତ୍ରପୁର ପୋଲଠାରେ ରାସ୍ତାରୋକୋ।

## ଶିକ୍ଷାନୁଷ୍ଠାନରେ ଉପସ୍ଥାନ କମିଲା

**ଡେରାବିଶ, ୨୪।୧ (ସ୍ୱ.ପ୍ର.)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀସଭାକୁ ବନ୍ଦ ପ୍ରତିବାଦରେ ରାଷ୍ଟ୍ରୀୟ ସୁରକ୍ଷା ସମିତି ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ଜିଲା ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ସମର୍ଥନ ଜଣାଇ ଡେରାବିଶ ବ୍ଲକ ଶାଖା ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଦୋକାନ ବଜାର ବନ୍ଦ ରହିବା ସହ କେତେକ ସ୍ଥାନରେ ରାସ୍ତାରୋକୋ କରାଯାଇଥିଲା। ଏହି ବନ୍ଦକୁ ଭାଜପା, ବିଶ୍ୱହିନ୍ଦୁ ପରିଷଦ, ଆରଏସ୍‌ଏସ୍, ବଜରଙ୍ଗ ଦଳ ସମର୍ଥନ ଜଣାଇଥିଲେ। ବ୍ଲକ ଅଧିନସ୍ଥ ୫ନଂ. (କ) ଜାତୀୟ ରାଜପଥର ଛତା ଛକଠାରେ ସକାଳ ୮ଟାରୁ ବିକ୍ଷୋଭକାରୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବନ୍ଦ ଯୋଗୁ କଟକରୁ କେନ୍ଦ୍ରାପଡ଼ା ଆସୁଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକ ଅଟକି ରହିବା ଫଳରେ ବସ୍ ଯାତ୍ରୀମାନେ ନାହିଁନଥିବା ଅସୁବିଧା ଭୋଗ କରିଥିଲେ। ତେବେ ବନ୍ଦ ଯୋଗୁ ଏଥିସହ ଡେରାବିଶ ମହିଳା ମହାବିଦ୍ୟାଳୟ ଓ ସରକାରୀ ପଲିଟେକ୍‌ନିକ୍ କଲେଜରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ୍ ଥିଲା। ସେହିପରି ବ୍ଲକ ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଳ କଲେଜଛକଠାରେ ଆନ୍ଦୋଳନକାରୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।


ବାଲଣାଗଡ଼ାଠାରେ ଟାୟାର ଜାଳି ରାସ୍ତାରୋକୋ।

## ମାର୍ଶାଘାଇରେ କେନ୍ଦ୍ରାପଡ଼ା ବନ୍ଦର ପ୍ରଭାବ

**ମାର୍ଶାଘାଇ,୨୪।୧(ଡିଏନଏ):** ମାର୍ଶାଘାଇର ବିଭିନ୍ନ ଅଞ୍ଚଳରେ ବନ୍ଦ ପାଳନର ପ୍ରଭାବ ପଡିଛି। ମାର୍ଶାଘାଇ ବଜାର, ଶିଳିପୁର ଛକ, ମାର୍ଶାଘାଇ କ୍ରସିଂ, ବାଲଣା ଗଡା, ନେମ୍ବରା ଛକ, ନଳଦିଆ ଏବଂ ବେଲାର ନୂଆଗାଁ ଛକରେ ସ୍ୱୟଂସେବକମାନେ ରାସ୍ତା ବନ୍ଦ କରିଥିଲେ। ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରୁ ଶତାଧିକ ସ୍ୱୟଂସେବକ ଶୋଭାଯାତ୍ରାରେ ବାହାରି ଜୁଣ ଛକ, କଲେଜ ଛକ, ବଜାର, ବନମାଳୀ ଛକର ଦୋକାନ ବଜାର ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ବ୍ଲକ ଅଫିସ, ତହସିଲ ଅଫିସ, ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଥିଲା। ମାର୍ଶାଘାଇ ସମିତି ସଭ୍ୟ ନିଗମ ପ୍ରସାଦ ରଥ, ମଣିକୁଣ୍ଡା ସମିତି ସଭ୍ୟ ଜ୍ଞାନରଞ୍ଜନ ବସନ୍ତିଆଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜମ୍ବୁ-ମାର୍ଶାଘାଇ ରାସ୍ତାର ବାଲଣା ଗଡାଠାରେ ୨୫ନଂ ଜୋନ୍ ଭାଜପା ସଭାପତି ଇଂ ପ୍ରକାଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ରାସ୍ତାରୋକୋ କରାଯାଇ ବନ୍ଦ ପାଳନ କରାଯାଇଥିଲା। କେନ୍ଦ୍ରାପଡା-ଓରତ ରାସ୍ତାର ନେମ୍ବରା ଛକରେ ସ୍ୱୟଂସେବକମାନେ ରାସ୍ତାରୋକୋ କରିଥିଲେ। ଜାତୀୟ ରାଜପଥର ଶିଳିପୁର ଛକ, ମାର୍ଶାଘାଇ କ୍ରସିଂ, ହଜାରୀ ଛକ, ନଳଦିଆ ଗଡା, ବେଲାର ନୂଆଗାଁ ଛକରେ ଟାୟାର ଜାଳି ରାସ୍ତାରୋକୋ କରାଯାଇଥିଲା।

## ରାଜନଗରରେ ବନ୍ଦ ପାଳନ

**ରାଜନଗର, ୨୪।୧(ଡିଏନଏ)**

ରାଷ୍ଟ୍ରୀୟ ସୁରକ୍ଷା ସମିତି ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଗୁରୁବାର ଭୋର ସମୟରେ ସମିତି ପକ୍ଷରୁ ରାଜନଗର ହଂସୁଆ ସେତୁ ନିକଟରେ ସୁରକ୍ଷା ସମିତିର ସଦସ୍ୟମାନେ ରାସ୍ତାରୋକୋ କରିଥିଲେ। ବାଉଁଶ ବାନ୍ଧି, ଟାୟାର ଜାଳି ବାଟକୁ ସମ୍ପୂର୍ଣ୍ଣ ବନ୍ଦ ରଖିଥିଲେ। ସକାଳ ୯ଟା ପରେ ସମିତିର ଶତାଧିକ ସଦସ୍ୟ ସମସ୍ତ ସରକାରୀ କାର୍ଯ୍ୟାଳୟ, ରାଜନଗର ବଜାର, ତ୍ରିନାଥ ବଜାର, ଗୋପାଳପୁର ବଜାର, ଜଗିମୂଳ ବଜାର, କେରଡାଗଡ ବଜାର ବନ୍ଦ ରଖିଥିଲେ। ରାଜନଗରରେ ଥିବା ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବିଦ୍ୟାଳୟ, ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିଥିଲା। ରାଷ୍ଟ୍ରୀୟ ସୁରକ୍ଷା ସମିତି ପକ୍ଷରୁ ଏହି ୧୨ ଘଣ୍ଟିଆ ବନ୍ଦ ସଫଳ ହୋଇଥିଲା। ପିକେଟିଂ ବେଳେ ତ୍ରିନାଥ ବଜାରରୁ ସାନବଡଗୋପାଳପୁର ମଧ୍ୟରେ ଥିବା କେତେକ ଦୋକାନକୁ ଭାଙ୍ଗି ଦିଆଯାଇଥିଲା। ସୁରକ୍ଷା ସମିତିର ପବିତ୍ର କୁମାର ସେଠୀ, ସଞ୍ଜୟ କୁମାର ବାଗ, ଶିବ ପ୍ରସାଦ ମହାପାତ୍ର, ସରୋଜ କୁମାର ଦାସ, କ୍ରୀଷ୍ଣା ବେହେରା, ବଶିଷ୍ଠ ଜେନା, ସନ୍ତୋଷ କୁମାର ଲେଙ୍କା, ସତ୍ୟବ୍ରତ ସେଠୀ, ମନୋଜ ସେଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, କେନ୍ଦ୍ରାପଡା ଜିଲା ଭାଜପା ମିଡିଆ ପ୍ରଭାରୀ ବିଜୟ ନାୟକ, କେନ୍ଦ୍ରାପଡା ଜିଲା ଭାଜପା ସାଧାରଣ ସଂପାଦକ ଅଜୟ କୁମାର ବେହେରା, ସଦାଶିବ ଜେନା, ଭାଗବତ ପ୍ରସାଦ ରଥ ପ୍ରମୁଖ ସାମିଲ ହୋଇଥିଲେ।


ହଂସୁଆ ପୋଲଠାରେ ରାସ୍ତାରୋକୋ।

## କଣ୍ଡିରା ଗୁଳିକାଣ୍ଡ: ଅନ୍ୟତମ ଅଭିଯୁକ୍ତ ଗିରଫ

**ରାଜନଗର,୨୪।୧(ଡିଏନଏ)**

ରାଜନଗର ବ୍ଲକ ଅଧୀନ କଣ୍ଡିରା ପଞ୍ଚାୟତ କଣ୍ଡିରା ଗ୍ରାମରେ ଗତ ୨୧ ତାରିଖ ପ୍ରତ୍ୟୁଷରେ ସାପଗ୍ୟାଙ୍ଗ୍ ତରଫରୁ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଅନ୍ୟଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଚିଙ୍ଗୁଡି ଘେରିକୁ ନେଇ ଏହି ଗୁଳିକାଣ୍ଡ ହୋଇଥିଲା। ଗୁଳିମାଡରେ କଣ୍ଡିରା ଗ୍ରାମର କିଶୋର ସେଠୀଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହି ଘଟଣାରେ ସେହି ଗ୍ରାମର ସୁପାରି ଦେଇଥିବା ବ୍ୟକ୍ତିଙ୍କ ନାମରେ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ହତ୍ୟାକାଣ୍ଡର ଯୋଜନା କରିଥିବା କଣ୍ଡିରା ଗାଁର ଶଶୀକାନ୍ତ ମହାନ୍ତିଙ୍କୁ ପୋଲିସ ଗୁରୁବାର ରାଜନଗର ହଂସୁଆ ପୋଲ ନିକଟରୁ ଗିରଫ କରିଛି। ସୂଚନାଯୋଗ୍ୟ ଯେ, ସାପ ଗ୍ୟାଙ୍ଗ୍‌ର ଅନ୍ୟତମ ସଦସ୍ୟ ସିପୁନ ସ୍ୱାଇଁ ୨୧ ତାରିଖ ସକାଳୁ ଦୁଇଟି ପିସ୍ତଲ ଧରି ଆତଙ୍କ ସୃଷ୍ଟି କରିଥିଲେ। ଏହି ସମୟରେ ଗ୍ରାମବାସୀ ସିପୁନଙ୍କୁ କାବୁ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସାପ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଗୁଳିକାଣ୍ଡ ଘଟାଇଥିଲେ। ଯାହାଫଳରେ ସେହି ଗ୍ରାମର ନିରୀହ କିଶୋର ଗୁଳିମାଡରେ ପ୍ରାଣ ହରାଇଥିଲେ। ଏହି ଗୁଳିକାଣ୍ଡ ପରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେଓଙ୍କ ନେତୃତ୍ୱରେ ୪ଟି ଟିମ୍ ରାଜନଗର ଅଞ୍ଚଳରେ ଛାନ୍‌ଭିନ୍ ଆରମ୍ଭ କରିଥିଲେ। ୨୨ ତାରିଖ ଭୋର ସାଢେ ୪ଟା ବେଳେ ପୋଲିସ ଆଖିରେ ଧୂଳି ଦେଇ ଖସିଯିବାକୁ ଚେଷ୍ଟା କରୁଥିବା ସଞ୍ଜୟ ଓରଫ ବାବୁଙ୍କୁ ପୋଲିସ ଏନକାଉଣ୍ଟର କରିଥିଲା। କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ବାବୁ ସୁସ୍ଥ ହେବା ପରେ ସାପଗ୍ୟାଙ୍ଗ ସଂପର୍କରେ ଅନେକ ତଥ୍ୟ ସଂଗ୍ରହ କରାଯିବ ବୋଲି ଆଶା କରାଯାଉଛି।



ଦୁଇରୁ ଅଧିକ ପିଲା ଥିବା ଲୋକଙ୍କଠାରୁ ଭୋଟ ଅଧିକାର, ନିଯୁକ୍ତି ଏବଂ ଅନ୍ୟ ସରକାରୀ ସୁବିଧା ସୁଯୋଗ କାଢ଼ି ନିଆଯାଉ ।
- ରାମଦେବ, ଯୋଗ ଗୁରୁ



## ସଂକ୍ଷେପରେ

### ବ୍ୟାଙ୍କରେ ଗୁଳିକାଣ୍ଡ, ୫ ମୃତ



**ମାୟାମି/ଆମେରିକା,୨୪।୧**-ଦକ୍ଷିଣାଞ୍ଚଳ ଆମେରିକାର ଫ୍ଲୋରିଡା ସବ୍‌ରିଙ୍ଗ୍ ସହରର ଏକ ବ୍ୟାଙ୍କ୍‌ରେ ଗୁଳିକାଣ୍ଡ ଘଟିଛି। ଜଣେ ଦୁର୍ବୃତ୍ତ ଗୁଳିବର୍ଷଣ କରି ଆତଙ୍କ ସୃଷ୍ଟି କରିଛନ୍ତି। ଏଥିରେ ୫ଜଣଙ୍କ ଜୀବନ ଯାଇଛି। ଗୁରୁବାର ଅପରାହ୍ନ ସାଢ଼େ ୧୨ଟାରେ ସନ୍ ଟ୍ରଷ୍ଟ ବ୍ୟାଙ୍କରେ ଏହି ଅଭାବନୀୟ ଘଟଣା ଘଟାଇଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସବ୍‌ରିଙ୍ଗ୍ ସହର ବାସିନ୍ଦା ଜିଫେନ ଝାଭର (୨୧)। ଏହି ଘଟଣା ଘଟିବା ସମୟରେ ବ୍ୟାଙ୍କ୍‌ରେ ୫ ଜଣ ଲୋକ ଥିଲେ। ସେମାନଙ୍କୁ ବନ୍ଧୁକ ଦେଖାଇ ତଳେ ଶୋଇ ରହିବାକୁ ଧମକ ଦେବା ପରେ ଯୁବକ ଜଣକ ଫାୟାରିଂ କରିଥିଲେ। ତେବେ ଏହି ଫାୟାରିଂ ପଛର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ତଦନ୍ତ ଜାରି ରହିଛି। ଆମେରିକାରେ ଗୁଳିମାଡ଼ ଘଟଣା ଚରମସୀମାରେ ପହଞ୍ଚିଛି। ୨୦୧୭ରେ ୪୦ହଜାର ଲୋକ ଏଥିରେ ପ୍ରାଣ ହରାଇଛନ୍ତି।

### ମେଘାଳୟ ଖଣିରୁ ପ୍ରଥମ ମୃତଦେହ ବାହାରିଲା

**ନୂଆଦିଲ୍ଲୀ,୨୪।୧**-ଦୀର୍ଘ ୪୨ ଦିନର ଉଦ୍ୟମ ପରେ ମେଘାଳୟ କୋଇଲା ଖଣି ମଧ୍ୟରୁ ଗୁରୁବାର ପ୍ରଥମ ମୃତଦେହ ବାହାରକୁ ଅଣାଯାଇଛି। ପୂର୍ବ ଜଇନ୍ତିଆ ହିଲ୍ସ ଜିଲାରେ ଥିବା କୋଇଲା ଖଣିରେ ପାଣି ଭର୍ତ୍ତି ହୋଇଯିବାରୁ ଡିସେମ୍ବର ୧୩ରୁ ସେଥିରେ ୧୫ ଜଣ ଶ୍ରମିକ ଫସିରହିଥିଲେ। ଉଦ୍ଧାରକାରୀ ଭାରତୀୟ ନୌସେନା ଟିମ୍ ଗତ ମଙ୍ଗଳବାର ମୃତଦେହ ପାଇଥିଲେ ହେଁ ପାଣି ଭିତରୁ ବାହାରକୁ ଆଣିବାରେ ସକ୍ଷମ ହୋଇ ନ ଥିଲା। ଏନ୍‌ଡିଆର୍‌ଏଫ୍ ଏବଂ ନୌସେନାର ମିଳିତ ଉଦ୍ୟମରେ ମୃତଦେହ ବାହାରକୁ ଆସିପାରିଛି।

### ଲାନ୍ସ ନାଏକ ୱାନିଙ୍କୁ ଅଶୋକଚକ୍ର

**ନୂଆଦିଲ୍ଲୀ,୨୪।୧(ପି.ଟି.)**-ଗତବର୍ଷ ନଭେମ୍ବରରେ କଶ୍ମୀରର ଶୋପିଆନରେ ଆତଙ୍କବାଦ ନିରୋଧୀ ଅପରେଶନ ବେଳେ ପ୍ରାଣବଳୀ ଦେଇଥିବା ଲାନ୍ସ ନାଏକ ନାଜିର ଅହମଦ ୱାନିଙ୍କୁ ଦେଶର ସର୍ବୋଚ୍ଚ ବୀରତା ପୁରସ୍କାର ଅଶୋକ ଚକ୍ରରେ ସମ୍ମାନିତ କରିବା ଲାଗି ମନୋନୀତ କରାଯାଇଛି।



ଗତ ନଭେମ୍ବର ୨୫ରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ୱାନି (୩୮) ଶହୀଦ ହୋଇଥିଲେ। ୱାନି ପ୍ରଥମେ ଜଣେ ଆତଙ୍କବାଦୀ ଥିଲେ। ପରେ ସେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ସହ ୨୦୦୪ରେ ସେନାବାହିନୀରେ ଯୋଗ ଦେଇଥିଲେ। ସେ ଦକ୍ଷିଣ କଶ୍ମୀରରେ ଆତଙ୍କବାଦ ନିରୋଧୀ ଅପରେଶନର ଅଂଶବିଶେଷ ଥିଲେ। ପୂର୍ବରୁ ତାଙ୍କୁ ସେନା ମେଡାଲ ମଧ ମିଳିଥିଲା।

■ ମୁଡ୍ ଅଫ୍ ଦି ନେଶନ ପୋଲ୍‌ର ପୂର୍ବାନୁମାନ

# ଆଜି ନିର୍ବାଚନ ହେଲେ ଝୁଲା ପାର୍ଲାମେଣ୍ଟ

**ନୂଆଦିଲ୍ଲୀ,୨୪।୧(ପି.ଟି.)**

ଏବେ ଯଦି ନିର୍ବାଚନ ହୁଏ ତେବେ ଝୁଲା ପାର୍ଲାମେଣ୍ଟ ହେବ। ସରକାର ଗଢ଼ିବା ପାଇଁ କୁହୁକ ସଂଖ୍ୟା ୨୭୨ର ଆବଶ୍ୟକ ଥିବାବେଳେ କୌଣସି ଦଳ କିମ୍ବା ମେଣ୍ଟକୁ ଏହି ସଂଖ୍ୟା ମିଳିବ ନାହିଁ। ଶାସକ ଏନ୍‌ଡିଏକୁ ଏହାଠାରୁ ଯଥେଷ୍ଟ କମ୍ ଆସନ ମିଳିବ ବୋଲି ଏକ ଜନମତ ସର୍ଭେରୁ ଜଣାପଡିଛି। ୨୦୧୪ ନିର୍ବାଚନଠାରୁ ଏଥର ଏନ୍‌ଡିଏ ୯୯ ଆସନ ହରାଇବ ବୋଲି ଇଣ୍ଡିଆ ଟୁଡେ-କାର୍ଭି ଇନ୍‌ସାଇଟ୍ସ ପକ୍ଷରୁ କରାଯାଇଥିବା ମୁଡ୍ ଅଫ୍ ଦି ନେଶନ ପୋଲ୍‌ରେ କୁହାଯାଇଛି। ଏହି ଜନମତ ସର୍ଭେ କଂଗ୍ରେସ ପାଇଁ ଖୁସି ଖବର ଆଣିଥିବାବେଳେ ଭାଜପା ପାଇଁ ଚିନ୍ତାର କାରଣ ହୋଇଛି।

ସର୍ଭେ ରିପୋର୍ଟ ଅନୁଯାୟୀ ଆଜି ଲୋକ ସଭା ନିର୍ବାଚନ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହରାଇବ। ଏହି ମେଣ୍ଟକୁ ୨୩୭ ଆସନ ମିଳିବ। ୨୦୧୪ରେ ଭାଜପା ଏକାକୀ କୁହୁକ ସଂଖ୍ୟା ୨୭୨ ଅତିକ୍ରମ କରିଥିଲା। ଜନମତ ସର୍ଭେ ଅନୁଯାୟୀ କଂଗ୍ରେସ ନେତୃତ୍ୱାଧୀନ ଉପାକୁ



■ ଏନ୍‌ଡିଏ ୯୯ ଆସନ ହରାଇବ
■ ଉପା ଭୋଟ ହାର କମ୍ ରହିବ

୧୬୬ ଆସନ ମିଳିବ। ଏନ୍‌ଡିଏ ଏବଂ ଉପାରେ ସାମିଲ ନ ଥିବା ଦଳଗୁଡିକ ୧୪୦ ଆସନରେ ବିଜୟୀ ହେବେ ବୋଲି ପୂର୍ବାନୁମାନ କରାଯାଇଛି। ୨୦୧୪ ତୁଳନାରେ ଉପାକୁ ଅଧିକ ୧୦୬ଟି ଆସନ ମିଳିବା ସମ୍ଭାବନା ରହିଛି। ଏନ୍‌ଡିଏ ପାଇଁ ଏକମାତ୍ର ସାନ୍ତ୍ୱନା ହେଲା ଏହାର ଭୋଟ ହାର ଉପାଠାରୁ ଅଧିକ ରହିବ। ମୁଡ୍ ଅଫ ଦି ନେଶନ ପୋଲ୍‌ର ପୂର୍ବାନୁମାନ ଅନୁଯାୟୀ ଏନଡିଏକୁ ୩୫ ପ୍ରତିଶତ ଭୋଟ ମିଳିବାକୁ ଥିବାବେଳେ ଉପାକୁ ୩୩ ପ୍ରତିଶତ ଭୋଟ ମିଳିବ। ତେବେ ଏନ୍‌ଡିଏ ଏବଂ ଉପାର ସହଯୋଗୀ ଦଳରେ ପରିବର୍ତ୍ତନ ହେଲେ ଏହି ସଂଖ୍ୟା ମଧ ବଦଳିବ ବୋଲି କୁହାଯାଇଛି।

ଲୋକ ସଭା ନିର୍ବାଚନ ଆଉ ମାତ୍ର ଅଳ୍ପଦିନ ବାକି ଥିବାବେଳେ ଏଭଳି ଜନମତ ସର୍ଭେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ନିଦ ହଜାଇ ଦେଇଛି। ଝୁଲା ପାର୍ଲାମେଣ୍ଟ ହେଲେ ଏନଡିଏ ଅନ୍ୟ ଅଣ-ଉପା ଦଳଗୁଡିକର ସମର୍ଥନ ଯୋଗାଡ ଲାଗି ଯଥାସାଧ ଉଦ୍ୟମ କରିବ। ତାହା ହେଲେ ମୋଦି ଭିନ୍ନ ଅନ୍ୟ କେହି ବି ପ୍ରଧାନମନ୍ତ୍ରୀ ପଦ ପାଇଁ ଦାବିଦାର ହୋଇପାରନ୍ତି। ଅନ୍ୟପକ୍ଷରେ ଗତ ନିର୍ବାଚନରେ ମାତ୍ର ୪୪ ଆସନ ଜିତିଥିବା କଂଗ୍ରେସ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କ୍ଷମତାକୁ ଫେରିବା ଲାଗି ଆଶା ରଖିଛି। ଉପା ପୁଣି ଥରେ କ୍ଷମତାକୁ ଆସିବାର ଦୁଇଟି ସମ୍ଭାବନା ଥିବା ଏହି ସର୍ଭେରେ କୁହାଯାଇଛି। ପ୍ରଥମ ସମ୍ଭାବନା ଅନୁଯାୟୀ ଯଦି ଉପା ସହିତ ଏସ୍‌ପି, ବିଏସ୍‌ପି, ଟିଏମ୍‌ସି ଏବଂ ପିଡିପି ସାମିଲ ହୁଅନ୍ତି ତେବେ ଏହି ମେଣ୍ଟକୁ ଆବଶ୍ୟକ ସଂଖ୍ୟା ୨୭୨ ମିଳିଯିବ। ଅନ୍ୟପକ୍ଷରେ ଏନଡିଏ ସହ ଏଆଇଏଡିଏମ୍‌କେ ଏବଂ ୱାଇଏସ୍‌ଆର କଂଗ୍ରେସ ସାମିଲ ହେଲେ ଏନଡିଏକୁ ୨୭୧ (୨୩୪+୩୭) ଆସନ ମିଳିବ, ଯାହା ଆବଶ୍ୟକ ସଂଖ୍ୟାଠାରୁ ୧ କମ୍। ଅନ୍ୟ ସମ୍ଭାବନା ଅନୁଯାୟୀ ଯଦି ଏଆଇଏଡିଏମ୍‌କେ ଏବଂ ୱାଇଏସ୍‌ଆର କଂଗ୍ରେସ ସହ ଟିଆର୍‌ଏସ ଏବଂ ବିଜୁ ଜନତା ଦଳ (ବିଜେଡି) ଏନ୍‌ଡିଏକୁ ସମର୍ଥନ ଦିଅନ୍ତି ତଥାପି ଏହା ସଂଖ୍ୟାଗରିଷ୍ଠତା ହାସଲ କରିବା ସମ୍ଭାବନା କମ୍ ବୋଲି କୁହାଯାଇଛି। ସେହିପରି ଏନ୍‌ଡିଏ ସହ ଯଦି ଅନ୍ୟ କୌଣସି ଦଳ ସାମିଲ ନ ହୁଅନ୍ତି ତେବେ ଏହାର ସଂଖ୍ୟା ୨୧୯ ଏବଂ ଉପାର ୨୬୯ ରହିବ ବୋଲି କୁହାଯାଇଛି। ଅନ୍ୟମାନେ ୫୫ ଆସନ ପାଇବେ। ତେବେ ଏହି ୫୫ ଆସନ ଯଦି ଏନଡିଏରେ ସାମିଲ ହୁଏ ତେବେ ଏହା ସରକାର ଗଢ଼ିବାକୁ ସକ୍ଷମ ହେବ ବୋଲି ରିପୋର୍ଟରେ କୁହାଯାଇଛି।

# କୋଠା ଭୁଶୁଡ଼ି ୬ ମୃତ



**ଗୁରୁଗ୍ରାମ,୨୪।୧(ଆଇଏଏନ୍‌ଏସ୍)**

ଗୁରୁଗ୍ରାମରେ ଏକ ନିର୍ମାଣାଧୀନ ଚାରି ମହଲା ବିଲ୍ଡିଂ ଭୁଶୁଡ଼ିପଡିବାରୁ ୬ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନଙ୍କ ବୟସ ୩୦ରୁ ୪୦ ବର୍ଷ ମଧ୍ୟରେ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଚିହ୍ନଟ କରାଯାଇଛି, ଯେଉଁମାନେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିଲେ। ଭଗ୍ନାବଶେଷ ତଳେ ଆହୁରି ୪-୫ ଜଣ ରହିଯାଇଥିବା ଆଶଙ୍କା କରାଯାଉଛି। ଗୁରୁଗ୍ରାମର ସେକ୍ଟର ୬୫ରେ ଥିବା ଉଲ୍ଲାୱାସ୍ ଗ୍ରାମସ୍ଥିତ ଉକ୍ତ ନିର୍ମାଣାଧୀନ ବିଲ୍ଡିଂ ଗୁରୁବାର ଭୋର ସମୟରେ ଭୁଶୁଡ଼ି ପଡିଥିଲା। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବିଭାଗ ସମେତ ଗୁରୁଗ୍ରାମ ମ୍ୟୁନିସିପାଲ କର୍ପୋରେଶନ, ହରିୟାଣା ପ୍ରଶାସନ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ଏବଂ ସୀମା ସୁରକ୍ଷା ବଳ ନିୟୋଜିତ ରହିଛି। ତେବେ କଂକ୍ରିଟ, ଲୁହା ଗ୍ରିଲ୍ ଏବଂ କୋଠାର ଭଗ୍ନାବଶେଷ ହଟାଇବାରେ ଉଦ୍ଧାରକାରୀ ଟିମ୍‌କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଛି। ଶ୍ରମିକମାନେ ଚତୁର୍ଥ ମହଲା ଛାତ ପକାଉଥିବା ବେଳେ ତାହା ଭୁଶୁଡି ପଡିଥିଲା। ପୋଲିସ ବିଲ୍ଡିଂର ମାଲିକଙ୍କୁ ଖୋଜୁଛି।

■ ସିବିଆଇ ଅନ୍ତରୀଣ ନିର୍ଦ୍ଦେଶକ ନିଯୁକ୍ତି ମାମଲା ଶୁଣାଣି

# ସିଜେଆଇଙ୍କ ପରେ ଓହରିଲେ ସିକ୍ରି

**ନୂଆଦିଲ୍ଲୀ,୨୪।୧(ପି.ଟି.)**



ଏମ୍. ନାଗେଶ୍ୱର ରାଓଙ୍କୁ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ନିଯୁକ୍ତି ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନ୍‌ର ଶୁଣାଣିରୁ ଜଷ୍ଟିସ୍ ଏ.କେ. ସିକ୍ରି ଗୁରୁବାର ଓହରିଯାଇଛନ୍ତି। ପ୍ରଥମେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଉକ୍ତ ମାମଲାର ଶୁଣାଣିରୁ ଓହରିଯାଇଥିଲେ। ସେ ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି ଲାଗି ଗଠିତ କମିଟିରେ ସଦସ୍ୟ ଥିବାରୁ ଅନ୍ତରୀଣ ନିର୍ଦ୍ଦେଶକ ନିଯୁକ୍ତି ମାମଲାରେ ସାମିଲ ନ ହେବାକୁ ନିଷ୍ପତ୍ତି ନେଇଥିଲେ। ଏହା ପରେ ଜଷ୍ଟିସ୍ ସିକ୍ରିଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଶୁକ୍ରବାର ଏହି ମାମଲାର ଶୁଣାଣି କରିବାର ଥିଲା। ତେବେ ସିବିଆଇ ନିର୍ଦ୍ଦେଶକ ପଦରୁ ଆଲୋକ ବର୍ମାଙ୍କୁ ହଟାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ କମିଟିରେ ଜଷ୍ଟିସ୍ ସିକ୍ରି ସଦସ୍ୟ ଥିଲେ। ତେଣୁ ସେ ଉକ୍ତ ମାମଲାର ଶୁଣାଣି କରିବାକୁ ଚାହୁଁ ନ ଥିବାରୁ ଓହରିଯାଉଛନ୍ତି ବୋଲି ଜଷ୍ଟିସ୍ ସିକ୍ରି ପିଟିଶନ ଦାଏର କରିଥିବା ଏନ୍‌ଜିଓ କମନ୍ କଜ୍ ପକ୍ଷରୁ ଉପସ୍ଥିତି ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେଙ୍କୁ କହିଛନ୍ତି। ଏହା ଉପରେ ଅଧିକ କିଛି କହିବାକୁ ସେ ମନା କରିଦେଇଥିଲେ।

# ଆର୍‌ଜେଡି ନେତାଙ୍କୁ ଗୁଳିକରି ହତ୍ୟା

**ସମସ୍ତିପୁର/ବିହାର,୨୪।୧(ପି.ଟି.)**

ବିହାର ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲାପରିଷଦ ଉପାଧ୍ୟକ୍ଷ ରଘୁବୀର ରାୟ (୫୦)ଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଗୁରୁବାର ପ୍ରଭାତ ଭ୍ରମଣରେ ବାହାରିଥିବା ରାୟଙ୍କୁ କଲ୍ୟାଣପୁରଠାରେ ଏକ ମୋଟର ସାଇକେଲରେ ଆସିଥିବା କେତେକ ଦୁର୍ବୃତ୍ତ ଗୁଳିମାଡ଼ କରି ଫେରାର୍ ହୋଇଯାଇଥିଲେ। ଘଟଣାସ୍ଥଳରୁ ରାୟଙ୍କୁ ଗୁରୁତର ଅବସ୍ଥାରେ ନିକଟ ଦରଭଙ୍ଗା ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଏସ୍‌ପି ହରପ୍ରୀତ୍ କୌର କହିଛନ୍ତି।

ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ଏହା ପଞ୍ଚମ ହତ୍ୟାକାଣ୍ଡ ଘଟଣା। ଗଣମାଧ୍ୟମରେ ପ୍ରକାଶିତ ଏ ସମ୍ପର୍କିତ ରିପୋର୍ଟକୁ ଆର୍‌ଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ତାଙ୍କ ଟ୍ୱିଟର ପେଜ୍‌ରେ ଶେୟାର କରିବା ସହ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ହୁଗୁଳା ଶାସନକୁ କଡ଼ା ସମାଲୋଚନା କରିଛନ୍ତି। ବିହାରରେ ଆଇନ କାନୁନ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗୁଣ୍ଡାମାନେ ନିର୍ଭୟରେ ରାଜ୍ ଚଳାଇଥିବା ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍‌ଏଲ୍‌ଏସ୍‌ପି) ମୁଖ୍ୟ ଉପେନ୍ଦ୍ର କୁଶୱାହା ନୀତୀଶଙ୍କ ଉପରେ ବର୍ଷିଛନ୍ତି।

## ବାଲଟ ଯୁଗକୁ ଫେରିବାର ନାହିଁ: ସିଇସି

**ନୂଆଦିଲ୍ଲୀ,୨୪।୧(ପି.ଟି.)**- ଇଲେକ୍ଟ୍ରୋନିକ ଭୋଟିଂ ମେଶିନ୍ (ଇଭିଏମ୍)ର ବ୍ୟବହାରକୁ ବିଭିନ୍ନ ମହଲରୁ ବିରୋଧ କରାଯାଉଥିବାବେଳେ ଆଉ ବାଲଟ ପେପର ଯୁଗକୁ ଫେରିବାର ନାହିଁ ବୋଲି ମୁଖ୍ୟ ନିର୍ବାଚନ ଆୟୁକ୍ତ ସୁନିଲ ଆରୋରା ଗୁରୁବାର କହିଛନ୍ତି। ହାରିଯାଉଥିବା ଦଳ ଇଭିଏମ୍‌କୁ ଦୋଷାରୋପ କରୁଥିବା ସେ କହିଛନ୍ତି।

## ଫୁର୍‌ସତ

# ପେଟ୍ରୋଲ ପମ୍ପ୍ ଚଳାଇବେ କଏଦୀ



**ତିରୁନେଲ୍‌ଭେଲି:** ଇଣ୍ଡିଆନ୍ ଅଏଲ କର୍ପୋରେଶନ୍ (ଆଇଓସି) ଏବଂ ଜେଲ୍ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ତାମିଲନାଡୁର କାରାଗାର ନିକଟବର୍ତ୍ତୀ ୫ଟି ପେଟ୍ରୋଲ ଷ୍ଟେଶନ୍ ନିର୍ମାଣ ହେବାକୁ ଯାଉଛି। ଯେଉଁ କଏଦୀଙ୍କ ଆଚରଣ ସନ୍ତୋଷଜନକ ସେମାନଙ୍କୁ ପେଟ୍ରୋଲ ପମ୍ପ ଚଳାଇବା ପାଇଁ ଅନୁମତି ମିଳିବ ବୋଲି ମଦୁରାଇର ପ୍ରିଜିନ୍ ଡିଆଇଜି ପାଲାନି ପ୍ରକାଶ କରିଛନ୍ତି। ଏହି ଉଦ୍ୟମର ଅଂଶ ସ୍ୱରୂପ ଗୋଟିଏ ପେଟ୍ରୋଲ ଷ୍ଟେଶନ୍ ଉକ୍ତ ନଗରୀର ପାଲାୟମକୋଟି ନିକଟରେ ଖୁବ୍‌ଶୀଘ୍ର ପ୍ରତିଷ୍ଠା କରାଯିବ। ଯେଉଁ କଏଦୀଙ୍କ ଆଚରଣ ଭଲ ଓ ଚରିତ୍ର ସନ୍ତୋଷଜନକ ମନେହେବ ସେମାନଙ୍କୁ ପେଟ୍ରୋଲ ପମ୍ପରେ କାର୍ଯ୍ୟ ପାଇଁ ନିୟୋଜିତ କରାଯିବ। ପେଟ୍ରୋଲ ପମ୍ପ୍ ଚଳାଇବା ପାଇଁ ଏଠାରେ ଏକ ସେମିନାର ଆୟୋଜନ କରାଯାଇଥିଲା। ଉକ୍ତ ସେମିନାର୍‌ରେ କେତେକ ବଛାବଛା କଏଦୀଙ୍କୁ ପେଟ୍ରୋଲ ପମ୍ପ ଅପରେଟ୍ କରିବା ତାଲିମ ପ୍ରଦାନ କରାଯାଇଛି।

# ଶାଶୁ ସମ୍ପତ୍ତି ହଡ଼ପ ପାଇଁ ଜାଲ୍ ମୃତ ପ୍ରମାଣପତ୍ର

**ମଦୁରାଇ:** ଶାଶୁ ନାମରେ ଥିବା ସମ୍ପତ୍ତି ହଡପ କରିବା ପାଇଁ ଜଣେ ବ୍ୟକ୍ତି ଯୋଗାଡଯନ୍ତ୍ର କରି ଶାଶୁଙ୍କ ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତ କରିଥିଲେ। ଅଥଚ ଅଶିତିପର ଶାଶୁ ନିଜେ ଜୀବିତ ବୋଲି ପ୍ରମାଣ କରିବା ପାଇଁ ବାରଦୁଆର ତେରପିଣ୍ଡା ହେଉଛନ୍ତି। ଏ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମାଡ୍ରାସ ହାଇକୋର୍ଟ ଏହି ବୃଦ୍ଧାଙ୍କ ମୃତ୍ୟୁ ପ୍ରମାଣପତ୍ର ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାମିଲନାଡୁର ରାମନାଥପୁରମ୍ ଅଞ୍ଚଳର ଏହି ବୃଦ୍ଧା ହେଉଛନ୍ତି ଥୋଟିୟାମାଲ୍।

ବିଚାରପତି କେ.କେ. ଶଶିଧରନ୍ ଏବଂ ପି.ଡି. ଆଦିକେଶାଭାଲୁଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ମହିଳାଙ୍କ ଜ୍ୱାଇଁ ଏବଂ ନାତିଙ୍କୁ ଉକ୍ତ ମାମଲାରେ ପକ୍ଷଭୁକ୍ତ କରିବା ସହିତ ମୃତ୍ୟୁ ପ୍ରମାଣପତ୍ର ରଦ୍ଦ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୬ ସେପ୍ଟେମ୍ବର ୨୭ରେ ମହିଳାଙ୍କ ନାମରେ ଏକ ମୃତ୍ୟୁ ପ୍ରମାଣପତ୍ର ଜାରି ହୋଇଥିବାବେଳେ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଉକ୍ତ ଖଣ୍ଡପୀଠ ପକ୍ଷରୁ ରାମନାଥପୁରମ୍ ମ୍ୟୁନିସିପାଲ କମିଶନର ଏବଂ ଜିଲା ରେଜିଷ୍ଟ୍ରାରଙ୍କୁ ଏ ସଂକ୍ରାନ୍ତରେ ଜବାବ ଦାଖଲ କରିବାକୁ କୁହାଯାଇଛି। ମିଥ୍ୟା ସୂଚନା ଦିଆଯାଇ ମହିଳାଙ୍କ ଦସ୍ତଖତ ହାସଲ ସହିତ ନାତି ପ୍ରବୀଣ କୁମାରଙ୍କ ନାମକୁ ହସ୍ତାନ୍ତର ହୋଇଥିବା ଇନାମ ସେଟଲ୍‌ମେଣ୍ଟ ରଦ୍ଦ କରିବାକୁ କୁହାଯାଇଛି।

ରିପୋର୍ଟ ଅନୁଯାୟୀ, ଥୋଟିୟାମାଲଙ୍କର ୩ ଝିଅ ଏବଂ ଗୋଟିଏ ପୁଅ। ସେ ପୁଅ ସହିତ ରହିଆସୁଥିଲେ। ତାଙ୍କର ୧୨ ସେଣ୍ଟସ ଭୂସମ୍ପତ୍ତି ଥିଲା। ଜିଲା କୋର୍ଟରେ ତାଙ୍କ ପୁଅ ସିରସ୍ତାଦାର ଥିଲେ। ୨୦୧୬ରେ ଦୁର୍ଘଟଣାରେ ପୁଅଙ୍କର ମୃତ୍ୟୁ ଘଟିଥିଲା। ଥୋଟିୟାମାଲଙ୍କ ଅଜ୍ଞାତରେ ଜ୍ୱାଇଁ ନିଜ ପୁଅ ନାମରେ ଇନାମ ସେଟଲ୍‌ମେଣ୍ଟ ଦ୍ୱାରା ଶାଶୁଙ୍କ ଜମି କରାଇ ନେଇଥିଲେ। ଥୋଟିୟାମାଲଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ୩ ଝିଅଙ୍କ ଦସ୍ତଖତ ଜାଲିଆତି କରି ଜ୍ୱାଇଁ ତାଙ୍କୁ ବିପଥଗାମୀ କରାଇଥିଲେ। ପୁଅର ମୃତ୍ୟୁ ପରେ ତାଙ୍କ ପତ୍ନୀ ମୀନାକ୍ଷୀ ଏକ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ହାସଲ କରି ଥୋଟିଆମାଲ୍‌ଙ୍କ ସମ୍ପତ୍ତି ଦାବି କଲେ। ତେବେ ଉକ୍ତ ମହିଳାଙ୍କ ସମ୍ପତ୍ତି ଜାଲ ଦସ୍ତଖତ ମାଧ୍ୟମରେ ହଡପ କରାଯାଇଥିବା ସେ ଜାଣିବାକୁ ପାଇଥିଲେ।

## ଇତିହାସର ଆଇନାରେ

### ଜାନୁୟାରୀ ୨୫ର ପ୍ରମୁଖ ଘଟଣା

### ମନ୍ଦିରରେ ଦଳାଚକଟା

୨୦୦୫ ଜାନୁୟାରୀ ୨୫ରେ ମହାରାଷ୍ଟ୍ରର ମାନ୍ଧ୍ରାଦେବୀ ମନ୍ଦିରରେ ଦଳାଚକଟା ଯୋଗୁ ଅନ୍ୟୂନ ୨୫୮ ଲୋକଙ୍କ ମୃତ୍ୟୁ ଘଟିଥିଲା। ମାନ୍ଧ୍ରାଦେବୀ କାଲୁବାଈ ମନ୍ଦିର ମହାରାଷ୍ଟ୍ରର ସତରା ଜିଲାରେ ଏବଂ ସତରାଠାରୁ ୨୦କି.ମି. ଦୂରରେ ଅବସ୍ଥିତ। ଏହା ଏକ ପର୍ବତ ଉପରେ ଏବଂ ସମୁଦ୍ରପତ୍ତନଠାରୁ ୪,୬୫୦ ଫୁଟ ଉଚ୍ଚରେ ରହିଛି।

### ଦଙ୍ଗାରେ ୫୦ ମୃତ

୨୦୧୩ ଜାନୁୟାରୀ ୨୫ରେ ଭେନିଜୁଏଲାର ଏକ ଜେଲ୍‌ରେ ଦଙ୍ଗା ଯୋଗୁ ଅନ୍ୟୂନ ୫୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨୦ଜଣ ନିହତ ହୋଇଥିଲେ। ଏହା ଲାରା ପ୍ରଦେଶର ରାଜଧାନୀ ଏବଂ ଇରିବାରେନ୍ ମ୍ୟୁନିସିପାଲିଟିର ମୁଖ୍ୟସ୍ଥଳ। ଏହା ଦେଶର ମୁଖ୍ୟ ଶିଳ୍ପାଞ୍ଚଳ, ବ୍ୟବସାୟିକ ଏବଂ ପରିବହନ ସ୍ଥଳ। ଲୋକସଂଖ୍ୟା ଦୃଷ୍ଟିରୁ ଏହା ଚତୁର୍ଥ ବୃହତ୍ତମ ସହର ଭାବେ ସ୍ୱୀକୃତି ଲାଭ କରିଛି।




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୯ | ୧୨.୩ |
| ଚାନ୍ଦବାଲି | ୨୮.୭ | ୧୫.୦ |
| କଟକ | ୨୭.୫ | ୧୫.୦ |
| ପାରାଦ୍ୱୀପ | ୨୬.୮ | ୧୭.୯ |
| ଭୁବନେଶ୍ୱର | ୩୦.୮ | ୧୬.୬ |
| ଗୋପାଳପୁର | ୨୯.୫ | ୧୫.୮ |
| ପୁରୀ | ୨୬.୦ | ୧୬.୪ |
| ଅନୁଗୋଳ | ୩୦.୧ | ୯.୦ |
| ବାରିପଦା | ୨୯.୪ | ୧୩.୧ |
| ଝାରସୁଗୁଡ଼ା | ୩୦.୪ | ୧୩.୮ |
| କେନ୍ଦୁଝର | ୨୯.୩ | ୧୧.୦ |
| ସମ୍ବଲପୁର | ୩୧.୫ | ୧୩.୪ |
| ସୁନ୍ଦରଗଡ଼ | ୨୮.୦ | ୧୧.୦ |
| ହୀରାକୁଦ | ୩୦.୧ | ୧୪.୪ |
| ତାଲଚେର | ୩୨.୪ | ୧୩.୩ |
| ଭବାନୀପାଟଣା | ୩୦.୫ | ୧୨.୦ |
| ବଲାଙ୍ଗୀର | ୩୦.୫ | ୧୩.୪ |
| କୋରାପୁଟ | ୨୯.୦ | ୧୦.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୨.୫ |
| ମାଲକାନଗିରି | ୩୩.୦ | ୧୨.୮ |
| ସୋନପୁର | ୩୦.୦ | ୧୨.୪ |
| ଦାରିଙ୍ଗିବାଡ଼ି | ୨୭.୫ | ୧୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ମିସ୍ ଇଣ୍ଡିଆ ପ୍ରତିଦ୍ୱନ୍ଦ୍ୱୀଙ୍କ ପରାମର୍ଶଦାତା ହେବେ ଦିୟା, ନେହା

**ମୁମ୍ବାଇ:** ପୂର୍ବତନ ମିସ୍ ଏସିଆ ପ୍ୟାସିଫିକ୍ ଦିୟା ମିର୍ଜା ଏବଂ ଫେମିନା ମିସ୍ ଇଣ୍ଡିଆ-୨୦୦୨ର ନେହା ଧୁପିଆ ଏଫବିବି କଲର୍ସ ଫେମିନା ମିସ୍ ଇଣ୍ଡିଆ ୨୦୧୯ ପ୍ରତିଦ୍ୱନ୍ଦ୍ୱୀଙ୍କ ପରାମର୍ଶଦାତା ହେବେ। ବିଜେତା ବିଶ୍ୱସୁନ୍ଦରୀ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବେ। ଅନ୍ୟମାନେ ମଧ ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାଶନାଲ ଏବଂ ମିସ୍ ୟୁନାଇଟେଡ କଣ୍ଟିନେଣ୍ଟ୍ସ ଭଳି ଅନ୍ତର୍ଜାତୀୟ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୁଯୋଗ ପାଇବେ। ପ୍ରତି ରାଜ୍ୟରୁ ୩ ଜଣ ଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଚୟନ କରାଯାଇ ଗୋଲ୍‌ଡେନ୍ ଟିକେଟ୍ ପ୍ରଦାନ କରାଯିବ। ସେମାନେ ଷ୍ଟେଟ୍‌ସ ଜୋନାଲ କ୍ରାଉନିଂ ସେରିମନିରେ ଭାଗ ନେଇପାରିବେ। ଫେବୃୟାରୀ ୨୪ରେ ବେଙ୍ଗାଲୁରୁ (ସାଉଥ୍ ଜୋନ୍), ମାର୍ଚ୍ଚ ୬ରେ ଦିଲ୍ଲୀ(ନର୍ଥ ଜୋନ୍), ଏପ୍ରିଲ ୨ରେ ପୁଣେ (ୱେଷ୍ଟ ଜୋନ୍) ଏବଂ ଏପ୍ରିଲ ୨୩ରେ କୋଲକାତା (ଇଷ୍ଟ ଜୋନ)ରେ ଜୋନାଲ କ୍ରାଉନିଂ ସେରିମନି ଅନୁଷ୍ଠିତ ହେବ। ପ୍ରତ୍ୟେକ ରାଜ୍ୟର ବିଜେତା ଜୁନ୍‌ରେ ହେବାକୁ ଥିବା ଗ୍ରାଣ୍ଡ ଫିନାଲେରେ ଭାଗନେବେ। କିନ୍ତୁ ଏହା ପୂର୍ବରୁ ପ୍ରତିଦ୍ୱନ୍ଦ୍ୱୀଙ୍କୁ କଠିନ ତାଲିମ ନେବାକୁ ହେବ। ଇଷ୍ଟ ଏବଂ ୱେଷ୍ଟ ଜୋନ୍ ଦାୟିତ୍ୱରେ ନେହା ଧୁପିଆ ରହିଥିବା ବେଳେ ନର୍ଥ ଓ ସାଉଥ୍ ଜୋନ୍ ଦାୟିତ୍ୱରେ ଅଛନ୍ତି ଦିୟା ମିର୍ଜା।



ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଡାକାର ୨୦୧୯

ବିଶ୍ୱର ଅନ୍ୟତମ କଷ୍ଟସାଧ୍ୟ ଏବଂ ବିପଜ୍ଜନକ ଡାକାର ରାଲିର ୪୧ତମ ସଂସ୍କରଣ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଲି କ୍ରମାଗତ ୧୧ ଥର ପାଇଁ ଦକ୍ଷିଣ ଆମେରିକାରେ ସମ୍ପନ୍ନ ହୋଇଛି। ଏହା ପେରୁର ଲିମାଠାରୁ ଜାନୁୟାରୀ ୬ରେ ଆରମ୍ଭ ହୋଇ ସେହି ଲିମାଠାରେ ଜାନୁୟାରୀ ୧୭ରେ ଶେଷ ହୋଇଥିଲା। ପ୍ରତିଯୋଗିତା ୧୦ ଷ୍ଟେଜ୍ ବିଶିଷ୍ଟ ଥିଲା। ଡାକାର ରାଲି ୫ଟି କାଟେଗୋରିରେ ଅନୁଷ୍ଠିତ ହେଉଥିଲେ ହେଁ ଆକର୍ଷଣର କେନ୍ଦ୍ରବିନ୍ଦୁ କାର୍ ବିଭାଗରେ ଚାମ୍ପିୟନ ହୋଇଥିଲେ କାତାର ଡ୍ରାଇଭର ନାସେର ଅଲ୍-ଆଟିୟା। ଏହାଥିଲା ନାସେରଙ୍କ କ୍ୟାରିୟରର ତୃତୀୟ ଡାକାର ବିଜୟ। ୨୦୧୯ରେ ସେ ଟୟୋଟା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଡାକାର ଇତିହାସରେ ଦ୍ୱିତୀୟ ବ୍ୟକ୍ତିଭାବେ ସେ ୩ଟି ଭିନ୍ନ କମ୍ପାନୀର ଗାଡ଼ି ବ୍ୟବହାର କରି ଚାମ୍ପିୟନ ହୋଇଛନ୍ତି। ୨୦୧୧ରେ ସେ ଫକ୍ସୱାଗନ ଓ ୨୦୧୫ରେ ମିନି ପକ୍ଷରୁ ପ୍ରତିନିଧିତ୍ୱ କରି ଟାଇଟଲ ହାସଲ କରିଥିଲେ। ଟୟୋଟା ଗାଜୁ ରେସିଂ ଟିମ୍ ସହିତ ଏହା ଥିଲା ନାସେରଙ୍କର ଦ୍ୱିତୀୟ ସିଜନ। ଜେନେରାଲ କ୍ଲାସିଫିକେଶନରେ ସେ କେବଳ ଦ୍ୱିତୀୟ ଷ୍ଟେଜ୍‌କୁ ଛାଡ଼ି ପୂରା ଚାମ୍ପିୟନଶିପ୍‌ରେ ଅଗ୍ରଣୀ ରହିଥିଲେ। ଏଥର ଡାକାରା ରାଲିକୁ ସେ ଓଭରଅଲ୍ ୩୪: ୩୮:୧୪ ସେକେଣ୍ଡ ସମୟ ନେଇ ଶେଷ କରିଥିଲେ। ୪୮ବର୍ଷୀୟ ଏହି ଡ୍ରାଇଭର ନିଜ ଅଭିଜ୍ଞତାର ଉପଯୋଗ କରି ସଫଳ ହୋଇଥିଲେ। ଦ୍ୱିତୀୟ ସ୍ଥାନରେ ଥିବା ଏକ୍ସ-ରେଡ୍ସର ନାନି ରୋମାଙ୍କଠାରୁ ସେ ୪୬ ମିନିଟ ଓ ୪୨ ସେକେଣ୍ଡ ଆଗରେ ରହିଥିଲେ। ରୋମା ଯଦିଓ କୌଣସି ଷ୍ଟେଜ୍ ଜିତି ନ ଥିଲେ ସ୍ଥିର ପ୍ରଦର୍ଶନ ଯୋଗୁ ଓଭରଅଲ ଷ୍ଟାଣ୍ଡିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପିୟୁଜିଅଟ୍ ୩୦୦ ଡିକେଆରର ତଥା ୯ଥର ଡବ୍ଲ୍ୟୁଆରସି ଚାମ୍ପିୟନ ସେବାଷ୍ଟିନ ଲୋଏବ୍ ତୃତୀୟ ହୋଇଥିଲେ। ରେସ୍ ଅବସରରେ ଲୋଏବ ସାମାନ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ ହେଁ ଦ୍ରୁତ ଗତିରେ ଗାଡ଼ି ଚାଳନା ଏବଂ ୪ ଷ୍ଟେଜ ବିଜୟ ଯୋଗୁ ଗତ ବର୍ଷ ପରେ ଦ୍ୱିତୀୟ ଥର ପାଇଁ ପୋଡିୟମ ଫିନିଶ କରିବାରେ ସମର୍ଥ ହୋଇଥିଲେ। ଗତଥରର ଚାମ୍ପିୟନ ତଥା ଏକ୍ସ-ରେଡ୍ସର କାର୍ଲୋସ ସେଜ୍ ଅନ୍ତିମ ଷ୍ଟେଜ୍ ଜିତିଥିଲେ। ତେବେ ଓଭରଅଲ୍ ଷ୍ଟାଣ୍ଡିଂରେ ସେ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।



ନାସେର ଅଲ-ଆଟିୟା

ଡାକାର ରାଲିର ୪୧ତମ ସଂସ୍କରଣ ଦକ୍ଷିଣ ଆମେରିକାରେ ସମ୍ପନ୍ନ ହୋଇଛି। ଏହା ପେରୁର ଲିମାଠାରୁ ଜାନୁୟାରୀ ୬ରେ ଆରମ୍ଭ ହୋଇ ସେହି ଲିମାଠାରେ ୧୭ରେ ଶେଷ ହୋଇଥିଲା। ୧୦ ଷ୍ଟେଜ୍ ବିଶିଷ୍ଟ ପ୍ରତିଯୋଗିତାର କାର୍ ବିଭାଗରେ ଚାମ୍ପିୟନ ହୋଇଥିଲେ କାତାର ଡ୍ରାଇଭର ନାସେର ଅଲ୍-ଆଟିୟା....






ବାଇକ୍ ଡିଭିଜନରେ ଅଷ୍ଟ୍ରେଲିଆର ଟୋବି ପ୍ରାଇସ୍ ଚାମ୍ପିୟନ ହୋଇଛନ୍ତି। ସେ ଏଥର କଟଟିରେ ଆଘାତ ପାଇଥିଲେ ହେଁ ଦ୍ୱିତୀୟଥର ପାଇଁ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି। ହିରୋ ମୋଟୋ ସ୍ପୋର୍ଟ୍ସର ସ୍ପାନିଶ ରାଇଡର ଓରିଓଲ ମେନା ଫାଇନାଲ ଷ୍ଟେଜ୍‌ରେ ୧୭ଶ ସ୍ଥାନ ଅଧିକାର କରିଥିଲେ ହେଁ ଓଭରଅଲ ର୍ୟାଙ୍କିଙ୍ଗରେ ୯ମ ସ୍ଥାନ ବଜାୟ ରଖିଥିଲେ। ଶୁକ୍ରବାର ଶେଷ ହୋଇଥିବା ଡାକାର ରାଲିରେ ଏକ ମାତ୍ର ଭାରତୀୟ ଭାବେ ଅରବିନ୍ଦ କେପି ରେସ୍ ଶେଷ କରିବାରେ ସମର୍ଥ ହୋଇଥିଲେ। ଟ୍ରକ୍ସ ଡିଭିଜନରେ କାମାଜ ଟିମ୍‌ର ଏଡୁଆର୍ଡ ନିକୋଲାଏଭ, ଏଭଗେନି ଲାକୋଭଲେଭ୍ ଓ ଭ୍ଲାଡିମିର ରିବାକୋଭ୍ କ୍ରମାଗତ ତୃତୀୟଥରପାଇଁ ଚାମ୍ପିୟନ ହୋଇ ଟାଇଟଲ ହାସଲରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି।

## ନାସେର: ରେସିଂ ଓ ଶୁଟିଂର ଅପୂର୍ବ ସମନ୍ୱୟ

ନାସେର ସାଲିହ ନାସେର ଅବଦୁଲା ଅଲ୍-ଆଟିୟା ୧୯୭୦ ଡିସେମ୍ବର ୨୧ରେ ଦୋହାଠାରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ କାତାରି ଡ୍ରାଇଭର, ସ୍ପୋର୍ଟ୍ସ ଶୁଟର ଏବଂ ଧର୍ମଗୁରୁ। ସେ ୨୦୦୬ରେ ୱାର୍ଲ୍ଡ ରାଲି ଚାମ୍ପିୟନ ହୋଇଥିବାବେଳେ ୧୩ ଥର ମିଡଲ ଇଷ୍ଟ ରାଲୁ ଟାଇଟଲ ବିଜେତା। ୨୦୧୪ ଓ ୨୦୧୫ରେ ସେ ୨ ଥର ଡବ୍ଲ୍ୟୁଆରସି-୨ ଚାମ୍ପିୟନ, ୨୦୦୮, ୨୦୧୫ ଓ ୨୦୧୬ରେ ସେ ୩ ଥର ଏଫଆଇଏ କ୍ରସ୍ କଣ୍ଟ୍ରି ରାଲି କପ୍ ଏବଂ ୨୦୧୧, ୨୦୧୫ ଓ ୨୦୧୯ରେ ଡାକାର ରାଲି ବିଜେତା। ସେ ସମ୍ପ୍ରତି ୱାର୍ଲ୍ଡ ରାଲି ଚାମ୍ପିୟନଶିପ୍ ଏବଂ ମିଡଲ ଇଷ୍ଟ ରାଲି ଚାମ୍ପିୟନଶିପ୍‌ରେ କାତାର ୱାର୍ଲ୍ଡ ରାଲି ଟିମ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ମିଡିଲ ଇଷ୍ଟ ଡ୍ରାଇଭରଙ୍କ ମଧ୍ୟରେ ସେ ଏକମାତ୍ର ଏକାଧିକ ଥର ଡାକାର ରାଲି ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେ ବର୍ତ୍ତମାନର କାତାର ଅମିର ତାମିମ ବିନ୍ ହାମଦ ଅଲ୍ ଥାନିଙ୍କ ସମ୍ପର୍କୀୟ ଭାଇ। ପ୍ରତିକୂଳ ପରିସ୍ଥିତିରେ ଡାକାର ରାଲିରେ ପ୍ରାଧାନ୍ୟ ବିସ୍ତାର କରିଥିବା ନାସେର ଶୁଟିଂ ରେଞ୍ଜ୍‌ରେ ମଧ୍ୟ ପାରଙ୍ଗମ ବୋଲି ପ୍ରମାଣିତ କରିଛନ୍ତି। ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ପୁରୁଷ ସ୍କିଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୨୦୦୨ ବୁସାନ ଏବଂ ୨୦୧୦ ଗୁଆଙ୍ଗଝୋଉ ଏସିଆନ ଗେମ୍ସର ସ୍କିଟ୍ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଗୁଆଙ୍ଗଝୋଉଠାରେ ବ୍ୟକ୍ତିଗତ ସ୍କିଟ ଇଭେଣ୍ଟରେ ମଧ୍ୟ ସେ ବ୍ରୋଞ୍ଜ ପଦକ ପାଇଥିଲେ। ଏହା ବ୍ୟତୀତ ସେ ୨୦୦୧ ବ୍ୟାଙ୍କକ୍, ୨୦୦୫ ସିଙ୍ଗାପୁର ଓ ୨୦୧୨ ଦୋହା ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ସ୍କିଟ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ୧୯୯୫ ଜାକର୍ତ୍ତା ଓ ୨୦୦୩ ଦିଲ୍ଲୀ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ରୌପ୍ୟ ପଦକ ହାସଲ କରିଥିଲେ।

### ୧୦ ଷ୍ଟେଜ

| ଷ୍ଟେଜ୍ | ତାରିଖ | ଆରମ୍ଭ | ଶେଷ |
|---|---|---|---|
| ୧ | ଜାନୁୟାରୀ ୭ | ଲିମା | ପିସ୍କୋ |
| ୨ | ଜାନୁୟାରୀ ୮ | ପିସ୍କୋ | ସାନ୍ ଜୁଆନ ଡି ମାର୍କୋନା |
| ୩ | ଜାନୁୟାରୀ ୯ | ସାନ୍ ଜୁଆନ ଡି ମାର୍କୋନା | ଆରେକ୍ୱିପା |
| ୪ | ଜାନୁୟାରୀ ୧୦ | ଆରେକ୍ୱିପା | ମୋକ୍ୱିଗୁଆ |
| ୫ | ଜାନୁୟାରୀ ୧୧ | ମୋକ୍ୱିଗୁଆ | ଆରେକ୍ୱିପା |
| ୬ | ଜାନୁୟାରୀ ୧୩ | ଆରେକ୍ୱିପା | ସାନ୍ ଜୁଆନ ଡି ମାର୍କୋନା |
| ୭ | ଜାନୁୟାରୀ ୧୪ | ସାନ୍ ଜୁଆନ ଡି ମାର୍କୋନା | ସାନ୍ ଜୁଆନ ଡି ମାର୍କୋନା |
| ୮ | ଜାନୁୟାରୀ ୧୫ | ସାନ୍ ଜୁଆନ ଡି ମାର୍କୋନା | ପିସ୍କୋ |
| ୯ | ଜାନୁୟାରୀ ୧୬ | ପିସ୍କୋ | ପିସ୍କୋ |
| ୧୦ | ଜାନୁୟାରୀ ୧୭ | ପିସ୍କୋ | ଲିମା |

### ସଂକ୍ଷେପରେ ଡାକାର-୨୦୧୯

ଆୟୋଜକ ଦେଶ: ପେରୁ
ସମୟ: ଜାନୁୟାରୀ ୬ରୁ ୧୭
ଷ୍ଟେଜ୍: ୧୦
ଷ୍ଟେଜ୍ ସର୍ଫେସ: ବାଲି/ଗୋଡ଼ି, ମାଟି ଏବଂ ବାଲି ରାସ୍ତା

**କାର୍ ବିଭାଗ ବିଜେତା**

ମୁଖ୍ୟ ଡ୍ରାଇଭର: ନାସେର ଅଲ-ଆଟିୟା(କାତାର)
ସହକାରୀ ଡ୍ରାଇଭର: ମାଥ୍ୟୁ ବୌମେଲ (ଫ୍ରାନ୍ସ)
(ଟୟୋଟା ଗାଜୋ ରେସିଂ)

**ବାଇକ୍ ବିଜେତା**

ଟୋବି ପ୍ରାଇସ୍(ଅଷ୍ଟ୍ରେଲିଆ)
ରେଡ୍ ବୁଲ୍ କେଟିଏମ ଫ୍ରାକ୍ଟ୍ରି ରେସିଂ)
କ୍ୱାଡ୍ସ ବିଜେତା
ନିକୋଲାସ କାଭିଗ୍ଲିଆସୋ (ଆର୍ଜେଣ୍ଟିନା)
(ଡ୍ରାଗ୍'ଅନ୍ ରାଲି)

**ଟ୍ରକ୍ ବିଭାଗ ବିଜେତା**

ମୁଖ୍ୟ ଡ୍ରାଇଭର: ଏଡୁଆର୍ଡ ନିକୋଲାଏଭ୍ (ରୁଷିଆ)
ସହକାରୀ ଡ୍ରାଇଭର: ଏଭଗେନି ଲାକୋଭଲେଭ୍, ଭ୍ଲାଡିମିର ରିବାକୋଭ (ରୁଷିଆ)(କାମାଜ ମାଷ୍ଟର)

**ୟୁଟିଭି ବିଜେତା**

ମୁଖ୍ୟ ଡ୍ରାଇଭର: ଫ୍ରାନ୍ସିସ୍କୋ ଲୋପେଜ କଣ୍ଟାର୍ଡୋ(ଚିଲି)
ସହକାରୀ ଡ୍ରାଇଭର: ଆଲଭାରୋ ଲିଅନ(ଚିଲି)
(ସାଉଥ୍ ରେସିଂ କାନ୍-ଆମ୍)

---

# ମିଶନ ବ୍ଲାକ୍‌କ୍ୟାପ୍



ନିର୍ମଳ କୁମାର ମିଶ୍ର




ଅଷ୍ଟ୍ରେଲିଆ ଗସ୍ତରେ ଐତିହାସିକ ସଫଳତା ହାସଲ କରିବା ପରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ନ୍ୟୁଜିଲାଣ୍ଡ ଗସ୍ତ ଆରମ୍ଭ କରିଛି। ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମୁକାବିଲା ଜିତି ଭାରତ ଦକ୍ଷତା ପ୍ରତିପାଦନ କରିଛି। ଏହା ପରେ ଭାରତ ୩ଟି ଟି୨୦ ମ୍ୟାଚ୍ ଖେଳିବ। ଅଧିନାୟକ କୋହଲି ଅନ୍ତିମ ଦୁଇଟି ଦିନିକିଆ ଓ ଟି୨୦ ସିରିଜ୍‌ରୁ ବିଶ୍ରାମ ନେଇଛନ୍ତି। ଆଉ କେତେଜଣ ତାରକା ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ ଏହି ଗସ୍ତରେ ସଫଳ ହୋଇ ଆଗାମୀ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଜୋର୍‌ଦାର କରିବା ଲକ୍ଷ୍ୟରେ ରହିଛି...

ଅଷ୍ଟ୍ରେଲିଆ ଗସ୍ତର ସଫଳ ପରିସମାପ୍ତି ପରେ ଟିମ୍ ଇଣ୍ଡିଆର ମନୋବଳ ଆକାଶଛୁଆଁ ରହିଥିବା ବେଳେ ସମଗ୍ର କ୍ରିକେଟ୍ ଜଗତ ବିରାଟ ବାହିନୀର ଏହି ସଫଳତାକୁ ଏକ ଐତିହାସିକ ବୋଲି ଅଭିହିତ କରିଛନ୍ତି। ଆଗକୁ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଏକଦିବସୀୟ ବିଶ୍ୱକପ୍ ଖେଳାଯିବାକୁ ଥିବା ବେଳେ ଟିମ୍ ଇଣ୍ଡିଆ ଆସନ୍ତା ବିଶ୍ୱକପ୍‌ର ଦୃଢ ଦାବିଦାର ରୂପେ ଉଭା ହୋଇଛି। ଏଥି ସହିତ ଆଉ ଏକ ମିଶନ ବ୍ଲାକକ୍ୟାପ୍ ପାଇଁ ନ୍ୟୁଜିଲାଣ୍ଡ ଗସ୍ତ ଆରମ୍ଭ କରିଛି। ଆଗକୁ ମଧ୍ୟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ରହିଥିବାରୁ ଦଳର ସମସ୍ତ ଖେଳାଳିଙ୍କ ପାଇଁ ଏକ ଭଲ ଅଭ୍ୟାସ ରହିବାର ସମ୍ଭାବନା ରହିଛି। ବିରାଟ ବାହିନୀ ଏଥି ମଧ୍ୟରେ ଆଇସିସି ଏକଦିବସୀୟ ର୍ୟାଙ୍କିଙ୍ଗ୍‌ରେ ନିଜର ସ୍ଥିତିରେ ଉନ୍ନତ ଆଣିବାକୁ ସକ୍ଷମ ହୋଇଛି।

ଦୃଢ ମନୋବଳ ନେଇ ବିରାଟ ବାହିନୀ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଏକଦିବସୀୟ ସିରିଜ ଖେଳିଛି ଓ ପ୍ରଥମ ମ୍ୟାଚରେ ସହଜ ବିଜୟ ହାସଲ କରି ଅଭିଯାନ ଆରମ୍ଭ କରିଛି। ଏହା ପରେ ଭାରତ ନ୍ୟୁଜିଲାଣ୍ଡରେ ଏକ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳିବାକୁ ଯାଉଛି। ଆଗାମୀ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ନିଜକୁ ପ୍ରସ୍ତୁତ କରିବା ପାଇଁ ଦୁଇ ଦେଶର କ୍ରିକେଟ୍ ବୋର୍ଡ ମଧ୍ୟରେ ସହମତି ଯୋଗୁ ଏହା ସମ୍ଭବ ହୋଇପାରିଛି। ଚଳିତ ୨୩ତାରିଖରୁ ଆରମ୍ଭ ହୋଇଥିବା ଏହି ସିରିଜ ଫେବୃୟାରୀ ୧୦ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏକଦିବସୀୟ ଫର୍ମାଟରେ ଦୁଇଦେଶ ବେଶ୍ ଶକ୍ତିଶାଳୀ। ସଦ୍ୟପ୍ରକାଶିତ ଆଇସିସି ର୍ୟାଙ୍କିଙ୍ଗରେ ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ ବିଜୟ ସହିତ ଟିମ୍ ଇଣ୍ଡିଆ ୧୨୧ ପଏଣ୍ଟ ସହିତ ୨ୟ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ୧୧୩ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛି। ସେହିପରି ଆଇସିସି ଦିନିକିଆ ର୍ୟାଙ୍କିଂରେ ଶ୍ରେଷ୍ଠ ଖେଳାଳି ତାଲିକାରେ ଭାରତର ୩ଜଣ ବ୍ୟାଟ୍ସମ୍ୟାନ୍ ପ୍ରଥମ ୧୦ଟି ସ୍ଥାନରେ ରହିଛନ୍ତି। ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ୧ନଂ ସ୍ଥାନରେ ରହିଥିବା ବେଳେ ରୋହିତ ଶର୍ମା ୨ୟ ଏବଂ ନ୍ୟୁଜିଲାଣ୍ଡର ରସ୍ ଟେଲର ତୃତୀୟ ସ୍ଥାନରେ ରହିଛନ୍ତି। ଭାରତୀୟ ଓପନର ଶିଖର ଧାୱନ ୯ମ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ୍ ଏବଂ ମାର୍ଟିନ ଗୁପ୍ଟିଲ ମଧ୍ୟ ନିଜର ଶ୍ରେଷ୍ଠତ୍ୱ ବଜାଇ ରଖିବାକୁ ସକ୍ଷମ ହୋଇଛନ୍ତି। ସେହିପରି ଆଗାମୀ ବିଶ୍ୱକପ୍‌କୁ ଆଖି ଆଗରେ ରଖି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମରାଙ୍କୁ ବିଶ୍ରାମ ଦେଇଛି। ବୋଲିଂ ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତୀୟ ତାରକା ସ୍ପିନର କୁଲଦୀପ୍ ଯାଦବ ଏବଂ ଯୁଜବେନ୍ଦ୍ର ଚହଲ ପ୍ରଥମ ୧୦ଜଣଙ୍କ ମଧ୍ୟରେ ରହିଥିବା ବେଳେ ନ୍ୟୁଜିଲାଣ୍ଡର ପେସ୍ ବୋଲର ଟ୍ରେଣ୍ଟ ବୋଲ୍ଟ ୧୦ମ ସ୍ଥାନରେ ରହିଛନ୍ତି। ପ୍ରଥମ ମ୍ୟାଚ୍ ଜିତି ଭାରତ ୧-୦ରେ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ଆଗାମୀ ସିରିଜ ବେଶ୍ ଆକର୍ଷଣୀୟ ଏବଂ ଉପଭୋଗ୍ୟ ହେବାର ସମ୍ଭାବନା ରହିଛି। କୋହଲି ଅନ୍ତିମ ୨ଟି ଦିନିକିଆ ଓ ଟି୨୦ ସିରିଜରୁ ବିଶ୍ରାମ ନେଇଛନ୍ତି। ସେହିପରି ଯଶପ୍ରୀତ୍ ବୁମରାଙ୍କ ବିଶ୍ରାମ ଏବଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଆକ୍ରମଣାତ୍ମକ ଓପନର ଲୋକେଶ ରାହୁଲଙ୍କ ଅନୁପସ୍ଥିତି ଭାରତ ପାଇଁ ସମସ୍ୟା ସୃଷ୍ଟି କରିପାରେ। ନ୍ୟୁଜିଲାଣ୍ଡର ସୁଇଙ୍ଗ କଣ୍ଡିସନ, ଛୋଟ ପଡିଆ, ଘରୋଇ ପରିବେଶ, ଗ୍ରାସ୍ ପିଚ୍ ସବୁବେଳେ ଭାରତକୁ ଅଡୁଆରେ ପକାଇଛି। ମାତ୍ର ଫର୍ମରେ ଥିବା ଭାରତୀୟ ବ୍ୟାଟିଂ ଏବଂ ବୋଲିଂ ଲାଇନଅପ୍ ଯୋଗୁଁ ଟିମ୍ ଇଣ୍ଡିଆ ମଧ୍ୟ ନ୍ୟୁଜିଲାଣ୍ଡକୁ କଡା ଜବାବ ଦେବ। ନିହାତି ଖରାପ ପ୍ରଦର୍ଶନ ନ କଲେ ଭାରତ ଏହି ସିରିଜରେ ହାରିବାର ସମ୍ଭାବନା ନ ଥିବା ପରି ଲାଗୁଛି।

୧୯୭୫ ରୁ ୨୦୧୭ ମଧ୍ୟରେ ଉଭୟ ଦେଶ ମଧ୍ୟରେ ୧୦୧ଟି ଏକଦିବସୀୟ ମ୍ୟାଚ୍ ଖେଳାଯାଇଛି। ଏଥି ମଧ୍ୟରୁ ଭାରତ ୫୧ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ୪୪ଟି ମ୍ୟାଚରେ ବିଜୟୀ ରହିଛି। ରେକର୍ଡ ଦୃଷ୍ଟିରୁ ଦେଖିବାକୁ ଗଲେ ଉଭୟ ଦେଶ ପାଖାପାଖି ସମାନ ସ୍ଥିତିରେ ରହିଛନ୍ତି। ଗୋଟିଏ ମ୍ୟାଚ ଟାଇରେ ସମାପ୍ତ ହୋଇଥିବା ବେଳେ ୫ଟି ମ୍ୟାଚର କୌଣସି ଫଳାଫଳ ମିଳିପାରିନାହିଁ। ଭାରତର ଜିତିବାର ହାର ୫୬.୨୫ ଶତକଡା ରହିଛି। ସେହିପରି ଏକଦିବସୀୟ ମ୍ୟାଚରେ ଭାରତର ସର୍ବାଧିକ ସ୍କୋର ନ୍ୟୁଜିଲାଣ୍ଡ ବିପକ୍ଷରେ ୩୯୨ ରନ୍ ରହିଥିବା ବେଳେ ନ୍ୟୁଜିଲାଣ୍ଡର ୩୪୯ ରନ୍ ରହିଛି। ଭାରତ ଏକଦିବସୀୟ ମ୍ୟାଚରେ ୭ଥର ୩୦୦ରନ୍ ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିବା ବେଳେ ନ୍ୟୁଜିଲାଣ୍ଡ ୮ଥର ସେହି ମ୍ୟାଜିକ୍ ସଂଖ୍ୟାକୁ ଅତିକ୍ରମ କରିଛି। ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ସର୍ବନିମ୍ନ ସ୍କୋର ୭୯ ରହିଥିବା ବେଳେ ଭାରତର ସର୍ବନିମ୍ନ ସ୍କୋର ୮୮ ରନ୍ ରହିଛି। ଭାରତ ପକ୍ଷରୁ ବର୍ତ୍ତମାନର ଅଧିନାୟକ ବିରାଟ କୋହଲି ସବୁଠାରୁ ସଫଳ ବ୍ୟାଟ୍ସମ୍ୟାନ ରୂପେ ୧୯ ମ୍ୟାଚରୁ ୧୧୫୪ ରନ୍ ସଂଗ୍ରହ କରିଛନ୍ତି ଓ ସେଥିରେ ୫ଟି ଶତକ ଏବଂ ୬ଟି ଅର୍ଦ୍ଧଶତକ ସାମିଲ ରହିଛି। ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ରୂପେ ବିଶ୍ୱର ଶ୍ରେଷ୍ଠ ମ୍ୟାଚ ଫିନିସର ରୂପେ ପରିଚିତ ମହେନ୍ଦ୍ର ସିଂ ଧୋନୀ ୨୪ଟି ମ୍ୟାଚ ଖେଳି ୮୪୧ରନ୍ ସଂଗ୍ରହ କରିଛନ୍ତି। ଅନ୍ୟତମ ସଫଳ ବ୍ୟାଟସ୍ ମ୍ୟାନ୍ ରୂପେ ରୋହିତ ଶର୍ମା ୧୮ଟି ମ୍ୟାଚରୁ ୫୩୩ ରନ୍ ସଂଗ୍ରହ କରିଛନ୍ତି। ସେହିପରି ନ୍ୟୁଜିଲାଣ୍ଡ ପକ୍ଷରୁ ରସ ଟେଲର, କେନ୍ ୱିଲିୟମସନ୍, ମାର୍ଟିନ ଗୁପ୍ଟିଲ, ଟମ୍ ଲାଥମ ସଫଳ ବ୍ୟାଟ୍ସମ୍ୟାନ ରହିଛନ୍ତି। ବୋଲିଂରେ ଭାରତ ପକ୍ଷରୁ ଯଶପ୍ରୀତ୍ ବୁମରା ୭ଟି ମ୍ୟାଚରୁ ୧୨ଟି ଉଇକେଟ୍ ନେଇଥିବା ବେଳେ ନ୍ୟୁଜିଲାଣ୍ଡ ପକ୍ଷରୁ ଟିମ୍ ସାଉଦି ୧୭ଟି ମ୍ୟାଚରୁ ୨୬ଟି ଉଇକେଟ ନେଇ ଆଗରେ ରହିଛନ୍ତି। ସେହିପରି ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ୮ଟି ଟି୨୦ ମ୍ୟାଚରୁ ଭାରତ ୨ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ୬ଟି ମ୍ୟାଚରେ ବିଜୟୀ ହୋଇ ବହୁ ଆଗରେ ରହିଛି ନ୍ୟୁଜିଲାଣ୍ଡ।




**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାଓନ, ମହେନ୍ଦ୍ର ସିଂ ଧୋନୀ, ଦୀନେଶ କାର୍ତ୍ତିକ, ଶୁଭମ ଗିଲ, ଯୁଜବେନ୍ଦ୍ର ଚହଲ, ଅମ୍ବାତି ରାଇଡୁ, ବିଜୟ ଶଙ୍କର, ମହମ୍ମଦ ସାମି, କୁଲଦୀପ ଯାଦବ, ମହମ୍ମଦ ସିରାଜ, ରବୀନ୍ଦ୍ର ଜାଡେଜା ଓ ଖଲିଲ ଅହମଦ୍ ।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ୍ (ଅଧିନାୟକ), ଟ୍ରେଣ୍ଟ ବୋଲ୍ଟ, ଡଗ୍ ବ୍ରାସୱେଲ, କଲିନ୍ ଡି ଗ୍ରାଣ୍ଡହୋମ୍, ଲୋକି ଫର୍ଗୁସନ୍, ମାର୍ଟିନ ଗୁପ୍ଟିଲ, ମ୍ୟାଟ୍ ହେନେରି, ଟମ୍ ଲାଥମ୍, କଲିନ୍ ମୁନରୋ, ହେନେରୀ ନିକୋଲସ୍, ମିଚେଲ୍ ସାଣ୍ଟନର, ଇସ୍ ସୋଧି, ଟିମ୍ ସାଉଦି ଓ ରସ୍ ଟେଲର।

ସେହିପରି ଫେବୃୟାରୀ ମାସ ୬ତାରିଖ, ୮ତାରିଖ ଏବଂ ୧୦ତାରିଖରେ ୱେଲିଙ୍ଗଟନ୍ ଅକ୍‌ଲ୍ୟାଣ୍ଡ ଏବଂ ହାମିଲଟନ୍ ଠାରେ ଉଭୟ ଦେଶ ମଧ୍ୟରେ ୩ଟି ଦିବାରାତ୍ର ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

### କାର୍ଯ୍ୟସୂଚୀ

| | |
|---|---|
| ପ୍ରଥମ ଦିନିକିଆ | ୨୩ ଜାନୁୟାରୀ - ନାପିଏର (ଭାରତ ୮ ଉଇକେଟରେ ବିଜୟୀ) |
| ଦ୍ୱିତୀୟ ଦିନିକିଆ | ୨୬ ଜାନୁୟାରୀ - ବେ ଓଭାଲ |
| ତୃତୀୟ ଦିନିକିଆ | ୨୮ ଜାନୁୟାରୀ - ବେ ଓଭାଲ |
| ଚତୁର୍ଥ ଦିନିକିଆ | ୩୧ ଜାନୁୟାରୀ - ହାମିଲଟନ୍ |
| ପଞ୍ଚମ ଦିନିକିଆ | ୩ ଫେବୃୟାରୀ - ୱେଲିଂଟନ୍ |
| ପ୍ରଥମ ଟି୨୦ | ୬ ଫେବୃୟାରୀ- ୱେଲିଂଟନ |
| ଦ୍ୱିତୀୟ ଟି୨୦ | ୮ ଫେବୃୟାରୀ- ଅକ୍‌ଲାଣ୍ଡ |
| ତୃତୀୟ ଟି୨୦ | ୧୦ ଫେବୃୟାରୀ- ହାମିଲଟନ |

### ଡିଟରମାଇଣ୍ଡ

ଟୁ ଥାଉଜାଣ୍ଡ ଏଇଟିନ୍ ବର୍ଷର
ବ୍ୟାଟିଂରେ ମେରୁଦଣ୍ଡ
ବିରାଟ କୋହଲି ଟେଷ୍ଟ ୱାନ୍‌ଡେ ପାଇଁ
କ୍ୟାପଟେନ ଦେଖ ଧଣ୍ଡ
ଟେଷ୍ଟରେ ଇଣ୍ଡିଆ ଷଣ୍ଢ
କଙ୍ଗାରୁଙ୍କୁ ପାଣି ପିଆଇ ଛାଡିଲା
ଟାଣ ଟିମ୍ ମେଣ୍ଢାମୁଣ୍ଡ।।।୧

ଟିମ୍ ଇଣ୍ଡିଆର ପରଫର୍ମାନ୍ସ ଦେଖି
କେନ ୱିଲିୟମସନ
ନ୍ୟୁଜିଲାଣ୍ଡ ଅଧିନାୟକ କହଇ
ଏବେ ଜମା ଏକ ଶୂନ
ରନ ମେସିନରେ ଚୂନ
ବିରାଟଠି ମାରି ଟାଣ ଭାଙ୍ଗିଦେବୁ
ଭାରତର ଅଭିଯାନ।।।୨

ଲେଡି କ୍ରିକେଟର ଅଫ୍ ଦି ଇୟର
ପୁରସ୍କାର ସ୍ମୃତି ଜିଣି
ସଫଳତା ପାଇଁ ଏକାଗ୍ରତା ସହ
ବଢ଼ି ଫିଟନେସ ଢାଣି
ଦେଇଛି ଏ ଯଶ ଆଣି
ମନଟାଣ ଲୋକ ଚିଲ ପରି ଉଡେ
ମନ ଊଣା ଲୋକ ବଣି।।।୩

-ସୁବାସ ଚନ୍ଦ୍ର ପ୍ରଧାନ

$ Dollar 71.07 (26) | Sensex 86.63 36,195.10 | Nifty 18.30 10,849.80 | Gold ₹115 33,210.00 | Silver ₹210 39,950.00



ବିଶ୍ୱ ବଜାର ଲାଗି ଟ୍ରେଡ ୱାର କ୍ଷତିକାରକ ସାଜିଥିବା ବେଳେ ଭାରତ ଉପରେ ଏହାର ଏତେଟା ପ୍ରଭାବ ପଡି ନାହିଁ।
– ଗଣେଶ କୁମାର ଗୁପ୍ତା, ସଭାପତି, ଭାରତୀୟ ରପ୍ତାନିକାରୀ ମହାସଂଘ



ପରିବହନ ସୁବିଧାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଡବଲ ଡେକର ଏୟାର ବସ୍ ଚଳାଚଳ କରାଇବାକୁ ଲକ୍ଷ୍ୟ ରଖିଛନ୍ତି।
–ନୀତିନ ଗଡ଼କରୀ, କେନ୍ଦ୍ର ପରିବହନ ମନ୍ତ୍ରୀ

## ସଂକ୍ଷେପରେ

### ରଣଜୟ୍ ଦତ୍ତ ଇଣ୍ଡିଗୋ ସିଇଓ



**ନୂଆଦିଲ୍ଲୀ,୨୪-୧:** ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଅନ୍ୟତମ ବୃହତ କମ୍ପାନୀ ଇଣ୍ଡିଗୋ ରଣଜୟ୍ ଦତ୍ତଙ୍କୁ ୫ ବର୍ଷ ଲାଗି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଭାବେ ନିଯୁକ୍ତ କରିଛି। କମ୍ପାନୀ ଗୁରୁବାର ଏ ସମ୍ପର୍କରେ ଘୋଷଣା କରିଛି। ଏଥିରେ କୁହାଯାଇଛି ଯେ, ସେବିର ପୂର୍ବତନ ଅଧ୍ୟକ୍ଷ ଏମ୍.ଦାମୋଦରନଙ୍କୁ ବୋର୍ଡ ଅଫ୍ ଡାଇରେକ୍ଟର୍ସର ଅଧ୍ୟକ୍ଷ ରୂପେ ନିଯୁକ୍ତ କରାଯାଇଛି। ଦତ୍ତ କମ୍ପାନୀର ସହପ୍ରତିଷ୍ଠାତା ତଥା ଅନ୍ତରୀଣ ସିଇଓ ରାହୁଲ ଭାଟିୟାଙ୍କ ସ୍ଥାନ ନେବେ। ଅନ୍ତଃରାଷ୍ଟ୍ରୀୟ ବିସ୍ତାର ଦ୍ୱାରା କମ୍ପାନୀର ବ୍ୟବସାୟ ବୃଦ୍ଧି ପାଇବ ବୋଲି ରାହୁଲ ବୁଧବାର ପ୍ରକାଶ କରିଥିଲେ। ସୂଚନାଥାଉ କି, ଦତ୍ତ ଏଥିପୂର୍ବରୁ ୟୁନାଇଟେଡ ଏୟାରଲାଇନ୍ସର ଅଧ୍ୟକ୍ଷ ଥିଲେ। ସେହି କମ୍ପାନୀରେ ସେ ଦୀର୍ଘ ୨୨ ବର୍ଷ ଧରି ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିଲେ। ସେ ୨ ବର୍ଷ ପର୍ଯ୍ୟନ୍ତ ଏୟାର ସାହାରାର ମଧ୍ୟ ଅଧ୍ୟକ୍ଷ ରହିଥିଲେ। ଏହାବ୍ୟତୀତ ଏୟାର କାନାଡା ଏବଂ ୟୁଏସ୍ ଏୟାରୱେଜର ପୁନର୍ଗଠନରେ ପରାମର୍ଶଦାତା ଭାବେ ସେ କାର୍ଯ୍ୟ କରିସାରିଛନ୍ତି।

### ନୂଆ ଟାରିଫ୍ ବ୍ୟବସ୍ଥା
### ଟାଟା ସ୍କାଏକୁ ଟ୍ରାଇ ନୋଟିସ




**ନୂଆଦିଲ୍ଲୀ,୨୪-୧:** ଘୋଷଣା ହୋଇଥିବା ନୂଆ ଟାରିଫ୍ ବ୍ୟବସ୍ଥାକୁ ଲାଗୁ ନ କରିବା ଏବଂ ଗ୍ରାହକଙ୍କୁ ଭୁଲ୍ ବାଟରେ ନେବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଡିଟିଏଚ୍ ଅପରେଟର ଟାଟା ସ୍କାଏକୁ ଟେଲିକମ୍ ନିୟନ୍ତ୍ରକ ଟ୍ରାଇ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନୋଟିସ ପାଇବା ପରେ ଏହା ନୂଆ ଟାରିଫ ବ୍ୟବସ୍ଥାକୁ ଗ୍ରହଣ କରିବ ବୋଲି ଟାଟା ସ୍କାଏ ଗୁରୁବାର ପ୍ରକାଶ କରିଛି। ଗ୍ରାହକଙ୍କ ଚିନ୍ତା ଦୂର କରିବା ତଥା ଚ୍ୟାନେଲ ବାଛିବାର ଅଧିକାର ଦେବା ଲାଗି ଏହା ନିଜର ୱେବସାଇଟ୍ ଓ ଆପ୍‌ରେ ନୂଆ ବ୍ୟବସ୍ଥା ଆଣିବ ବୋଲି କମ୍ପାନୀ କହିଛି। ଟ୍ରାଇ ପକ୍ଷରୁ ନୋଟିସରେ ଦର୍ଶାଯାଇଥିଲା ଯେ, ଟାଟା ସ୍କାଏ ଏହାର ୧.୭୭ କୋଟି ଗ୍ରାହକଙ୍କୁ ନିଜ ମନପସନ୍ଦର ଚ୍ୟାନେଲ ବାଛିବାର ଅଧିକାର ଉପଲବ୍ଧ କରାଉନାହିଁ ବୋଲି ଅଭିଯୋଗ ଆସିଛି। ନୂଆ ଟାରିଫ ନିୟମ ଲାଗୁ କରୁ ନ ଥିବାରୁ ଗ୍ରାହକ ଏବେ ଅସୁବିଧାରେ ରହିଛନ୍ତି। ଏ ସମ୍ପର୍କରେ କମ୍ପାନୀ ସିଇଓ ତଥା ଏମ୍‌ଡି ହରିତ୍ ନାଗପାଲ କହିଛନ୍ତି ଯେ, କମ୍ପାନୀ ସବୁ ନିୟମ ପାଳନ କରିବ।

### ରବନୀତ ସିଂହ ଗିଲ୍ ୟେସ୍ ବ୍ୟାଙ୍କର ନୂଆ ସିଇଓ



**ମୁମ୍ବାଇ,୨୪-୧:** ଡାୟଚେ ବ୍ୟାଙ୍କ ଇଣ୍ଡିଆର ମୁଖ୍ୟ ରବନୀତ ସିଂହ ଗିଲ୍‌ଙ୍କୁ ୟେସ୍ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଭାବେ ମନୋନୀତ କରାଯାଇଛି। ସେ ରାଣା କପୁରଙ୍କ ସ୍ଥାନରେ ଅବସ୍ଥାପିତ ହେବେ, ଯାହାଙ୍କ କାର୍ଯ୍ୟକାଳ ଚଳିତ ମାସ ୩୧ରେ ଶେଷ ହେବ। ସୂଚନାଥାଉ କି, ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗତ ବର୍ଷ ସେପ୍ଟେମ୍ବରରେ କପୁରଙ୍କୁ ଚଳିତ ମାସ ଶେଷରେ ପଦ ଛାଡ଼ି ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ନିଜର ଆତ୍ମୀୟ ବିନ୍ଦୁ କପୁରଙ୍କ ସହିତ ରାଣା ବ୍ୟାଙ୍କ ବୋର୍ଡର ସଦସ୍ୟ ରହିଛନ୍ତି। ରବନୀତଙ୍କ ସମ୍ପର୍କରେ ଆର୍‌ବିଆଇଠାରୁ ମଞ୍ଜୁରୀ ମିଳିଛି ବୋଲି ୟେସ୍ ବ୍ୟାଙ୍କ ପକ୍ଷରୁ ଗୁରୁବାର ଏକ ବିବୃତି ଜାରି କରି କୁହାଯାଇଛି। ମାର୍ଚ୍ଚ ପହିଲା ଅଥବା ଏହାପୂର୍ବରୁ ଗିଲ୍ ନୂଆ ପଦରେ ଯୋଗ ଦେବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଆସନ୍ତା ୨୯ରେ ବ୍ୟାଙ୍କ ବୋର୍ଡର ବୈଠକ ବସିବାକୁ ଯାଉଛି, ଯେଉଁଥିରେ ବୋର୍ଡର ପୁନର୍ଗଠନକୁ ଚୂଡ଼ାନ୍ତ ରୂପ ଦିଆଯିବ। ରାଣାଙ୍କ କାର୍ଯ୍ୟକାଳ ଆଉ ୩ ବର୍ଷ ନ ବଢ଼ାଇବାକୁ ଆର୍‌ବିଆଇ ନିଷ୍ପତ୍ତି ନେଇଥିଲା। କିନ୍ତୁ ଏହାର କାରଣ କ’ଣ ଜଣାଇ ନ ଥିଲା।

# ଚନ୍ଦା କୋଚରଙ୍କ ନାଁରେ ଏତଲା

**ନୂଆଦିଲ୍ଲୀ,୨୪-୧**

ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ୨୦୧୨ରେ ଭିଡିଓକନ ଗ୍ରୁପ୍‌କୁ ଦିଆଯାଇଥିବା ୩୨୫୦ କୋଟି ଟଙ୍କାର ଋଣ ମାମଲା ଗୁରୁବାର ନୂଆ ମୋଡ଼ ନେଇଛି। କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ସିବିଆଇ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ଏମ୍‌ଡି ତଥା ସିଇଓ ଚନ୍ଦା କୋଚର,ତାଙ୍କ ସ୍ୱାମୀ ଦୀପକ କୋଚର, ଭିଡିଓକନ ଗ୍ରୁପ୍ ପ୍ରମୋଟର ବେଣୁଗୋପାଳ ଧୂତ୍‌ଙ୍କ ବିରୋଧରେ ଗୁରୁବାର ଏତଲା ଦାଏର କରିଛି। ଏଥିସହିତ ସିବିଆଇ ଅଧିକାରୀମାନେ ମୁମ୍ବାଇ, ଔରଙ୍ଗାବାଦସ୍ଥିତ ଭିଡିଓକନ ଅଫିସ, ଚନ୍ଦାଙ୍କ ଘର ଓ ଦୀପକଙ୍କ ନ୍ୟୁପାୱାର ଅଫିସରେ ଚଢ଼ାଉ କରିଛନ୍ତି।

ସୂଚନାଥାଉ କି, ଚନ୍ଦାଙ୍କ ସ୍ୱାମୀ ଦୀପକ ୨୦୦୮ ଡିସେମ୍ବରରେ ଭିଡିଓକନ ଗ୍ରୁପ୍ ପ୍ରମୋଟର ଧୂତଙ୍କ ସହ ମିଶି ୫୦-୫୦ ପାର୍ଟନରଶିପ୍‌ରେ ନ୍ୟୁପାୱାର ରିନ୍ୟୁଏବଲ୍ସ ପ୍ରାଇଭେଟ ଲିମିଟେଡ(ଏନ୍‌ଆରପିଏଲ୍) ନାମରେ ଏକ କମ୍ପାନୀ ପ୍ରତିଷ୍ଠା କରିଥିଲେ। କିନ୍ତୁ ଧୂତ୍ ଏହାର ଏକ ମାସ ପରେ ଅର୍ଥାତ୍ ୨୦୦୯ ଜାନୁୟାରୀରେ କମ୍ପାନୀର ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଥିଲେ ଏବଂ ଏଥିରେ ଥିବା ତାଙ୍କର ୨୪,୯୯୯ ଶେୟାରକୁ ମାତ୍ର ୨.୫ ଲକ୍ଷ ଟଙ୍କାରେ ଦୀପକଙ୍କ କମ୍ପାନୀ ନ୍ୟୁପାୱାରକୁ ହସ୍ତାନ୍ତର କରିଥିଲେ। ଏହାପରେ ୨୦୧୦ ମାର୍ଚ୍ଚରେ ଧୂତ୍‌ଙ୍କ ଏକ ସହଯୋଗୀ କମ୍ପାନୀ ସୁପ୍ରିମ ଏନର୍ଜି ପ୍ରାଇଭେଟ ଲିମିଟେଡ ଏନ୍‌ଆର୍‌ପିଏଲ୍‌କୁ ୬୪ କୋଟି ଟଙ୍କାର ଋଣ ଦେଇଥିଲା। ଏହା ବଦଳରେ ନ୍ୟୁପାୱାରର ଶେୟାରକୁ ସୁପ୍ରିମ ଏନର୍ଜିକୁ ଦିଆଯାଇଥିଲା। ସୁପ୍ରିମ ଏନର୍ଜି, ୨୦୧୦ ମାର୍ଚ୍ଚ ପର୍ଯ୍ୟନ୍ତ ନ୍ୟୁପାୱାରର ୯୪.୯୯ ପ୍ରତିଶତ ଅଂଶୀଦାର ରହିଥିଲା। ଅବଶିଷ୍ଟ ୪.୯୯ ପ୍ରତିଶତ ଶେୟାର ଦୀପକଙ୍କ ନିକଟରେ ରହିଥିଲା। ତେବେ ନଭେମ୍ବର, ୨୦୧୦ରେ ସୁପ୍ରିମ ଏନର୍ଜିର ସମ୍ପୂର୍ଣ୍ଣ ଶେୟାର ମହେଶ ଚନ୍ଦ୍ର ପୁଙ୍ଗଲିଆଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ସେ ଦୀପକଙ୍କ ନେତୃତ୍ୱାଧୀନ ପିନାକଲ୍ ଏନର୍ଜି ନାମକ ଏକ ଟ୍ରଷ୍ଟକୁ ୯ ଲକ୍ଷ ଟଙ୍କା ବିନିମୟରେ ସମସ୍ତ ଶେୟାର ପ୍ରଦାନ କରିଥିଲେ। ଏଭଳି ଭାବେ ସୁପ୍ରିମ ଏନର୍ଜିରୁ ମିଳିଥିବା ୬୪ କୋଟି ଟଙ୍କାର ଋଣ ଆଉ ଋଣ ହୋଇ ନଥିଲା। ଏହି ସମୟରେ ୨୦୧୨ରେ ଭିଡିଓକନ ଗ୍ରୁପ୍‌କୁ ଆଇସିଆଇସିଆଇ ବ୍ୟାଙ୍କ ୩୨୫୦ କୋଟି ଟଙ୍କାର ଋଣ ଦେଇଥିଲା। ତନ୍ମଧ୍ୟରୁ ୨୮୪୯ କୋଟି ଟଙ୍କାର ଋଣ ବକେୟା ହୋଇଗଲା ଏବଂ ଏହାକୁ ବ୍ୟାଙ୍କ ୨୦୧୭ରେ ଅନାଦାୟ ଋଣ ବା ଏନ୍‌ପିଏ ଘୋଷଣା କଲା। ଏହି ନେଣଦେଣ ସମ୍ପର୍କରେ ଜଣେ ହ୍ୱିସିଲ୍‌ବ୍ଲୋୟର ଅରବିନ୍ଦ ଗୁପ୍ତା ୨୦୧୬ରେ ନିଜ ବ୍ଲଗ୍‌ରେ ପର୍ଦ୍ଦାଫାଶ କରିଥିଲେ। ଏ ସମ୍ପର୍କରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଆର୍‌ବିଆଇ, ଅର୍ଥ ମନ୍ତ୍ରଣାଳୟକୁ ପତ୍ର ଲେଖି ଏହାର ତଦନ୍ତ ଦାବି କରିଥିଲେ। କିନ୍ତୁ ଏହା ଦବି ରହିଥିଲା। ପରେ ଏକ ଦୈନିକ ଖବରକାଗଜ ଗୁପ୍ତାଙ୍କ ଅଭିଯୋଗର ତଦନ୍ତ ରିପୋର୍ଟ ପ୍ରକାଶ କରିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଋଣ ପ୍ରଦାନ କମିଟିରେ ଚନ୍ଦା ସଦସ୍ୟ ଥାଇ ପକ୍ଷପାତିତା କରିଥିଲେ ଏବଂ ଏନ୍‌ପିଏ ଘୋଷଣା ବେଳେ ମଧ୍ୟ ସେ ହସ୍ତକ୍ଷେପ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ତେବେ ଋଣ ଦେବାରେ କୌଣସି ଜାଲିଆତି ହୋଇନାହିଁ ବୋଲି ଆଇସିଆଇସିଆଇ ବ୍ୟାଙ୍କ ପ୍ରକାଶ କରିବା ସହିତ ଏହାର ବୋର୍ଡ ଚନ୍ଦା କୌଣସି ତ୍ରୁଟି କରିନାହାନ୍ତି ବୋଲି ଘୋଷଣା କରିଥିଲେ। ପରେ ଚାପର ବଶବର୍ତ୍ତୀ ହୋଇ ବ୍ୟାଙ୍କ ବୋର୍ଡ ସ୍ୱତନ୍ତ୍ର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଗତ ବର୍ଷ ଅକ୍ଟୋବର ୪ରେ ଚନ୍ଦା ନିଜ ପଦରୁ ଇସ୍ତଫା ଦେଇଥିଲେ ଏବଂ ବ୍ୟାଙ୍କରୁ ଅବସର ନେଇ ଯାଇଥିଲେ। ଏହି ଘଟଣାରେ ସିବିଆଇ ଦ୍ୱାରା ତଦନ୍ତ କରାଇବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବା ପରେ ଏତଲା ଦାଏର ପୂର୍ବରୁ ଯାଞ୍ଚ ଏଜେନ୍ସି ସମ୍ପୂର୍ଣ୍ଣ ଋଣ ପ୍ରକ୍ରିୟାର ଖୋଳତାଡ଼ ଆରମ୍ଭ କରିଥିଲା। ଜାଲିଆତିର ପ୍ରମାଣ ପାଇବା ପରେ ସିବିଆଇ ପକ୍ଷରୁ ଗୁରୁବାର ଉପରୋକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଏତଲା ଦାଏର କରାଯାଇଛି। ସୂଚନାଥାଉ କି, ଚନ୍ଦାଙ୍କ ବିରୋଧରେ ବ୍ୟାଙ୍କ ପକ୍ଷରୁ ଗଠନ କରାଯାଇଥିବା ଜଷ୍ଟିସ୍ ଶ୍ରୀକ୍ରିଷ୍ଣା କମିଟି ଅଦ୍ୟାବଧି ତାଙ୍କର ରିପୋର୍ଟ ପ୍ରଦାନ କରିନାହାନ୍ତି। କମିଟି ରିପୋର୍ଟ ପ୍ରଦାନ ଲାଗି କେବଳ ସମୟ ଗଡ଼ାଇ ଚାଲିଛନ୍ତି।

**ଭିଡିଓକନ ମାମଲା**

- ଦୀପକ କୋଚର, ବେଣୁଗୋପାଳ ଧୂତ୍‌ଙ୍କ ବିରୋଧରେ ସିବିଆଇର ଏତଲା ଦାଏର
- ଭିଡିଓକନର ମୁମ୍ବାଇ-ଔରଙ୍ଗାବାଦ ଅଫିସ, ଦୀପକ କୋଚରଙ୍କ ଅଫିସରେ ଚଢ଼ାଉ
- ୨୦୧୨ରେ ଆଇସିଆଇସିଆଇ ବ୍ୟାଙ୍କ ଭିଡିଓକନ ଗ୍ରୁପ୍‌କୁ ୩୨୫୦ କୋଟି ଟଙ୍କା ଋଣ ଦେଇଥିଲା
- ୨୮୪୯ କୋଟି ଏନ୍‌ପିଏ ଘୋଷିତ ହୋଇଥିଲା
- ଦୀପକଙ୍କ କମ୍ପାନୀରେ ନିବେଶ କରିଥିଲେ ଧୂତ୍
- ଚନ୍ଦାଙ୍କ ବିରୋଧରେ ପକ୍ଷପାତିତା ଅଭିଯୋଗ



ଚନ୍ଦା କୋଚର

# ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାର ଆଜିଠାରୁ




**ଭୁବନେଶ୍ୱର,୨୪-୧**

ରେଡା ହୋମ ଆଣ୍ଡ ଡେକୋର ଏବଂ ନାଲ୍‌କୋ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ ଫେୟାର ଶୁକ୍ରବାରଠାରୁ ଭୁବନେଶ୍ୱରର ଜନତା ମଇଦାନଠାରେ ଆରମ୍ଭ ହେଉଛି। ରିୟଲ ଇଷ୍ଟେଟ ଡେଭଲପର ଆସୋସିଏଶନ(ରେଡା), ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ (ୟୁସିସିଆଇ) ଏବଂ ଜି.ଏସ୍. ମାର୍କେଟିଂ ଆସୋସିଏଶନ ପକ୍ଷରୁ ରାଷ୍ଟ୍ରାୟତ୍ତ ନାଲକୋର ମିଳିତ ସହଯୋଗରେ ଏହା ଆୟୋଜନ ହେଉଛି। ଏହା ଫେବୃୟାରୀ ୪ ତାରିଖ ଯାଏ ଚାଲିବାକୁ ଥିବା ବେଳେ କାର୍ଯ୍ୟକ୍ରମକୁ ନାଲକୋ ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ ଉଦଘାଟନ କରିବେ ବୋଲି ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ଏହା ମଧ୍ୟାହ୍ନ ୧୨ଟାରୁ ରାତି ୯ଟା ଯାଏ ଚାଲିବ। ପ୍ରଦର୍ଶନୀରେ ରିୟଲ ଇଷ୍ଟେଟ ସଂସ୍ଥାଗୁଡ଼ିକର ପ୍ରକଳ୍ପ, ଶିଳ୍ପ ସହ ଜଡ଼ିତ ବିଭିନ୍ନ କମ୍ପାନୀ, ବ୍ୟାଙ୍କମାନେ ମଧ୍ୟ ଅଂଶଗ୍ରହଣ କରିବେ। ଚଳିତ ବର୍ଷ ୭ଟି ଦେଶ ଏବଂ ୧୧ଟି ରାଜ୍ୟ ଟ୍ରେଡ ଫେୟାରରେ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ୟୁସିସିଆଇ ଡାଇରେକ୍ଟର ଜେନେରାଲ ରାଜେନ ପାଢୀ, ବିସିସିଆଇ ଟ୍ରେଡ ପ୍ରମୋଶନ କାଉନସିଲ ଅଧ୍ୟକ୍ଷ ପ୍ରକାଶ ଶାହ, ଏକଜିବିଶନ କମିଟି ଅଧ୍ୟକ୍ଷ ତପନ ମହାନ୍ତି, ରେଡାର ସେକ୍ରେଟାରୀ ଜିତୁ ସିଂ, ୟୁସିସିଆଇ ଟ୍ରେଜରର ଅଶୋକ ଚଞ୍ଚୋଲା ପ୍ରମୁଖ ଉପସ୍ଥିତ ଥିଲେ।

**ରେଡାର ହୋମ ଡେକର ପ୍ରଦର୍ଶନୀ**

# ନୂଆ ପ୍ରିମିୟମ ସଂଗ୍ରହରେ ଏସ୍‌ବିଆଇ ଲାଇଫ୍‌ର ଅଭିବୃଦ୍ଧି

**ନୂଆଦିଲ୍ଲୀ,୨୪-୧**

ଏସ୍‌ବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ନୂଆ ବିଜନେସ ପ୍ରିମିୟମ ସଂଗ୍ରହରେ ଅଭିବୃଦ୍ଧି ଘଟିଛି। କମ୍ପାନୀ ଏଥିରେ ୩୨% ଅଭିବୃଦ୍ଧି ହାସଲ କରିବା ସହ ଡିସେମ୍ବର ୨୦୧୮ ସୁଦ୍ଧା ମୋଟ ୯୪୭୦ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ କରିଛି। ଏହା ଗତ ବର୍ଷ ସମାନ ସମୟରେ ୭୨୦୦ କୋଟି ଟଙ୍କା ରହିଥିଲା। ୨୦୧୮ ଡିସେମ୍ବର ସୁଦ୍ଧା ୯ ମାସରେ କମ୍ପାନୀର ପ୍ରୋଟେକ୍ସନ ନିୟୁ ବିଜନେସ ପ୍ରିମିୟମ ସଂଗ୍ରହ ୧୦୬୦ କୋଟି ଟଙ୍କା ରହିଛି। ଏହା ଗତ ବର୍ଷ ସମାନ ସମୟରେ ୩୯୦ କୋଟି ଟଙ୍କା ଥିବା ବେଳେ ଏଥିରେ ୧୭୦% ବୃଦ୍ଧି ଘଟିଛି। କମ୍ପାନୀର ବ୍ୟକ୍ତିଗତ ନିୟୁ ବିଜନେସ ପ୍ରିମିୟମ ସଂଗ୍ରହ ୧୪% ବଢି ୬୬୦୦ କୋଟି ରହିଛି ଯାହା ୫୭୯୦ କୋଟି ଟଙ୍କା ଥିଲା। ଏହାର ଟିକସ ପରବର୍ତ୍ତୀ ଲାଭ ୧୩% ବଢି ୮୭୦ କୋଟି ଟଙ୍କା ରହିଥିବା କମ୍ପାନୀ ସୂଚନା ଦେଇଛି। ସେହିଭଳି ସଲଭେନ୍ସି ଅନୁପାତ ୨.୨୩%କୁ ବଢିଛି। ଏୟୁଏମରେ ୨୦.୨% ବୃଦ୍ଧି ଘଟି ୧.୩୪ ଲକ୍ଷ କୋଟି ଟଙ୍କା ଛୁଇଁଛି।

# ମେଣ୍ଟ ସରକାର ହେଲେ ବିକାଶ ଧିମା ହେବ:ରାଜନ

**ନୂଆଦିଲ୍ଲୀ,୨୪-୧**

ଦେଶରେ ଲୋକସଭା ନିର୍ବାଚନ ପୂର୍ବରୁ କେନ୍ଦ୍ରର ଏନ୍‌ଡିଏ ସରକାର ବିରୋଧରେ ବିରୋଧୀ ଦଳଗୁଡିକ ଏକାଠି ହେବାକୁ ଉଦ୍ୟମ କରୁଛନ୍ତି। ସେମାନେ ମେଣ୍ଟ ଗଠନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବିରୋଧରେ ଲଢ଼ିବାକୁ ସଜବାଜ ହେଉଛନ୍ତି। ତେବେ ଏହାକୁ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ବିରୋଧ କରିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ ମେଣ୍ଟ ସରକାର କ୍ଷମତାକୁ ଆସିଲେ ଦେଶର ଆର୍ଥିକ ବିକାଶର ଗତି ଧିମା ପଡ଼ିଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ସୁଇଜରଲାଣ୍ଡର ଡାଭୋସ୍‌ଠାରେ ଆୟୋଜିତ ୱାର୍ଲ୍ଡ ଇକୋନୋମିକ ଫୋରମ୍‌ରେ ଯୋଗ ଦେବା ଅବସରରେ ଭାରତର ଏକ ମିଡିଆ ଚ୍ୟାନେଲ ସହ ସାକ୍ଷାତକାର ବେଳେ ସେ ଜିଏସ୍‌ଟିକୁ ଉଚିତ୍ ନିଷ୍ପତ୍ତି ଦର୍ଶାଇଥିଲା ବେଳେ ବିମୁଦ୍ରୀକରଣକୁ ଏକ ଝଟ୍‌କା ବୋଲି ଦର୍ଶାଇଛନ୍ତି। କେନ୍ଦ୍ରରେ କଂଗ୍ରେସ କ୍ଷମତାକୁ ଆସିଲେ ତାଙ୍କୁ ପ୍ରଧାନମନ୍ତ୍ରୀ କରାଯିବ ବୋଲି ଆଲୋଚନା ଚାଲିଥିବା ବେଳେ ନିଜ ପ୍ରତିକ୍ରିୟାରେ ରାଜନ କହିଛନ୍ତି ଯେ, ସେ ରାଜନେତା ନୁହନ୍ତି। ଏହା କେବଳ ମାତ୍ର କଳ୍ପନାଜଳ୍ପନା। ସୂଚନାଥାଉ କି, ଦେଶରେ ମେଣ୍ଟ ସରକାର ଆସିଲେ କେନ୍ଦ୍ରରେ ଏକ ଅସ୍ଥିର ସରକାର କାର୍ଯ୍ୟ କରିବ। ଫଳରେ ଦେଶର ଅର୍ଥନୀତି ବାଧାପ୍ରାପ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଆସୁଛନ୍ତି। ରାଜନଙ୍କ ଉକ୍ତ ମନ୍ତବ୍ୟ ଏହାକୁ ଆହୁରି ଦୃଢ଼ କରୁଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ବିରୋଧରେ ସମାଜବାଦୀ ପାର୍ଟି-ବହୁଜନ ସମାଜ ପାର୍ଟି ମେଣ୍ଟ କରିଥିବା ବେଳେ ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଟିଆର୍‌ଏସ୍ ମୁଖ୍ୟ ତଥା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ସ୍ୱତନ୍ତ୍ର ମେଣ୍ଟ ଗଠନ କରିବାକୁ ଉଦ୍ୟମ କରୁଛନ୍ତି। ଲୋକ ସଭା ନିର୍ବାଚନରେ କୌଣସି ମେଣ୍ଟକୁ ଏକକ ସଂଖ୍ୟାଗରିଷ୍ଠତା ନ ମିଳିଲେ ଓ କଂଗ୍ରେସ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହେଲେ ମୋଦି ସରକାରଙ୍କୁ ହଟାଇବା ନେଇ କେନ୍ଦ୍ରରେ ସମସ୍ତେ ଏକାଠି ହେବେ, ଏହା ନିଶ୍ଚିତ ହୋଇଯାଇଛି।



ରଘୁରାମ ରାଜନ

# ୨୦୨୦ଏପ୍ରିଲରୁ ବନ୍ଦ ହୋଇଯିବ ଟାଟା ନାନୋ

**ନୂଆଦିଲ୍ଲୀ,୨୪-୧**

ଦେଶର ସବୁଠାରୁ ଶସ୍ତା କାର୍ କୁହାଯାଉଥିବା ଟାଟା ନାନୋର ଉତ୍ପାଦନକୁ ୨୦୨୦ ଏପ୍ରିଲରୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ। ଭାରତ ଷ୍ଟେଜ୍ ବା ବିଏସ୍-୬ ମାନଦଣ୍ଡ ଅନୁଯାୟୀ, ନାନୋ ପାଇଁ ପରିବେଶ ଅନୁକୂଳ ଉନ୍ନତ ଇଞ୍ଜିନ ନିର୍ମାଣ ଲାଗି ଟାଟା ମୋଟର୍ସର କୌଣସି ଯୋଜନା ନାହିଁ ବୋଲି ପାସେଞ୍ଜର ବ୍ୟବସାୟ ପ୍ରେସିଡେଣ୍ଟ ମୟଙ୍କ ପାରିକ ଗୁରୁବାର ଖବରଦାତାଙ୍କୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଟାଟା ନାନୋକୁ ଗ୍ରୁପ୍ ଅଧ୍ୟକ୍ଷ ରତନ ଟାଟାଙ୍କ ମାନସପୁତ୍ର କୁହାଯାଏ। ଦୁଇ ଚକିଆ ଗାଡ଼ି ଚଳାଉଥିବା ପରିବାରକୁ ନାନୋ କାର୍ ରୂପରେ ଏକ ସୁରକ୍ଷିତ ତଥା ଶସ୍ତା ବିକଳ୍ପ ଦେବାକୁ ରତନ ଟାଟା ଏହି ପ୍ରକଳ୍ପ ଘୋଷଣା କରିଥିଲେ। ତେବେ ଦିନକୁ ଦିନ ନାନୋ ପ୍ରତି ଲୋକଙ୍କ ଆଗ୍ରହ କମିବାରେ ଲାଗିଛି। ୨୦୦୯ରେ ପ୍ରାୟ ୧ ଲକ୍ଷ ଟଙ୍କା ମୂଲ୍ୟରେ ନାନୋକୁ ବଜାରରେ ଲଞ୍ଚ କରାଯାଇଥିଲା। ପାରିକ କହିଛନ୍ତି ଯେ, ନାନୋ ସମେତ ଟାଟା ମୋଟର୍ସର କିଛି ଅନ୍ୟ ଉତ୍ପାଦ ନିର୍ମାଣକୁ ବିଏସ୍-୬ ମାନଦଣ୍ଡ କାରଣରୁ ବନ୍ଦ କରିଦିଆଯିବ। ତେବେ ବନ୍ଦ ହେବାକୁ ଥିବା ଅନ୍ୟ ଗାଡ଼ିଗୁଡିକ ସମ୍ପର୍କରେ ସେ କିଛି ସ୍ପଷ୍ଟ କରିନାହାନ୍ତି। ସୂଚନାଥାଉ କି, ପଶ୍ଚିମବଙ୍ଗରେ ନାନୋ ପ୍ରକଳ୍ପକୁ ବିରୋଧ କରାଯିବାର ଗୁଜରାଟର ସାନନ୍ଦରେ ଏହାର କାରଖାନା ନିର୍ମାଣ କରାଯାଇଥିଲା। ଯେଉଁଠି ବାର୍ଷିକ ୨.୪ ଲକ୍ଷ ନାନୋ କାର୍ ନିର୍ମାଣ କରାଯାଇପାରିବ।

# ଏଲ୍‌ଏଚ୍‌ବି କୋଚ୍ ସହ ଚଳାଚଳ କରିବ ମୁମ୍ବାଇ-ପୁରୀ ଏଲ୍‌ଟିଟି ଏକ୍ସପ୍ରେସ୍



**ଭୁବନେଶ୍ୱର,୨୪-୧**

ପୁରୀ ଲୋକମାନ୍ୟ ତିଲକ (ଏଲ୍‌ଟିଟି) ମୁମ୍ବାଇ-ପୁରୀ ଏକ୍ସପ୍ରେସ ଏଲ୍‌ଏଚ୍‌ବି (ଲିଙ୍କେ ହଫ୍‌ମ୍ୟାନ୍ ବକ୍ସ) କୋଚ୍ ସହ ଚଳାଚଳ କରିବ। ପୂର୍ବ ପ୍ରଚଳିତ କୋଚ୍ ପରିବର୍ତ୍ତେ ଏହି ଏକ୍ସପ୍ରେସରେ ଆଧୁନିକୀକରଣ ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନଙ୍କୁ ଆରାମ ପ୍ରଦାନ ଲାଗି ଏଭଳି ବ୍ୟବସ୍ଥା କରାଯାଇଥିବା ରେଲୱେ ପକ୍ଷରୁ ସୂଚନା ରହିଛି। ଏଲ୍‌ଏଚ୍‌ବି କୋଚରେ ଅନେକ ଗୁଡ଼ିଏ ବୈଶିଷ୍ଟ୍ୟ ରହିଛି। ଏହା ଆଣ୍ଟି ଟେଲିସ୍କୋପିକ ହୋଇଥିବା ବେଳେ ଦ୍ୱୈତ ବଫର ପ୍ରଣାଳୀ ପରିବର୍ତ୍ତେ କେନ୍ଦ୍ରୀୟ ବଫର କପଲିଙ୍ଗ ପ୍ରଣାଳୀ ରହିଛି। ଦୁର୍ଘଟଣା ସମୟରେ କୋଚ୍ ଉପରେ କୋଚ୍ ଚଢି ଯିବାରୁ ଏହା ରକ୍ଷା କରିଥାଏ। ଏଭଳି ସ୍ଥିତିରେ କୋଚ୍‌ଗୁଡ଼ିକ ପାଖାପାଖି ହୋଇ ରହିଯାଇଥାଏ। ସେହିଭଳି ପୂର୍ବର କୋଚଭଳି ଏହା ଓଲଟି ପଡି ନ ଥାଏ। ଏଥିରେ ବର୍ଥ କ୍ଷମତା ଅଧିକ ରହିଥାଏ। କୋଚଗୁଡ଼ିକ ଲାଗି ରକ୍ଷଣାବେକ୍ଷଣ ଖର୍ଚ୍ଚ କମ୍ ପଡ଼ିଥାଏ ବୋଲି ରେଲୱେ ପକ୍ଷରୁ ପ୍ରକାଶ।

# ଓଡ଼ିଶା ବଜାରରେ ମାରୁତି ସୁଜୁକିର ନ୍ୟୁ ୱାଗନର

**ଭୁବନେଶ୍ୱର,୨୪-୧**

ପ୍ରମୁଖ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ ପକ୍ଷରୁ ଓଡ଼ିଶା ବଜାରକୁ ନୂଆ ୱାଗନର ମଡେଲ ପ୍ରବେଶ କରିଛି। ଭୁବନେଶ୍ୱରର ଜ୍ୟୋତି ମୋଟର୍ସ ଶୋ’ରୁମରେ କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ହିମାଂଶୁ ଆଶୋପା, ଜ୍ୟୋତି ମୋଟର୍ସ ଏମ୍‌ଡି ଦେବଜ୍ୟୋତି ପଟ୍ଟନାୟକ ଏହାକୁ ବଜାର ପ୍ରବେଶ କରାଇଥିଲେ। ସେହିଭଳି କଟକର ସ୍କାଏ ଅଟୋମୋବାଇଲ ଶୋ’ରୁମରେ ମଡେଲଟିର ଉନ୍ମୋଚନ ଅବସରରେ ସେଲ୍‌ସ ମ୍ୟାନେଜର ଜଗନ୍ନାଥ ପ୍ରସାଦ ସାହୁ, ସିସିଏମ୍ ରଶ୍ମିରେଖା ମିଶ୍ର, ଟିମ୍ ଲିଡର ଜଗନ୍ନାଥ ଜେନା, ପ୍ରଫେସର ହାତି, ଚିତ୍ତରଞ୍ଜନ ସାହୁ, ରାଜେଶ ମହାନ୍ତି, ସୂର୍ଯ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ନୂଆ ମଡେଲ ଗ୍ରାହକଙ୍କ ମନ ଜିଣିବାରେ ସକ୍ଷମ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ହିମାଂଶୁ ଆଶୋପା କହିଛନ୍ତି।




ଜ୍ୟୋତି ମୋଟର୍ସ ଶୋ’ରୁମରେ ନୂଆ ମଡେଲର ଉନ୍ମୋଚନ।




ସ୍କାଏ ଅଟୋମୋବାଇଲ ଠାରେ ମଡେଲର ବଜାର ପ୍ରବେଶ।

**ପ୍ରମୁଖ ବୈଶିଷ୍ଟ୍ୟ**

- ତୃତୀୟ ପିଢି ମଡେଲ
- ଟୁ ଟଲ୍ ବଏ ଡିଜାଇନ, ଦୃଢ ରୋଡ ପ୍ରେଜେନ୍ସ, ସ୍ମାର୍ଟ ପ୍ଲେ ଷ୍ଟୁଡିଓ ଟଚ୍ ସ୍କ୍ରିନ ଇନଫୋଟେନମେଣ୍ଟ ସିଷ୍ଟମ, ଷ୍ଟ୍ରଙ୍ଗ ହାର୍ଟଟେକ୍ ପ୍ଲାଟଫର୍ମ
- ପୋଲ ସାଇଡ ବ୍ଲୁ, ପର୍ଲ ନଟମେଗ୍ ବ୍ରାଉନ, ପର୍ଲ ଅଟମ ଅରେଞ୍ଜ,ମାଗମା ଗ୍ରେ, ସିଲକନ ସିଲଭର ଏବଂ ସୁପରିୟର ହ୍ୱାଇଟ ରଙ୍ଗରେ ଉପଲବ୍ଧ
- ଏଲ୍‌ଏକ୍ସଆଇ, ଭିଏକ୍ସଆଇ ଏବଂ ଜେଡଏକ୍ସଆଇ ଭଳି ୩ ଭାରିଆଣ୍ଟ ବିକଳ୍ପ
- ୧.୦ ଲିଟର ଏବଂ ୧.୨ ଲିଟରର ପେଟ୍ରୋଲ ଇଞ୍ଜିନ
- ଦୃଢ ନିରାପତ୍ତା ଫିଚର, ସ୍ପେସିୟସ କ୍ୟାବିନ ଏବଂ ଅଟୋ ଗିୟରସିଫ୍ଟ ଫିଚର

# ଆସିଲା ନୂଆ ନିଶାନ କିକ୍ସ

**ଚେନ୍ନାଇ,୨୪-୧**

ନିଶାନ ଇଣ୍ଡିଆ ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ଏସ୍‌ୟୁଭି ନୂଆ ‘କିକ୍ସ’ ବଜାରକୁ ଆସିଛି। କମ୍ପାନୀର ଓରାଗାଡ୍ୟାମସ୍ଥିତ ପ୍ଲାଣ୍ଟଠାରେ ଏହି ମଡେଲକୁ ପ୍ରସ୍ତୁତ କରାଯାଇଛି। ଏଥିରେ ଅତ୍ୟାଧୁନିକ ଫିଚର ଏବଂ ଆରାମକୁ ଗୁରୁତ୍ୱ ଦିଆଯାଇଛି। ମଡେଲଟିର ପ୍ରାରମ୍ଭିକ ମୂଲ୍ୟ ୯.୫୫ ଲକ୍ଷ ଟଙ୍କା ରହିଛି। ଏହାର ଡେଲିଭରି ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା କମ୍ପାନୀ ପ୍ରକାଶ କରିଛି। ଗ୍ରାହକଙ୍କୁ ବିଶ୍ୱ ସ୍ତରୀୟ ଉତ୍ପାଦ ଏବଂ ଜ୍ଞାନକୌଶଳ ଯୋଗାଣ ଦିଗରେ ପ୍ରତିଶ୍ରୁତିବଦ୍ଧ ବୋଲି କମ୍ପନୀର ବରିଷ୍ଠ ଉପସଭାପତି ପେମ୍ୟାନ କାର୍ଗର ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୫ ଜାନୁୟାରୀ, ୨୦୧୯





“ଆଗାମୀ ସ୍ପେନ ଟୁର୍ ଆମ ଲାଗି ଚ୍ୟାଲେଞ୍ଜ ରହିବ ଏଥିରେ କୌଣସି ସନ୍ଦେହ ନାହିଁ। ଆମ ଟିମ୍ ଗଲା ଦୁଇବର୍ଷ ହେବ ବହୁତ ଉନ୍ନତି କରିଛି।

– ରାଣୀ ରାମପଲ, ଭାରତୀୟ ମହିଳା ହକି ଅଧିନାୟିକା



“ମୁଁ ଭାବୁଛି ବିଜୟରୁ ସିରିଜର ଅଭିଯାନ ଏକ ଭଲ ଆରମ୍ଭ। ମନ୍ଧାନା ସଫଳ ପ୍ରଦର୍ଶନ କରି ଡ୍ରେସିଂରୁମ୍‌ରେ ଆତ୍ମବିଶ୍ୱାସ ବଢ଼ାଇଛନ୍ତି।

– ମିଥାଲି ରାଜ, ଭାରତୀୟ ମହିଳା କ୍ରିକେଟ ଅଧିନାୟିକା

## ସଂକ୍ଷେପରେ

### ଉମେଶ ଯାଦବଙ୍କୁ ୭ ଉଇକେଟ

କୋଚି,୨୪।୧- ଘରୋଇ କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା ରଣଜୀ ଟ୍ରଫି ସେମିଫାଇନାଲ ପର୍ଯ୍ୟାୟ ଗୁରୁବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ କ୍ରିଷ୍ଣାନଗର ଷ୍ଟାଡିୟମ୍‌ଠାରେ କେରଳ ବିପକ୍ଷରେ ଚାଲିଥିବା ପ୍ରଥମ ସେମିଫାଇନାଲରେ ବିଦର୍ଭର ଷ୍ଟାର ଦ୍ରୁତ ବୋଲର ଉମେଶ ଯାଦବଙ୍କ ଜବରଦସ୍ତ ପ୍ରଦର୍ଶନ ଦେଖିବାକୁ ମିଳିଛି। ଯାଦବ ମ୍ୟାଚ୍‌ର ପ୍ରଥମ ଦିନ ୭ ଉଇକେଟ ଅକ୍ତିଆର କରିବା ଯୋଗୁ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା କେରଳ ଦଳ ମାତ୍ର ୧୦୬ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ଘରୋଇ କେରଳ ପକ୍ଷରୁ ଅଧିନାୟକ ସଚିନ ବେବି ୨୨ ଓ ବିଷ୍ଣୁ ବିନୋଦ ୩୭ ରନ୍ କରିଥିଲେ। ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍କୋର ଛୁଁ ପାରି ନ ଥିଲେ। ଉମେଶଙ୍କ ବ୍ୟତୀତ ରାଜେଶ ଗୁର୍ବାନି ୩ ଉଇକେଟ ପାଇଥିଲେ। ଜବାବରେ ପ୍ରଥମ ଦିବସ ଶେଷ ସୁଦ୍ଧା ବିଦର୍ଭ ୫ ଉଇକେଟ ହରାଇ ୧୭୧ ରନ୍ କରିଛି। ଅଧିନାୟକ ଫୈଜ ଫଜଲ ୭୫, ଭେଟେରାନ ୱାସିମ ଜାଫର ୩୪, ସଞ୍ଜୟ ରାମାସ୍ୱାମୀ ୧୯ ଓ ଅଥର୍ୱା ତାଇଡେ ୨୩ ରନ କରି ଆଉଟ୍ ହୋଇଥିଲେ। ହାତରେ ଆଉ ୫ ଉଇକେଟ ବାକିଥିବାବେଳେ ବିଦର୍ଭ ୬୫ ରନ୍‌ରେ ଆଗୁଆ ରହିଛି।

### ପାଣ୍ଡେ, ଶ୍ରେୟାସଙ୍କ ଅର୍ଦ୍ଧଶତକ

ବେଙ୍ଗାଲୁରୁଠାରେ ଖେଳାଯାଇଥିବା ସୌରାଷ୍ଟ୍ର ବିପକ୍ଷ ଅନ୍ୟ ଏକ ସେମିଫାଇନାଲରେ ଘରୋଇ କର୍ଣ୍ଣାଟକ ପ୍ରଥମ ଇନିଂସରେ ୯ ଉଇକେଟ ହରାଇ ୨୬୪ ରନ୍ କରିଛି। ଦଳ ପାଇଁ ଅଧିନାୟକ ମନୀଷ ପାଣ୍ଡେ ୬୨ ଓ ଶ୍ରେୟାସ ଗୋପାଲ ୮୭ ରନ୍ କରି ଆଉଟ୍ ହୋଇଥିବାବେଳେ ଶ୍ରୀନିବାସ ଶରଥ ୭୪ ରନ୍ କରି ଅପରାଜିତ ଅଛନ୍ତି। ସୌରାଷ୍ଟ୍ର ପାଇଁ ଜୟଦେବ ଉନାଡ୍‌କଟ ୪ଟି ଓ କମଲେଶ ମାକଭାନା ୩ ଉଇକେଟ ନେଇଛନ୍ତି।

# ଓସାକା- କ୍ୱିଟୋଭା ଫାଇନାଲ

## ଅଷ୍ଟ୍ରେଲିଆନ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍



ନାଓମି ଓସାକା

**ମେଲବୋର୍ନ, ୨୪।୧(ଏଏଫପି)**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍ ଟେନିସ୍ ଏକାଦଶ ଦିନରେ ପହଞ୍ଚିଛି। ଗୁରୁବାର ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଇଭେଣ୍ଟ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଶନିବାର ଟାଇଟଲ ପାଇଁ ଚତୁର୍ଥ ସିଡ ଜାପାନର ନାଓମି ଓସାକା ଓ ଅଷ୍ଟମ ସିଡ୍ ଚେକ୍ ଗଣରାଜ୍ୟର ପେଟ୍ରା କ୍ୱିଟୋଭା ପରସ୍ପରକୁ ଭେଟିବେ।

୨୧ ବର୍ଷୀୟ ଓସାକା ଗୁରୁବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ସପ୍ତମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭାଙ୍କୁ ୬-୨, ୪-୬, ୬-୪ ସେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଏଥି ସହିତ ସେ କ୍ରମାଗତ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଗତବର୍ଷ ସେ ୟୁଏସ୍ ଓପନ ଟୁର୍ନାମେଣ୍ଟରେ ଅଭିଜ୍ଞ ଘରୋଇ ଖେଳାଳି ସେରେନା ୱିଲିୟମ୍ସଙ୍କୁ ହରାଇ ଟାଇଟଲ ଜିତିଥିଲେ। ରଡ ଲିଭର ଏରିନାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓସାକା ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଏହା ପୂର୍ବରୁ କ୍ୱାର୍ଟର ଫାଇନାଲରେ ଓସାକା ଷଷ୍ଠ ସିଡ ୟୁକ୍ରେନର ଏଲିନା ଭିଟୋଲିନାଙ୍କୁ ୬-୪, ୬-୧ ସେଟରେ ହରାଇ ସେମିକୁ ଉଠିଥିଲେ। ସେହିପରି ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ କ୍ୱିଟୋଭା ଆମେରିକାର ଅଣସିଡ ଖେଳାଳି ଡାନିଏଲେ କଲିନ୍ସଙ୍କୁ ୭-୬, ୬-୦ ସେଟର ଅତି ସହଜରେ ହରାଇ ଫାଇନାଲକୁ ଉଠିଛନ୍ତି। ପୂର୍ବରୁ ଦୁଇଥର ୱିମ୍ବଲଡ଼ନ ଟାଇଟଲ ଜିତିଥିବା କ୍ୱିଟୋଭାଙ୍କ ଉପରେ ୨୦୧୪ ପରେ ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ମେଲବୋର୍ନର ଉଷ୍ମ ପରିବେଶରେ ଖେଳିବା ସେତେଟେ ସହଜ ହୋଇ ନ ଥିଲେ ମଧ୍ୟ କ୍ୱିଟୋଭା ଆଶାନୁରୂପ ପ୍ରଦର୍ଶନ କରିଥିଲେ ଓ କଲିନ୍ସଙ୍କ ଉପରେ ପ୍ରଭାବ ବିସ୍ତାର କରି ଖେଳିବା ସହ ତାଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ୨୦୧୬ରେ ଜଣେ ଦୁର୍ବୃତ୍ତ କ୍ୱିଟୋଭାଙ୍କୁ ଛୁରୀରେ ତାଙ୍କ ବାସଭବନରେ ଆକ୍ରମଣ କରିଥିଲା। ଫଳରେ ତାଙ୍କ ହାତରେ ଗୁରୁତର ଆଘାତ ଲାଗିଥିଲା। ତେବେ ଏହି ବିପର୍ଯ୍ୟକୁ ଶେଷରେ କ୍ୱିଟୋଭା ପଛରେ ପକାଇବାକୁ ସକ୍ଷମ ହୋଇଛନ୍ତି। ଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବା କାର୍ଯ୍ୟକ୍ରମ ରହିଛି।

### ଫାଇନାଲରେ ନାଡାଲ

କ୍ଲେ କୋର୍ଟର ରାଜା କୁହାଯାଉଥିବା ସ୍ପେନର ରାଫାଲ ନାଡ଼ାଲ ଗ୍ରାସ୍ କୋର୍ଟରେ ମଧ୍ୟ କମାଲ କରିଛନ୍ତି। ସେ ଚଳିତ ଅଷ୍ଟ୍ରେଲିଆ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ଦ୍ୱିତୀୟ ସିଡ ନାଡ଼ାଲ ୧୪ତମ ସିଡ୍ ୨୦ ବର୍ଷୀୟ ଗ୍ରୀସ୍‌ର ଷ୍ଟିପାନୋସ୍ ସିଟ୍‌ସିପାସଙ୍କୁ ୬-୨, ୬-୪, ୬-୦ ସେଟରେ ପରାସ୍ତ କରି ଫାଇନାଲ ଟିକେଟ ହାସଲ କରିଛନ୍ତି। ଏଥି ସହିତ ସେ ପଞ୍ଚମଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ନାଡ଼ାଲ ଏବେ ଦ୍ୱିତୀୟ ସେମିଫାଇନାଲର ବିଜେତା ଟପ୍ ସର୍ବିୟାର ନୋଭାକ ଜୋକୋଭିଚ୍ କିମ୍ବା ୨୮ତମ ସିଡ ଫ୍ରାନ୍ସର ଲୁକାସ ପାଓଲିଙ୍କୁ ଭେଟିବେ। ଏଥର ଫାଇନାଲରେ ବିଜୟୀ ହେଲେ ନାଡ଼ାଲ କ୍ୟାରିୟରର ୧୮ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବେ। ୫ଥର ଅଷ୍ଟ୍ରେଲିଆନ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ନାଡ଼ାଲ ୨୦୦୯ରେ ଥରେ ମାତ୍ର ଟାଇଟଲ ଜିତିଥିଲେ। ତେବେ ନାଡ଼ାଲ ରେକର୍ଡ ୧୧ଥର ପାଇଁ ଫ୍ରେଞ୍ଚ ଓପନ୍ ଜିତି ରେକର୍ଡ ସୃଷ୍ଟି କରିଛନ୍ତି। ସେହିପରି ସେ ୩ଥର ୟୁଏସ୍ ଓପନ ଓ ଦୁଇଥର ୱିମ୍ବଲଡ଼ନ ଟାଇଟଲ ହାସଲ କରିଛନ୍ତି। ଫାଇନାଲ ମ୍ୟାଚ୍ ରବିବାର ଖେଳାଯିବ।



ରାଫାଲ ନାଡାଲ



ପେଟ୍ରା କ୍ୱିଟୋଭା

# ବିଜୟ ସତ୍ତ୍ୱେ ଓଡ଼ିଶା ବାଦ୍

**କଟକ ଅଫିସ,୨୪।୧**

୨୩ ବର୍ଷରୁ କମ୍ ମହିଳା କ୍ରିକେଟ ଟୁର୍ନାମେଣ୍ଟରୁ ଓଡ଼ିଶା ବାଦ୍ ପଡ଼ିଛି। ଗ୍ରୁପ୍-ଇରେ ସ୍ଥାନ ପାଇଥିବା ଓଡ଼ିଶା ଲିଗ ପର୍ଯ୍ୟାୟରେ ୭ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୨ ପରାଜୟ ସହ ୨୦ ପଏଣ୍ଟ ପାଇ ଟେବୁଲର ୩ୟ ସ୍ଥାନରେ ରହିଛି। ଗୁରୁବାର ଖେଳିଥିବା ଅନ୍ତିମ ମ୍ୟାଚରେ ଓଡ଼ିଶା ୫୨ରନରେ ପଣ୍ଡିଚେରୀକୁ ପରାସ୍ତ କରିଥିଲା। ରାଜକୋଟର ଏସ୍‌ସିଏ ଷ୍ଟାଡିୟମରେ ଅନୁଷ୍ଠିତ ଉକ୍ତ ମ୍ୟାଚରେ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଫର୍ମରେ ଥିବା ଓଡ଼ିଶା ଓପନର ଅଞ୍ଜଳି ସିଂଙ୍କ ୭୬ରନ ବଳରେ ଓଡ଼ିଶା ୨ ଉଇକେଟ ହରାଇ ୧୩୦ରନ କରିଥିଲା। ଉଇକେଟ କିପର ସୁମିତ୍ରା ସାହୁ ଅପରାଜିତ ୩୯ରନ କରିଥିଲେ। ଜବାବରେ ପଣ୍ଡିଚେରୀ ୬ ଉଇକେଟ ହରାଇ ୭୮ରନ କରିଥିଲା। ଦଳ ପକ୍ଷରୁ ପାୟଲ ବାଲ୍ମୀକି ସର୍ବାଧିକ ୩୩ରନ କରିଥିଲେ। ଓଡ଼ିଶା ପକ୍ଷରୁ ରାଜଶ୍ରୀ ସ୍ୱାଇଁଙ୍କୁ ୩ଟି ଉଇକେଟ ମିଳିଥିଲା।

### ଆନ୍ତଃ ଜିଲା ହରମୋହନ ମହାପାତ୍ର ସ୍ମାରକୀ ଟ୍ରଫି

# ଫାଇନାଲରେ ହିଣ୍ଟସ ସ୍ପୋର୍ଟିଂକୁ ଭେଟିବ ଆର୍‌ଏନ୍ ସୋର

ଭଣ୍ଡାରିପୋଖରୀ, ୨୪।୧(ଡି.ଏନ.ଏ.) ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବର୍ୟାଁବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁରସ୍ଥିତ ମହାଦେବ ଖେଳପଡ଼ିଆରେ ଚାଲିଥିବା ହରମୋହନ ମହାପାତ୍ର ସ୍ମାରକୀ ଟ୍ରଫିର ୩ୟ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି ଛତିଆକୁ ହରାଇ ସୋର ଆର୍‌ଏନ୍ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଆର୍‌ଏନ୍ ଟିମ୍ ଟସ୍ ଜିତି ପିସିସିକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପିସିସି ୧୫ ଓଭରରେ ୮ ଉଇକେଟ ହରାଇ ୧୩୯ ରନ୍ କରିଥିଲା। ଜବାବରେ ଆର୍‌ଏନ୍ ୧୬.୩ ଓଭରରେ ୬ ଉଇକେଟ ହରାଇ ୧୪୨ ରନ୍ କରି ବିଜୟୀ ହୋଇଥିଲା। ସୋର ଟିମ୍‌ର ପ୍ରଦୀପ୍ତ ମହାନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସଞ୍ଜୀବ ହିରୋ ପକ୍ଷରୁ ପୁରସ୍କୃତ କରାଯାଇଥିଲା। କାଳନ୍ଦୀ ପଣ୍ଡା ଓ ଶରତ ଜେନା ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଶୋଭନ ଶଙ୍ଖୁଆ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ପ୍ରତ୍ୟୁଷ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ରବିବାର ଜଗତସିଂହପୁର ହିଣ୍ଟସ ସ୍ପୋର୍ଟିଂ ଓ ସୋର ଆର୍‌ଏନ୍ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ତଥା ମ୍ୟାନେଜର ସତ୍ୟଜିତ ଚନ୍ଦ ସୂଚନା ଦେଇଛନ୍ତି।



ପ୍ରଦୀପ୍ତ ମହାନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

### ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ କ୍ରିକେଟ

# କାଶୀ ବିଦ୍ୟାପୀଠ ଚାମ୍ପିୟନ

**କଟକ ଅଫିସ,୨୪।୧**

କଟକରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ଏମ.ଜି କାଶୀ ବିଦ୍ୟାପୀଠ ଚାମ୍ପିୟନ ହୋଇଛି। ୪ଟି ଦଳକୁ ନେଇ ଚାଲିଥିବା ଚୂଡ଼ାନ୍ତ ଲିଗ ପର୍ଯ୍ୟାୟ ମୁକାବିଲାରେ କାଶୀ ବିଦ୍ୟାପୀଠ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଭିଏସ୍‌ବି ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ୨ଟି ବିଜୟ ସହ ୮ ପଏଣ୍ଟ ଲେଖାଏ ପାଇଥିଲେ। ମାତ୍ର ରନରେଟ ଆଧାରରେ କାଶୀ ବିଦ୍ୟାପୀଠ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ଏହା ପଛକୁ ରହିଛି ଭିଏସ୍‌ବି ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ। ଏହି ୨ଟି ଦଳ ଆସନ୍ତା ଜାତୀୟ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ପଏଣ୍ଟ ଟେବୁଲର ଶେଷ ସ୍ଥାନରେ ବିନୋବା ଭାବେ ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ଦୁର୍ଭାଗ୍ୟବଶତଃ ଜାତୀୟ ଟୁର୍ନାମେଣ୍ଟରୁ ବଞ୍ଚିତ ହୋଇଛି।

ଗୁରୁବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ଅନ୍ତିମ ଲିଗ ପର୍ଯ୍ୟାୟ ମ୍ୟାଚ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟ ୬ ରନରେ କାଶୀ ବିଦ୍ୟାପୀଠକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌କୁ ଅଧିକ ରନରେ ବିଜୟୀ ହୋଇଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟ ନିମନ୍ତେ ଜାତୀୟ ଟୁର୍ନାମେଣ୍ଟରେ ସୁଯୋଗ ରହିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଉତ୍କଳ ୧୪୧ ରନରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଦେବାଶିଷ ସାମନ୍ତରାୟ ସର୍ବାଧିକ ୪୨ରନ କରିଥିବା ବେଳେ ରାଜେଶ ଧୂପର ୨୫ ରନ, ଆଶୁତୋଷ ଦାସ ୨୬ ରନ କରିଛନ୍ତି। ଜବାବରେ କାଶୀ ବିଦ୍ୟାପୀଠ ଦଳ ପ୍ରାରମ୍ଭରୁ ଚମତ୍କାର ବ୍ୟାଟିଂ କରିଥିବା ସତ୍ତ୍ୱେ ବିଜୟ ଲକ୍ଷ୍ୟଠାରୁ ୬ରନ ପଛରେ ପଡ଼ିଯାଇଥିଲା। ସମସ୍ତ ଉଇକେଟ ହରାଇ କାଶୀ ବିଦ୍ୟାପୀଠ ୧୩୫ରନ କରିଥିଲା। ଓପନର ନିରଜ ବିଶ୍ୱକର୍ମା ୫୫ରନର ଇନିଂସ ଖେଳିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୨ରେ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ୧୧୧ ରନରେ ବିନୋବା ଭାବେ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ବିନୋବାଭାବେ ଲିଗ ପର୍ଯ୍ୟାୟରେ ଗୋଟିଏ ବି ମ୍ୟାଚ ଜିତି ପାରି ନାହିଁ। ଉଦ୍‌ଯାପନୀ ଉତ୍ସବରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ନାଲକୋ ସିଏମ୍‌ଡି ତପନ କୁମାର ଚାନ୍ଦ ମୁଖ୍ୟ ଅତିଥି ଏବଂ ରାଜୀବ ଶେଖର ସାହୁ, ପ୍ରବୋଧ କୁମାର ମହାନ୍ତି, ସୁଧାଂଶୁ ଗନ୍ତାୟତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କୁଳସଚିବ ଅଶୋକ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିଯୋଗିତା ପରିଚାଳନା କମିଟି ଅଧ୍ୟକ୍ଷ ଡ. ସିଦ୍ଧାର୍ଥ ଭରଦ୍ୱାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଅଧିକାରୀ ଅଞ୍ଜନ କୁମାର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। କଳିଙ୍ଗ ଦାସ, ଅକ୍ଷୟ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଚାମ୍ପିୟନ କାଶୀ ବିଦ୍ୟାପୀଠ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

### ଟାଟା ଷ୍ଟିଲ୍ ଚେସ୍

# କାର୍ଲସେନଙ୍କଠାରୁ ହାରିଲେ ଆନନ୍ଦ

**ଲେଇଡେନ (ନେଦରଲାଣ୍ଡ୍ସ), ୨୪।୧(ପି.ଟି.)**

ଷଷ୍ଠ ଟାଟା ଷ୍ଟିଲ୍ ଚେସ୍ ଟାଇଟଲ ଲକ୍ଷ୍ୟରେ ଥିବା ଭାରତୀୟ ଚେସ୍ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କୁ ଗୁରୁବାର ପରାଜୟର ସାମ୍ନା କରିଛନ୍ତି। ଏହି ପ୍ରତିଯୋଗିତାର ୧୦ ରାଉଣ୍ଡର ଏକ ବାଜିରେ ଆନନ୍ଦ ଡିଫେଣ୍ଡିଂ ବିଶ୍ୱ ଚାମ୍ପିୟନ ନରୱେର ମାଗ୍ନସ କାର୍ଲସେନଙ୍କ ନିକଟରୁ ହାରିଯାଇଛନ୍ତି। ଏହି ବାଜିକୁ ଆନନ୍ଦ ବ୍ଲାକରେ ଖେଳିଥିଲେ। ଏହି ଗେମ୍ ୭୬ ମୋଭ୍ ହୋଇଥିବାବେଳେ ସାଢ଼େ ଛ’ ଘଣ୍ଟା ଧରି ଅନୁଷ୍ଠିତ ହୋଇଥିଲା। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଥିବା ଆନନ୍ଦଙ୍କ ପାଇଁ ଏହି ପରାଜୟ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ। ଦଶମ ରାଉଣ୍ଡ ଶେଷ ସୁଦ୍ଧା କାର୍ଲସେନ ୭ ପଏଣ୍ଟ ସହ ଏକକ ଅଗ୍ରଣୀ ହାସଲ କରିଥିବାବେଳେ ଆନିଶ ଗିରି (୬.୫) ୨ୟ ସ୍ଥାନରେ ରହିଛନ୍ତି। ଆନନ୍ଦ (୬) ୩ୟ ସ୍ଥାନକୁ ଖସି ଯୁଗ୍ମଭାବେ ଚାଇନାର ଡିଙ୍ଗ୍ ଲିରେନ ଓ ଇଆନ ନେପୋମନିଆଚାଟଚିଙ୍କ ସହ ରହିଛନ୍ତି।

# ପାଣ୍ଡ୍ୟା, ରାହୁଲଙ୍କ ଉପରୁ ବାସନ୍ଦ ଉଠିଲା

**ନୂଆଦିଲ୍ଲୀ, ୨୪।୧(ପି.ଟି.)**

ଦୁଇ ଭାରତୀୟ ତାରକା କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲଙ୍କ ଉପରୁ ଗୁରୁବାର ବାସନ୍ଦାଦେଶ ଉଠାଇ ଦିଆଯାଇଛି। ଏକ ଟିଭି ଶୋ’ରେ ମହିଳାଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇ ଏହି ଦୁଇ କ୍ରିକେଟର ବାସନ୍ଦ ହୋଇଥିଲେ ଓ ସୋସିଆଲ ମିଡିଆରେ ବେଶ୍ ସମାଲୋଚିତ ହୋଇଥିଲେ। ଏପରି କି ଗସ୍ତ ଅଧାରୁ ଅଷ୍ଟ୍ରେଲିଆରୁ ଏହି ଦୁଇ ଖେଳାଳିଙ୍କୁ ସ୍ୱଦେଶ ପଠାଇ ଦିଆଯାଇଥିଲା। ତେବେ ଏହି ଘଟଣାର ଦୁଇ ସପ୍ତାହ ପରେ କ୍ରିକେଟ ପ୍ରଶାସକ କମିଟି (ସିଓଏ) ବାସନ୍ଦ ଉଠାଇନେବାକୁ ଘୋଷଣା କରିଛି। ଫଳରେ ପାଣ୍ଡ୍ୟା ଯେତେଶୀଘ୍ର ସମ୍ଭବ ନ୍ୟୁଜିଲାଣ୍ଡରେ ପହଞ୍ଚି ଦଳରେ ଯୋଗ ଦେବା ଆଶା କରାଯାଉଛି। ସେହିପରି ରାହୁଲ ଘରୋଇ କ୍ରିକେଟ କିମ୍ବା ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଭାରତ ଏ’ ପକ୍ଷରୁ ଖେଳିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ଯଦି କର୍ଣ୍ଣାଟକ ରଣଜୀ ଟ୍ରଫି ଫାଇନାଲରେ ପ୍ରବେଶ କରେ ତେବେ ୨୬ ବର୍ଷୀୟ ରାହୁଲ ମୟଙ୍କ ଅଗ୍ରୱାଲଙ୍କ ସହ ଇନିଂସ ଓପନ କରିବା ଆଶା କରାଯାଉଛି।

ବାସନ୍ଦ ଅସ୍ଥାୟୀ ଭାବେ ଉଠାଯାଇଥିଲେ ମଧ୍ୟ ଏ ନେଇ ତଦନ୍ତ ହେବ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଣେ ଲୋକପାଳ ଏହି ତଦନ୍ତ ଦାୟିତ୍ୱ ହାତକୁ ନେବେ। ତଦନ୍ତ ଶେଷ ନ ହେବା ଯାଏ ଏହି ଦୁଇ କ୍ରିକେଟରଙ୍କୁ ଅବଶ୍ୟ ଖେଳିବାର ସୁଯୋଗ ମିଳିବ। ବିସିସିଆଇ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସି.କେ. ଖାନ୍ନା ତଦନ୍ତ ପୂରା ନ ହେବା ଯାଏ ଏହି ଦୁଇ ଖେଳାଳିଙ୍କ ଉପରୁ ବାସନ୍ଦ ଉଠାଇବାକୁ ସିଓଏକୁ ଚିଠି ଲେଖି ଜଣାଇଥିଲେ। ସିଓଏ ମଧ୍ୟ ନ୍ୟାୟମିତ୍ର ପି.ଏସ୍. ନରସିହ୍ମାଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରି ବାସନ୍ଦ ତତ୍‌କ୍ଷଣାତ ଉଠାଇବାକୁ ନିଷ୍ପତ୍ତି ନେଇଥିଲା। ବିସିସିଆଇ ସମ୍ବିଧାନ ‘ନିୟମ ୪୬’ ଅନୁଯାୟୀ ଏହି ଦୁଇ ଖେଳାଳିଙ୍କୁ ବାସନ୍ଦ କରାଯାଇଥିଲା। ଉଲ୍ଲେଖଥାଉ କି, କରନ ଜୋହରଙ୍କ ଲୋକପ୍ରିୟ ଟିଭି ଶୋ’ରେ ଏହି ଦୁଇ କ୍ରିକେଟର ଅଂଶଗ୍ରହଣ କରି ଅତ୍ୟଧିକ ଉତ୍ସାହିତ ହୋଇ ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିଲେ ଓ ସେତେବେଳେ ଏ ନେଇ ଚର୍ଚ୍ଚା ଏବଂ ବିବାଦ ସୃଷ୍ଟି ହୋଇଥିଲା। ଗତ ୧୧ ତାରିଖରେ ବୋର୍ଡ ଏମାନଙ୍କୁ ବାସନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ପରେ ପାଣ୍ଡ୍ୟା ଓ ରାହୁଲ ନିଜ ମନ୍ତବ୍ୟ ନେଇ ଅବଶ୍ୟ କ୍ଷମା ମାଗିଥିଲେ। ବୁଧବାର ଶୋ’ର ଉପସ୍ଥାପକ କରନ ଜୋହର ମଧ୍ୟ ଏହି ଘଟଣା ପାଇଁ କ୍ଷମା ମାଗିଥିଲେ। ଏହା ମୋର ଶୋ’ ତଥା ପ୍ଲାଟଫର୍ମ ହୋଇଥବାରୁ ମୁଁ ଏଥିପାଇଁ ଦାୟୀ ବୋଲି କରଣ କହିଛନ୍ତି। ଶୋ’ ଅବସରରେ ମୁଁ ଏହି ଭଳି ପ୍ରଶ୍ନ ପଚାରିଥାଏ। ଏପରିକି ମହିଳାଙ୍କୁ ମଧ୍ୟ ଏହି ଭଳି ପ୍ରଶ୍ନ ପଚାରିଥାଏ। ଦୀପିକା ପାଦୁକୋନ୍ ଓ ଆଲିଆ ଭଟ୍ଟଙ୍କୁ ମଧ୍ୟ ସମାନ ପ୍ରଶ୍ନ ପଚାରିଥିଲି। କିନ୍ତୁ ଘଟଣା ଏବେ ମୋ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ତେଣୁ ମୁଁ ଏଥିପାଇଁ ଦୁଃଖିତ ବୋଲି କରନ କହିଛନ୍ତି। ଏହି ଘଟଣା ପରେ ସିଓଏ ଜାତୀୟ ଦଳ ତରଫରୁ ଖେଳୁଥିବା କ୍ରିକେଟରମାନଙ୍କ ପାଇଁ ଏକ ବ୍ୟବହାରିକ ପରାମର୍ଶ କାର୍ଯ୍ୟକ୍ରମ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲା।

## ମହିଳାଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ



ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲ



ଆମେ ଉଭୟ ପରସ୍ପର ବୋଲିଂକୁ ବୁଝିପାରିଥାଉ। କିନ୍ତୁ ଯେତେବେଳେ ଚହଲ ଖେଳି ନ ଥାନ୍ତି, ମୁଁ ବହୁତ କିଛି ଆଶା ହରାଇଥାଏ।

**– କୁଲଦୀପ ଯାଦବ, ଭାରତୀୟ ସ୍ପିନର**



ଦିନକୁ ଦିନ ଉନ୍ନତି କରିବା ପାଇଁ କ୍ଷୁଧା ହେଉଛି ବିରାଟ କୋହଲିଙ୍କ କ୍ୟାରିୟରର ହଲ୍‌ମାର୍କ।

**– ଜାହିର ଖାଁ, ପ୍ରାକ୍ତନ ଭାରତୀୟ କ୍ରିକେଟର**

## ସଂକ୍ଷେପରେ

### ଜୋହାନ ବୋଥାଙ୍କ ଅବସର

ସିଡ୍‌ନୀ,୨୪।୧: ପୂର୍ବତନ ଦକ୍ଷିଣ ଆଫ୍ରିକୀୟ କ୍ରିକେଟର ଜୋହାନ ବୋଥା ହଠାତ ଅବସର ଘୋଷଣା କରିଛନ୍ତି। ଚଳିତ ବିଗ୍ ବାଶ ଲିଗ୍‌ରେ ହାବର୍ଟ ହରିକେନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବୋଥା ଗୁରୁବାର ଏହି ନିଷ୍ପତ୍ତି ନେଇଛନ୍ତି। ମିଡିୟମ ପେସରରୁ ଅଫ୍ ସ୍ପିନର ପାଲଟିଥିବା ବୋଥାଙ୍କ ବୋଲିଂ ଶୈଳୀ ବହୁବାର ସନ୍ଦେହ ଘେରକୁ ଆସିଛି। ସେ ଦକ୍ଷିଣ ଆଫ୍ରିକା ପାଇଁ ୨୦୦୫ରୁ ୨୦୧୨ ପର୍ଯ୍ୟନ୍ତ ୫ ଟେଷ୍ଟ, ୭୮ ଦିନିକିଆ ଓ ୪୦ ଟି୨୦ ମ୍ୟାଚ୍ ଖେଳିଛନ୍ତି। ୨୦୧୦ ଟି୨୦ ବିଶ୍ୱକପ୍‌ରେ ଭାରତ ବିପକ୍ଷରେ ସେ ଅନ୍ତିମ ଥର ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେ ୨୧ଟି ମ୍ୟାଚ୍ ଦ. ଆଫ୍ରିକା ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ଦଳ ୮ ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ମ୍ୟାଚ୍ ଜିତିଥିଲା। ୨୦୧୬ରେ ଅଷ୍ଟ୍ରେଲିଆ ନାଗରିକତା ଗ୍ରହଣ କରିଥିଲେ। ସେବେଠାରୁ ସେ ନିୟମିତ ବିବିଏଲରେ ଖେଳୁଥିଲେ।

### ପାକିସ୍ତାନ ଗସ୍ତ କରିବ ଇଣ୍ଡିଜ ମହିଳା ଦଳ

କରାଚୀ,୨୪।୧: ପାକିସ୍ତାନ କ୍ରିକେଟ ବୋର୍ଡକୁ ଗୁରୁବାର ଏକ ବଡ଼ ଆଶ୍ୱସ୍ତି ମିଳିଛି। ଇଣ୍ଡିଜ ମହିଳା ଦଳ ଚଳିତ ମାସର ଶେଷ ଆଡକୁ ପାକିସ୍ତାନ ଗସ୍ତ କରିବ। ଏଠାରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳିବ। ଏହା ଆଇସିସି ମହିଳା ଚାମ୍ପିୟନଶିପର ଅଂଶବିଶେଷ। ଉଭୟ ଦଳ ମଧ୍ୟରେ ଦିନିକିଆ ସିରିଜ ଦୁବାଇଠାରେ ଖେଳାଯିବ। ଇଣ୍ଡିଜ ମହିଳା ଦଳ ୧୫ ବର୍ଷ ପରେ ପ୍ରଥମ ଅଣ ଏସିୟ ଦଳ ଭାବେ ପାକିସ୍ତାନ ଗସ୍ତ କରିବାକୁ ଯାଉଛି। ଗତ ୨୦୦୪ ମାର୍ଚ୍ଚ/ଏପ୍ରିଲରେ ୱେଷ୍ଟ ଇଣ୍ଡିଜ ଦଳ ପାକିସ୍ତାନରେ ଟେଷ୍ଟ ମ୍ୟାଚ୍ ଡ୍ର' ରଖିବା ସହ ୭ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୫-୨ ବ୍ୟବଧାନରେ ଜିତିଥିଲା। କରାଚୀସ୍ଥିତ ସାଉଥଏଣ୍ଡ କ୍ଲବଠାରେ ଜାନୁୟାରୀ ୩୧, ଫେବୃୟାରୀ ୧ ଓ ୩ ତାରିଖରେ ୩ ଟି୨୦ ମ୍ୟାଚ୍ ଖେଳାଯିବ।

# ଶ୍ରୀଲଙ୍କା ୧୪୪ରେ ଅଲଆଉଟ୍

**ବ୍ରିସବେନ, ୨୪।୧(ଏଏଫପି)**

ସ୍ଥାନୀୟ ଦି ଗାବା ଗ୍ରାଉଣ୍ଡରେ ଗୁରୁବାରଠାରୁ ଘରୋଇ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଶ୍ରୀଲଙ୍କା ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ୧୪୪ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଉଇକେଟ୍‌କିପର ନିରୋଶାନ ଡିକ୍‌ୱେଲା ସର୍ବାଧିକ ୬୪ ରନ କରିଥିଲେ। ଡିକ୍‌ୱେଲାଙ୍କ ସମେତ ଓପନର୍ ଦିମୁଥ କରୁଣାରତ୍ନେ (୨୪), ଲାହିରୁ ଥିରିମାନେ (୧୨) ଓ କୁଶଳ ମେଣ୍ଡିସ (୧୪)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରି ନ ଥିଲେ। ବୋଲିଂରେ ଘରୋଇ ଦଳ ପକ୍ଷରୁ ପ୍ୟାଟ୍ କୁମିନ୍ସ (୪), ଜୟେ ରିଚାର୍ଡଶନ (୩), ମିଚେଲ ଷ୍ଟାର୍କ (୨) ଓ ନାଥନ ଲିୟନ (୧) ଉଇକେଟ୍ ବାଣ୍ଟି ନେଇଥିଲେ। ବାମହାତୀ ଦ୍ରୁତ ବୋଲର ଷ୍ଟାର୍କ ଏହି ଅବସରରେ ୨୦୦ ଟେଷ୍ଟ ଉଇକେଟ୍ କ୍ଲବରେ ସାମିଲ ହୋଇଛନ୍ତି। ଏହି ମାଇଲଷ୍ଟୋନ ଛୁଇଁବାରେ ସେ ଦେଶର ସପ୍ତଦଶ ବୋଲର ହେବାକୁ ସୌଭାଗ୍ୟ ଲାଭ କରିଛନ୍ତି।

ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଘରୋଇ ଅଷ୍ଟ୍ରେଲିଆ ଷ୍ଟମ୍ପ ଅପସାରଣ ବେଳକୁ ୨ ଉଇକେଟ୍ ହରାଇ ୭୨ ରନ ସଂଗ୍ରହ କରିଛି। ଜୋ ବର୍ନସ ୧୫ ଓ ଉସମାନ ଖ୍ୱାଜା ୧୧ ରନ କରି ଆଉଟ୍ ହୋଇଥିବାବେଳେ ମାର୍କସ ହାରିସ (୪୦) ଓ ନାଥନ ଲିୟନ ବିନା କୌଣସି ରନରେ ଅପରାଜିତ ରହିଛନ୍ତି।

# ବାସନ୍ଦ ହୋଇପାରନ୍ତି ସର୍ଫରାଜ

**ଡର୍ବାନ,୨୪।୧**

ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ସର୍ଫରାଜ ଖାଁ ଅନ୍ତର୍ଜାତୀୟ କ୍ରିକେଟରୁ ବାସନ୍ଦ ହୋଇପାରନ୍ତି। ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ସର୍ଫରାଜ ଘରୋଇ ଦଳର ଅଲରାଉଣ୍ଡର ଆଣ୍ଡିଲେ ଫେଲୁକ୍‌ୱାୟୋଙ୍କୁ ଆକ୍ଷେପକରି ବର୍ଣ୍ଣବୈଷମ୍ୟ କମେଣ୍ଟ କରିଥିଲେ। ଏ ସମ୍ପର୍କରେ ଉକ୍ତ ମ୍ୟାଚ୍‌ର ଅଫିସିଆଲମାନେ ଅଭିଯୋଗ କଲେ ପାକିସ୍ତାନ ଅଧିନାୟକ ବାସନ୍ଦ ହେବା ନିଶ୍ଚିତ। କାରଣ ସର୍ଫରାଜ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବର୍ଣ୍ଣବୈଷମ୍ୟତା ନିୟମ ଭଙ୍ଗ କରିଛନ୍ତି। ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଖେଳାଳି, ଅମ୍ପାୟର, ମ୍ୟାଚ୍ ରେଫରି କିମ୍ବା ପ୍ଲେୟର ସପୋର୍ଟ ଷ୍ଟାଫଙ୍କୁ କୌଣସି ପ୍ରକାର ଇଙ୍ଗିତ କିମ୍ବା ଭାଷା ମାଧ୍ୟମରେ ସେମାନଙ୍କ ରଙ୍ଗ, ଧର୍ମ, ଜାତୀୟତା ଓ ପରମ୍ପରାକୁ ନେଇ ଅପମାନିତ, ଧମକାଇବା ଓ ଗାଳିଦେବା ନିୟମ ଅନୁଯାୟୀ ଦଣ୍ଡନୀୟ। ଏହି ନିୟମ ୨୦୧୨ ଅକ୍ଟୋବରଠାରୁ କାର୍ଯ୍ୟକାରୀ ହେଉଛି। ଏ ନେଇ ଉକ୍ତ ମ୍ୟାଚ୍‌ର ଅମ୍ପାୟର, ମ୍ୟାଚ୍‌ରେଫରି, ଟିମ୍‌ମ୍ୟାନେଜର ଓ କ୍ରିକେଟ ଦକ୍ଷିଣ ଆଫ୍ରିକା ମୁଖ୍ୟ ମଧ୍ୟ ଆଇସିସି ନିକଟରେ ଅଭିଯୋଗ କରିପାରିବେ। ଯଦି ଅଭିଯୋଗ କରାଯାଏ, ତେବେ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ ନିୟମ ଭଙ୍ଗ କରିଥିବାରୁ ସର୍ଫରାଜଙ୍କୁ ୪ରୁ ୮ ସସପେନସନ ପଏଣ୍ଟ ମିଳିବ। ୨ ସସପେନସନ ପଏଣ୍ଟର ମୂଲ୍ୟ ଗୋଟିଏ ଟେଷ୍ଟ ମ୍ୟାଚ୍। ସୀମିତ ଓଭର କ୍ରିକେଟ ମ୍ୟାଚ୍‌ରୁ ବାସନ୍ଦ ହେବା ଲାଗି ଏକ ସସପେନ୍‌ସନ ପଏଣ୍ଟ ଦରକାର। ଦକ୍ଷିଣ ଆଫ୍ରିକା ଟିମ୍ ମ୍ୟାନେଜର ଡ. ମହମ୍ମଦ ମୁସାଜି କହିଛନ୍ତି, ଆଇସିସି ଓ ମ୍ୟାଚ୍ ଅଫିସିଆଲ ଉକ୍ତ ଘଟଣାର ତଦନ୍ତ କରୁଛନ୍ତି। ଏହାର ରିପୋର୍ଟ ମିଳିବା ପରେ ଏ ସମ୍ପର୍କରେ ଆମେ କମେଣ୍ଟ କରିପାରିବୁ।

# ଭାରତକୁ ଜିତାଇଲେ ମନ୍ଧାନା

**ନାପିଏର,୨୪।୧**

ପୁରୁଷ ଦଳ ଭଳି ଭାରତୀୟ ମହିଳା ମ୍ୟାକଲିନ ପାର୍କଠାରେ ସହଜ ବିଜୟ ସହ ନ୍ୟୁଜିଲାଣ୍ଡ ବିପକ୍ଷରେ ଅଭିଯାନ ଆରମ୍ଭ କରିଛି। ଭାରତୀୟ ସ୍ପିନରଙ୍କ ଭଲପ୍ରଦର୍ଶନ ଯୋଗୁ ନ୍ୟୁଜିଲାଣ୍ଡ ୧୯୨ ରନ୍ ସୀମିତ ରହିଥିଲା। ଜବାବରେ ସ୍ମୃତି ମନ୍ଧାନାଙ୍କ ଶତକ ଓ ଜେମିମା ରୋଡ୍ରିଗୁଏଜଙ୍କ ୮୧ ରନ୍‌ର ଅପରାଜିତ ଇନିଂସ ଯୋଗୁ ଭାରତ ୧୭ ଓଭର ପୂର୍ବରୁ ଗୋଟିଏ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଛି। ଏହି ବିଜୟ ସହ ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ୧–୦ର ଅଗ୍ରଣୀ ହାସଲ କରିଛି। ଡବ୍ଲ୍ୟୁ. ଭି. ରମଣ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଭାରତୀୟ ଦଳର ପ୍ରଥମ ବିଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳର ଉପରକ୍ରମର ବ୍ୟାଟ୍ସୱିମେନମାନେ ଭଲ ଆରମ୍ଭ ପାଇଥିଲେ ମଧ୍ୟ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସୁଜି ବାଟେ ୩୬, ଅଧିନାୟିକା ଆମି ସାଟରଥୱେଟ ୩୧, ସୋଫି ଡେଭିନ ୨୮ ଓ ଆମେଲିଆ କେର ୨୮ ରନ୍ କରିଥିଲେ। ଫଳରେ ନ୍ୟୁଜିଲାଣ୍ଡ ଦଳ ୪୮.୪ ଓଭରରେ ୧୯୨ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଭ୍ରମଣକାରୀ ବୋଲରଙ୍କ ମଧ୍ୟରେ ଏକତା ବିଷ୍ଟ ଓ ପୁନମ ଯାଦବ ୩ ଲେଖାଏ ଉଇକେଟ ନେଇଥିବାବେଳେ ଦୀପ୍ତି ଶର୍ମା ୨ ଉଇକେଟ ହାସଲ କରିଥିଲେ। ଜବାବରେ ମନ୍ଧାନା ଓ ରୋଡ୍ରିଗୁଏଜ ପ୍ରଥମ ଉଇକେଟ ପାଇଁ ୧୯୦ ରନ୍‌ର ଭାଗୀଦାରି କରି ଭାରତୀୟ ଦଳର ବିଜୟ ନିଶ୍ଚିତ କରିଥିଲେ। କ୍ୟାରିୟରର ୪ର୍ଥ ଶତକ ପୂରଣ କରିସାରିଥିବା ମନ୍ଧାନା (୧୦୫) ଏକମାତ୍ର ଭାରତୀୟ ବ୍ୟାଟ୍ସୱିମେନ ଭାବେ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୩ ଛକା ଓ ୯ ଚୌକା ସାମିଲ ଥିଲା। ଏହାପରେ ଅନ୍ୟତମ ଓପନର ରୋଡ୍ରିଗୁଏଜ ଦଳକୁ ବିଜୟୀ କରାଇଥିଲେ। ସେ ୯ ଚୌକା ସହାୟତାରେ ୮୧ ରନ୍ କରି ଅପରାଜିତ ଥିଲେ। ମ୍ୟାଚ୍‌ରେ ଶତକ ହାସଲ କରିଥିବା ମନ୍ଧାନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

### ପ୍ରଥମ ଭାରତୀୟ

ଘରୋଇ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ ଦଳ ବିପକ୍ଷରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌କୁ ଭାରତ ୯ ଉଇକେଟ୍‌ର ବୃହତ ବ୍ୟବଧାନରେ ଜିତିନେଇଛି। ଏହି ମ୍ୟାଚ୍‌ରେ ଷ୍ଟାର୍ ଖେଳାଳି ସ୍ମୃତି ମନ୍ଧାନା (୧୦୫) ଶତକୀୟ ଇନିଂସ ଖେଳି ଭାରତୀୟ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୨ ବର୍ଷୀୟା ମନ୍ଧାନା ଏଥିସହ ଭାରତର ପ୍ରଥମ ତଥା ବିଶ୍ୱର ୨ୟ ମହିଳା କ୍ରିକେଟର ଭାବେ ଏସ୍‌ଇଏନ୍‌ଏ (ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ) ଦେଶ ବିପକ୍ଷରେ ଶତକ ହାସଲ କରିବାର ବିରଳ ସୌଭାଗ୍ୟ ହାସଲ କରିଛନ୍ତି। କିମ୍ବଦନ୍ତୀ ପ୍ରାକ୍ତନ ଇଂଲଣ୍ଡ ଖେଳାଳି କ୍ଲାରି ଟେଲରଙ୍କ ପରେ ଏହି ସଫଳତା ହାସଲ କରିଛନ୍ତି। ମନ୍ଧାନା ୨୦୧୬, ୨୦୧୭, ୨୦୧୮ ଓ ୨୦୧୯ରେ ଯଥାକ୍ରମେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଶତକ ଅର୍ଜନ କରିଥିଲେ।



ଶତକ ହାସଲ ପରେ ସ୍ମୃତି ମନ୍ଧାନା।

# ଇଣ୍ଡୋନେସିଆ ମାଷ୍ଟର୍ସ: ସାଇନା, ସିନ୍ଧୁ, ଶ୍ରୀକାନ୍ତ କ୍ୱାର୍ଟରରେ

**ଜାକର୍ତ୍ତା(ଇଣ୍ଡୋନେସିଆ),୨୪।୧(ପି.ଟି.)**

ଦୁଇ ଷ୍ଟାର ଭାରତୀୟ ମହିଳା ଶଟଲର ସାଇନା ନେହ୍ୱାଲ ଓ ପି. ଭି. ସିନ୍ଧୁଙ୍କ ସମେତ କିଡାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ଇଣ୍ଡୋନେସିଆ ମାଷ୍ଟର୍ସ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚରେ ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ୨୧–୧୪, ୨୧–୯ ସିଧାସଳଖ ଗେମ୍‌ରେ ଜାପାନର କେଣ୍ଟୋ ନିଶିମୋଟୋଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ଦ୍ୱିତୀୟ ସିଡ୍ ସିନ୍ଧୁ ଘରୋଇ ଫେଭରାଇଟ୍ ଜର୍ଜିଆ ମାସିସ୍କା ତୁଞ୍ଜୁଙ୍ଗଙ୍କୁ ୨୩–୨୧, ୨୧–୭ ଗେମ୍‌ରେ ହରାଇ ଦେଇଛନ୍ତି। ଏହି ବିଜୟ ଲାଗି ସିନ୍ଧୁଙ୍କୁ ୩୭ ମିନିଟ୍ ସମୟ ଲାଗିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା, ବିଶ୍ୱ ଚାମ୍ପିୟନଶିପ, ଏସିଆନ୍ ଗେମ୍ସ ରୌପ୍ୟ ପଦକଧାରୀ ସିନ୍ଧୁ ସେମିଫାଇନାଲ ସ୍ଥାନ ପାଇଁ ସ୍ପେନର କାରୋଲିନା ମାରିନଙ୍କ ସହ ଲଢ଼େଇ କରିବେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ଖେଳାଳି ୮ମ ସିଡ୍ ଶ୍ରୀକାନ୍ତ ୨୧–୧୪, ୨୧–୯ ଗେମ୍‌ରେ ଜାପାନର କେଣ୍ଟୋ ନିଶିମୋଟୋଙ୍କୁ ପରାସ୍ତ କରିଛନ୍ତି। ସେ ଏହି ବିଜୟ ସହ ନିଶିମୋଟାଙ୍କଠାରୁ ଗତ ମାଲେସିଆ ମାଷ୍ଟର୍ସରେ ମିଳିଥିବା ପରାଜୟର ପ୍ରତିଶୋଧ ନେଇଛନ୍ତି।

TVS Racing
TVS




₹14,999/- Low Down Payment# | upto ₹ 7,200/- Savings## | ₹2,019/- Low EMI*
Apache RTR 160 4V
RACING DNA UNLEASHED
Limited period offer for unlimited racing thrills.
www.tvsapache.com | For further details please give a missed call to 18003157227 | TVS showrooms are open on Sundays also.
**As per the PS figure shared by competition bikes in Oil Cooled 160cc class as on 1st Oct'18

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com **Authorised Main Dealers: BHUBANESWAR:** Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph : 8860629978. PURI: Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHLOE : Sasmita TVS, Ph: 8860793803. **Authorised Dealers:** CRP Square,Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph: 0674-2351766, 9338869966(Showroom);Athagarh, Siva Motors,Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication,Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph: 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph: 9437586155, Khandapada, Spandan Automobiles, Ph: 9853479471, 9937153901; Erasama, Krishna Motors,Ph : 9937084847; Krushnanandapur, Ashhad Motors, Ph: 9237066573; Niali, Bharat Automobiles, Ph: 0671-2803357, 9040091921; Puranakatak, Bhairabi Automobiles Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dharitree Associates Pvt Ltd. Ph: 0671-2356967, 7440037801; Kuakhia, Subas Automobiles, Ph : 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto,Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph: 9437108541; Brahmabarada, Friends Automobile, Ph : 9668166377, 7008050051; Naugoan, Saitirtha Automobiles, Ph : 06724-222717, 9778802623; Balitutha, Sanjukta Motors, Ph : 8093099967, 9777773277.
McCann/Blr/Tvs/22/01/19



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

# ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦାବିପତ୍ର

**ପାରାଦୀପ,୨୪।୧(ସ୍ୱ.ପ୍ର.)**

ପାରାଦୀପରେ ପ୍ରଦୂଷଣର ମାତ୍ରା ଦିନକୁ ଦିନ ବଢ଼ିଚାଲିଛି। ମୁଖ୍ୟତଃ ଶିଳ୍ପ କାରଖାନା ଯୋଗୁ ଏହି ପ୍ରଦୂଷଣ ହେଉଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ଦାବିରେ ଗୁରୁବାର ପାରାଦୀପ ନାଗରିକ ମଞ୍ଚ ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଚିବ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ମଞ୍ଚର ମୁଖ୍ୟ ତଥା ପରିବେଶବିତ୍ ଅୟସକାନ୍ତ ରାୟଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଏଡିଏମ୍ ଅଫିସରେ ଏହି ଦାବିପତ୍ର ଦେଇଛନ୍ତି। ଏଥିରେ ରାୟ ଉଲ୍ଲେଖ କରିଛନ୍ତି ଯେ, ପାରାଦୀପର ଜଳ, ବାୟୁ ଓ ମୃତ୍ତିକା ନଷ୍ଟ ହୋଇଗଲାଣି। ଉକ୍ତ ଅଞ୍ଚଳ ଏବେ ରେଡ ତାଲିକାଭୁକ୍ତ ହୋଇଛି। ଏପରି ପ୍ରଦୂଷିତ ଅଞ୍ଚଳରେ ଏବେ ବିଭିନ୍ନ ରୋଗ ବ୍ୟାପିଲାଣି। ଆଗାମୀ ବଂଶଧରଙ୍କ ପାଇଁ କିଛି ପରିବର୍ତ୍ତନ ଦରକାର। କିନ୍ତୁ ଶିଳ୍ପ ସଂସ୍ଥାଗୁଡ଼ିକ ନିୟମାନୁସାରେ ବୃକ୍ଷରୋପଣ କରୁନାହାନ୍ତି କି ପରିବେଶ ସୁରକ୍ଷା ପାଇଁ ସୁଦୂର ପ୍ରସାରୀ ଯୋଜନା କରୁନାହାନ୍ତି। ଯଦି ଆସନ୍ତା ୧୦ ଦିନ ମଧ୍ୟରେ କିଛି ପ୍ରତିକାର ବ୍ୟବସ୍ଥା କରା ନ ଯାଏ ତେବେ ମଞ୍ଚ ପକ୍ଷରୁ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।






## ଟ୍ରକ୍ ବ୍ୟବସାୟୀଙ୍କ ଆତ୍ମହତ୍ୟା

**କୁଜଙ୍ଗ,୨୪।୧(ସ୍ୱ.ପ୍ର.)**

କୁଜଙ୍ଗର ଜନୈକ ଟ୍ରକ ବ୍ୟବସାୟୀ ଗୁରୁବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅନନ୍ତ ସାହୁଙ୍କ ପୁତ୍ର ଦୀପକ ସାହୁ(୪୭)। ଅପରାହ୍ନ ୩ଟା ରେ ସେ ନିଜ ଘରେ ବେକରେ ରଶି ଲଗାଇ ଫ୍ୟାନରେ ଝୁଲିପଡ଼ିଥିଲେ। ପଡ଼ୋଶୀଙ୍କଠାରୁ ଖବର ପାଇ ପୋଲିସ ତାଙ୍କୁ ଆଣି କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପାରାଦୀପ ବାଣିଜ୍ୟ ମେଳା ଉଦ୍ଯାପିତ

**ପାରାଦୀପ,୨୪।୧(ସ୍ୱ.ପ୍ର.)**

ପାରାଦୀପ ବେଳାଭୂମିରେ ଗତ ୧୦ ଦିନ ଧରି ଚାଲିଥିବା ବାଣିଜ୍ୟ ମେଳା ବୁଧବାର ସନ୍ଧ୍ୟାରେ ଉଦ୍ଯାପିତ ହୋଇଛି। ଉଦ୍ଯାପନ ଉତ୍ସବରେ ବନ୍ଦର ଯନ୍ତ୍ରୀ ତଥା ପରିବେଶବିତ୍ ଅମରେଶ ନରେଶ ସାମନ୍ତଙ୍କୁ ରୁଚିପାରାଦୀପ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନଗର ବିଜେଡି ସଭାପତି ସୁମନ୍ତ କୁମାର ବିଶ୍ୱାଳ, କାଉନ୍ସିଲର ଶଙ୍କର ପ୍ରସାଦ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

**ଆଠଗଡ, ୨୪।୧(ସ୍ୱ.ପ୍ର.)**

ଆଠଗଡ ଥାନା ଅନ୍ତର୍ଗତ କନ୍ଦରପୁର ଗ୍ରାମର କୃପାସିନ୍ଧୁ ମହାପାତ୍ର (୩୬) ମଙ୍ଗଳବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ସେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ବୁଧବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।








ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୫ ଜାନୁୟାରୀ, ୨୦୧୯



ମୁଁ ମନୁଷ୍ୟ ପ୍ରକୃତିକୁ ସନ୍ଦେହ କରିବି ନାହିଁ। ଜଣକ ପ୍ରତି ସୁ ବ୍ୟବହାର କଲେ ଓ ବନ୍ଧୁ ଭାବାପନ୍ନ ହେଲେ ସେ ଅବଶ୍ୟ ତା'ର ଯଥାର୍ଥ ପ୍ରତିଦାନ ଦେବ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ମହାପ୍ରଭୁଙ୍କର ହେଲା ବନକଲାଗି

**ପୁରୀ ଅଫିସ,୨୪।୧:** ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏଥିପାଇଁ ଅପରାହ୍ଣ ୪ଟା ୫୦ରୁ ୮ଟା ୧୦ ପର୍ଯ୍ୟନ୍ତ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଏହି ଶୃଙ୍ଗାର କରାଯାଇଥିଲା। ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ଏହାକୁ ପ୍ରସ୍ତୁତ କରିଥିଲେ। ସନ୍ଧ୍ୟା ୭ଟା ୨୫ରେ ବନକଲାଗି ଶେଷ ହୋଇଥିଲା। ଏହାପରେ ମହାସ୍ନାନ କରାଯାଇଥିଲା। ରାତି ୮ଟା ୧୦ ସୁଦ୍ଧା ମହାସ୍ନାନ ସରିବା ପରେ ଭକ୍ତମାନଙ୍କୁ ଦାରୁବିଗ୍ରହଙ୍କ ଦର୍ଶନ ପାଇଁ ଛଡାଯାଇଥିଲା ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

### ଜିଲା ସ୍କୁଲରେ ଛାତ୍ର ପୋଲିସ ବାହିନୀ ଉଦ୍‌ଘାଟିତ



**ପୁରୀ ଅଫିସ,୨୪।୧:** ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ମଧରେ ଶୃଙ୍ଖଳାଜ୍ଞାନ, ସମୟାନୁବର୍ତ୍ତିତା ସମାଜ ପ୍ରତି ଦାୟିତ୍ୱବୋଧ ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ଗୁରୁବାର ପୁରୀ ଜିଲା ସ୍କୁଲରେ ଓଡ଼ିଶା ପୋଲିସ ପକ୍ଷରୁ ଛାତ୍ର ପୋଲିସ ବାହିନୀ (ଏସ୍‌ପିସି) ଉଦ୍‌ଘାଟିତ ହୋଇଛି। କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ, ଅତିରିକ୍ତ ଏସ୍‌ପି ପି.କେ. ସ୍ୱାଇଁ, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରମୋଦା ମିଶ୍ର, ଏନ୍‌ସିସି ଅଫିସର ଅସିତ ବାନାର୍ଜୀ, କ୍ରୀଡ଼ା ଶିକ୍ଷକ ଗୋପାଳ ଚନ୍ଦ୍ର ପରିଡ଼ା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ବର୍ଗରୁ ୪୪ଜଣଙ୍କୁ ନେଇ ଏହି ବାହିନୀ ଗଠନ କରାଯାଇଛି। ଏହି ଅବସରରେ ଆଇଜି ପ୍ରିୟଦର୍ଶୀ କହିଲେ, ପୂର୍ବରୁ ଭାରତର ୪ଟି ରାଜ୍ୟରେ ଏହି ଯୋଜନା ଆରମ୍ଭ ହୋଇଛି। ଯେପରି ଏନ୍‌ସିସି ଆର୍ମିର ଏକ ୱିଙ୍ଗ। ସେହିପରି ଛାତ୍ର ପୋଲିସ ବାହିନୀ ଓଡ଼ିଶା ପୋଲିସର ଏକ ଅଙ୍ଗ ଭାବେ କାର୍ଯ୍ୟ କରିବ। ପୋଲିସ ବାହିନୀ ପରି ସେମାନଙ୍କୁ ମଧ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହାର ସଫଳତାକୁ ଲକ୍ଷ୍ୟ କରି ଅନ୍ୟ ବିଦ୍ୟାଳୟରେ ଏହାକୁ କାର୍ଯ୍ୟକାରୀ କରିବା ଲାଗି ଯୋଜନା ରହିଥିବା ସେ କହିଥିଲେ।

### ଦଶପଲ୍ଲାରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ ଉଦ୍‌ଘାଟିତ



**ଦଶପଲ୍ଲା,୨୪।୧(ଡି.ଏନ.ଏ.):** ପୋଲିସ ଓ ଜନତାଙ୍କ ମଧରେ ବନ୍ଧୁତା ସ୍ଥାପନ କରିବାକୁ ପୋଲିସ ବିଭାଗ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ପୋଲିସ ଓ ଜନତାଙ୍କ ମଧରେ ଥିବା ଉତ୍ତମ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ପୋଲିସ ଏବେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ ଭଳି ନୂତନ ପନ୍ଥା ଆପଣାଇଛି। ଏହି ଅବସରରେ ଦଶପଲ୍ଲା ଏନ୍‌ଏସିର ରାଧାମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ ଉତ୍ସବକୁ ନୟାଗଡ ଜିଲା ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ ଉଦ୍‌ଘାଟନ କରିଛନ୍ତି। ନୋଡାଲ ଉଚ୍ଚ ବିଦ୍ୟାଳୟର ୨୨ ଛାତ୍ର ଓ ୨୨ଛାତ୍ରୀ ସମର ଶିକ୍ଷାର୍ଥୀ ବାହିନୀରେ ସାମିଲ ହୋଇଛନ୍ତି। ଛାତ୍ରୀଛାତ୍ରମାନେ ତାଲିମ ନେବାପରେ ବିଭିନ୍ନ ଜନସଚେତନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ। ଅତ୍ୟାବଶ୍ୟକ କ୍ଷେତ୍ରରେ ଲୋକମାନଙ୍କୁ ସହାୟତା ଯୋଗାଇବା ସହ ପୋଲିସ ଓ ଜନତାଙ୍କ ମଧରେ ଥିବା ଦୂରତାକୁ କ୍ଷୁର୍ଣ୍ଣକରି ସୁସ୍ଥସମାଜ ଗଠନ କରିବାରେ କ୍ୟାଡେଟ୍‌ମାନେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ତହସିଲଦାର ପ୍ରମୋଦ କୁମାର ଦଳବେହେରା, ଥାନାଧିକାରୀ ବିଶ୍ୱଜିତ ରାଉତରାୟ,ଏନଏସି ଅଧକ୍ଷା ବବିତା ସାହୁ, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ,ଏନଏସି ଉପାଧକ୍ଷ ପ୍ରକାଶ ଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରାଙ୍କ ସହ ବିଦ୍ୟାଳୟ ପରିଚାଳନା ସଦସ୍ୟମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁନାଥ ସାହୁ ସଭାପତିତ୍ୱ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ତ୍ରିନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୁରୁ ନାନକଙ୍କ ୫୫୦ତମ ପ୍ରକାଶ ଜୟନ୍ତୀ

**ପୁରୀ ଅଫିସ,୨୪।୧**




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

- ଯୋଗଦେବେ ଦେଶ ବିଦେଶର ସାଧୁସନ୍ଥ
- ଏପ୍ରିଲ ୫ରୁ ଆରମ୍ଭ ହେବ ତିନିଦିନିଆ ଧାର୍ମିକ ସମାବେଶ

ଆସନ୍ତା ଏପ୍ରିଲ ୫ରୁ ପୁରୀରେ ଶିଖ୍ ଧର୍ମଗୁରୁ ନାନକ ଦେବଙ୍କ ୫୫୦ତମ ପ୍ରକାଶ ଜୟନ୍ତୀ ପାଳନ କରାଯିବ। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଧାର୍ମିକ ସମାବେଶରେ ଦେଶ ବିଦେଶରୁ ବହୁ ସାଧୁସନ୍ଥ ଯୋଗଦେବେ ବୋଲି ଗୁରୁବାର ବଳିଆପଣ୍ଡାସ୍ଥିତ ଗୁରୁଦ୍ୱାରା ଆର୍ତ୍ତି ସାହିବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଶ୍ରୀଗୁରୁ ନାନକ ଦେବ ଜୀ ରିଲିଜିୟସ ଆଣ୍ଡ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଏହି ଜୟନ୍ତୀ ସମାବେଶରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହେବ ବୋଲି ଜଗଦୀପ ସିଂ କହିଛନ୍ତି। ତାଙ୍କ ସୂଚନା ମୁତାବକ, ୫ ତାରିଖରେ ନଗର ପରିକ୍ରମା ଏବଂ ନାମ ସଂକୀର୍ତ୍ତନ କରାଯିବ। ୬ ତାରିଖ ଦେଶ ବିଦେଶରୁ ଆସିଥିବା ସାଧୁସନ୍ଥଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଶେଷ ଦିବସରେ ଭାବ ବିନିମୟ ସଭା, ଉଦ୍‌ଯାପନୀ ଉତ୍ସବ ଏବଂ ନଗର ପରିକ୍ରମା କରାଯିବ। ଏଥିରେ ଭାରତର ପ୍ରାୟ ସବୁ ରାଜ୍ୟରୁ ଶିଖ୍ ସମ୍ପ୍ରଦାୟ ଶ୍ରଦ୍ଧାଳୁ ଯୋଗଦେବାକୁ ଥିବା ବେଳେ ପଞ୍ଜାବ, ଗୁଜରାଟ, ଉତ୍ତରପ୍ରଦେଶ, ଜମ୍ମୁ କଶ୍ମୀର ସମେତ ୟୁଏସ୍‌ଏ, ୟୁକେରୁ ପ୍ରାୟ ୫୦ରୁ ୬୦ ଜଣ ସାଧୁସନ୍ଥ ଅଂଶଗ୍ରହଣ କରିବେ। ଏଥିରେ ଯୋଗଦେଇ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଥିଲେ, ପୁରୀରେ ପ୍ରଥମ କରି ଶିଖ୍‌ମାନଙ୍କର ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଗୁରୁ ନାନକଙ୍କ ଶ୍ରୀକ୍ଷେତ୍ର ଆଗମନ, ଭାଇ ହିମ୍ମତ ସିଂଙ୍କ ଜନ୍ମସ୍ଥାନ, ପୁରୀକୁ ଆସିଥିବା ୧୧୬ ସାଧୁସନ୍ଥ ଏବଂ ବାଉଳି ମଠ ପରିସରରେ ଥିବା ଭାଇବୋହୂଦେଡଶୁର କୂଅ ସମ୍ପର୍କରେ ଆଲୋଚନା କରାଯିବ। ଗୁରୁଦ୍ୱାରା ଆର୍ତ୍ତି ସାହିବର ମୁଖ୍ୟ ବାବାଜୀ ସମ୍‌ସେର ସିଂ ଧନ୍ୟବାଦ ଦେଇଥିଲେ। ଖବରଦାତା ସମ୍ମିଳନୀରେ ଭକ୍ତ ଚରଣ ଦାସ, ହର୍‌ପାଲ ସିଂ, ଆଇନଜୀବୀ ବିଶ୍ୱଜିତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

#### ମିଳିଛି ବାଉଳି ମଠ ସେବାପୂଜା ଅଧିକାର

ଗୁରୁ ନାନକ ଦେବଙ୍କ ସ୍ମୃତି ବହନ କରୁଥିବା ବାଉଳି ମଠର ସେବାପୂଜା ଅଧିକାର ଶ୍ରୀଗୁରୁ ନାନକ ଦେବ ଜୀ ରିଲିଜିୟସ ଆଣ୍ଡ ଚାରିଟେବଲ ଟ୍ରଷ୍ଟକୁ ମିଳିଛି ବୋଲି ଏହି ଅବସରରେ ଜଗଦୀପ ସିଂ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶା ସରକାର ଦେବୋତ୍ତର କମିଶନଙ୍କ ମାଧମରେ ବାଉଳି ମଠରେ ତିନିପ୍ରକାର ସେବା କରିବା ଲାଗି ଅନୁମତି ଦେଇଛନ୍ତି। ଏହି ତିନୋଟି ସେବା ହେଉଛି ମଠରେ ବିରାଜିତ ଶ୍ରୀ ଗୁରୁଗ୍ରନ୍ଥ ସାହେବଙ୍କ ସେବାପୂଜା ଶିଖ୍ ଧର୍ମ ପରମ୍ପରା ଅନୁସାରେ କରିବା, ପ୍ରତିଦିନ ସକାଳେ, ସନ୍ଧ୍ୟାରେ କୀର୍ତ୍ତନ ଏବଂ ମଠକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଲଙ୍ଗର (ଭୋଜନ) ପ୍ରଦାନ।

ବିନା ଦଲିଲରେ ପଟ୍ଟା ମିଳିବା ଘଟଣା

# ନୋଟିସ ଜାରିକଲେ ତହସିଲଦାର

**ରଣପୁର,୨୪।୧ (ସ୍ୱ.ପ୍ର.)**

**ରଣପୁର ତହସିଲ**

ରଣପୁର ତହସିଲ କାର୍ଯ୍ୟାଳୟରେ ବିନା ଦଲିଲରେ ଜଣେ ବ୍ୟକ୍ତିଙ୍କୁ ପଟ୍ଟା ପ୍ରଦାନ କରାଯାଇଥିବା ନେଇ ଗତ ସୋମବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ପରେ ତହସିଲ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଥିଲା। ଶେଷରେ ଜାଲିଆତି କରି ପୈତୃକ ଜମି ଓ କୋଠାକୁ ନିଜ ନାମରେ ପଟ୍ଟା କରି ନେଇଥିବା ବାଙ୍କପୁର ଗ୍ରାମର ବିପିନ କୁମାର ରାୟଙ୍କୁ ତହସିଲ କାର୍ଯ୍ୟାଳୟ ତରଫରୁ ପି.ଆର୍. ନଂ.୪୦୨/୨୨ତାରିଖରେ ନୋଟିସ ଜାରି କାରାଯାଇଛି। ଏଥିରେ ବିପିନଙ୍କୁ ଆସନ୍ତା ୨୯ତାରିଖରେ ତହସିଲ ଅଫିସରେ ହାଜର ହେବାକୁ କୁହାଯାଇଛି। ସେ ସମୟରେ ସେ ଦାଖଲ କରିଥିବା ଦାଖଲଖାରଜ କେସ (ନଂ.୧୦୮୧/୧୮)ର ପୁଣି ବିଚାର କରାଯିବ। ନଚେତ ମ୍ୟୁଟେସନ ଧାରା ୧୦୯ ଅନୁଯାୟୀ ତାଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ତହସିଲଦାର ମାନସ ରାୟ ପ୍ରକାଶ କରିଛନ୍ତି। ସେହିପରି ସାନପୁଅ ବିଜିନଙ୍କୁ ତାଙ୍କ ପକ୍ଷ ସେହିଦିନ ରଖିବା ପାଇଁ ନୋଟିସ କରାଯାଇଛି। ବିପିନ ବିନା ଦଲିଲରେ ପୈତୃକ ସମ୍ପତ୍ତି ହାତେଇଥିବା ନେଇ ବିଜିନ ନୟାଗଡ଼ ଜିଲାପାଳଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ।

ଅଭିଯୋଗ ଅନୁଯାୟୀ, ରଣପୁର ତହସିଲ ବାଙ୍କପୁର ଗ୍ରାମର ସ୍ୱର୍ଗତ ଦାସରଥି ଜେନା ଓ ସ୍ତ୍ରୀ ସ୍ୱର୍ଗତ କୁମୁଦିନୀ ଜେନାଙ୍କ ୭ ଏକରରୁ ଊର୍ଦ୍ଧ୍ୱ ଘର ଓ ଜମି ରହିଛି। ଦାଶରଥିଙ୍କ ୨ ପୁଅ ହେଉଛନ୍ତି ବିପିନ ଓ ବିଜିନ। ୧୯୯୮ରେ ଦାସରଥିଙ୍କ ମୃତ୍ୟୁ ଘଟିଥିଲା। ହେଲେ ୧୭।୯।୧୯୯୭ ମସିହାରେ ଦଲିଲ ନଂ. ୧୯୫୯ରେ ସମସ୍ତ ଘର ଓ ଜମି ବଡପୁଅ ବିପିନଙ୍କ ନାମରେ ହୋଇଥିଲା। ୨୦୧୮ରେ ସେ ତହସିଲ କାର୍ଯ୍ୟାଳୟରେ ଦାଖଲଖାରଜ କରି ଡିସେମ୍ବରରେ ଖତିଆନ ନଂ.୨୩୨/୭୧, ୨୩୨/୭୪ ଓ ୨୩୨/୨୨ରେ ୩ଟି ପଟ୍ଟା ୭ଏକର ଜମି ଗୋଟିଏ ଦୁଇମହଲା କୋଠାଘର ତାଙ୍କ ନାମରେ କରାଇ ନେଇଛନ୍ତି। ମା'ବାପାଙ୍କ ସମ୍ପତ୍ତି ତାଙ୍କ ନାମରେ ନ ଥିବା ଜାଣିବା ପରେ ବିଜିନ ତହସିଲ କାର୍ଯ୍ୟାଳୟକୁ ଯାଇ ତଦନ୍ତ କରିଥିଲେ। ଏ ନେଇ ସେ ରଣପୁର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଦଲିଲର ସାର୍ଟିଫାଏଡ୍ କପି ମାଗିଥିଲେ। ସେଥିରେ ୧୯୯୭ରେ ୧୨୧୧ ପର୍ଯ୍ୟନ୍ତ କ୍ରମିକ ଦଲିଲ ନମ୍ବର ଯାଇଥିବାବେଳେ ୧୯୫୯ନଂ. ଦଲିଲ ନ ଥିବା ଦେଖି ଅଭିଯୋଗ କରିଥିଲେ।

- ବିଜ୍ଞାନମେଳାରେ ୪୪ ପ୍ରକଳ୍ପ ପ୍ରଦର୍ଶିତ

# 'ଜନ୍ମରୁ ଜୁଇ ପର୍ଯ୍ୟନ୍ତ ରହିଛି ବିଜ୍ଞାନର ଆବଶ୍ୟକତା'



ବିଜ୍ଞାନମେଳାରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

**ଓଡ଼ଗାଁ,୨୪।୧(ସ୍ୱ.ପ୍ର.)**

ଓଡ଼ଗାଁ ବ୍ଲକସ୍ଥ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରରେ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ଅବସରରେ ବୁଧବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଆଧୁନିକ ଯୁଗରେ ଜନ୍ମରୁ ଜୁଇ ପର୍ଯ୍ୟନ୍ତ ବିଜ୍ଞାନର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ନୂତନ ବୈଜ୍ଞାନିକଙ୍କୁ ସୃଷ୍ଟି କରିବାରେ ଏହି ପ୍ରଦର୍ଶନୀ ସହାୟକ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବିଦ୍ୟାମନ୍ଦିରର ଅଧକ୍ଷ ବୀରେନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ସାମରିକ ଅଧିକାରୀ ତଥା ଖବରଦାତା ଆଦର୍ଶ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପନ୍ତିଖାରୀ ସରପଞ୍ଚ ଚକନ ବେହେରା ଓ ବିଜ୍ଞାନ ଶିକ୍ଷକ ସତ୍ୟ ନାରାୟଣ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅପରାହ୍ଣରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ହିସାବ ରକ୍ଷକ ଦାମୋଦର ଦାଶ ଏବଂ ଶିକ୍ଷକ ଏନ୍ ରାଧାସ୍ୱାମୀ ଅତିଥି ରୂପେ ଯୋଗଦେଇଥିଲେ। ସ୍ଥିତପ୍ରଜ୍ଞା ଷଡଙ୍ଗୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ମାଧମରେ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଦ୍ୟାମନ୍ଦିରର ୩ୟରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ୪୪ଟି ପ୍ରକଳ୍ପ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଦେବୀପ୍ରିୟା ପାଣିଗ୍ରାହୀଙ୍କ ସବୁଜ ଚାରାକେନ୍ଦ୍ର, ବିଭୁ କୁମାର ମହାନ୍ତିଙ୍କ ଅଳ୍ପବ୍ୟୟରେ ଜଳରୁ ବିଦ୍ୟୁତ୍ ଉତ୍ପାଦନ, ଓଁକାର ବେହେରାଙ୍କ ଅଳ୍ପ ଇନ୍ଧନରେ ଜଳଇ ବତି ପ୍ରକଳ୍ପଗୁଡିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲା। ଦିବ୍ୟେଶ ପାଣିଗ୍ରାହୀ, ସଞ୍ଜୟ ସାହୁ, ଅର୍ପିତା ପ୍ରିୟଦର୍ଶିନୀ, ବିଶ୍ୱଜିତ ନାୟକଙ୍କ ପ୍ରକଳ୍ପଗୁଡିକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ପ୍ରକଳ୍ପ ପ୍ରଦର୍ଶିତ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିର ତରଫରୁ ଅଂଶଗ୍ରହଣକାରୀଙ୍କୁ ଟ୍ରଫି, ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାମନ୍ଦିର ସମ୍ପାଦକ ଅଶୋକ କୁମାର ମହାପାତ୍ର ଓ ଗୁରୁମା, ଗୁରୁମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ଜୁନିୟର କୁସ୍ତି ପ୍ରତିଯୋଗିତା

**ପୁରୀ ଅଫିସ,୨୪।୧**

ପୁରୀ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଜିଲାସ୍ତରୀୟ ଜୁନିୟର ବାଳିକା ଓ ବାଳକ କୁସ୍ତି ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପଞ୍ଚମୁଖୀ ଜାଗା, ବାଟବାଟୀ ଜାଗା, ସି ବିଚ୍ କ୍ଲବ, ହନୁମାନ ଆଖଡ଼ା, ରାହାସ ମହାନ୍ତି ଜାଗା ପ୍ରଭୃତି ଆଖଡାର କୁସ୍ତିବିତ୍ ଯୋଗଦାନ କରିଥିଲେ। କ୍ରୀଡା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲା କ୍ରୀଡ଼ାଧିକାରୀ ନାରାୟଣ ବେହେରା, କୁସ୍ତିବିତ୍ ରାମଚନ୍ଦ୍ର ପାଢୀ, ଭଗବାନ ସୁପକାର ପ୍ରମୁଖ ଅତିଥି ଓ ବିଚାରକ ଭାବେ ଯୋଗଦାନ କରିଥିଲେ। ଏଥିରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ୨୭ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ା ସଂସଦ ସମ୍ପାଦକ ପ୍ରତିହାରୀ କହିଛନ୍ତି। ବାଳକ ବିଭାଗରେ ୫୭କେଜି ବର୍ଗରେ ସଦାଶିବ ବାରିକ, ୬୧କେଜିରେ କୃଷ୍ଣଚନ୍ଦ୍ର ଖୁଣ୍ଟିଆ, ୬୫ କେଜିରେ ଲୋକନାଥ ପାଢୀ, ୭୦କେଜିରେ ବିକ୍ରମ ରାଓ, ୭୪ କେଜିରେ ଶିବଶଙ୍କର ପୂଜାପଣ୍ଡା ଓ ୭୯କେଜିବର୍ଗରେ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ବାଳିକା ବର୍ଗରେ ୪୯କେଜିରେ ଅର୍ଚ୍ଚନା ପଟ୍ଟନାୟକ, ୫୩କେଜିରେ ଶିବାନୀ ଜେନା, ୫୫କେଜିରେ ପୂଜା ମହାରଣା, ୫୭କେଜିରେ ମଧୁସ୍ମିତା ନନ୍ଦ ଓ ୬୨କେଜିରେ ଶିଲ୍ପା ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି।

- ସରିଲା ସରକାରୀ କାର୍ଯ୍ୟକ୍ରମ

# ଖେଳପଡ଼ିଆରେ ପଡ଼ିରହିଛି କୁଢ଼କୁଢ଼ ଆବର୍ଜନା

**ଭାପୁର,୨୪।୧(ଡି.ଏନ୍.ଏ.)**

**ତୁରନ୍ତ ସଫା କରିବାକୁ ସାଧାରଣରେ ଦାବି**

ରାଜ୍ୟ ସରକାରଙ୍କ ପ୍ରାୟୋଜିତ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ସରିବା ପରେ ବିଦ୍ୟାଳୟ ଖେଳପଡିଆରେ ଏବେ କୁଢ଼କୁଢ଼ ଆବର୍ଜନା ଓ ପଲିଥିନ ପଡ଼ିରହିଛି। ତେବେ ଏହାକୁ ସଫା ନ କରିବା ଯୋଗୁ ଦୂଷିତ ପରିବେଶ ମଧରେ ଛାତ୍ରୀଛାତ୍ରମାନେ ଏଠାରେ ଖେଳିବା ତ ଦୂରର କଥା ଏହି ଅଞ୍ଚଳକୁ ଯାତାୟାତ କରୁନାହାନ୍ତି। ସ୍ୱଚ୍ଛତାକୁ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଇ ପ୍ରତିଦିନ ଖବରକାଗଜ ଓ ବିଭିନ୍ନ ଗଣମାଧମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେଉଛନ୍ତି। ମାତ୍ର ପ୍ରଶାସନ କିଭଳି ଏଥିରୁ ବ୍ୟତିକ୍ରମ ହୋଇଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ସୂଚନାଯୋଗ୍ୟ, ଜାନୁୟାରୀ ୧୯ରେ ରାଜ୍ୟ ସରକାରଙ୍କ ତରଫରୁ ଭାପୁର ବ୍ଲକ ବଜାର ନିକଟସ୍ଥ ବାଲୁଙ୍କେଶ୍ୱରଦେବ ବିଦ୍ୟାପୀଠ ଖେଳପଡିଆରେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସ ମାଧମରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜ୍ୟ ସରକାରଙ୍କ ତରଫରୁ ଏଥିପାଇଁ ୧୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ସରକାରୀ ଅର୍ଥରେ ଶାସକ ଦଳର ପ୍ରଚାର ପାଇଁ ଜିଲା ଓ ବ୍ଲକ ପ୍ରଶାସନ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଏହି ମେଗା କାର୍ଯ୍ୟକ୍ରମରେ ବ୍ଲକର ୨୦ ପଞ୍ଚାୟତରୁ ୧୦ ହଜାର ଜନସାଧାରଣ ଆସିଥିଲେ। ସେମାନଙ୍କ ପାଇଁ ଖାଦ୍ୟ, ପାନୀୟ ବ୍ୟବସ୍ଥା ମଧ ହୋଇଥିଲା। କାର୍ଯ୍ୟକ୍ରମ ପାଇଁ ୧୫ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଥିଲେ ମଧ ଖେଳପଡିଆକୁ ସଫା କରିବାରେ ଅର୍ଥ ବ୍ୟୟ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଖେଳପଡ଼ିଆର ଚାରିଆଡ଼େ କୁଢ଼କୁଢ଼ ପଲିଥିନ, ଖଲିପତ୍ର ଓ ଆବର୍ଜନା ପଡିରହିଛି। ଏହାକୁ ସଫା କରିବା କ୍ଷେତ୍ରରେ ଆୟୋଜକମାନେ ସାମାନ୍ୟ ନୈତିକତା ଦେଖାଇ ନ ଥିବା ସ୍ଥାନୀୟ ଜନସାଧାରଣ କହିଛନ୍ତି। ତୁରନ୍ତ ଏହା ସଫା କରିବାକୁ ଜିଲାପାଳ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହେଉଛି।



ଖେଳପଡ଼ିଆରେ ପଲିଥିନ୍ ଓ ଆବର୍ଜନା।

# ମାଓବାଦୀଙ୍କୁ ମୁଖ୍ୟସ୍ରୋତରେ ସାମିଲ ପାଇ ଆହ୍ୱାନ

- ଢେଙ୍କାନାଳରୁ ମାଲକାନଗିରି ପର୍ଯ୍ୟନ୍ତ ପଦଯାତ୍ରା

**ଦଶପଲ୍ଲା,୨୪।୧(ଡି.ଏନ.ଏ)**

ମାଓବାଦୀ ଭଉଣୀ ଭାଇମାନେ ହିଂସା ଛାଡି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବା ପାଇଁ ଅହିଂସା ଭାରତୀୟ ସଂଗଠନ ପକ୍ଷରୁ ନିବେଦନ କରାଯାଇଛି। ଏଥିନେଇ ପଦଯାତ୍ରାରେ ବାହାରିଛନ୍ତି ସଂଗଠନର ଆବାହକ ଗଗନ ବିହାରୀ ନାୟକ। ଢେଙ୍କାନାଳର ରଗଡିପଡାରୁ ଗତ ୮ ତାରିଖରୁ ବାହାରିଥିବା ଗଗନ ଭୁବନେଶ୍ୱରର ବିଧାନସଭା ରାସ୍ତା ଦେଇ ଚାଲିଚାଲି ଗୁରୁବାର ଦଶପଲ୍ଲାରେ ପହଞ୍ଚିଥିଲେ। ଏଥିସହିତ ଅଙ୍ଗଦାନ ଭଳି ଏକ ମହତ୍ତ୍ୱକାର୍ଯ୍ୟ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଗଗନ ଜଣେ ପୂର୍ବତନ ସରପଞ୍ଚ ହୋଇଥିବା ବେଳେ ସେ ଏଭଳି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେଇ ଆଗେଇ ଆସିଥିବାରୁ ଦଶପଲ୍ଲାବାସୀ ତାଙ୍କୁ ପ୍ରଶଂସା କରିଛନ୍ତି।




ସଚେତନତା ପଦଯାତ୍ରାରେ ବାହାରିଥିବା ଗଗନ।

# ପାଞ୍ଚଗଡ଼ ମହୋତ୍ସବ ଉଦ୍‌ଯାପିତ

**ବୋଲଗଡ଼,୨୪।୧(ଡି.ଏନ.ଏ.)**




କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

- ମନ ଜିଣିଲା କେନ୍ଦରା, ମର୍ଦ୍ଦଳ, ଗୀତ ଗୋବିନ୍ଦ ଓ ଘୋଡାନାଚ
- ମ୍ୟାଜିକ୍‌ରେ ଚମତ୍କୃତ ଦର୍ଶକ
- ୫୦ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ରେ ଜନ ସମାଗମ

ଶାନ୍ତି, ପ୍ରେମ ଓ ଭ୍ରାତୃତ୍ୱ ଭାବର ମହକ ବାଣ୍ଟି ଗୁରୁବାର ଉଦ୍‌ଯାପିତ ହୋଇଯାଇଛି ଅଷ୍ଟମ ବାର୍ଷିକ ପାଞ୍ଚଗଡ଼ ମହୋତ୍ସବ-୨୦୧୯। ବୋଲଗଡ଼ ବ୍ଲକ ବଡକୁମାରୀସ୍ଥିତ ପାଞ୍ଚଗଡ ମହୋତ୍ସବର ଶେଷ ସାଂସ୍କୃତିକ ସନ୍ଧ୍ୟାକୁ ଦର୍ଶକମାନେ ବେଶ୍ ଉପଭୋଗ କରିଥିଲେ। ରାମଚନ୍ଦ୍ରପୁରରୁ ଆସିଥିବା କଳାକାରଙ୍କ ନୃତ୍ୟ ପରିବେଷଣ ଅନେକ ସମୟ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ରତ୍ନାକର ନାୟକଙ୍କ କେନ୍ଦରା ବାଦ୍ୟ, କୋଡ଼ପଡା ଗ୍ରାମର ବାନାମ୍ବର ରାଉତରାୟ ଓ ସାଥୀଙ୍କ ଦ୍ୱାରା ଓଡିଶୀ ସଂକୀର୍ତ୍ତନ ଏବଂ ଖଉରୁଣୀ ଗ୍ରାମର ଦାଶରଥି ପାଇକରାୟ ଓ ସାଥୀଙ୍କ ଖଞ୍ଜଣି ଭଜନ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଗଜପତିର କଳାକାରଙ୍କ ଦ୍ୱାରା ମର୍ଦ୍ଦଳ ବାଜା ମଞ୍ଚକୁ ଦୁଲୁକାଇ ଦେଇଥିଲା। ଖଲିକୋଟର ଗୀତଗୋବିନ୍ଦ, ରାମଚନ୍ଦ୍ର ଦାସ ଓ ସାଥୀଙ୍କ ଦ୍ୱାରା ପରିବେଷିତ ଘୋଡ଼ାନାଚ ଦର୍ଶକଙ୍କ ମନ ଜିଣିଥିଲା। ରାଜସୁନାଖଳର ଯାଦୁଗର ବିଜୟଙ୍କ ମ୍ୟାଜିକ୍ ଶୋ ବେଶ୍ ଚମତ୍କୃତ ହୋଇଥିଲା। ଏଠାରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ରେ ପ୍ରବଳ ଜନ ସମାଗମ ଦେଖାଦେଇଥିଲା। ଦୂରଦର୍ଶନ କଳାକାରଙ୍କ ଅଭିନୟ ମଧ ବେଶ୍ ଆକର୍ଷଣୀୟ ଥିଲା। ମହୋତ୍ସବ କମିଟି ଅଧକ୍ଷ ଡ. ପ୍ରକାଶ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ସଚିବ ଦେବରାଜ ସେନାପତି ସ୍ୱତନ୍ତ୍ର ଅତିଥି ଓ ପୂର୍ବତନ ବ୍ଲକ ଅଧକ୍ଷ ରଘୁନାଥ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମୀରା ପରିଡ଼ା, ପଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା କାଳୀଚରଣ ଜୟସିଂହ, ଖବରଦାତା ମନୋରଞ୍ଜନ ମିଶ୍ର ଓ ଶିକ୍ଷକ ପଦ୍ମନାଭ କଟାଇ ପ୍ରମୁଖ ମଞ୍ଚାସୀନ ଥିଲେ। କୃତୀ କଳାକାରମାନଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ସୁନନ୍ଦ ପ୍ରଧାନ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସଭାପତି ବସନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୀମାଞ୍ଚଳ ପଣ୍ଡା ଓ ଚନ୍ଦ୍ରକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୫ ଜାନୁୟାରୀ, ୨୦୧୯



ଅନ୍ୟକୁ ଦୁଃଖ ନ ଦେଲେ ଯେଉଁ ସୁଖ ହାସଲ କରାଯାଇପାରେ
ନାହିଁ ସେଭଳି ସୁଖ ମୋର ଆଦୌ ଲୋଡ଼ାନାହିଁ।
- ବୁଦ୍ଧଦେବ



## ସଂକ୍ଷେପରେ

### ଘନ କୁହୁଡ଼ି: ଜନଜୀବନ ଅସ୍ତବ୍ୟସ୍ତ



**ରଣପୁର,୨୪।୧ (ସ୍ୱ.ପ୍ର.):** କିଛିଦିନ ହେଲା ରାଜ୍ୟର ଉପକୂଳ ଜିଲାରେ ଘନ କୁହୁଡି ଦେଖାଦେଉଛି। ନୟାଗଡ ଜିଲାର ରଣପୁର ଅଞ୍ଚଳ ଏଥିରୁ ବାଦ୍ ପଡିନି। ଗୁରୁବାର ଭୋର ସମୟରେ ଏଠାରେ ଘନ କୁହୁଡି ଯୋଗୁ ଜୀବନ ଯାତ୍ରା ବ୍ୟାହତ ହୋଇଥିଲା। ଏପରି ହୋଇଥିଲା ୧୦ ମିଟର ଦୂରକୁ କିଛି ଦେଖାଯାଉ ନ ଥିଲା। ସକାଳ ୧୦ଟା ପର୍ଯ୍ୟନ୍ତ ଏପରି ଅବସ୍ଥା ଲାଗିରହିଥିଲା। କୌଣସି ଦୁର୍ଘଟଣା ଘଟି ନ ଥିଲେ ମଧ୍ୟ ଯାତ୍ରୀବାହୀ ଯାନଗୁଡିକ ବିଳମ୍ବିତ ହୋଇଥିଲା। ଜରୁରୀ କାମରେ ଯାଉଥିବା ବାଇକ୍ ଚାଳକମାନେ ଲାଇଟ୍ ଲଗାଇ ଯାତାୟାତ କରିଥିଲେ। ଏଥିଯୋଗୁ କାଜୁ ଓ ଆମ୍ବ ବଉଳ କ୍ଷତିଗ୍ରସ୍ତ ହେବା ଆଶଙ୍କା କରି ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି।

### ୭ନଂ. ଜୋନରେ କଂଗ୍ରେସ କର୍ମୀ ସମ୍ମିଳନୀ



**ଖଣ୍ଡପଡ଼ା,୨୪।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଶାଳଝରିଆ ଗ୍ରାମସ୍ଥ ଆମ୍ବତୋଟା ପରିସରରେ ୭ନଂ. ଜୋନସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତ୍ରୀ ବିନୋଦିନୀ ମହାନ୍ତିଙ୍କ ଆବାହକତ୍ୱରେ ଆୟୋଜିତ ସମ୍ମିଳନୀରେ ଦଳର ବହୁ ନେତା, ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ଓ ସଂଗଠକ ଯୋଗଦେଇଥିଲେ। ଏହି ଜୋନରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ନିମନ୍ତେ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଥିଲା। ଖଣ୍ଡପଡା ବ୍ଲକ ସଭାପତି ବୈକୁଣ୍ଠନାଥ ପ୍ରଧାନ ପୌରୋହିତ୍ୟ କରିଥିଲେ। ଜୋନ ସଭାପତି ପୂର୍ଣ୍ଣାନନ୍ଦ ସ୍ୱାଇଁ, ଖଣ୍ଡପଡା ନିର୍ବାଚନମଣ୍ଡଳୀ ପ୍ରଭାରୀ ତଥା ନୟାଗଡ଼ ଜିଲା କାର୍ଯ୍ୟକାରୀ ସଭାପତି ମନୋଜ କୁମାର ସାହୁ, ଜିଲା ଉପସଭାପତି ଦେବାଶିଷ ପରମଗୁରୁ, ୧୮ନଂ. ଜୋନ ସଭାପତି ବାଙ୍କବିହାରୀ ଧଳ ପ୍ରମୁଖ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ସରକାରୀ ଦପ୍ତର ଗୁଡିକରେ ଦୁର୍ନୀତି କାୟା ବିସ୍ତାର କରୁଥିବାରୁ ଆଗାମୀ ଦିନରେ ଦଳ ପକ୍ଷରୁ ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସମ୍ମିଳନୀରେ ବନମାଳୀପୁର, ଶାଳଝରିଆ, ଶିଖରପୁର, ଯୋଗିଆପଲ୍ଲୀ, ରାଣୀପଡା, ଗୁଣ୍ଠୁଣୀ, ଜଗନ୍ନାଥପ୍ରସାଦ, ରାଣୀଛେଲି ପ୍ରଭୃତି ପଞ୍ଚାୟତରୁ ଶତାଧିକ କର୍ମୀ ଓ ସଂଗଠକ ଯୋଗଦେଇଥିଲେ।

### ଖଣ୍ଡପଡ଼ାରେ କାର୍ଯ୍ୟକ୍ଷମ ହେଲା ଆହାର କେନ୍ଦ୍ର



**ଖଣ୍ଡପଡ଼ା,୨୪।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରରେ ଗୁରୁବାରଠାରୁ ନୂତନ ଆହାର କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ପ୍ରଥମ ଦିବସରେ ୫୦ ଜଣ ବ୍ୟକ୍ତିଙ୍କୁ ଭାତ, ଡାଲମା ଓ ଖଟା ମାଗଣାରେ ପ୍ରଦାନ କରାଯାଇଛି। ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସରୁ କେନ୍ଦ୍ରଟି ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେବ ଓ ସେହିଦିନଠାରୁ ୩ଶହ ବ୍ୟକ୍ତିଙ୍କ ନିମନ୍ତେ ଭୋଜନ ବ୍ୟବସ୍ଥା କରାଯିବା ସମ୍ପର୍କରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ନୟାଗଡ ରୋଟାରି କ୍ଲବର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଖଣ୍ଡପଡା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ସହଯୋଗରେ ଆହାର କେନ୍ଦ୍ର କାର୍ଯ୍ୟାରମ୍ଭ କରିଛି। ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହା ଖୋଲା ରହିବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି। ଏହି କେନ୍ଦ୍ର ଉଦ୍‌ଘାଟନ ସମୟରେ ରୋଟାରିଆନ ଆରିଫ୍ ଖାନ୍‌ଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

### ୧୯୬୭ ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

**ଖଣ୍ଡପଡ଼ା,୨୪।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ୧୯୬୭ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଗୁରୁବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦ରୁ ଉର୍ଦ୍ଧ୍ୱ ସହପାଠୀ ଯୋଗଦେଇଥିଲେ। ଅତୀତ ଦିନର ଅଭୁଲା ସ୍ମୃତିକୁ ମନେପକାଇଥିଲେ।

# ‘ଅସୁବିଧା ହେଲେ ଅଭିଯୋଗ କର’

**ନୟାଗଡ଼ ଅଫିସ,୨୪।୧**



ଅତିଥିଙ୍କ ଗହଣରେ ରାଜ୍ୟପାଳ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ନୟାଗଡ଼ ଗସ୍ତରେ ରାଜ୍ୟପାଳ

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଗୁରୁବାର ନୟାଗଡ଼ ଜିଲା ଗସ୍ତରେ ଆସି ସାଧାରଣ ଲୋକଙ୍କ ସହିତ ମିଶି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଲୋକମାନଙ୍କ କୌଣସି ଅସୁବିଧା ଥିଲେ ଅଭିଯୋଗ ପତ୍ର ମାଧ୍ୟମରେ ଜଣାଇବାକୁ ସେ ପରାମର୍ଶ ଦେଇଥିଲେ।

ନୟାଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ ବାଲୁଗାଁ ପଞ୍ଚାୟତର କଲ୍ୟାଣ ମଣ୍ଡପଠାରେ ଗୁରୁବାର ଆୟୋଜିତ ଏକ ସଭାରେ ରାଜ୍ୟପାଳ ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାର ହିତାଧିକାରୀମାନଙ୍କ ସହ ସେ ଆଲୋଚନା କରିଥିଲେ। ମହିଳାମାନଙ୍କ ସହିତ କଥାହେବା ବେଳେ ସେ ନିଜକୁ ଓଡ଼ିଶା ରାଜ୍ୟର ପ୍ରଥମ ସେବକ ବୋଲି କହିଥିଲେ। ଏଥିସହ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ପ୍ରଶଂସା କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁ ଜନହିତକର ଯୋଜନା ବିଷୟରେ ସୂଚନା ଦେଇଥିଲେ। ପ୍ରତି ନାଗରିକଙ୍କୁ ମୌଳିକ ସୁବିଧା ଓ ସମସ୍ତଙ୍କୁ ନ୍ୟାୟ ସୁବିଧାରେ ମିଳିବା ଆବଶ୍ୟକ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। କୌଣସି ଅସୁବିଧା ହେଲେ ପତ୍ର ମାଧ୍ୟମରେ ହେଉ ଅଥବା ସିଧା ସଳଖ ଅଭିଯୋଗ କରିବାକୁ କହିଥିଲେ। ଜିଲାର ଏସ୍‌ଏଚ୍‌ଜି ସଦସ୍ୟାମାନେ ବିଦ୍ୟୁତ ବିଲ୍ ଆଦାୟ କରି ଲାଭବାନ ହେଉଥିବା ଜାଣି ଖୁସି ପ୍ରକାଶ କରିଥିଲେ। ଏହି ଅବସରରେ ଏସ୍‌ଏଚଜି ସଦସ୍ୟାମାନେ ବ୍ୟାଙ୍କରୁ ଋଣ ଆଣି ବ୍ୟବସାୟ କରୁଥିବା ରାଜ୍ୟପାଳଙ୍କୁ ଜଣାଇଥିଲେ। ଏହାପରେ ରାଜ୍ୟପାଳ ଡିଆରଡ଼ିଏ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ କରିଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଡ. ଏନ. ତିରୁମାଲା ନାୟକ, ଏସ୍‌ପି ଶଶିଭୂଷଣ ଶତପଥୀ, ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ଚରଣ ପାତ୍ର ଏବଂ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ପଟ୍ଟନାୟକ ଉପସ୍ଥିତ ଥିଲେ।

■ ନାବାଳିକା ଛାତ୍ରୀଙ୍କୁ ଅପହରଣ ମାମଲା

# ଜେଲ ଗଲେ କଲେଜ ଛାତ୍ର

**ଓଡ଼ଗାଁ,୨୪।୧(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡଗାଁ ଆଦର୍ଶ ଥାନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀ(୧୭)ଙ୍କୁ ଅପହରଣ ମାମଲାରେ ଜଣେ କଲେଜ ଛାତ୍ରଙ୍କୁ ଜେଲ ଯିବାକୁ ପଡିଛି । ଛାତ୍ର ଜଣକ ହେଲେ ଓଡ଼ଗାଁ ସଦର ଉପକଣ୍ଠ ବାହାଡାପିଠା ଗ୍ରାମର ରାହୁଲ ନାହାକ(୨୦)। ସେ ଯୁକ୍ତ ୩ ଶେଷ ବର୍ଷର ଛାତ୍ର।

ପ୍ରକାଶ ଯେ, ସୋମବାର ଯୁକ୍ତ ୩ ପ୍ରଥମ ବର୍ଷରେ ପଢୁଥିବା ଜଣେ ଛାତ୍ରୀଙ୍କୁ ରାହୁଲ ଅପହରଣ କରି ନେଇଯାଇଥିଲେ। ଏନେଇ ନାବାଳିକାଙ୍କ ଅଭିଭାବକ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୯/୧୯ରେ ଏକ ମାମଲା ରୁଜୁ କରିଥିଲା। ପୋଲିସ ଅପହୃତା ନାବାଳିକାଙ୍କୁ ବୁଧବାର ସକାଳେ ଉଦ୍ଧାର କରିଥିଲା। ତାଙ୍କୁ ନୟାଗଡ ଜିଲା ସ୍ୱତନ୍ତ୍ର ଅଦାଲତରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଇ ୧୬୪ ଧାରା ଅନୁସାରେ ବୟାନ ରେକର୍ଡ କରିଥିଲା। ପରେ ପୋଲିସ ଯୁବକଙ୍କୁ ବୁଧବାର ସନ୍ଧ୍ୟାରେ ନିକଟସ୍ଥ ବଜାରରୁ ଗିରଫ କରି ଡାକ୍ତରୀ ପରୀକ୍ଷା କରାଇଥିଲା। ଯୁବକଙ୍କୁ ଗୁରୁବାର ନୟାଗଡସ୍ଥିତ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଥିଲା । ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି । ମହିଳା ପୋଲିସ ଅଧିକାରୀ ସ୍ନେହଲତା ପ୍ରଧାନ ମାମଲାର ତଦନ୍ତ ଦାୟିତ୍ୱ ନେଇଛନ୍ତି।

■ ଭଣ୍ଡାର ମହୋତ୍ସବ ଉଦ୍‌ଯାପିତ

# ଉତ୍କଳୀୟ କଳା ସଂସ୍କୃତି ଭାରତରେ ସ୍ୱତନ୍ତ୍ର

**ନୟାଗଡ଼ ଅଫିସ,୨୪।୧**

ନୟାଗଡ଼ ଜିଲା ଶରଣକୁଳ ମହୋତ୍ସବ ପଡ଼ିଆରେ ୪ ଦିନ ଧରି ଚାଲିଥିବା ଶରଣକୁଳ ଭଣ୍ଡାର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗ ଦେଇ ଉତ୍କଳୀୟ କଳା ସଂସ୍କୃତି ଭାରତରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ପ୍ରକାଶ କରିଥିଲେ। ସ୍ଥାନୀୟ କଳାକାରଙ୍କ କଳା ପଦର୍ଶନକୁ ରାଜ୍ୟପାଳ ପ୍ରଂଶସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମବାୟ ମନ୍ତ୍ରୀ ସୁରମା ପାଢ଼ୀ, ଜିଲାପାଳ ଡା. ଏନ୍ ତିରୁମାଲା ନାୟକ, ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଭାଜପା ନେତ୍ରୀ ମହାଶ୍ୱେତା ରାୟ, ଜିଲା ପରିଷଦ ସଦସ୍ୟ ସନ୍ୟାସୀ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଏଭଳି ମହୋତ୍ସବ ହେବାଦ୍ୱାରା କଳାକାରମାନେ ଉପକୃତ ହେଉଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ସଭାପତି ଭାଗବତ ସେଠୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ମିନାକ୍ଷୀ ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ। ଚାରି ଦିନ ଧରି ନୃତ୍ୟ ପରିବେଷଣ କରିଥିବା ସ୍ଥାନୀୟ କଳାକାରଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କଳାକାରମାନେ ଉଦ୍‌ଯାପନୀ ସନ୍ଧ୍ୟାରେ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଭୁବନେଶ୍ୱର ଗୀତ ମିଳନ୍ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

# ରଣପୁରରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ରଣପୁର,୨୪।୧ (ସ୍ୱ.ପ୍ର.)**

ରଣପୁର ଏନ୍‌ଏସି ପଞ୍ଚୁଦୋଳ ପଡିଆରେ ଗୁରୁବାର ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ରଣପୁରର ପୂର୍ବତନ ବିଧାୟିକା ସୁରମା ପାଢୀ ମୁଖ୍ୟଅତିଥି ଓ କୃଷକ ମୋର୍ଚ୍ଚା ସଭାପତି ରଞ୍ଜନ ମଙ୍ଗରାଜ, ଆଇ.ଓ.ସି.ଏଲ୍. ସିନିୟର ମ୍ୟାନେଜର ଅଂଶୁମାନ ରଥ, ଜିଲା ନୋଡାଲ ଅଫିସର ତୃପ୍ତିରଞ୍ଜନ ସାହୁ, ଜିଲା ଅତିରିକ୍ତ ନୋଡାଲ ଅଫିସର ରାଜେଶ ମହାନ୍ତି, ଇଣ୍ଡେନ୍ ଗ୍ୟାସ ବିତରକ ପ୍ରଦୀପ ସୁବୁଦ୍ଧି, ହିନ୍ଦୁସ୍ଥାନ ପେଟ୍ରୋଲିୟମର ଗ୍ୟାସ ବିତରକ ବିଶ୍ୱଭୂଷଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାୟ ୩ହଜାରରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ। ଆଇ.ଓ.ସି.ଏଲ୍. ସିନିୟର ମ୍ୟାନେଜର ରଥ କହିଥିଲେ, ଜିଲାରେ ୨ଲକ୍ଷ ୫୦ହଜାର ପରିବାର ରହୁଥିଲା ବେଳେ ୨୯ହଜାର ପରିବାରଙ୍କ ପାଖରେ ଗ୍ୟାସ ଚୁଲା ରହିଥିଲା। ଏବେ ୧ଲକ୍ଷ ୯୨ହଜାର ପରିବାରଙ୍କ ଗ୍ୟାସ ସଂଯୋଗ ରହିଛି । ସେହିପରି ରଣପୁର ବ୍ଲକ ଓ ଏନ୍‌ଏସିରେ ୩୫ହଜାର ପରିବାର ରହୁଥିଲା ବେଳେ ୨୩ଶହ ପରିବାରଙ୍କ ପାଖରେ ଗ୍ୟାସ ସଂଯୋଗ ରହିଥିଲା । ଏବେ ୩୪ହଜାର ୫ଶହ ପରିବାରଙ୍କ ପାଖରେ ଗ୍ୟାସ ସଂଯୋଗ ରହିଛି। ଖୁବ୍ ଅଳ୍ପ ଦିନ ମଧ୍ୟରେ ବାକି ୨୫୦୦ ପରିବାରଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ମହିଳା ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ପରଦାରେ ସିଧାପ୍ରସାରଣ ମାଧ୍ୟମରେ ମହିଳାମାନଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହିଥିଲେ।



ଉତ୍ସବରେ ଯୋଗଦେଇଥିବା ମହିଳାମାନେ।

## ଭାଜପାର ଜନସମ୍ପର୍କ ପଦଯାତ୍ରା

**ଟାଙ୍ଗୀ(ଖୋର୍ଦ୍ଧା),୨୪।୧(ଡି.ଏନ.ଏ.)**

ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଭାଜପା ତରଫରୁ ଟାଙ୍ଗୀ ବ୍ଲକସ୍ଥ କନ୍ତଳବାଇ, ବାଲିପାଟପୁର ଓ ଭୂଷଣ୍ଡପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜନସମ୍ପର୍କ ପଦଯାତ୍ରା ଗୁରୁବାର ଆୟୋଜିତ ହୋଇଛି। ରାଜ୍ୟ ସରକାରଙ୍କର ଦୁର୍ନୀତି, ପିସି କାରବାର ଓ ମହିଳାଙ୍କ ଉପରେ ନିର୍ଯାତନା ବିରୋଧରେ ଏହି ପଦଯାତ୍ରା ହୋଇଥିଲା। ଭାଜପା ପ୍ରଭାରୀ ଉର୍ମିଳା ମହାପାତ୍ର, ପୂର୍ବତନ ପ୍ରଶାସିକା ଅପରାଜିତା ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ଜିତୁ ମିତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ରଶ୍ମିରଞ୍ଜନ ମହାପାତ୍ର, ମଙ୍ଗୁଳି ଜେନା ଓ ଦୁର୍ଯ୍ୟୋଧନ ରାଉତରାୟ ପ୍ରମୁଖ ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ ।

## ମାତୃଶିଶୁ ସ୍ୱାସ୍ଥ୍ୟ ଚିକିତ୍ସାଳୟ ଉଦ୍‌ଘାଟିତ

**ଟାଙ୍ଗୀ(ଖୋର୍ଦ୍ଧା),୨୪।୧(ଡି.ଏନ.ଏ.)**

ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନୁଦାନରେ ନିର୍ମିତ ମାତୃଶିଶୁ ସ୍ୱାସ୍ଥ୍ୟ ଚିକିତ୍ସାଳୟକୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟନ କରିଛନ୍ତି । ୭ କୋଟି ୭୫ ଲକ୍ଷ ୩ ହଜାର ଟଙ୍କା ବ୍ୟୟ ଅଟକଳରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ୩ ବର୍ଷରୁ ଅଧିକ ସମୟ ଲାଗିଥିଲା । ତେବେ ଏଥିପାଇଁ କୌଣସି ଡାକ୍ତର କିମ୍ବା କର୍ମଚାରୀ ନିଯୁକ୍ତି ହୋଇ ନ ଥିବା ଜଣାପଡିଛି । ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ ଓ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ବିହନ ବିଶୋଧନ ସଚେତନତା କାର୍ଯ୍ୟକ୍ରମ

**ଖଣ୍ଡପଡ଼ା,୨୪।୧(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଓ ଖଣ୍ଡପଡା ବ୍ଲକ କୃଷି କାର୍ଯ୍ୟାଳୟ ସହଯୋଗରେ ଗୁରୁବାର ରୟତଡୋଲମରା ପଞ୍ଚାୟତର କୁଟୁକୁଣୀଠାରେ ବିହନ ବିଶୋଧନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ ଜିଲା କୃଷି ଅଧିକାରୀ ବାସୁଦେବ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିହନ ଜନିତ ଡାଲି ଜାତୀୟ ଫସଲରେ ଦେଖାଦେଉଥିବା ରୋଗ ଦମନ କରି ଚାଷୀମାନେ କିପରି ଉପକୃତ ହେବେ ଓ ଅଧିକ ଡାଲିଜାତୀୟ ଫସଲ ଅମଳ କରି ଲାଭବାନ ହୋଇପାରିବେ ସେ ସମ୍ପର୍କରେ କୃଷିବିଭାଗ ଅଧିକାରୀମାନେ ସୂଚନା ଦେଇଥିଲେ। ବ୍ଲକ କୃଷି କର୍ମଚାରୀ ମିଳନ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। କୃଷକସାଥୀ ବିଜୟ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଅତିଥି ଭାବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବର୍ଦ୍ଧନ ଦାସ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ବିଭିନ୍ନ ଅଞ୍ଚଳର ଚାଷୀମାନେ।

■ ଟାଙ୍ଗୀ ଲୋକ ମହୋତ୍ସବ

# ଆମୋଦିତ କଲା ମାଲ୍‌ଖମ୍ବ ଓ ଟ୍ରାକ୍ ସିଙ୍ଗର

**ଟାଙ୍ଗୀ(ଖୋର୍ଦ୍ଧା),୨୪।୧(ଡି.ଏନ.ଏ.)**

ଚିଲିକା ଷ୍ଟାଡିୟମରେ ଆୟୋଜିତ ଟାଙ୍ଗୀ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଛି। ଏଥିରେ ପରିବେଷିତ ମାଲ୍‌ଖମ୍ବ ଓ ଟ୍ରାକ୍ ସିଙ୍ଗରରେ ଦର୍ଶକମାନେ ବିଶେଷ ଭାବେ ଆମୋଦିତ ହୋଇଥିଲେ। ସଭା କମିଟିର ସଭାପତି ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି, ଏମ୍‌ପି ଡ.ପ୍ରସନ୍ନ କୁମାର ପାଟ୍ଟଶାଣୀ, ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଖୋର୍ଦ୍ଧାର ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ଥାନୀୟ ଲୋକକଳା ମଧୁମଙ୍ଗଳ, ପାଇକ ଆଖଡା, ରାମଲୀଳା ତଥା ଅନ୍ୟାନ୍ୟ ପୌରାଣିକ ଗୀତିନାଟ୍ୟ ପ୍ରଦର୍ଶିତ ହୋଇଥିଲା। ଦର୍ଶକମାନେ ରାମଦୋଳିର ମଜା ଉଠାଇବା ସହ ବିଭିନ୍ନ ଷ୍ଟଲ୍‌ରୁ ଜିନିଷ କିଣିଥିଲେ।

# ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

**ଗଣିଆ,୨୪।୧ (ଡି.ଏନ.ଏ.)**

ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ପରିସରରେ ଗୁରୁବାର ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଗଣିଆ ମେଡିକାଲ ଅଫିସର ଡାକ୍ତର ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣିଆ ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମାଜରେ ଶିଶୁ କନ୍ୟାଙ୍କ ପ୍ରତି ହେଉଥିବା ହିଂସା, ଅବହେଳା, ବାଲ୍ୟବିବାହ, କନ୍ୟାଭ୍ରୂଣ ହତ୍ୟା ଓ ବେଟି ବଚାଓ ବେଟି ପଢାଓ ସମ୍ପର୍କରେ ଲୋକମାନଙ୍କୁ କିଭଳି ସଚେତନ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। କନ୍ୟା ସନ୍ତାନ ପୁଅମାନଙ୍କ ତୁଳନାରେ କୌଣସି ଗୁଣରେ କମ୍ ନୁହନ୍ତି। ବିଭିନ୍ନ କ୍ଷେତ୍ରରେ କନ୍ୟାମାନେ ପାରଦର୍ଶିତା ଲାଭ କରିଛନ୍ତି। ସେମାନଙ୍କ ପ୍ରତି ଅବିଚାର ନ କରି ଯତ୍ନ ଓ ସ୍ନେହ କରିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଇଓ କମଳା ମହାରଣା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶିଶୁରାଇଜ ସମ୍ପାଦକ ବୈକୁଣ୍ଠନାଥ ସାହୁ, ଜିୟୁସି ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରାଙ୍କ ସମେତ ଆଶା ସାଥୀ, ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଓ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

■ ଶିକ୍ଷା ଅଧିକାର ଆଇନ ବାଟବଣା

# ଶେଷ ହେବ ବର୍ଷ, ପିଲାଙ୍କୁ ମିଳିଲାନି ବହି

**ରଣପୁର,୨୪।୧ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଏବେ ବି ପିଲାଙ୍କୁ ପାଠ୍ୟପୁସ୍ତକ ମିଳିନାହିଁ। ଫଳରେ ସେମାନେ ଠିକ୍ ଭାବେ ପାଠ ପଢିପାରୁ ନାହାନ୍ତି। ଆଉ କିଛିମାସ ପରେ ବିଦ୍ୟାଳୟରେ ବାର୍ଷିକ ପରୀକ୍ଷା ହେବାକୁ ଯାଉଥିଲା ବେଳେ ପିଲାମାନେ କିଭଳି ପରୀକ୍ଷା ଦେବେ ସେ ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ଘଟଣା ରାଜସୁନାଖଳାସ୍ଥିତ ସୋମନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ରାଜ୍ୟ ସରକାର ଶିକ୍ଷା ଅଧିକାର ଆଇନ ବଳରେ ସମସ୍ତ ପିଲା ଯେପରି ଶିକ୍ଷା ଅର୍ଜନ କରିବେ ସେ ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ପିଲାଙ୍କୁ ମାଗଣା ବହି ଯୋଗାଣ କରୁଛନ୍ତି। ହେଲେ ଉକ୍ତ ବିଦ୍ୟାଳୟରେ ପିଲାଙ୍କୁ ବହି ମିଳି ନ ଥିବାରୁ ସରକାରଙ୍କ ଏହି ଯୋଜନା ବାଟବଣା ହୋଇଥିବା କୁହାଯାଉଛି।

ସୋମନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତବର୍ଷଠାରୁ ପୁସ୍ତକ ନ ମିଳିବା ସମସ୍ୟା ଲାଗି ରହିଛି ବୋଲି ଅଭିଭାବକ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଅନେକ ଛାତ୍ରୀଛାତ୍ରଙ୍କୁ ଏପର୍ଯ୍ୟନ୍ତ ଇଂରାଜୀ ବହି ମିଳିନାହିଁ। ଫଳରେ କେତେକ ଅଭିଭାବକ ଖର୍ଚ୍ଚାନ୍ତ ହୋଇ ପିଲାମାନଙ୍କ ପାଇଁ ବଜାରରୁ ଟେଷ୍ଟପେପର କିଣୁଛନ୍ତି। ହେଲେ ଅନେକ ଗରିବ ଶ୍ରେଣୀର ପିଲା ଅର୍ଥ ଅଭାବରୁ ଟେଷ୍ଟପେପର କିଣି ନ ପାରି ଇଂରାଜୀ ବହି ପଢିପାରୁ ନ ଥିବା କହିଛନ୍ତି। ନୂଆବହି ସମସ୍ତଙ୍କ ପାଇଁ ଯୋଗାଣ ହୋଇ ନ ଥିବାରୁ ପିଲାମାନେ ପୁରୁଣା ବହି ସଂଗ୍ରହ କରି କାମ ଚଳାଇବାକୁ ଉଦ୍ୟମ କରୁଛନ୍ତି। ଏ ବିଷୟରେ ରାଜସୁନାଖଳା ସିଆରସିସି ଦାଶରଥି ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ସେ ନୂଆକରି ଏହି ପଦବୀରେ ଯୋଗଦେଇଛନ୍ତି। ବ୍ଲକରୁ ବହି ମଗାଇ ପିଲାମାନଙ୍କୁ ଦେବେ ବୋଲି ପ୍ରକାଶ କରିଥିଲେ। ରଣପୁର ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ସାହୁ କହନ୍ତି, ସେ ଛୁଟିରେ ଅଛନ୍ତି, ତଥାପି ତୁରନ୍ତ ସମସ୍ୟାର ସମାଧାନ ହେବ ବୋଲି ସେ କହିଥିଲେ। ଜିଲା ଶିକ୍ଷାଧିକାରୀ ଅଭୟ କୁମାର ମଲ୍ଲିକ କହନ୍ତି, ସେ ଇଲେକ୍ସନ ଡ୍ୟୁଟିରେ ଅଛନ୍ତି, ବିଇଓଙ୍କୁ କହି ସମସ୍ୟା ସମାଧାନ ନେଇ ଚେଷ୍ଟା କରୁଛନ୍ତି ବୋଲି କହିଥିଲେ।

ତେବେ ସାଧାରଣରେ ଦେଖାଯାଉଛି ଯେ, ଘରୋଇ ସ୍କୁଲର ପିଲାମାନେ ସରକାରୀ ଦପ୍ତରରୁ ବହି ପାଇପାରୁଥିବା ବେଳେ ସରକାରୀ ସ୍କୁଲର ପିଲାମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ସ୍ପଷ୍ଟ ପ୍ରମାଣିତ ହେଉଛି। ଅର୍ଥ ଅଭାବରୁ ଗରିବ ଶ୍ରେଣୀର ଛାତ୍ରୀଛାତ୍ର ସରକାରୀ ସ୍କୁଲରେ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କୁ ଶିକ୍ଷା ଅଧିକାର ଦେବାରେ ଅବହେଳା କରାଯାଉଛି। ଏଥିରୁ ଶିକ୍ଷା ଅଧିକାର ଆଇନ କିପରି କାର୍ଯ୍ୟକାରୀ ହେଉଛି ତାହା ସ୍ପଷ୍ଟ ଅନୁମେୟ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ବହି ନ ଥିବାରୁ ପିଲାମାନେ ଖାତା ଧରି ବସିଛନ୍ତି।